# ସଂଚାର
THE SANCHAR
ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 32 | ISSUE 328 | ଭାଗ ୩୨ | ସଂଖ୍ୟା ୩୨୮ | Bhubaneswar | Friday 21 February 2025 | Page 8 Rs. 4.00 | ● ଭୁବନେଶ୍ୱର ଶୁକ୍ରବାର ୨୧ ଫେବୃଆରୀ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା




କ୍ରିକେଟର ନୁହେଁ, ମୋତେ ଭଲ ମଣିଷ ଭାବେ ମନେ ରଖିବା ଉଚିତ

ପୃଷ୍ଠା ୭




## ଆଇସିସି ଚାମ୍ପିଅନ୍ସ ଟ୍ରଫି

# ବିଜୟରୁ ଅଭିଯାନ



- ବାଂଲାକୁ ୬ ୱିକେଟ୍‌ରେ ହରାଇଲା ଭାରତ
- ଉପଅଧିନାୟକ ଶୁବମାନଙ୍କ ଅପରାଜିତ ଶତକ
- ଶମିଙ୍କୁ ୫ ୱିକେଟ୍‌ର ସଫଳତା

**ଦୁବାଇ,୨୦।୨:** ଚଳିତ ଆଇସିସି ଚାମ୍ପିଅନ୍ସ ଟ୍ରଫିରେ ଦୁଇ ଥରର ବିଜେତା ଭାରତ ବିଜୟରୁ ତା'ର ଅଭିଯାନ ଆରମ୍ଭ କରିଛି। ପ୍ରଥମେ ପେସର୍ ମହମ୍ମଦ ଶମିଙ୍କ ୫ ୱିକେଟ୍‌ର ସଫଳତା ଓ ପରେ ବ୍ୟାଟିଂରେ ଉପଅଧିନାୟକ ଶୁବମନ ଗିଲ୍‌ଙ୍କ ଅପରାଜିତ ଶତକୀୟ ଇନିଂସକୁ ଆଧାର କରି ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ଭାରତ ପ୍ରତିପକ୍ଷ ବାଂଲାଦେଶକୁ ୬ ୱିକେଟ୍‌ରେ ପରାସ୍ତ କରି ଚାମ୍ପିଅନ୍ ହେବାର ଆଭିମୁଖ୍ୟକୁ ସ୍ପଷ୍ଟ କରିଛି। ପ୍ରଥମେ ବ୍ୟାଟିଂ ନେଇ ବାଂଲାଦେଶ ୪୯.୪ ଓଭର୍‌ରେ ୨୨୮ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା। ମଧ୍ୟକ୍ରମ ବ୍ୟାଟ୍ସମ୍ୟାନ୍ ତୌହିଦ୍ ହୃଦୟ ୧୧୮ ବଲ୍‌ର ସମ୍ମୁଖୀନ ହୋଇ ୬ଟି ଚୌକା ଓ ୨ଟି ଛକା ମାଧ୍ୟମରେ ଶତକୀୟ ଇନିଂସ ଖେଳି ଦଳର ସମ୍ମାନ ରଖିଥିଲେ। ଏହାଛଡ଼ା ଜାକେର୍ ଅଲୀ ୪ଟି ଚୌକା ସହ ୬୮ ରନ୍ କରିବାରୁ ଦଳୀୟ ସ୍କୋର୍ ୨୦୦ ଟପିଥିଲା। ଭାରତ ପକ୍ଷରୁ ସଫଳତମ ବୋଲର୍ ଭାବେ ଶମି ୫୩ ରନ୍‌ରେ ୫ଟି ୱିକେଟ୍ ନେଇଥିଲେ। ଏହି ଅବସରରେ ସେ ଦିନିକିଆରେ ତାଙ୍କର ୨୦୦ତମ ୱିକେଟ୍ ➯ପୃଷ୍ଠା-୬

# ଧୂର୍ତ୍ତ ଅଚ୍ୟୁତ: ଆଇନର ଧଜିଆ ଉଡ଼ାଉଛନ୍ତି

- ଋଣ ଶୁଝିବାକୁ ଛାତି ଦେଖାଉଛି ବିଜେଡି
- ଆଜି ଉଚ୍ଚସ୍ତରୀୟ କମିଟିରେ ପକ୍ଷ ରଖିବେ ଅଚ୍ୟୁତ
- ୪ ବାଉଁସରଙ୍କ ସମେତ ଜଣେ ଫିଲ୍ଡ ଅଫିସର ଗିରଫ
- କାର୍ଯ୍ୟାନୁଷ୍ଠାନ ଦାବି କଲା ଛାତ୍ର ଏବିଭିପି

**ଭୁବନେଶ୍ୱର,୨୦।୨(ସଂଚାର ବ୍ୟୁରୋ):** କିଟ ବିଶ୍ୱବିଦ୍ୟାଳୟରେ ନେପାଳି ଛାତ୍ରୀ ଆତ୍ମହତ୍ୟା କରିବା ଏବଂ ଆନ୍ଦୋଳନରତ ଛାତ୍ରଛାତ୍ରୀଙ୍କୁ ମାଡ ମରାଯିବା ଘଟଣାକୁ ନେଇ ସରକାର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ଆଇନର ଜାଲରେ ଘେରିବାକୁ ଚେଷ୍ଟା କରୁଛନ୍ତି। ହେଲେ ଧୂର୍ତ୍ତ ଅଚ୍ୟୁତ ବିଭିନ୍ନ ଫନ୍ଦି ଫିକର ଦେଖାଇ ଆଇନର ଗଳା ବାଟ ଖୋଜିବାରେ ଲାଗିଛନ୍ତି। ତଦନ୍ତ କରୁଥିବା ଅଧିକାରୀଙ୍କୁ ବିଭ୍ରାନ୍ତିକର ତଥ୍ୟ ଦେବାକୁ ସେ ପ୍ରସ୍ତୁତି ଚଳାଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି।

ସାଧାରଣରେ ଏକ ଧାରଣା ସୃଷ୍ଟି କରାଯାଉଛି ଯେ, ୟୁଜିସି ମାନ୍ୟତାପ୍ରାପ୍ତ ଏକ ବିଶ୍ୱବିଦ୍ୟାଳୟ ରାଜ୍ୟ ସରକାରଙ୍କ ନିୟନ୍ତ୍ରଣରେ ନାହିଁ। କିନ୍ତୁ ଶିକ୍ଷାବିତଙ୍କ କହିବା କଥା, କିଟ ବିଶ୍ୱବିଦ୍ୟାଳୟ ୟୁଜିସି ଦ୍ୱାରା ସ୍ୱୀକୃତି ପ୍ରାପ୍ତ ବିଶ୍ୱବିଦ୍ୟାଳୟ ହୋଇଥିଲେ ମଧ କେନ୍ଦ୍ରୀୟ ଶିକ୍ଷା ମନ୍ତ୍ରଣାଳୟ ଅନୁମୋଦନ କଲା ପରେ ବିଶ୍ୱବିଦ୍ୟାଳୟ ମଞ୍ଜୁରୀ କମିଶନର ଆଇନ ବଳରେ ଏହା ବିଶ୍ୱବିଦ୍ୟାଳୟ ମର୍ଯ୍ୟାଦା ହାସଲ କରୁଛି। ଅର୍ଥାତ୍ ଏହି ବିଶ୍ୱବିଦ୍ୟାଳୟରେ ସମସ୍ତ କାର୍ଯ୍ୟକଳାପ ଶିକ୍ଷାର ମାନ ସହିତ ବିଶ୍ୱବିଦ୍ୟାଳୟ ମର୍ଯ୍ୟାଦା ପାଇଁ ଏହା ଠିକ୍ ଭାବରେ କାମ କରୁଛି ନାହିଁ ତାହାର ତଦାରଖ ଦାୟିତ୍ୱ କେନ୍ଦ୍ର ସରକାରଙ୍କର। କିନ୍ତୁ ରାଜ୍ୟ ଭିତରେ ଏହି ବିଶ୍ୱବିଦ୍ୟାଳୟ ଥିବାରୁ ଏହାର ଶୃଙ୍ଖଳା ଓ ଆଇନ ଶୃଙ୍ଖଳା ବ୍ୟବସ୍ଥା ଉପରେ ରାଜ୍ୟ ସରକାରଙ୍କର ଏକ ନିୟନ୍ତ୍ରଣ ରହିଛି। ଏହିଦୃଷ୍ଟିରୁ ରାଜ୍ୟ ସରକାର କିଟରେ ହୋଇଥିବା ବେଆଇନ କାମକୁ ତଦନ୍ତ ପରିସରଭୁକ୍ତ କରିଛନ୍ତି। କେବଳ ସେତିକି ନୁହେଁ, ବିଶ୍ୱବିଦ୍ୟାଳୟ ନିଜକୁ ଡିମ୍ଡ ବିଶ୍ୱବିଦ୍ୟାଳୟ କହି କେବଳ ନେପାଳ ଛାତ୍ରମାନଙ୍କ ପାଇଁ ରାଜ୍ୟ ସରକାରଙ୍କୁ ନଜଣାଇ ବିଶ୍ୱବିଦ୍ୟାଳୟ ସାଇନ ଡାଏ ହେଇଗଲା ବୋଲି ନିଷ୍ପତି ନେବାକୁ କିପରି ସାହସ କଲା ତାକୁ ନେଇ ପ୍ରଶ୍ନ ଉଠିଛି।କିଟ ବିଶ୍ୱବିଦ୍ୟାଳୟରେ ଜଣେ ନେପାଳୀ ଛାତ୍ରୀ ଆତ୍ମହତ୍ୟା କରିଛନ୍ତି ଓ ତା'ପରେ ଆନ୍ଦୋଳନରତ ଛାତ୍ରଛାତ୍ରୀଙ୍କୁ ଖୋଦ ପ୍ରତିଷ୍ଠାତା ଅଚ୍ୟୁତ ସାମାନ୍ତଙ୍କ ଇଙ୍ଗିତରେ ମାଡ଼ମାରି ଲହୁଲୁହାଣ କରୁଛନ୍ତି କିଛି ସୁରକ୍ଷା କର୍ମୀ ଓ ବାହାରର ଗୁଣ୍ଡା। ଏହି ଘଟଣା ସହ ଏବେ ଅଚ୍ୟୁତଙ୍କ ପୂର୍ବର ବହୁ କେଳେଙ୍କାରୀ ମଧ ଯୋଡ଼ି ହୋଇଯାଇଛି। ବେଆଇନ ଭାବେ ଆଦିବାସୀ ଓ ଜଙ୍ଗଲ ଜମି ଜବରଦଖଲ ସମ୍ପର୍କିତ ଅଭିଯୋଗ ବି ଜୋର ଧରୁଛି।







ଇତିମଧ୍ୟରେ ଆଜି ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଅଚ୍ୟୁତଙ୍କୁ ନୋଟିସ୍ ଜାରି ହୋଇଛି। ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ କାଳୀପ୍ରସନ୍ନ ମହାପାତ୍ର ଏହି ନୋଟିସ୍ ପଠାଇ ଆସନ୍ତାକାଲି ସନ୍ଧ୍ୟା ସାଢ଼େ ୬ଟାରେ ରାଜ୍ୟ ଅତିଥି ଭବନର ନୂଆ କୋଠାରେ ଥିବା ମିନି କନଫରେନ୍ସ ହଲରେ ଉଚ୍ଚସ୍ତରୀୟ କମିଟିଙ୍କ ନିକଟରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି। ତାଙ୍କୁ ଆବଶ୍ୟକ ଦସ୍ତାବିଜ ଓ ତଥ୍ୟ ପ୍ରମାଣ ସହ ଆସିବାକୁ କୁହାଯାଇଛି। ଉଚ୍ଚଶିକ୍ଷା ବିଭାଗର ଏହି ନୋଟିସ ସାର୍ବଜନୀନ ହୋଇଛି, ମାତ୍ର ବିଭାଗ ଦ୍ୱାରା ଗତ ୧୮ ତାରିଖରେ ଗଠିତ ହୋଇଥିବା ୩ଜଣିଆ ସଦସ୍ୟବିଶିଷ୍ଟ ଉଚ୍ଚସ୍ତରୀୟ ଫ୍ୟାକ୍ଟ ଫାଇଣ୍ଡିଂ କମିଟି କେଉଁସବୁ ଦିଗ ଉପରେ ତଦନ୍ତ କରିବ ,ତାହା ଏପର୍ଯ୍ୟନ୍ତ ଅସ୍ପଷ୍ଟ ରହିଛି।

ବିଧାନସଭାରେ ବିଜେପିର କିଛି ବିଧାୟକ ଖୋଲାଖୋଲି ଗୃହ ମଧ୍ୟରେ କିଟ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉ ବୋଲି ଦାବି କରୁଛନ୍ତି।

ସେପଟେ ଗତ ପ୍ରାୟ ୧୫ ବର୍ଷ ଭିତରେ ଅଚ୍ୟୁତଙ୍କ ଦ୍ୱାରା ବହୁ ବିଜେଡି ନେତା ଅନୁଗୃହୀତ ଓ ଉପକୃତ ହୋଇଛନ୍ତି। ଅଚ୍ୟୁତ ମଧ ➯ପୃଷ୍ଠା-୬

# ରେଖା ଗୁପ୍ତା ହେଲେ ମ୍ୟାଡାମ୍ ମୁଖ୍ୟମନ୍ତ୍ରୀ



- ରେଖାଙ୍କ ପାଖରେ ରହିଲା ଅର୍ଥ ଓ ରାଜସ୍ୱ
- ପରବେଶଙ୍କୁ ପୂର୍ତ୍ତ ଓ ଜଳସେଚନ ବିଭାଗ

**ନୂଆଦିଲ୍ଲୀ,୨୦।୨:** ଆଜିଠାରୁ ଦିଲ୍ଲୀର ଶାସନ ଭାର ସମ୍ଭାଳିଛନ୍ତି ରେଖା ଗୁପ୍ତା। ଆଜି ସ୍ଥାନୀୟ ରାମଲୀଳା ମୈଦାନଠାରେ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ପଦ ଓ ଗୋପନୀୟତାର ଶପଥ ପାଠ କରିଛନ୍ତି ରେଖା। ଏଥିସହ ଦୀର୍ଘ ୨୭ ବର୍ଷ ପରେ ଦିଲ୍ଲୀରେ ବିଜେପି ଶାସନ ଆରମ୍ଭ ହୋଇଛି। ଏଥିସହ ରେଖା ଜାତୀୟ ରାଜଧାନୀ ଦିଲ୍ଲୀର ଚତୁର୍ଥ ମହିଳା ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ୫୦ ବର୍ଷୀୟା ରେଖା ଗତ ବିଧାନସଭା ନିର୍ବାଚନରେ ଶାଲିମାର୍ ବାଗ୍ ଆସନରୁ ଆପ୍ ପ୍ରତିଦ୍ୱନ୍ଦ୍ୱୀ ବନ୍ଦନା କୁମାରୀଙ୍କୁ ୨୯ ହଜାରରୁ ଉର୍ଦ୍ଧ୍ୱ ଭୋଟ୍‌ରେ ପରାସ୍ତ କରି ପ୍ରଥମ ଥର ପାଇଁ ବିଧାୟିକା ହୋଇଥିଲେ। ଆଜି ଅନୁଷ୍ଠିତ ଶପଥ ପାଠ ଉତ୍ସବରେ ପ୍ରମୁଖ ବ୍ୟକ୍ତିବିଶେଷ ଭାବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ, ବିଜେପି ରାଷ୍ଟ୍ରୀୟ ସଭାପତି ଜେପି ନଡ୍ଡାଙ୍କ ସମେତ ବିଜେପିର ବହୁ ବରିଷ୍ଠ ନେତା ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀଙ୍କ ସହ ୬ ମନ୍ତ୍ରୀ ମଧ ଆଜି ଶପଥ ନେଇଛନ୍ତି। ସେମାନଙ୍କ ମଧ୍ୟରେ ଉପମୁଖ୍ୟମନ୍ତ୍ରୀ ପରବେଶ ବର୍ମା, ଆଶିଷ ସୁଦ, ସର୍ଦ୍ଦାର ମନ୍‌ଜିନ୍ଦର ସିଂ ସିର୍ସା, ରବୀନ୍ଦ୍ର ସିଂ, କପିଲ ମିଶ୍ରା ଓ ପଙ୍କଜ କୁମାର ସିଂ ଅଛନ୍ତି। ସନ୍ଧ୍ୟାରେ ରେଖା ପ୍ରଥମ କ୍ୟାବିନେଟ୍ ବୈଠକରେ ଅଧ୍ୟକ୍ଷତା କରିବା ସହ ରାଜଧାନୀରେ ପୁଣି ଥରେ ଆୟୁଷ୍ମାନ୍ ଯୋଜନା ଲାଗୁ କରିଛନ୍ତି। ପୂର୍ବରୁ ଏହି ଯୋଜନା ରାଜଧାନୀରେ ଲାଗୁ ହୋଇଥିଲେ ମଧ ଗତ ଆପ୍ ସରକାର ଅମଳରେ ଏହାକୁ ଅକାମୀ କରିଦିଆଯାଇଥିଲା। ସେହିପରି କ୍ୟାବିନେଟ୍ ବୈଠକ ପରେ ମନ୍ତ୍ରୀମାନଙ୍କ ମଧ୍ୟରେ ବିଭାଗ ବଣ୍ଟନ ପ୍ରକ୍ରିୟାରେ ମୁଖ୍ୟମନ୍ତ୍ରୀ ରେଖା ତାଙ୍କ ପାଖରେ ଅର୍ଥ, ରାଜସ୍ୱ ଏବଂ ମହିଳା ଓ ଶିଶୁ କଲ୍ୟାଣ ପରି ଗୁରୁତ୍ୱପୂର୍ଣ୍ଣ ବିଭାଗ ରଖିଛନ୍ତି। ସେହିପରି ବରିଷ୍ଠ ବିଧାୟକ ଆଶିଷ ସୁଦ୍‌ଙ୍କୁ ଗୃହ ବିଭାଗ ଦାୟିତ୍ୱ ଦିଆଯାଇଛି। ଏହାଛଡ଼ା ପରବେଶଙ୍କୁ ପୂର୍ତ୍ତ, ଜଳସେଚନ ଓ ବନ୍ୟା ନିୟନ୍ତ୍ରଣ ବିଭାଗ ଦାୟିତ୍ୱ ପ୍ରଦାନ କରାଯାଇଛି। ତାଙ୍କ ➯ପୃଷ୍ଠା-୬

## ସୋନିଆ ଅସୁସ୍ଥ, ହସ୍ପିଟାଲ୍‌ରେ ଭର୍ତ୍ତି

**ନୂଆଦିଲ୍ଲୀ,୨୦।୨:** କଂଗ୍ରେସର ବରିଷ୍ଠ ନେତ୍ରୀ ତଥା ପୂର୍ବତନ ଅଧ୍ୟକ୍ଷା ସୋନିଆ ଗାନ୍ଧି ଅସୁସ୍ଥ ହୋଇଛନ୍ତି। ତାଙ୍କୁ ସ୍ଥାନୀୟ ଗଙ୍ଗାରାମ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି। ଗୁରୁବାର ସକାଳେ ସୋନିଆ ତାଙ୍କ ତଳିପେଟରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ହସ୍ପିଟାଲ୍‌କୁ ନିଆଯାଇଛି। ତେବେ ତାଙ୍କର ବିଶେଷ କୌଣସି ଗୁରୁତର ସମସ୍ୟା ନ ଥିବାରୁ ଆସନ୍ତାକାଲି ସନ୍ଧ୍ୟା ସମୟରେ ତାଙ୍କୁ ହସ୍ପିଟାଲ୍‌ରୁ ମୁକ୍ତ କରିଦିଆଯିବାର ସମ୍ଭାବନା ରହିଥିବା ସାର୍ ଗଙ୍ଗାରାମ ହସ୍ପିଟାଲ୍‌ର ବୋର୍ଡ ଅଫ୍ ମ୍ୟାନେଜ୍‌ମେଣ୍ଟର ଅଧ୍ୟକ୍ଷ ଡାକ୍ତର ଅଜୟ ସ୍ୱରୂପ କହିଛନ୍ତି। ତାଙ୍କର ଚିକିତ୍ସା ଦାୟିତ୍ୱରେ ଜଣାଶୁଣା ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ବିଶେଷଜ୍ଞ ଡ. ସମିରନ୍ ନୁଣ୍ଡି ରହିଛନ୍ତି। ସୂଚନାଯୋଗ୍ୟ ଯେ ଗତବର୍ଷ ଡିସେମ୍ବର ସପ୍ତାହରେ ୭୮ ବର୍ଷରେ ପଦାର୍ପଣ କରିଥିବା ସୋନିଆ ଗତ ଫେବୃଆରୀ ୧୩ ତାରିଖରେ ବଜେଟ୍ ଅଧିବେଶନରେ ସେ ଶେଷ ଥର ପାଇଁ ଅଂଶଗ୍ରହଣ କରିଥିଲେ।



## ସରୋଜ ସାମଲ ତମ ଖୁରାକୁ ଜୁହାର



**ଭୁବନେଶ୍ୱର,୨୦।୨(ସଂଚାର ବ୍ୟୁରୋ):** ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ସରୋଜ ସାମଲଙ୍କ ଚାରି ଖୁରାକୁ ଏବେ ତାଙ୍କରି ବିଭାଗର କର୍ମଚାରୀମାନେ ଜୁହାର ହେଉଛନ୍ତି। ଏଇ ମାସରେ ଅବସର ନେଉଛନ୍ତି ନିର୍ଦ୍ଦେଶକ ମହୋଦୟ। ଆଉ ଏବେ ପୁଣି ବିଧାନସଭାର ବଜେଟ ଅଧିବେଶନ ଚାଲିଛି। ତା' ଭିତରେ ବି ବାବୁ ଏଲଟିସି ନେଇଯାଇଛନ୍ତି। ସରକାରୀ ଅଧିକାରୀମାନେ ଏଲଟିସି ନେବାରେ କାହାରି ଆପତ୍ତି ନାହିଁ, କିନ୍ତୁ ଅବସରର କିଛି ଦିନ ପୂର୍ବରୁ ତାହା ପୁଣି ବିଧାନସଭା ଅଧିବେଶନ ଚାଲିଥିଲା ବେଳେ ନେବା କର୍ମଚାରୀଙ୍କ ମହଲରେ ଭ୍ରୂକୁଞ୍ଚନ ସୃଷ୍ଟି କରିଛି। ରେଡ୍ କରିଡରରେ ଏକଦା ବିଜେଡିର ଅନ୍ୟତମ ଗେହ୍ଲା ପୁଅ ଥିବା ସରୋଜ ସାମଲଙ୍କୁ ତାଙ୍କ କ୍ୟାରିୟରରେ ବିଭିନ୍ନ ସମୟରେ ପ୍ରାଇଜ ପୋଷ୍ଟିଂମାନ ମିଳିଥିଲା। ଝାରସୁଗୁଡ଼ା ଭଳି ଶିଳ୍ପବହୁଳ ଜିଲ୍ଲାର ଜିଲ୍ଲାପାଳ ଭାବେ ବେଶ କିଛିଦିନ ଧରି ସେ ଶାସକ ଦଳର ଏଜେଣ୍ଟ ଭଳି କାମ କରୁଥିଲେ ବୋଲି ସେଠାକାର କିଛି ଶିଳ୍ପାନୁଷ୍ଠାନ ଓ ସାମାଜିକ କର୍ମୀ କହୁଛନ୍ତି, ଯେଉଁଥିପାଇଁ ସେ ସବୁ ସମୟରେ ସେତେବେଳେ ବିଜେଡି ସରକାରର ନେତା ଓ ଅଫିସରଙ୍କୁ ସୁରକ୍ଷା ଦେଇଆସୁଥିଲେ।

କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ଅଫିସରଙ୍କୁ ତାଗିଦ କରିବା ହେଉ କି ପୂର୍ବତନ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଅଫିସରଙ୍କୁ ମାଡ଼ ମାରିବା ଘଟଣାରେ ହେଉ, ସବୁବେଳେ ଶାସକ ଦଳକୁ ସୁରକ୍ଷା ଦେବାକୁ ଛାତି ଦେଖାଇ ଛିଡ଼ା ହେଉଛନ୍ତି ସରୋଜ ସାମଲ। ତାଙ୍କ ନେତୃତ୍ୱରେ ଓଏଏସ ସଂଘ ବି ସରକାରୀ ଦଳ ପାଇଁ ଅଣ୍ଟାଭିଡ଼ି ଆଗେଇ ଆସୁଥିଲେ। ଯେଉଁଥିପାଇଁ ଅବସର ପୂର୍ବରୁ ତାଙ୍କୁ ବିଜେଡି ସରକାର ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଭଳି ଗୁରୁଦାୟିତ୍ୱ ଦେଇଥିଲେ।

ସରକାର ବଦଳିବା ମାତ୍ରେ ସେ ସାଙ୍ଗେ ସାଙ୍ଗେ ପଟ୍ଟ ବଦଳାଇ ଦେଇଥିଲେ ବି ବିଜେଡି ମୋହ ଛାଡ଼ିପାରିନଥିଲେ। ଯେଉଁଥିପାଇଁ ତାଙ୍କ ଯୋଗୁଁ ନୂଆ ସରକାର ବିଭିନ୍ନ ଘଟଣାରେ ସାଧାରଣରେ ନିନ୍ଦିତ ହୋଇଥିଲେ। ଏହି କରିତକର୍ମା ଅଫିସର ଏବେ ପୁଣି ଏଲଟିସି ନେଇଛନ୍ତି। ଚଳିତ ମାସ ଶେଷ ଆଡ଼କୁ ତାଙ୍କ ଚାକିରିକାଳ ସରୁଛି। ବିଧାନସଭାର ବଜେଟ ଅଧିବେଶନ ବି ଚାଲିଛି। ତା'ରି ଭିତରେ ସେ ➯ପୃଷ୍ଠା-୬

# ପିସି ପାଇଁ ମାହାଙ୍ଗାରେ ୪ ଦାଗୀ ବିଧାୟକ



**ଭୁବନେଶ୍ୱର,୨୦।୨(ସଂଚାର ବ୍ୟୁରୋ):** ମିଛ ବିଲ୍‌ରେ ମୋହର ମାରିବା ସହିତ ପିସି କାରବାରକୁ ପ୍ରୋତ୍ସାହିତ କରିବାପାଇଁ ବିଧାନସଭା ଅଧିବେଶନ ଛାଡି ମାହାଙ୍ଗାରେ ୪ଜଣ ବିଧାୟକ ହାଜର । ଏମାନଙ୍କ ସହିତ ଦୁଇ ପୂର୍ବତନ ମନ୍ତ୍ରୀ ଓ ଆଉ କିଛି ବିଜେଡି ନେତା ମଧ ସାମିଲ ହୋଇଛନ୍ତି । ବିଜେଡିର ଏଭଳି ଅଦିନିଆ ମେଳିକୁ ଦେଖି ଏଭଳି କଟାକ୍ଷ କରିଛନ୍ତି ମାହାଙ୍ଗାର ସ୍ୱାଧୀନ ବିଧାୟକ ସାରଦା ପ୍ରଧାନ। ଆଜି ବିଜେଡିର ଚାରିଜଣ ବିଧାୟକ ଡକ୍ଟର ଅରୁଣ ସାହୁ, ଦେବୀ ରଞ୍ଜନ ତ୍ରିପାଠୀ, ଧ୍ରୁବ ସାହୁ ଓ ପ୍ରଶାନ୍ତ ବେହେରା ମାହାଙ୍ଗାରେ ପହଞ୍ଚିଥିଲେ। ସେମାନଙ୍କ ସହିତ ଯୋଗ ଦେଇଥିଲେ ପୂର୍ବତନ ମନ୍ତ୍ରୀ ସଞ୍ଜୟ କୁମାର ଦାଶବର୍ମା ଓ ମହାଙ୍ଗାର ପୂର୍ବତନ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା । ଏମାନଙ୍କର ଗୋଟିଏ ଦାବି ଥିଲା ପଞ୍ଚାୟତରେ କାମ କରିଥିବା ଠିକାଦାରମାନଙ୍କର ବାକିଆ ବିଲ୍ ପଇଠ କର। ଏହାକୁ ନେଇ ମାହାଙ୍ଗାରେ କିଛି ପିସି ପ୍ରେମୀ ଚଳାଇଥିବା ➯ପୃଷ୍ଠା-୬

## ଗୋଚର ଜମିରେ ରାଇସ୍ ମିଲ୍

# ମାଲିକଙ୍କୁ ୨୮ରେ ହାଜର ପାଇଁ ନିର୍ଦ୍ଦେଶ




**ଶଗଡ଼ା,୨୦।୦୨(ସଂଚାର ବ୍ୟୁରୋ):** ବୌଦ୍ଧ ଜିଲ୍ଲା କଣ୍ଟୁରବନ୍ଧ ପଞ୍ଚାୟତ ଅନ୍ତର୍ଗତ ପଦ୍ମପୁର ଟାକୁଟା ମୌଜା ନିକଟରେ ଥିବା ନବକିରଣ ଏଣ୍ଟରପ୍ରାଇଜେସ୍ ନାମକ ରାଇସ ମିଲ ଗୋଚର ଜମିରେ କାର୍ଯ୍ୟ କରୁଥିବା ନେଇ ବିଭିନ୍ନ ସମୟରେ ଅଭିଯୋଗ ହୋଇଥିଲା। ତଦନ୍ତ ପରେ ବୌଦ୍ଧ ତହସିଲଦାର ତଦନ୍ତ କରିବା ପରେ ଏପରି ଅଭିଯୋଗରେ ସତ୍ୟତା ଥିବା ଜାଣିବାକୁ ପାଇଛନ୍ତି। ରାଇସ ମିଲ୍‌ଟି ଖାତା ନଂ.୧୭ର ପ୍ଲଟ ନଂ. ୩ରେ ଗୋଚର ଜମିରେ ଥିବାରୁ ଏନେଇ ଅତିରିକ୍ତ ତହସିଲଦାର ସମ୍ପୃକ୍ତ ରାଇସ ମିଲର ମାଲିକଙ୍କୁ ପତ୍ର ସଂଖ୍ୟା ୩୦୧ରେ କାରଣ ଦର୍ଶାଅ ନୋଟିସ ଜାରି କରିବା ସହ ଆସନ୍ତା ୨୮ ତାରିଖରେ ହାଜର ହେବା ସକାଶେ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାନୁସାରେ ଉକ୍ତ ରାଇସ ମିଲ ପ୍ଲାଣ୍ଟ ଭିତରେ ଗୋଚର ଜମି, ପାଉଁଶ ଓ ନିର୍ଗତ ବର୍ଜ୍ୟ ଜଳ ଓ ଦୂଷିତ ବାୟୁ ସଠିକ ପରିଚାଳନା କରାନଯିବା, ନିର୍ଦ୍ଧାରିତ ପରିମାଣରୁ ଅଧିକ ଭୂତଳ ଜଳ ବ୍ୟବହାର କରିବା ଆଦି ବିଷୟକୁ ନେଇ ➯ପୃଷ୍ଠା-୬



## କାନ ଡେରିଥା

କିଟ ମାମଲା ଏତେ ଯେ ଗରମ
ତଥାପି ଅଚ୍ୟୁତ ନରମ
ତାଙ୍କ ଜାଣତରେ ଚାଲିଥିଲା
ବୋଧେ
ଏତେ ସବୁ କୁ କରମ
ହୋଇଗଲେ ଏବେ ଦୁନାମ...
ପାଠ ପଢା ନାହିଁ ସାଠ ଚାଲୁଥିଲା
ସହିଲାନି ଏବେ ଧରମ ।

■ ଦେବାଶିଷ

# ସରକାରୀ ବିଭାଗକୁ ସୋସିଆଲ ମିଡିଆ ଜ୍ୱର

- ବିଜେଡି ଫର୍ମାଟ୍‌ରେ ସଂସ୍ଥାଙ୍କୁ ନିଯୁକ୍ତି
- ୫ଲକ୍ଷ ଖର୍ଚ୍ଚରେ ୫ଟି ଲାଇକ୍ ମିଳୁନି




**ଭୁବନେଶ୍ୱର,୨୦।୨(ସଂଚାର ବ୍ୟୁରୋ):** ସରକାରୀ ବିଭାଗଗୁଡ଼ିକୁ ଏବେ ପୁଣିଥରେ ସୋସିଆଲ ମିଡିଆ ଜ୍ୱର ଧରିଲାଣି। ଏଥିପାଇଁ ସଂସ୍ଥା ଖୋଜା ହେଲେଣି। ସରକାର ବଦଳିବା ପରେ କାମ ହରାଇଥିବା ସଂସ୍ଥା ବି ଆସି ପହଞ୍ଚିଗଲେଣି। କେତେକ ବିଭାଗ ଏଥିପାଇଁ ଟେଣ୍ଡର ବି ଜାରି କରୁଛନ୍ତି। ସବୁକିଛି ବିଜେଡି ଫର୍ମାଟରେ ଚାଲିଛି। ହେଲେ ଏଥିରୁ କେତେ ଲାଭ ମିଳିବ, ତା'ର ହିସାବନିକାଶ କେହି କରୁନାହାନ୍ତି।

ସରକାରୀ ପଇସାରେ ନିଜ ନିଜ ବିଭାଗରେ ସୋସିଆଲ ମିଡିଆ ଟିମ୍ ମୁତୟନ ପାଇଁ କସରତ ଆରମ୍ଭ ହୋଇଥିବା ବେଳେ ବହୁ ସଂସ୍ଥା ଏଥିପାଇଁ ପ୍ରତିଯୋଗିତା ଆରମ୍ଭ କରିଛନ୍ତି। ତେବେ ଦୌଡ଼ରେ ଥିବା ଅଧିକାଂଶ ସଂସ୍ଥା ବିଜେଡି ସରକାର ଅମଳରେ ସୋସିଆଲ ମିଡିଆ ଦେଖାଶୁଣା ନାଁରେ ମୋଟା ଅଙ୍କର ଅର୍ଥ ହାତେଇଥିଲେ। ମାସକୁ ଅତି କମ୍‌ରେ ବିଭାଗକୁ ୫ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଥାଏ। କେତେକ ବିଭାଗ ଏହାଠାରୁ ଅଧିକ ଅର୍ଥ ବି ଖର୍ଚ୍ଚ କରିଥାନ୍ତି।

ଏହି ସୋସିଆଲ ମିଡିଆ ଟିମ୍ ସରକାରୀ ବିଭାଗରୁ ମୋଟା ଅଙ୍କର ଅର୍ଥ ନେଉଥିବା ବେଳେ ନିଜ ନିଜ କର୍ମଚାରୀଙ୍କୁ କିନ୍ତୁ ଅଳ୍ପ ଅର୍ଥ ଦେଇଥାନ୍ତି। ତେଣୁ ଖର୍ଚ୍ଚ ଅନୁଯାୟୀ ସୋସିଆଲ ମିଡିଆରେ ଚମକ ଆସେନାହିଁ। 'ଏକ୍ସ' ଓ ଫେସ୍‌ବୁକ୍‌ରେ ଖବର ପକାଇ ସଂସ୍ଥା କାମ ସାରିଦିଏ। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି କେତେକ ବିଭାଗର ସୋସିଆଲ ମିଡିଆ ଖବର କିମ୍ବା ଫଟୋକୁ ୫/୧୦ଟି ଲାଇକ୍ ମିଳିବା ବି କଷ୍ଟକର ହୋଇଯାଏ। ସଂସ୍ଥାର ପିଲାମାନେ ନିଜେ ଲାଇକ୍ ମାରି କାମ ସାରିଦିଅନ୍ତି।

ସରକାରଙ୍କ ନିକଟରେ ସୂଚନା ଓ ଲୋକସମ୍ପର୍କ ବିଭାଗ ଥିବା ବେଳେ ତାହା ଜରିଆରେ ବିଭିନ୍ନ ବିଭାଗର ସୋସିଆଲ ମିଡିଆ ହ୍ୟାଣ୍ଡଲ୍ ପରିଚାଳନା କରାଯାଇପାରନ୍ତା। ଏହାଦ୍ୱାରା ସରକାରୀ ଅର୍ଥ ଖର୍ଚ୍ଚକୁ ରୋକାଯିବା ସହ ସରକାରୀ ଗୋପନୀୟତା ବି ରକ୍ଷା କରାଯାଇପାରନ୍ତା। ହେଲେ ପୂର୍ବ ସରକାରରେ ନେତା ଅଫିସରଙ୍କ ଇମେଜ୍ ଚକ୍‌ଚକ୍ କରିବା ନାଁରେ ମୋଟା ଅଙ୍କର ଅର୍ଥ ହାତେଇ ନେଇଥିବା କିଛି ସଂସ୍ଥା ଏବେ ନୂଆ ସରକାରରେ ବେପାର କରିବା ପାଇଁ ଆଗେଇ ଆସିଛନ୍ତି। ନୂଆ ମନ୍ତ୍ରୀ ଓ ନେତାଙ୍କୁ ବୁଝାଇ ଦେଇଛନ୍ତି। ସରକାରୀ ଖବର ସହିତ ବ୍ୟକ୍ତିଗତ ଖବର ପାଇଁ ବି କାମ ହେବ। ତେଣୁ ଏବେ ବିଭିନ୍ନ ➯ପୃଷ୍ଠା-୬

## ଶ୍ରୀମନ୍ଦିରରେ ଲାଗି ହେଲା ଜୈବିକ ଚାଉଳରେ ପ୍ରସ୍ତୁତ ଅମୃତ ଅନ୍ନ

**ପୁରୀ,୨୦।୨(ସଂଚାର ବ୍ୟୁରୋ):** ଆଜି ପ୍ରଥମ ଥର ପାଇଁ ମହାପ୍ରଭୁଙ୍କ ପାଖରେ ଲାଗି ହେଲା ଜୈବିକ ଚାଉଳରେ ପ୍ରସ୍ତୁତ ଅମୃତ ଅନ୍ନ। ମଧ୍ୟାହ୍ନ ଧୂପ ଭୋଗରେ ଲାଗିଲା ଅମୃତ ଅନ୍ନ। ପାଞ୍ଚ ପ୍ରକାର ଜୈବିକ ଚାଉଳରେ ପ୍ରସ୍ତୁତ ହୋଇଥିଲା ଅନ୍ନ। ସେଥି ମଧ୍ୟରୁ ଗୋବିନ୍ଦ ଭୋଗ ଚାଉଳ ଓ ଝିଲ୍ଲୀ ଚାଉଳକୁ କୋଠ ଭୋଗରେ ବ୍ୟବହୃତ କରିବା ପାଇଁ ମୋହର ମାରିଲା ଶ୍ରୀମନ୍ଦିର ପ୍ରଶାସନ। ଏହି ମହାପ୍ରସାଦକୁ ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ, ସୁଆର ମହାସୁଆର ନିଯୋଗ ଓ ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀମାନେ ସେବନ କରିଥିଲେ। ଆଗାମୀ ଦିନରେ ଏହି ସବୁ ଚାଉଳକୁ ଅଧିକ ମହଜୁଦ କରିବା ପାଇଁ ବିଭିନ୍ନ ସଂଗଠନମାନଙ୍କୁ ଶ୍ରୀମନ୍ଦିର ପ୍ରଶାସନ ଓ ରାଜ୍ୟ ସରକାରଙ୍କ କୃଷି ବିଭାଗ ପକ୍ଷରୁ ଆର୍ଥିକ ପ୍ରୋତ୍ସାହନ ଯୋଗାଇବା ପାଇଁ ସୂଚନା ଦେଇଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଅଗ୍ନି ସଚେତନତା କାର୍ଯ୍ୟକର୍ମ



**ଆଳି,୨୦।୨(ସଂଚାର ବ୍ୟୁରୋ):** ଗୁରୁବାର ପୂର୍ବାହ୍ନରେ ଆଳି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଏକ ଅଗ୍ନି ସଚେତନତା କାର୍ଯ୍ୟକର୍ମ ଅନୁଷ୍ଠିତ ହୋଇଯାଇଅଛି। ଆଳି ଅଗ୍ନିଶମ ବାହିନୀର ଅଧିକାରୀ ବିଭୂତି ଭୂଷଣ ନାୟକ ପିଲାମାନଙ୍କୁ ନିଆଁ କେଉଁ କାରଣରୁ ଲାଗିଥାଏ ଓ ତାକୁ କିପରି ନିୟନ୍ତ୍ରଣ କରାଯାଇପାରିବ ସେ ସମ୍ବନ୍ଧରେ ମାର୍ଗ ଦର୍ଶନ କରିଥିଲେ। କୌଣସି ଆକସ୍ମିକ କାରଣରୁ ନିଆଁ ଲାଗିଲେ ଧନଜୀବନକୁ କିପରି ସୁରକ୍ଷା କରିହେବ ସେ ସଂପର୍କରେ ସଚେତନ କରିଥିଲେ। ନିଆଁ, ଲାଗିଥିବା ସମୟରେ କ'ଣ କ'ଣ ସତର୍କତା ଅବଲମ୍ବନ କରିବେ ସେ ସମ୍ପର୍କରେ ଜଣାଇଥିଲେ। ଘରେ ଘରେ ବ୍ୟବହାର ହେଉଥିବା ଏଲପିଜି ସିଲିଣ୍ଡର ସମ୍ପର୍କରେ ତଥ୍ୟ ରଖିଥିଲେ। ଅଗ୍ନିଶମ ବାହିନୀର କର୍ମକର୍ତ୍ତା ଅସୀତ କର, ଡମ୍ବରୁଧର ସେଠୀ, ରମାକାନ୍ତ ସାମଲ, ବିଭୂତି ଦାସ ପ୍ରମୁଖ ବିଭିନ୍ନ ପଦାର୍ଥରେ ଲାଗିଥିବା ନିଆଁକୁ କିପରି ଆୟତ୍ତ ଓ ନିୟନ୍ତ୍ରଣ କରାଯାଇପାରିବ ତାର ନମୁନା ପ୍ରଦର୍ଶନ କରିଥିଲେ। ଅନୁଷ୍ଠାନର ସମ୍ପାଦକ ସୁଶାନ୍ତ କୁମାର ଦାଶ, ସଭାପତି ବନମାଳୀ ସେନାପତି, ସହସମ୍ପାଦକ ରଞ୍ଜନ ପାତ୍ର, ପ୍ରଧାନ ଆଚାର୍ଯ୍ୟା ଜାନକୀ ଦାସ ଓ ସମସ୍ତ ଗୁରୁଜୀ ଗୁରୁମା ଉପସ୍ଥିତ ରହି କାର୍ଯ୍ୟକର୍ମଟିକୁ ସଫଳ କରିବାରେ ସହଯୋଗ ପ୍ରଦାନ କରିଥିଲେ।

## ସ୍କୁଲ ଛାତ୍ରୀଙ୍କୁ ଅସଦାଚରଣ ଅଟୋ ଡ୍ରାଇଭର ଗିରଫ

**କେନ୍ଦ୍ରାପଡା,୨୦।୨(ସଂଚାର ବ୍ୟୁରୋ):** ଜଣେ ନାବାଳିକା ସ୍କୁଲ ଛାତ୍ରୀକୁ ଅଟୋ ଡ୍ରାଇଭର ଅସଦାଚରଣ କରିଥିବା ନେଇ ସଦର ଥାନାରେ ଅଭିଯୋଗ ହୋଇଥିବା ଜଣାପଡିଛି । ଅଭିଯୋଗ ମୁତାବକ କେନ୍ଦ୍ରାପଡା ସଦର ଥାନା ଅନ୍ତର୍ଗତ ଖସା ପଡିଆରେ ଥିବା ଏକ ମଡର୍ନ ପବ୍ଲିକ ସ୍କୁଲର ୮ ବର୍ଷର ଜଣେ ନାବାଳିକା ଛାତ୍ରୀକୁ ଘରୁ ଆଣିଲା ବେଳେ ଏବଂ ଘରେ ଛାଡିବା ସମୟରେ ଅଟୋ ଡ୍ରାଇଭର ଛାତ୍ରୀଟି ସହିତ ଅସଦାଚରଣ କରୁଥିବା ଛାତ୍ରୀର ବାପା ସଦର ଥାନାରେ ଏତଲା ଦେଇଛନ୍ତି । ଏତଲା ପାଇବା ପରେ ଥାନା ଅଧିକାରୀ ବିମଳ କୁମାର ମଲିକ ସଦର ଥାନା କେସ ନଂ-୮୭/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ କରିବା ସହ ଅଟୋ ଡ୍ରଇଭର ଅରୁଣ କୁମାର ନାୟକଙ୍କୁ ଗିରଫ କରିଥିବା ଜଣାପଡିଛି । ତେବେ ଡ୍ରାଇଭର ଜଣକ ସ୍କୁଲ ଛାତ୍ରୀଙ୍କୁ ଅଟୋରେ ନେଇ ଯିବା ଆସିବା କଲାବେଳେ ଏଭଳି ବ୍ୟବହାର କରୁଥିବାରୁ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି ।

## କ୍ରେଡିଟ କୋ-ଅପରେଟିଭ ସୋସାଇଟି ଆଳି ଶାଖାର ପ୍ରତିଷ୍ଠା ଦିବସ



**କେନ୍ଦ୍ରାପଡା,୨୦।୨(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା କ୍ରେଡିଟ କୋ ଅପରେଟିଭ ସୋସାଇଟ ଆଳି ଶାଖାର ୧୬ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ ଉତ୍ସବରେ ସମିତିର ପ୍ରତିଷ୍ଠାତା ସଭାପତି ପ୍ରମୋଦ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଗ୍ରାହକ ମାନଙ୍କ ସମାବେଶ ରେ ଅଂଶୀଦାର ଗ୍ରାହକ ମାନଙ୍କୁ ତ୍ୱରିତ, ଆର୍ଥିକ ସେବା ଯୋଗାଇବା ସହ ଋଣ ଲଗାଣ ଓ ନିୟମିତ ପରିଶୋଧ ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ସମିତି ଦ୍ୱାରା ଆଳି ଅଂଚଳରେ ବ୍ୟବସାୟ ବାଣିଜ୍ୟ ବୃଦ୍ଧି ହେବା ସହ ବହୁ ଲୋକେ ସ୍ୱାବଲମ୍ବୀ ହୋଇ ପାରିଥିବା ବୋଲି ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମରେ ବହୁ ଅଂଶୀଦାର, ଜମାକାରୀ ଓ ବରିଷ୍ଠ ନାଗରିକ ବ୍ୟବସାୟ ଓ ଜମା ସଂଗ୍ରହ ସଂପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ସଭାପତି ଶ୍ରୀ ସାହୁଙ୍କୁ କର୍ମଚାରୀ, ଏଜେଣ୍ଟ ଓ ଅଂଶୀଦାର ମାନେ ସମ୍ବର୍ଦ୍ଧନା ଦେଇଥିଲେ । ସମିତିର ମୁଖ୍ୟ ସାଧାରଣ ପରିଚାଳକ ମନୋଜ କୁମାର ସାହୁ ସମ୍ମାନୀୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଆଳି ଶାଖା ପରିଚାଳକ ନଳିନୀକାନ୍ତ ପଢିଆରୀ, ରାଜକନିକା ଶାଖା ପରିଚାଳକ ସୁକାନ୍ତ ପତି, ଏକାଉଣ୍ଟାଣ୍ଟ ବନ୍ଦିତା ଦସ, ସୌମେନ୍ଦ୍ର ଦାସ, ଜଗଦିଶ କୁଣ୍ଡୁ, ସ୍ୱାଗତିକା କର, ରବିନ୍ଦ୍ର ସାହୁ, ବିପୁଳ ରାୟ, ସୁଧାଂଶୁ ଆଚାର୍ଯ୍ୟ, ଝୁନିନାଥ ଶର୍ମା ପ୍ରମୁଖ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।

## ଛାତ୍ରୀ ଅପହରଣ ଓ ବଳାତ୍କାର ମାମଲା: ଯୁବକଙ୍କୁ ୨୦ବର୍ଷ କାରାଦଣ୍ଡାଦେଶ

**ବ୍ରହ୍ମପୁର,୨୦।୨(ସଂଚାର ବ୍ୟୁରୋ):** ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ଜଜ୍ ପ୍ରଣତି ପଟ୍ଟନାୟକ ଗୁରୁବାର ଏକ ନାବାଳିକା ଛାତ୍ରୀ ଅପହରଣ ଓ ବଳାତ୍କାର ମାମଲାର ଶୁଣାଣି କରି ଅଭିଯୁକ୍ତ ଯୁବକଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଦୋଷୀ ଜଣଙ୍କ ହେଲେ ଛତ୍ରପୁର ପୋଡ଼ାପଦରର ଜିତେନ୍ଦ୍ର ସେଠୀ(୩୪)। ଜଜ୍ ତାଙ୍କୁ ୨୦ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିବା ସହିତ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଅଧିକ ୧୦ ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ରହିଛି। ସେହିପରି ପୀଡ଼ିତାଙ୍କୁ ୪ ଲକ୍ଷ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିବାକୁ କୋର୍ଟ ଜିଲା ଆଇନ ସେବା ପ୍ରାଧିକରଣ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଘୂର୍ଣ୍ଣିଝଡ଼ରେ ଭୁଶୁଡ଼ିଲା ଯାତ୍ରା ଟେଣ୍ଟ



**ରାଜନଗର,୨୦।୨(ସଂଚାର ବ୍ୟୁରୋ):** ରାଜନଗର ଅଞ୍ଚଳରେ ପ୍ରବଳ ପବନ ସହିତ ବର୍ଷା ଯୋଗୁଁ ବ୍ୟାପକ କ୍ଷୟକ୍ଷତି ହୋଇଛି। ଏହି ବ୍ଲକର ଡାଙ୍ଗମାଳରେ ଘୁର୍ନିଝଡ ଯୋଗୁଁ ବ୍ୟାପକ କ୍ଷୟକ୍ଷତି ହୋଇଛି। ହଟାତ ବର୍ଷା ସାଙ୍ଗକୁ ପବନ ହୋଇଥିଲା। ଦୀର୍ଘ ଏକ ଘଣ୍ଟା ଧରି ଲାଗି ରହିଥିଲା। ମଝିରେ ମଝିରେ ପବନ ବେଗ ବଢୁଥିଲା। ଏହି ଘୂର୍ଣ୍ଣୀଝଡରେ ଡାଙ୍ଗମାଳ ଠାରେ ଯାତ୍ରା ଯାଜ୍ଞସେନୀର ଟେଣ୍ଡ, ଗେଟ ଓ ମଞ୍ଚ ସଂପୂର୍ଣ୍ଣ ଭୁସୁଡି ପଡ଼ିଛି। ଟେଣ୍ଡ ଉପରେ ଥିବା ପାଲ ଓ କିଛି ଚେୟାର ଘୂର୍ଣ୍ଣୀଝଡରେ ଉଡିଯାଇ ଦୂରରେ ପଡ଼ିଛି। ଯାତ୍ରା ଟେଣ୍ଡ ଓ ମଞ୍ଚ ସଂପୂର୍ଣ୍ଣ ଭୁସୁଡି ପଡ଼ିଥିବାରୁ ଆଜି ଯାତ୍ରା ପରିବେଷଣ ହୋଇପାରିବ ନାହି ବୋଲି ଜଣାପଡ଼ିଛି। ବଜାରଙ୍ଗୀ ଯାତ୍ରା ପଡ଼ିଆରେ ଯାଜ୍ଞସେନୀ ଯାତ୍ରା ପାର୍ଟି ୧୯ ତାରିଖ ଠାରୁ ଯାତ୍ରା ପରିବେଷଣ କରୁଛି। ଆଜି ଦିତୀୟ ରାତ୍ରିରେ ପାଞ୍ଚ ପତିରେ ମୁଁ ସତୀ ନାଟକ ପରିବେଷଣ ହୋଇଥାନ୍ତା। ମାତ୍ର ଆଜି ଦିନ ପ୍ରାୟ ୫ ଘଟିକା ସମୟରେ ଘୂର୍ଣ୍ଣୀଝଡରେ ଟେଣ୍ଡ ଓ ମଞ୍ଚ ସଂପୂର୍ଣ୍ଣ ଭୁସୁଡି ପଡ଼ିଛି।

## ଉପଜିଲ୍ଲାପାଳଙ୍କ ବାଲି ଖାଦାନ ଉପରେ ଚଢ଼ାଉ

**କେନ୍ଦ୍ରାପଡା,୨୦।୨(ସଂଚାର ବ୍ୟୁରୋ):** ଜିଲ୍ଲାର ବିଭିନ୍ନ ବାଲି ଖାଦାନ ବେନିୟମ ଭାବେ ଚାଲୁଥିବାର ଅଭିଯୋଗ ହେବାପରେ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ନିର୍ଦ୍ଦେଶ କ୍ରମେ ଉପ ଜିଲ୍ଲାପାଳ ଅରୁଣ କୁମାର ନାୟକ ବାଲି ଖାଦାନ ଉପରେ ଚଢାଉ କରି ହାଇୱା ଓ ମେସିନ ଗୁଡିକ ଜବତ କରିଥିବା ଜଣାପଡିଛି । ଶ୍ରୀ ନାୟକ ଗୁରୁବାର ପ୍ରାୟ ୧୦ଟା ସମୟରେ କେନ୍ଦ୍ରାପଡା ଚାନ୍ଦବାଲି ରାସ୍ତାର ବାରୁଅ ଠାରେ ବେଆଇନ ଭାବରେ ବାଲି ନେଇ ଯାଉଥିବା ହାଇୱା କୁ ଅଟକାଇ କାଗଜପତ୍ର ଯାଂଚ କରିବାରୁ କୌଣସି ବୈଧ କାଗଜପତ୍ର ନଥିବା ଓ ବେଆଇନ ଭାବେ ବାଲି ଚାଲାଣ କରୁଥିବା ଅଭିଯୋଗରେ ହାଇୱାକୁ ଜବତ କରିଥିଲେ । ଏହା ସହ ଅଳପୁଆ ବାଲି ଖାଦାନକୁ ଯାଇ ସେଠାରେ ବେଆଇନ ଭାବରେ ବାଲି ବୋଝେଇ କରୁଥିବା ମେସିନ ଓ ସେଠାରେ ବାଲି ବୋଝେଇ କରୁଥିବା ୨ଟି ହାଇୱାକୁ ଜବତ କରିଥିଲେ ।



## ଦୋକାନ ଗୃହ ଭାଙ୍ଗି ଦେଲେ ଅସାମାଜିକ ଯୁବକ

### ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଲେ ପରିବାର



**କେନ୍ଦ୍ରାପଡା,୨୦।୨(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ପଟ୍ଟାମୁଣ୍ଡାଇ ବ୍ଲକ୍ ଅନ୍ତର୍ଗତ ବାଲିଆ ଚନ୍ଦନ ନଗର ଗ୍ରାମର ସଞ୍ଜୁକ୍ତା ନାଥ(୪୦) ନାମକ ମହିଳା ସପରିବାର ଧାରଣା ଦେଇଛନ୍ତି । ତାଙ୍କ ଗ୍ରାମରେ ସେ ରାସ୍ତା କଡ ଅନାବାଦୀ ଜାଗାରେ ପରିବାର ପ୍ରତିପୋଷଣ କରିବା ନିମନ୍ତେ ବହୁ କଷ୍ଟରେ ଗୋଟେ ଛୋଟମୋଟ ବ୍ୟବସାୟ କରି ଚଳିବା ପାଇଁ କ୍ୟାବୀନ ଟିଏ ପକାଇ ଦୋକାନ କରିଥିଲେ । ସେଥିରୁ ଯୋଉ ଦିପଇସା ରୋଜଗାର ହେଉଥିଲା ସେଥିରେ ସେ ୫ପ୍ରାଣୀ କୁଟୁମ୍ବ ଚଳୁଥିଲେ। ସେହି ଦୋକାନ ଗୃହ ବା କ୍ୟାବୀନକୁ ସେହି ଗ୍ରାମର କିଛି ଅସାମାଜୀକ ଯୁବକ ବା ଖଳ ପ୍ରକୃତିର ଯୁବକ ଭାଙ୍ଗି ଦେଇଛନ୍ତି । ଦୋକାନରେ ଥିବା ସମସ୍ତ ସାମଗ୍ରୀ ଗୁଡିକୁ ମଧ୍ୟ ସେମାନେ ଚୋରୀ କରିନେଇ ଯାଇଛନ୍ତି । ତାଙ୍କୁ ବାରମ୍ବାର ଅଶୀଳ ଭାଷାରେ ଗାଳୀ, ଗୁଲଜ କରିବା ଏବଂ ଏଠାରେ ଦୋକାନ କଲେ ତୁମକୁ ଏବଂ ତୁମ ପରିବାରକୁ ଜୀବନରୁ ମାରି ପକାଇ ଦେବୁ ବୋଲି ବାରମ୍ବାର ଧମକ ଦେଉଛନ୍ତି । ଏ ବିଷୟରେ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାରେ ଏକ ଲିଖିତ ଅଭିଯୋଗ କରିବା ପରେ ମଧ୍ୟ ପୋଲିସ୍ କିଛି ବୁଝୁନାହିଁ । ଥାନକୁ ଏ ସମ୍ବନ୍ଧରେ ବୁଝିବାକୁ ଗଲେ ଉକ୍ତ ଥାନାରେ ନୂତନ ଥାନାଧିକାରୀ ଭାବେ ଯୋଗଦେଇ ଥିବା ଥାନାବାବୁ ସେମାନଙ୍କୁ ଧମକାଇବା ସହିତ ଧକାମାରି ଅଶୀଳ ଭାଷାରେ ଗାଳୀ, ଗୁଲଜ କରି ତଡ଼ି ଦେଇଥିଲେ । କିଛି ତାଙ୍କ କଥା ନବୁଝିବା କିମ୍ବା ନଶୁଣିବା ପ୍ରତିବାଦରେ ସ୍ୱାମୀ ଅଲେଖ ନାଥ ଓ ଦୁଇ ପିଲାଙ୍କ ସମେତ ସପରିବାର ଆଜି ଅପରାହ୍ନରେ ନ୍ୟାୟପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିବା ଦେଖିବାକୁ ମିଳିଥିଲା ।

### ମହଙ୍ଗା ପଡ଼ିଲା ଫୋନ୍ ଯୋଗେ ଜୀବନରେ ମାରିଦେବାକୁ ଧମକ

## ସଞ୍ଜୟ ଓ ବିଜେପି ନେତା ପ୍ରତାପଙ୍କ ନାମରେ ଏତଲା ଦେଲେ ମହିଳା



**ମହାକାଳପଡ଼ା,୨୦।୨(ସଂଚାର ବ୍ୟୁରୋ):** ଦେଇଥିବା ଏଫଆଇଆର ଉଠାଇ ନଆଣିଲେ ଜୀବନରୁ ମାରିଦେବାକୁ ଫୋନ୍ ଯୋଗେ ହତ୍ୟା ଧମକ ଦେଇଛନ୍ତି ଜଣେ ବ୍ୟକ୍ତି। ତାଙ୍କ ପଛରେ ଜଣେ ବିଜେପି ନେତାଙ୍କ ସମର୍ଥନ ରହିଛି। ଯାହା ଫଳରେ ତାଙ୍କର କେହି କିଛି କରି ପାରିବେ ନାହିଁ। ଏହି ଘଟଣାରେ ମହିଳା ଜଣଙ୍କ ତନ୍ତିଆପାଳ ସାମୁଦ୍ରିକ ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ଦୁଇଜଣଙ୍କ ନାମରେ ମାମଲା ରୁଜୁ କରିଛି। ମହାକାଳପଡ଼ା ବ୍ଲକ ତନ୍ତିଆପାଳ ଥାନା ଅନ୍ତର୍ଗତ ତରପଦା ଗ୍ରାମର ରାମଚନ୍ଦ୍ର ରାଉତଙ୍କ ପତ୍ନୀ ଅହଲ୍ୟା ରାଉତ ୧୪ ଫେବୃୟାରୀ ଦିନ ତନ୍ତିଆପାଳ ଥାନାରେ ଦେଇଥିବା ଏତଲା ଅନୁଯାୟୀ ୧୦ ଫେବୃଆରୀ ଦିନ ତାଙ୍କ ପୁଅ ଅଭିନନ୍ଦନ ରାଉତ ଅସୁସ୍ଥତା କାରଣରୁ ଘରେ ବିଶ୍ରାମ ନେଉଥିଲେ। ସେହି ସମୟରେ ତାଙ୍କ ପୁଅର ମୋବାଇଲ ନମ୍ବର କୁ ରାଜନଗର ଥାନା ଅନ୍ତର୍ଗତ ବଡପଲୀ ଗ୍ରାମର ରାଜକିଶୋର ପ୍ରଧାନଙ୍କ ପୁଅ ସଞ୍ଜୟ କୁମାର ପ୍ରଧାନ(ବିଜୁ)ଫୋନ୍ କରିଥିଲେ। ପୁଅ ବିଶ୍ରାମ ନେଉଥିବାରୁ ଅହଲ୍ୟା ନିଜେ ଫୋନ୍ ଉଠାଇଥିଲେ। କାହିଁକି ତୁମ ପୁଅ ପୁଅ ମୋ ନାମରେ ଅଭିଯୋଗ କରିଛି ? ଭଲରେ ଭଲରେ ମୋ ନାମରେ ଦେଇଥିବା କେସ୍ ଶୀଘ୍ର ଉଠାଇ ଆଣୁ ନଚେତ୍ ତୁମ ପୁଅକୁ ଜୀବନରୁ ମାରିଦେବି। ମୋ ପଛରେ ଗୋଗୁଆ ଗ୍ରାମ ପଞ୍ଚାୟତ ର ସଭ୍ୟ ପ୍ରତାପ ଦାସ(ହାଲୁ)ଙ୍କ ସମର୍ଥନ ଅଛି ମୋର କେହି କିଛି କରିପାରିବେନି। ସେହିପରି ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ଖଦାଳସାହି ଗ୍ରାମର ବୁବୁ ନାମକ ଜଣେ ଯୁବକ ୭୦୦୮୪୮୯୮୩୭ ନମ୍ବରରେ ତାଙ୍କ ପୁଅ ନମ୍ବରକୁ ଫୋନ୍ କରୁଛି। ତାଙ୍କ ପୁଅର ଯଦି କୌଣସି ଅସୁବିଧା ହୁଏ ତେବେ ସେମାନେ ହିଁ ଦାୟୀ ରହିବେ ବୋଲି ଅହଲ୍ୟା ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ସଞ୍ଜୟ କୁମାର ପ୍ରଧାନ ଓ ପ୍ରତାପ ଚନ୍ଦ୍ର ଦାସଙ୍କ ନାମରେ ଭାରତୀୟ ନ୍ୟାୟ ସଂହିତା ଧାରା ଅଧୀନ ୨୯୬/୩୫୧, (୨)/୩୫୧, (୩)/୩(୫)ରେ ତନ୍ତିଆପାଳ ଥାନାରେ ମାମଲା ରୁଜୁ ହୋଇଛି। ତନ୍ତିଆପାଳ ଥାନାର ଥାନା ଅଧିକାରୀ ସୌମ୍ୟରଞ୍ଜନ ବିଶ୍ୱାଳ ଏହି ଘଟଣାର ତଦନ୍ତ ଭାର ସବ୍ ଇନ୍ସପେକ୍ଟର ଏମଡି ଅଞ୍ଜୁମ ଙ୍କୁ ଦେଇଛନ୍ତି। ପୋଲିସ ଏହି ଘଟଣାରେ କ'ଣ ପଦକ୍ଷେପ ନେଉଛି ତାହା ଦେଖିବାକୁ ବାକି ରହିଲା।

## ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ମାରି ଫିଙ୍ଗିଦେଲେ

**କାମାକ୍ଷାନଗର,୨୦।୨(ସଂଚାର ବ୍ୟୁରୋ):** ଢେଙ୍କାନାଳ ଜିଲା ତୁମୁସିଙ୍ଗା ଥାନା ଗୁନେଇବିଲି ଗାଁରେ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଛି। ଗ୍ୟାରେଜ ଘରୁ ଜଣେ ପ୍ରଧାନ ଶିକ୍ଷୟିତ୍ରୀଙ୍କ ମୃତଦେହ ଠାବ ହୋଇଛି। ହେଲେ ପରିବାର ଲୋକେ ପ୍ରଧାନ ଶିକ୍ଷୟିତ୍ରୀଙ୍କ ମୃତ୍ୟୁକୁ ସହଜରେ ଗ୍ରହଣ କରୁନ ଥିବା ବେଳେ ଯୋଜନାମୁତାବକ ତାଙ୍କୁ କେହି ହତ୍ୟା କରି ଫିଙ୍ଗି ଦିଆଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭତ୍ତି କରି ପୋଲିସ ଏବଂ ଓ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏହି ଘଟଣା ଅଞ୍ଚଳରେ ଚାଞ୍ଚଲ୍ୟ ଖେଳି ଯାଇଛି।

## ମଣ୍ଡଳସ୍ତରୀୟ ନିପୁଣ ଓଡ଼ିଶା ମେଳା

**ରାଜନଗର,୨୦।୨(ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ସଦର ମହକୁମାସ୍ଥିତ ଶୈଳେନ୍ଦ୍ର ନାରାୟଣ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ମଣ୍ଡଳ ସ୍ତରୀୟ ନିପୁଣ ଓଡ଼ିଶା ମେଳା-୨୦୨୫ ଅନୁଷ୍ଠିତ ହୋଇଯାଇଛି ଓ ବ୍ଲକ ଶିକ୍ଷାଧିକାରୀ ମନୋରଞ୍ଜନ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମ କୁ ଉଦଘାଟନ କରିବା ସହିତ ନିପୁଣ ଓଡ଼ିଶା ମେଳର ଆଭିମୁଖ୍ୟ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଗଣିତ, ଭାଷାଜ୍ଞାନର ଦକ୍ଷତା ବୃଦ୍ଧି ନିମନ୍ତେ ରାଜ୍ୟ ସରକାରଙ୍କ ଏହା ଏକ ଅଭିନବ କାର୍ଯ୍ୟକ୍ରମ ବୋଲି କହିଥିଲେ। ସିଆରସିସି ମଧୁସୂଦନ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ମୁଖ୍ୟ ବକ୍ତା ଭାବରେ ପତ୍ରକାର ଭାସ୍କର ରାଉତରାୟ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଶିବ ପ୍ରସାଦ ବେହେରା, ଚିତ୍ତ ରଂଜନ ଜେନା, ବିଆରସିସି ଭକ୍ତିଲତା ବାରିକ, ସମିତି ସଭ୍ୟା ସୁମିତ୍ରା ସେଠୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଅବିଭାବକ, ଶିକ୍ଷାଦାନ କରୁଥିବା ଶିକ୍ଷକ ମାନେ ନିପୁଣତାର ମାର୍ଗଦର୍ଶୀ ହେବାକୁ ପରାମର୍ଶ ଦେଇଥିଲେ। ସିଆରସିସି ଚନ୍ଦ୍ରକାନ୍ତ ରାଉତ ନିପୁଣ ଓଡ଼ିଶା ମେଳାର ଉଦେଶ୍ୟ ଉପରେ ସୂଚନା ଦେଇଥିଲେ। ଏହି ମେଳାରେ ୧୮ଟି କ୍ଲଷ୍ଟର ରୁ ୨୦ଟି ଷ୍ଟଲ ଖୋଲାଯାଇ ଛାତ୍ରଛାତ୍ରୀଙ୍କ ଦକ୍ଷତା ବୃଦ୍ଧି ତାଲିମ ଦିଆଯାଇଥିଲା। ପ୍ରତ୍ୟେକ କ୍ଲଷ୍ଟରରୁ ୧୦ ଜଣ ଲେଖାଏ ଛାତ୍ରଛାତ୍ରୀ ମେଳାରେ ଅଂଶ ଗ୍ରହଣ କରିଥିଲେ। ପ୍ରତ୍ୟେକ କ୍ଲଷ୍ଟର ରୁ ଜଣେ ଜଣେ ସୁଦକ୍ଷ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ଧୋୟା ଦଶ ପଞ୍ଚାୟତବାସୀଙ୍କ ଦୁଃଖ

## ଭଗବାନ ଭରସାରେ ୧୦ ପଞ୍ଚାୟତ

- କେବେ ସ୍ଥାପନ ହେବ ଦମକଳ କେନ୍ଦ୍ର
- ୨୪ ବର୍ଷର ସରକାର ରେ ହୋଇନଥିଲା



**ଆଳି,୨୦।୨(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ଆଳି ବ୍ଲକ୍ ଧୋୟା ଦଶ ପଂଚାୟତ ଦମକଳ କେନ୍ଦ୍ର ସ୍ଥାନ ପାଇଁ ଜୋରଦାର ଦାବି।ପ୍ରତି ବର୍ଷ ନିଆଁ ଲାଗି ଧାନ ଜୀବନ ସହ ଘର ନଷ୍ଟ ହୋଇ ଥାଏ।କିନ୍ତୁ ଠିକ ସମୟରେ ପହଞ୍ଚି ପାରି ନଥାଏ ଅଗ୍ନିଶ୍ରମ ବାହିନୀ। ତାହାର କାରଣ ଆଳି ହେଡ କ୍ୱାଟର ଠାରୁ ୨୦ ରୁ ୨୫ କିଲୋମିଟର ଦୂର ଧୋୟା ଅଞ୍ଚଳ।ରାସ୍ତା ର ଅବସ୍ଥା ନ କହିଲେ ଭଲ। ଗ୍ରୀଷ୍ମ ଋତୁରେ ଆକସ୍ମିକ ଦୁର୍ଘଟଣା ହେଉ କି ଘର ପୋଡି ଆଳିରୁ ଅଗ୍ନିଶମ ବାହିନୀ ପହଂଚିବା ବେଳକୁ ସବୁ ନଷ୍ଟ ହୋଇଯାଇଥାଏ । ଯାହା ଫଳରେ ବର୍ଷ କୁ ଲକ୍ଷ ଲକ୍ଷ ଟଙ୍କା ସହ ଅମୂଲ୍ୟ ଜୀବନ ଯାଇ ଥାଏ। ସର୍ବସାନ୍ତ ହୋଇଥାଏ ପରିବାର। ଦୀର୍ଘ ଦିନ ଧରି ଧୋୟା ଦଶ ପଞ୍ଚାୟତ ବାସି ଦମକଳ କେନ୍ଦ୍ର ଦାବି କରି ଆସୁଥିଲେବି ଫଳ ଶୂନ।ସତେ ଯେମିତି ଆଖି ବୁଜି ଦେଇଥିଲେ ବିଜେଡି ସରକାର।ବିଜେଡି ର ୨୪ବର୍ଷର ଶାସନ ଭିତରେ ୪ ଥର ବିଧାୟକ ଟାଣୁଆ ନେତା ପ୍ରତାପ ଦେବଙ୍କ ଏଠି ନେତୃତ୍ୱ ଥିଲା । ଯାହା ଏକ ଦମକଳ କେନ୍ଦ୍ର ପ୍ରତିଷ୍ଠା ନହେବା ୨୪ ଶାସନର ଧୋୟା ଦଶ ପଞ୍ଚାୟତ ବିକାଶର ବିକଳ ଚିତ୍ର ବୋଲି ବୁଦ୍ଧିଜିବି ମତ ପ୍ରକାଶ କରିଛନ୍ତି।ଏବେ ନୂଆ ସରକାର ନୂଆ ଉଦ୍ଦୀପନା ରେ ଆଶା ବାନ୍ଧିଛନ୍ତି ଦମକଳ କେନ୍ଦ୍ର ସ୍ଥାପନା ପାଇଁ ଧୋୟା ଦଶ ପଞ୍ଚାୟତର ଅଞ୍ଚଳ ବାସି।ଦେଖାଯାଉ କେବେ ନୂଆ ସରକାର ଶୁଣିବେ ଧୋୟାବାସି ଙ୍କ ଦୁଃଖ। ନା ପୁରୁଣା ସରକାର ପରି ଯଦି ଅଘଟଣ ଘଟେ ତାହାଲେ ଭଗବାନ ଭରସାରେ ରହିବେ।

## ସୈନିକ ସଙ୍ଘ ପକ୍ଷରୁ ନୂତନ ବିଡ଼ିଓ ଓ ଆଇଆଇସିଙ୍କୁ ସମ୍ବର୍ଦ୍ଧନା



**ରାଜନଗର,୨୦।୨(ସଂଚାର ବ୍ୟୁରୋ):** ରାଜନଗର ବ୍ଲକରେ ନୂତନ ଭାବେ ଯୋଗ ଦେଇଥିବା ବିଡ଼ିଓ ଶୋଭନ ଶ୍ରୀତମ ପଣ୍ଡା ଏବଂ ଆଇଆଇସି ନରେଶ କୁମାର ସାହୁଙ୍କୁ ରାଜନଗର ସୈନିକ ସଙ୍ଘ ତରଫରୁ ସମ୍ବର୍ଦ୍ଧନା ଦିଆଯାଇଛି। ବ୍ଲକ ସୈନିକ ସଙ୍ଘର ସଭାପତି ସୁବେଦାର ମେଜର ଗଗନ ବିହାରୀ ସ୍ୱାଇଁଙ୍କ ନେତୃତ୍ୱରେ ସମ୍ପାଦକ ଅଚ୍ଛୁତାନନ୍ଦ ପ୍ରଧାନ, ଅକ୍ଷୟ କୁମାର ନାୟକ, ରମାକାନ୍ତ ମାହୁନ୍ତ, ସୁବାଷ ଚନ୍ଦ୍ର ସ୍ୱାଇଁ, ଅଶୋକ କୁମାର ରାଉତ, ସତ୍ୟାନନ୍ଦ ରଥ, ତ୍ରିଲୋଚନ ପାଢ଼ୀ, ରବୀନ୍ଦ୍ର ନାଥ ଶର୍ମା, ରଶ୍ମିରଞ୍ଜନ ରାଉତ ପ୍ରମୁଖ ଥାନରେ ଓ ବ୍ଲକ କାର୍ଯ୍ୟଳୟରେ ପହଞ୍ଚି ସମ୍ବର୍ଦ୍ଧିତ କରିଥିଲେ।

# ସବୁଜ ପୃଥିବୀ ଲକ୍ଷ୍ୟରେ ପ୍ରଭାତଙ୍କ ନିଆରା ପ୍ରୟାସ

### ବୃକ୍ଷରୋପଣ ପାଇଁ ସୃଷ୍ଟି କରୁଛନ୍ତି ସଚେତନତା



**କେନ୍ଦ୍ରାପଡା,୨୦।୨(ସଂଚାର ବ୍ୟୁରୋ):** ସବୁଜ ପୃଥିବୀର ବାର୍ତ୍ତା ନେଇ ସେ ଆରମ୍ଭ କରିଛନ୍ତି ନିଆରା ପ୍ରୟାସ। ଦୀର୍ଘ ୮ ବର୍ଷ ଧରି ବୃକ୍ଷ ରୋପଣ କାର୍ଯ୍ୟକ୍ରମ,ସଚେତନତା ଶିବିର ଆୟୋଜନ ଆଦି କାର୍ଯ୍ୟ ହାତକୁ ନେଇ ନିଜେ ଗଛ ଲଗାଉଛନ୍ତି ଓ ଅନ୍ୟ ମାନଙ୍କୁ ବୃକ୍ଷ ରୋପଣ ପାଇଁ ସଚେତନତାର ବାର୍ତ୍ତା ମଧ୍ୟ ଦେଉଛନ୍ତି। ବିବାହ ଉତ୍ସବ ହେଉ ଅବା ଜନ୍ମଦିନ ଆଦିରେ ଯେଉଁଠାକୁ ଯାଉଛନ୍ତି ଉପହାର ଆକାରରେ ବିଭିନ୍ନ ଧରଣର ଗଛ ଉପହାର ଦେଉଛନ୍ତି। ତାଙ୍କର ଏହି ଉଦ୍ୟମ କେବଳ ସେ ନିଜେ କରୁଛନ୍ତି ତାହା ନୁହେଁ ବରଂ ଅନ୍ୟମାନଙ୍କୁ ମଧ୍ୟ ବୃକ୍ଷର ମହତ୍ତ୍ୱ ବିଷୟରେ ସଚେତିତ କରାଉଛି। ତାଙ୍କର ଏହି ନିଆରା ପ୍ରୟାସ ସବୁଜ ପୃଥିବୀର ବାର୍ତ୍ତା ଏବେ ସମସ୍ତଙ୍କର ଗ୍ରହଣୀୟ ଓ ଆଦୃତ ହୋଇ ପାରିଛି। ଏମିତି ଜଣେ ଯୁବକ ହେଉଛନ୍ତି ପ୍ରଭାତ ରଞ୍ଜନ ଜେନା। କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡା ବ୍ଲକ ଦେଉଳପଡା ପଞ୍ଚାୟତ ଓଳିହା ଗ୍ରାମର ଦିଲ୍ଲିପ କୁମାର ଜେନାଙ୍କ ଏକମାତ୍ର ପୁତ୍ର ହେଉଛନ୍ତି ପ୍ରଭାତ। ପ୍ରଭାତ ଜଣେ ଉଚ୍ଚ ଶିକ୍ଷିତ ଯୁବକ। ସମାଜସେବା କ୍ଷେତ୍ରରେ ଡିଗ୍ରୀ ହାସଲ କରିଥିବା ପ୍ରଭାତ ଛାତ୍ର ଜୀବନରୁ ସାମାଜିକ କାର୍ଯ୍ୟ ପ୍ରତି ରୁଚି ରଖନ୍ତି। ଗ୍ରାମର ଯୁବକ ମାନଙ୍କୁ ଏକତ୍ରିତ କରି ଗାଁ ସଫେଇ,ବୃକ୍ଷ ରୋପଣ, ସାମାଜିକ ସଚେତନତା ଓ ଦୁର୍ନୀତି ଭ୍ରଷ୍ଟାଚାର ବିରୋଧରେ ସ୍ୱର ଉତ୍ତୋଳନ ଆଦି କାର୍ଯ୍ୟ କରିଛନ୍ତି। ସମୟକ୍ରମେ ମହାକାଳପଡ଼ା ୟୁଥ୍ ଗ୍ରୁପ୍ ଜରିଆରେ ବିଭିନ୍ନ ଗ୍ରାମରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ, ସାଧାରଣ ଲୋକଙ୍କ ସମସ୍ୟା ସମାଧାନ, ପରିବେଶ ସୁରକ୍ଷା ଓ ସଚେତନା କାର୍ଯ୍ୟକ୍ରମ ହାତକୁ ନେଇ ଏହି କାର୍ଯ୍ୟକ୍ରମକୁ ବ୍ୟାପକ କରିଛନ୍ତି। ବୟସ ବଢ଼ିବା ସହିତ ପରିବେଶ ସୁରକ୍ଷା ପାଇଁ ସେ ବ୍ୟସ୍ତ ହୋଇ ପଡନ୍ତି। ଦିନକୁ ଦିନ ବଢୁଥିବା ତାପମାତ୍ରା ଓ ପରିବେଶ ଅସନ୍ତୁଳନ ପ୍ରଭାତ ଙ୍କ ମନକୁ ଆନ୍ଦୋଳିତ କରେ। ସେବେଠାରୁ ସେ ଆରମ୍ଭ କରନ୍ତି ନୂଆ ଏକ ପ୍ରୟାସ। କୌଣସି ବିବାହ ଉତ୍ସବ ହେଉ ବା ଜନ୍ମଦିନ ଉପହାର ଆକାରରେ ତାଙ୍କ ହାତରେ ଥାଏ ଗଛଟିଏ। ବିବାହ ବନ୍ଧନରେ ବାନ୍ଧି ହେଉଥିବା ନବ ଦମ୍ପତିଙ୍କୁ ଗଛଟିଏ ଉପହାର ଆକାରରେ ଦେଇ ଆଗାମୀ ଭବିଷ୍ୟତ ପାଇଁ ଏ ଗଛକୁ ବଞ୍ଚାଇବା ପାଇଁ କହୁଥିବା ବେଳେ ଜନ୍ମ ଦିବସ ରେ ଗଛର ଯତ୍ନ ଓ ସୁରକ୍ଷା ସହିତ ବଞ୍ଚାଇ ରଖିବାକୁ ନିବେଦନ କରୁଛନ୍ତି ପ୍ରଭାତ। ନିଜ ଭାଇ ଜନ୍ମ ଦିନକୁ ସ୍ମରଣୀୟ କରିବା ପାଇଁ ଓ ଅନ୍ୟମାନଙ୍କ ମଧ୍ୟରେ ସଚେତନତା ପାଇଁ ସେ ଗ୍ରାମ ପରିକ୍ରମା ଓ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ କରିଛନ୍ତି।ମହାମାରୀ କରୋନା ସମୟରେ ସେ ଗ୍ରାମରେ ଭଳିକି ଭଳି ଗଛ ଲଗାଇ ତାକୁ ବଢାଇଛନ୍ତି। ପ୍ରଭାତଙ୍କ ଏହି ନିଆରା ପ୍ରୟାସ ସବୁଜ ପୃଥିବୀର ବାର୍ତ୍ତା ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିଛି। ଦିନକୁ ଦିନ ତାପମାତ୍ରା ବୃଦ୍ଧି, ପାଣିପାଗର ଅସନ୍ତୁଳନ, ବର୍ଷାର ଅନିୟମିତତା ଆଦି ଆଗାମୀ ଭବିଷ୍ୟତ ପାଇଁ ଭୟଙ୍କର ପରିସ୍ଥିତି ସୃଷ୍ଟି କରିବାକୁ ଯାଉଛି। ଯଦି ସମସ୍ତେ ବୃକ୍ଷ ରୋପଣ ପାଇଁ ସଚେତନ ନହୁଅନ୍ତି ତେବେ ଏକ ବଡ଼ ଧରଣର ବିପଦ ଆଡ଼କୁ ଆଗାମୀ ପିଢି ଟାଣି ହୋଇଯିବେ।

## ବୋର୍ଡ ପକ୍ଷରୁ ୫ ପରୀକ୍ଷା କେନ୍ଦ୍ରରେ ଏଆଇ କ୍ୟାମେରା

**ରାଜନଗର,୨୦।୨(ସଂଚାର ବ୍ୟୁରୋ):** ଆଜି ଠାରୁ ଆରମ୍ଭ ହେଉଛି ମାଟ୍ରିକ ପରୀକ୍ଷା। ବୋର୍ଡ ପକ୍ଷରୁ ଗତକାଲି ପ୍ରଶ୍ନପତ୍ର ରାଜନଗର ନୋଡ଼ାଲ ସେଣ୍ଟରରେ ପଂହଁଚି ସାରିଛି। କଡା ସୁରକ୍ଷା ବଳୟ ଭିତରେ ପୋଲିସ ପ୍ରଶ୍ନପତ୍ର ଜଗି ରହିଛି। ଚଳିତ ବର୍ଷ ରାଜନଗର ବ୍ଲକର ୧୪ ଟି ପରୀକ୍ଷା କେନ୍ଦ୍ରରେ ମାଟ୍ରିକ ପରୀକ୍ଷା ଅନୁଷ୍ଠିତ ହେବ। ରାଜନଗରର ବ୍ଲକ ରେ ୨୬୩୯ ଜଣ ମାଟ୍ରିକ ପରୀକ୍ଷାର୍ଥୀ ଓ ୧୩୪ ଜଣ ମଧ୍ୟମା ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ୧୪ ଟି କେନ୍ଦ୍ରରେ ମାଟ୍ରିକ ପରୀକ୍ଷା ଓ ସେଥି ମଧ୍ୟରୁ ୫ ଟି କେନ୍ଦ୍ରରେ ମାଟ୍ରିକ ଓ ମଧ୍ୟମା ପରୀକ୍ଷା କେନ୍ଦ୍ର କରାଯାଇଛି। ଚଳିତ ବର୍ଷ ମାଟ୍ରିକ ପରୀକ୍ଷାକୁ ସ୍ୱଚ୍ଛତାର ସହିତ କରିବା ପାଇଁ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଇଛି। ପରୀକ୍ଷାରେ ଯେପରି କୌଣସି ଅସାଧୁ ଉପାୟ ଅବଲମ୍ବନ ନକରିବା ପାଇଁ ଚଳିତ ବର୍ଷ ପ୍ରଥମଥର ପାଇଁ ପରୀକ୍ଷା କେନ୍ଦ୍ରରେ ଏଆଇ କ୍ୟାମେରା ଲଗାଯାଇଛି। ଏହି ବ୍ଲକର ରାଜନଗର ହାଇସ୍କୁଲ, ପଞ୍ଚୁବରାହୀ ବିଦ୍ୟାନିକେତନ, ମାଣପଡା, ଶ୍ରୀଜଗନ୍ନାଥ ହାଇସ୍କୁଲ, ଚାନ୍ଦିବାଉଁଶମୂଳ, ବନବିହାରୀଜୀଉ ହାଇସ୍କୁଲ, ଗୋପାଳପୁର, ବନ୍ଧପଡା ଜିପି ହାଇସ୍କୁଲ ରେ ବୋର୍ଡ ପକ୍ଷରୁ ଏଆଇ କ୍ୟାମେରା ଲଗାଯାଇଛି। ଏହି ୫ଟି ପରୀକ୍ଷା କେନ୍ଦ୍ରର ସମସ୍ତ ହଲ, କମାନରୁମ ଓ ଅଫିସ ରୁମରେ କ୍ୟାମେରା ଲଗାଯାଇଛି। କ୍ୟାମେରା ମାଧ୍ୟମରେ ହଲ ଗୁଡିକରେ କିପରି ପରୀକ୍ଷା ହେଉଛି, କିଏ ଅସାଧୁ ଉପାୟ ଅବଲମ୍ବନ କରୁଛି, ତାହା କଟକ ବୋର୍ଡ ଅଫିସରେ ଦେଖିହେଉଛି। ଅନ୍ୟ ପରୀକ୍ଷା କେନ୍ଦ୍ର ଗୁଡିକରେ ଏଆଇ କ୍ୟାମେରା ଲାଗିନଥିଲେ ମଧ୍ୟ କ୍ୟାମେରା ଲଗାଯାଇଛି।

**AFFIDAVIT**

By Virtue of an Affidavit sworn in the court of Executive Majistrate Kendrapara. I Bhagaban Raut aged 39, S/O-Ganeswar Raut of At/Po-Champatipur Ps-Mahanga, Dist-Cuttack,Pin-754206 Odisha do here by solemnly affirm and state as follows. My Correct Name is Bhagaban Raut and Correct father name:- Ganeswar Raut Aadhar No. 976410968454, Lic policy No. 598492915 Bank of Baroda Bank Accoun No:- 51358100003884 but his name has been mentioned as Bhagirathi Rout S/o-Ganeswar Rout. That myself Bhagaban Raut Alias the same person my name. That this affidavit the same is to be Produced before the Branch Manager Lic of India, Kendrapara branch for Necessary Purpose Which needs

### ଖାଉଟିଙ୍କ ଗହମ ଆଶା ଫିକା

# ମାର୍ଚ୍ଚରୁ କେବଳ ଚାଉଳ ପାଇଁ କେନ୍ଦ୍ରର ଆବଣ୍ଟନପତ୍ର




**ଭୁବନେଶ୍ୱର,୨୦।୨(ସଂଚାର ବ୍ୟୁରୋ):** ରାସନ କାର୍ଡ ହିତାଧିକାରୀଙ୍କୁ ମିଳିବ ଗହମ। ପୂର୍ବଭଳି ସାଧାରଣ ବଣ୍ଟନ କେନ୍ଦ୍ରରୁ ନିଜ ପସନ୍ଦରେ ଖାଉଟି ଚାଉଳ ସହ ଗହମ ବି ଉଠାଣ କରିପାରିବେ। ନୂଆ ସରକାର ଆସିବା ପରେ ବିଭାଗୀୟ ମନ୍ତ୍ରୀ ଖାଉଟିମାନଙ୍କୁ ଏପରି କିଛି ଆଶା ଦେଖାଇଥିଲେ। ତେଣୁ ଖାଉଟିମାନେ ପୁଣିଥରେ ଗହମ ପାଇବେ ଓ ୨୦୨୫ ପ୍ରାରମ୍ଭରୁ ଏହା ଲାଗୁ ହେବ ବୋଲି ଆଶା ବାନ୍ଧିଥିଲେ। କିନ୍ତୁ ସେମାନଙ୍କ ଏହି ଆଶା କେବଳ ଆଶାରେ ହିଁ ରହିଯାଇଥିଲା। କିନ୍ତୁ କେତେକ ନୂଆ ଆର୍ଥିକ ବର୍ଷ ଆରମ୍ଭରୁ ଗହମ ପାଇବା ନେଇ ଆଶା ଅତୁଟ ରଖିଥିଲେ ହେଁ ସେମାନଙ୍କୁ ଏବେ ନିରାଶ ହେବାକୁ ପଡ଼ିବ। କାରଣ ଆଗାମୀ ଦିନରେ ଗହମ ମିଳିବାର ସାମାନ୍ୟତମ ସମ୍ଭାବନା ବି ନାହିଁ। ଯୋଗାଣ ବିଭାଗର ତାଜା ସୂଚନାନୁସାରେ କେନ୍ଦ୍ର ସରକାର ଆସନ୍ତା ମାସରୁ ଖାଉଟିଙ୍କୁ କେବଳ ଚାଉଳ ଯୋଗାଣ ନେଇ ଆବଣ୍ଟନପତ୍ର ଜାରି କରିଛନ୍ତି। ତା’ଛଡ଼ା ରାଜ୍ୟ ସରକାର ଭାରତୀୟ ଖାଦ୍ୟ ନିଗମ (ଏଫସିଆଇଠାରୁ ଗହମ ଉଠାଣ ପାଇଁ ପରିବହନ ବ୍ୟବସ୍ଥା ବି ସ୍ଥିର କରିନାହାନ୍ତି।

ଗତ ୨୦୨୦-୨୧ରୁ ରାଜ୍ୟରେ ସାଧାରଣ ବଣ୍ଟନ ବ୍ୟବସ୍ଥା (ପିଡିଏସ୍)ରେ ଗହମ ଯୋଗାଣକୁ ବନ୍ଦ ରଖାଯାଇଛି। ସେବେଠାରୁ ହିତାଧିକାରୀମାନଙ୍କୁ କେବଳ ଚାଉଳ ଦିଆଯାଉଛି। ତେବେ ଗତ ବର୍ଷ ବିଜେପି ସରକାର କ୍ଷମତାକୁ ଆସିବା ପରେ ଗହମ ବଣ୍ଟନ ଆରମ୍ଭ ପାଇଁ ନିଷ୍ପତ୍ତି ନେଇଥିଲେ। ଖୋଦ୍ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ବିଧାନସଭାରେ ଏନେଇ ପ୍ରଥମେ ସୂଚନା ଦେଇଥିଲେ। ପରେ ଗଣମାଧ୍ୟମ ସମ୍ମୁଖରେ ବି ସେ ଏହି ଘୋଷଣାର ପୁନରାବୃତ୍ତି କରିଥିଲେ। ଅଧିକନ୍ତୁ ଏନେଇ କେନ୍ଦ୍ରକୁ ଚିଠି ଲେଖିବା ସହ କେନ୍ଦ୍ରମନ୍ତ୍ରୀଙ୍କ ସହ ଆଲୋଚନା କରିଥିବା କଥା ମଧ୍ୟ ମନ୍ତ୍ରୀ କହିଥିଲେ। ନୂଆ ବ୍ୟବସ୍ଥାରେ ଓଡ଼ିଶାକୁ ୩ ଲକ୍ଷ ୩୩ ହଜାର ୪୯୧ ମେଟ୍ରିକ ଟନ ଚାଉଳ ଓ ୩୯ ହଜାର ୮୧୨ ମେଟ୍ରିକ ଟନ ଗହମ ମିଳିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା। ପରେ ମନ୍ତ୍ରୀ ଗତ ଅକ୍ଟୋବରରୁ ଚାଉଳ ସହ ଖାଉଟି ଗହମ ପାଇବେ ବୋଲି କହିଥିଲେ। ତେଣୁ ଗହମ ଉପରେ ନିର୍ଭର କରୁଥିବା ଖାଉଟିମାନେ ଏପରି ଘୋଷଣାରେ ବେଶ୍ ଉତ୍ସାହିତ ହୋଇଥିଲେ। କିନ୍ତୁ ଅକ୍ଟୋବର ଯାଇ ଫେବୃଆରୀ ସରିବାକୁ ବସିଲାଣି, ତଥାପି ଗହମ ମିଳିନଥିବାରୁ ଖାଉଟିଙ୍କ ଗହମ ଆଶା ଧୀରେ ଧୀରେ ଫିକା ପଡ଼ିବାରେ ଲାଗିଛି।

### କୃଷିଜାତ ଦ୍ରବ୍ୟର ରପ୍ତାନୀ ବୃଦ୍ଧି ନେଇ ବୈଠକ

# ଓଡ଼ିଶା କୃଷିଜାତ ଦ୍ରବ୍ୟର ବିଦେଶରେ ଚାହିଦା ରହିଛି




**ଭୁବନେଶ୍ୱର,୨୦।୨(ସଂଚାର ବ୍ୟୁରୋ):** କୃଷି ଏବଂ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡକ୍ଟର ଅରବିନ୍ଦ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଓଡ଼ିଶାରୁ କୃଷି-ରପ୍ତାନୀକୁ ପ୍ରୋତ୍ସାହିତ କରିବା ପାଇଁ ଏକ ପରାମର୍ଶ ବୈଠକ କୃଷି ଭବନରେ ଅନୁଷ୍ଠିତ ହୋଇଥିଲା। ଓଡ଼ିଶାରେ ଉତ୍ପାଦିତ କୃଷିଜାତ ଦ୍ରବ୍ୟର ଦେଶ ବିଦେଶରେ ବହୁତ ଚାହିଦା ରହିଛି। ରପ୍ତାନୀ ସମୟରେ ବ୍ୟବସାୟୀମାନେ ସମ୍ମୁଖୀନ ହେଉଥିବା ଅସୁବିଧାଗୁଡ଼ିକର ସମାଧାନ କରି ବ୍ୟବସାୟୀଙ୍କ ପାଇଁ ଏକ ଅନୁକୂଳ ଇକୋସିଷ୍ଟମ ସୃଷ୍ଟି କରିବା ବିଷୟରେ ବୈଠକରେ ଆଲୋଚନା ହୋଇଥିଲା । ଦେଶ ବିଦେଶରେ ଚାହିଦା ଥିବା ରପ୍ତାନୀ ଉଦ୍ଦିଷ୍ଟ ପ୍ରମୁଖ କୃଷି ଉତ୍ପାଦଗୁଡ଼ିକୁ ଚିହ୍ନଟ କରି ଓଡ଼ିଶାରୁ କୃଷି ରପ୍ତାନୀ ବୃଦ୍ଧି କରିବା ଏହି ବୈଠକର ପ୍ରମୁଖ ଲକ୍ଷ୍ୟ। ରପ୍ତାନୀ ପ୍ରକ୍ରିୟାକୁ ସହଜ,ସୁଗମ କରିବା ସହିତ କୃଷିଜାତ ଦ୍ରବ୍ୟର ରପ୍ତାନୀ କ୍ଷେତ୍ରକୁ ଅଧିକ ସମ୍ପ୍ରସାରିତ କରିବା ପାଇଁ ଆବଶ୍ୟକ ନୀତିଗତ ସହାୟତା ପ୍ରଦାନ କରାଯିବ ବୋଲି ଡ଼ ପାଢ଼ୀ ମତବ୍ୟକ୍ତ କରିଥିଲେ। ରପ୍ତାନୀ ଢାଞ୍ଚାକୁ ସୁଦୃଢ଼ କରି, ବିଶ୍ୱ ବଜାରରେ ଓଡ଼ିଶା ନିଜର ଉପସ୍ଥିତି ଜାହିର କରିପାରିବ। କୃଷକ ଓ କୃଷି ଉତ୍ପାଦକ ସଂଗଠନଗୁଡ଼ିକୁ ଅନ୍ତର୍ଜାତୀୟ ବଜାର ସହ ସଂଯୋଗୀକରଣ କୃଷକଙ୍କ ଆୟ ବହୁଗୁଣିତ କରିବାରେ ସହାୟକ ହେବ । ଓଡ଼ିଶାର କୃଷି କ୍ଷେତ୍ରରେ ଥିବା ଭରପୂର ସମ୍ଭାବନାକୁ ସମ୍ପ୍ରସାରଣ କରି ରାଜ୍ୟର ଅର୍ଥନୀତିରେ ଏକ ଅର୍ଥପୂର୍ଣ୍ଣ ଯୋଗଦାନ କରିବା ପାଇଁ ଡ଼ ପାଢ଼ୀ ରପ୍ତାନିକାରୀ ଓ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ ।

ଏହି ବୈଠକରେ କୃଷି ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ, ଉଦ୍ୟାନ କୃଷି ନିର୍ଦ୍ଦେଶକ ନିଖିଲ ପଓ୍ୱନ କଲ୍ୟାଣ, ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ବାଣିଜ୍ୟ ଓ ପରିବହନ ବିଭାଗ, କୃଷି ଏବଂ ପ୍ରକ୍ରିୟାକୃତ ଖାଦ୍ୟ ଉତ୍ପାଦ ରପ୍ତାନୀ ବିକାଶ ପ୍ରାଧିକରଣ (ଏପିଇଡିଏ), ଓ୍ୱାର୍ଲ୍ଡ ଟ୍ରେଡ୍ ସେଣ୍ଟର, ଏଏଆଇ କାର୍ଗୋ ଲଜିଷ୍ଟିକ୍ସ ଆଣ୍ଡ ଆଲାଏଡ୍ ସର୍ଭିସେସ୍ କମ୍ପାନୀ ଲିମିଟେଡ୍ ଏବଂ ପାଲାଡିୟମ୍‌ର ବୈଷୟିକ ସହାୟତା ୟୁନିଟ୍ ପ୍ରତିନିଧିଙ୍କ ସମେତ ପ୍ରମୁଖ ଅଧିକାରୀମାନେ ଯୋଗଦେଇଥିଲେ ।

### ଭୁବନେଶ୍ୱର ବିମାନବନ୍ଦରର ହେବ ନୂତନ କଳେବର

# ଖୁବ୍ଶୀଘ୍ର ଅତ୍ୟାଧୁନିକ ସୁବିଧାଯୁକ୍ତ ନୂତନ ଟର୍ମିନାଲ



**ଭୁବନେଶ୍ୱର,୨୦।୨(ସଂଚାର ବ୍ୟୁରୋ):** ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ଖୁବ୍ଶୀଘ୍ର ଏକ ନୂଆ ରୂପରେ ଦେଖିବାକୁ ମିଳିବ। ଏକ ଗୁରୁତ୍ୱପୂର୍ଣ୍ଣ ସମ୍ପ୍ରସାରଣ ପରେ ତୃତୀୟ ଟର୍ମିନାଲ ଆରମ୍ଭ କରିବାର ଯୋଜନା ରହିଛି। ଏହି ବିକାଶ ବିମାନବନ୍ଦରର କ୍ଷମତା ଓ ଦକ୍ଷତାକୁ ଯଥେଷ୍ଟ ବୃଦ୍ଧି କରିବାକୁ ପ୍ରସ୍ତୁତ, ଯାହା ବର୍ତ୍ତମାନ ଟର୍ମିନାଲ ୧ ଓ ୨ ସହ କାର୍ଯ୍ୟ କରୁଛି।

ରିପୋର୍ଟ ଅନୁଯାୟୀ, ଆଗାମୀ ୨୧ ମାସ ମଧ୍ୟରେ ଟର୍ମିନାଲ ୩ର ନିର୍ମାଣ କାର୍ଯ୍ୟ ୩୦ ହଜାର ବର୍ଗମିଟର ମଧ୍ୟରେ ଆରମ୍ଭ ହେବ। ବିମାନବନ୍ଦର କର୍ତ୍ତୃପକ୍ଷଙ୍କ ଅନୁଯାୟୀ, ଏଥିପାଇଁ ପ୍ରକ୍ରିୟା ଆରମ୍ଭ ହୋଇସାରିଛି ଓ ୨୦୨୫ ଏପ୍ରିଲରେ କାମ ଆରମ୍ଭ ହେବ। ଟର୍ମିନାଲ ୩ରେ ବିମାନ ଯାତ୍ରୀମାନଙ୍କ ପାଇଁ କିଛି ଅତ୍ୟାଧୁନିକ ସୁବିଧା ରହିବ। ଏହି ପ୍ରକଳ୍ପ ଓଡ଼ିଶାର ବିମାନ ଚଳାଚଳ ଭିତ୍ତିଭୂମିକୁ ପରିବର୍ତ୍ତନ କରିବ। ବୋଲି ଆଶା କରାଯାଉଛି, ଯାହା ଏହାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଓ ବର୍ଦ୍ଧିତ ଆର୍ଥିକ ଗୁରୁତ୍ୱ ପାଇଁ ଜଣାଶୁଣା। ସୂତ୍ର ଅନୁସାରେ, ଏହି ସମ୍ପ୍ରସାରଣ ପାଇଁ ଆନୁମାନିକ ନିବେଶ ୧ ହଜାର କୋଟି ଟଙ୍କାରୁ ଅଧିକ ହେବ। ପାଣ୍ଠିର ଏହି ଯଥେଷ୍ଟ ଆବଣ୍ଟନ ବିମାନ ସଂଯୋଗୀକରଣକୁ ଉନ୍ନତ କରିବା ଏବଂ ଆଞ୍ଚଳିକ ବିକାଶକୁ ପ୍ରୋତ୍ସାହିତ କରିବା ଉପରେ ଗୁରୁତ୍ୱକୁ ସ୍ପଷ୍ଟ କରେ। କେନ୍ଦ୍ରୀୟ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ପୂର୍ବରୁ ଏହି ଗୁରୁତ୍ୱପୂର୍ଣ୍ଣ ଉନ୍ନତିକରଣର ବିବରଣୀ ପ୍ରଦାନ କରିଥିଲେ। ସମ୍ପୂର୍ଣ୍ଣ ହେବା ପରେ, ଭୁବନେଶ୍ୱର ଅନ୍ତର୍ଜାତୀୟ ବିମାନବନ୍ଦର ଘରୋଇ ଓ ଅନ୍ତର୍ଜାତୀୟ ଯାତ୍ରୀମାନଙ୍କୁ ଉନ୍ନତ ସୁବିଧା ପ୍ରଦାନ କରିବ। ଏହି ନିବେଶ ପୂର୍ବ ଭାରତରେ ଯାତ୍ରା ଓ ବ୍ୟବସାୟ ପାଇଁ ଏକ ପ୍ରମୁଖ କେନ୍ଦ୍ର ହେବାର ଓଡ଼ିଶାର ଆକାଂକ୍ଷାକୁ ସମର୍ଥନ କରିବ ବୋଲି ଆଶା କରାଯାଉଛି। ପୂର୍ବରୁ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କହିଥିଲେ ଯେ ଭୁବନେଶ୍ୱର ବିମାନବନ୍ଦରର ଟର୍ମିନାଲ ୧ର କ୍ଷମତା ପ୍ରତିବର୍ଷ ପ୍ରାୟ ୪୦ ଲକ୍ଷ ଯାତ୍ରୀଙ୍କୁ ପରିଚାଳନା କରିବାର ଓ ପୂର୍ବରୁ ପ୍ରାୟ ୫୦ ଲକ୍ଷ ଯାତ୍ରୀ ଏହାକୁ ବ୍ୟବହାର କରୁଛନ୍ତି। ପ୍ରତିବର୍ଷ ଏହାର କ୍ଷମତା ୮୦ ଲକ୍ଷ ଯାତ୍ରୀଙ୍କୁ ବୃଦ୍ଧି କରିବାର ଆବଶ୍ୟକତା ରହିଛି।

# ବିହନ ନିଗମର ବାପଛେଉଣ୍ଡ ଅବସ୍ଥା

**ଭୁବନେଶ୍ୱର,୨୦।୨:** ରାଜ୍ୟରେ ଏବେ ଧାନ ବିହନ ସଂଗ୍ରହ ଋତୁ ଚାଲିଥିବାବେଳେ ଓଡ଼ିଶା ରାଜ୍ୟ ବିହନ ନିଗମର ଏବେ ଏକ ପ୍ରକାର ବାପଛେଉଣ୍ଡ ଅବସ୍ଥା । ଚାରିମାସ ହେଲା ପରିଚାଳନା ନିର୍ଦ୍ଦେଶକ ନାହାନ୍ତି କି ଯେଉଁ ନିର୍ଦ୍ଦେଶକଙ୍କୁ ଏଠାକୁ ବଦଳି ହୋଇଛି ସେ କାର୍ଯ୍ୟରେ ଯୋଗ ଦେଉନାହାନ୍ତି।

ଓଡ଼ିଶା ରାଜ୍ୟ ବିହନ ନିଗମର ପରିଚାଳନା ନିର୍ଦ୍ଦେଶକଙ୍କୁ ଗତ ପ୍ରବାସୀ ଭାରତୀୟ ସମ୍ମିଳନୀବେଳେ ରାଜ୍ୟ ସରକାର ଏଠାରୁ ଗୃହ ବିଭାଗକୁ ବଦଳିକରି ନେଇଥିଲେ। ଜଣେ ଦକ୍ଷ ଅଧିକାରୀ ଭାବେ ଖ୍ୟାତି ଥିବାରୁ ତାଙ୍କୁ ପ୍ରବାସୀ ଭାରତୀୟ ସମ୍ମିଳନୀ ଦାୟିତ୍ୱ ଦେଇଥିଲେ। ତାଙ୍କ ସ୍ଥାନକୁ ଆଉଜଣେ ଅଧିକାରୀଙ୍କର ବଦଳି ହୋଇଥିଲା । ହେଲେ ନୂତନ ନିର୍ଦ୍ଦେଶକ ବିହନ ନିଗମକୁ ଆସିଲେ ନାହିଁ।

ଏଣେ ବଦଳି ହୋଇଥିବାରୁ ପ୍ରବାସୀ ଭାରତୀୟ ସମ୍ମିଳନୀ ସରିବାପରେ ବି ପୁରୁଣା ନିର୍ଦ୍ଦେଶକ ଏଠାକୁ ଆସିଲେ ନାହିଁ। ତେବେ ନୂଆ ନିର୍ଦ୍ଦେଶକ ନଆସିବା ପର୍ଯ୍ୟନ୍ତ ସିଏ ଏଠାରୁ ଦାୟିତ୍ୱ ହସ୍ତାନ୍ତର କରିନାହାନ୍ତି । ତେଣୁ ଯେତେବେଳେ ଟିକିଏ ସମୟ ମିଳୁଛି ଆସି ନିଗମରେ ମୁଣ୍ଡମାରି ଯାଉଛନ୍ତି। ଚାଷ ଓ ଚାଷୀଙ୍କ ପାଇଁ ଗଢାଯାଇଥିବା ବିହନ ନିଗମରେ ଚାରିମାସ ହେଲା ଏଭଳି ଅବସ୍ଥା ଚାଲିଥିଲେ ବି ଏଥିପ୍ରତି କାହାର ନଜର ନାହିଁ । ପାଖାପାଖି ୫୦୦ ଟଙ୍କାର ବ୍ୟବସାୟ କରୁଥିବା ଏବଂ ସରକାରଙ୍କୁ ଲାଭାଂଶ ପ୍ରଦାନ କରୁଥିବା ଏହି ସରକାରୀ ନିଗମରେ ଏଭଳି ସ୍ଥିତି ଜାରି ରହିଥିବାବେଳେ ନିଗମକୁ ଧାନ ବିହନ ଯୋଗାଉଥିବା ଏବେ ଅଳନରେ ପଡିଯାଇଛି। ରାଜ୍ୟ ସରକାର ଚଳିତବର୍ଷ ଧାନ କୁଇଣ୍ଟାଲ ଉପରେ ଦେଉଥିବା ୮୦୦ ଟଙ୍କା ଇନ୍‌ପୁଟ୍ ବିହନ ଚାଷୀମାନେ ପାଇବେ ନାହିଁ ସେଥିନେଇ ନିଷ୍ପତ୍ତି ହୋଇପାରୁନାହିଁ । ଏଥିଯୋଗୁଁ ବିହନ ଚାଷୀମାନେ ଦ୍ୱନ୍ଦରେ ରହିଛନ୍ତି। ସ୍ଥାୟୀ ପରିଚାଳନା ନିର୍ଦ୍ଦେଶକ ନଥିବାରୁ ଏ ସଂକ୍ରାନ୍ତରେ ନିଷ୍ପତ୍ତି ଗ୍ରହଣ କରାଯାଇ ପାରୁନାହିଁ। ଉଲ୍ଲେଖନୀୟ ଯେ ରାଜ୍ୟରେ ସାଧାରଣ ଧାନକୁ କୁଇଣ୍ଟାଲ ପ୍ରତି ଚାଷୀମାନେ ୨୩୦୦ ଟଙ୍କାରେ ବିକ୍ରି କରୁଥିବାବେଳେ ବିହନଧାନକୁ ଚାଷୀମାନେ କୁଇଣ୍ଟାଲ ପ୍ରତି ୨୯୧୦ ଟଙ୍କାର ଦରରେ ବିକ୍ରି କରିଥାନ୍ତି। କାରଣ ବିହନ ଚାଷପାଇଁ ସେମାନଙ୍କୁ ଅଧିକ ଖର୍ଚ୍ଚ କରିବାକୁ ପଡିଥାଏ। ତେବେ ବର୍ତ୍ତମାନ ମଣ୍ଡିରେ ଧାନ କୁଇଣ୍ଟାଲ ଇନ୍‌ପୁଟ୍ ସବସିଡ଼ି ସହିତ ୩୧୦୦ ଟଙ୍କା ହୋଇଥିବାରୁ ବିହନ ଚାଷୀମାନେ ବିହନକୁ ନିଗମ ହାତରେ ଦେବେ କି ମଣ୍ଡିରେ ଦେବେ, ସେଥିନେଇ ଦ୍ୱନ୍ଦରେ ଅଛନ୍ତି। ତେବେ ମିଳିଥିବା ସୂଚନାନୁଯାୟୀ, ବିହନ ଧାନ ଉପରେ ୮୦୦ ଟଙ୍କାର ଇନ୍‌ପୁଟ୍ ପ୍ରଦାନ କରାନଗଲେ ବିହନ ଚାଷୀମାନେ ମଣ୍ଡିମୁହାଁ ହେବା ଏକପ୍ରକାର ନିଶ୍ଚିତ।

ଏପରି ହେଲେ ବିହନ ନିଗମର କେବଳ ବ୍ୟବସାୟ ହ୍ରାସ ପାଇବ ନାହିଁ, ରାଜ୍ୟର ଚାଷୀମାନଙ୍କୁ ଉନ୍ନତ ମାନର ଧାନ ବିହନ ଯୋଗାଇବା ବି କଷ୍ଟସାଧ୍ୟ ହୋଇପଡିବ। ଏଥିଯୋଗୁଁ ଆଗାମୀ ଖରିଫ ଋତୁରେ ଧାନ ଉତ୍ପାଦନ ପ୍ରଭାବିତ ହେବାର ଆଶଙ୍କା ଥିବା ଚାଷୀମାନେ ମତ ଦେଉଛନ୍ତି। ତେଣୁ ରାଜ୍ୟ ସରକାର ତୁରନ୍ତ ବିହନ ନିଗମରେ ଜଣେ ସ୍ଥାୟୀ ପରିଚାଳନା ନିର୍ଦ୍ଦେଶକ ନିଯୁକ୍ତି ପାଇଁ ମତ ପ୍ରକାଶ ପାଉଛି। (ତଥ୍ୟ)

# ଏସସିବିରେ ଶିଶୁ ଅଦଳବଦଳ ଅଭିଯୋଗ

### ଶିଶୁ ରୋଗ ବିଭାଗ ମୁଖ୍ୟଙ୍କୁ ରିପୋର୍ଟ ମାଗିଲେ ଅଧ୍ୟକ୍ଷ




**କଟକ,୨୦।୨(ସଂଚାର ବ୍ୟୁରୋ):** କଟକ ଏସସିବି ଶିଶୁ ଅଦଳବଦଳ ଅଭିଯୋଗ । ଏସ୍ଏନ୍ ସିୟୁରେ ଚିକିତ୍ସାଧୀନ ବେଳେ ବଦଳ ହୋଇଥିବା ଅଭିଯୋଗ ହୋଇଛି । ନବଜାତ କନ୍ୟାକୁ ବଦଳ କରି କର୍ମଚାରୀମାନେ ଏକ ମୃତ ଶିଶୁ ଧରାଇ ଦେଇଥିବା ଅଭିଯୋଗ କରିଛନ୍ତି ସମ୍ପର୍କୀୟ । ଏହି ଘଟଣାରେ ପ୍ରସୂତିଙ୍କ ପରିବାର ଲୋକେ ଏସ୍ ସିବି ଅଧ୍ୟକ୍ଷଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ମେଡିକାଲ କଲେଜ ଅଧ୍ୟକ୍ଷ ପ୍ରଫେସର ଡାକ୍ତର ଲୁସି ଦାସ ସ୍ତ୍ରୀ ରୋଗ ଓ ପ୍ରସୂତି ବିଭାଗ ଏବଂ ଶିଶୁ ରୋଗ ବିଭାଗ ମୁଖ୍ୟଙ୍କୁ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୋଗ ଅନୁସାରେ ପୁରୀ ଜିଲ୍ଲା କୁମ୍ଭାରପଡ଼ା ଥାନା ତଳଚୁଆ ସାହିର ଚନ୍ଦ୍ରମା ବେହେରା ଗତ ୧୧ ତାରିଖରେ ଏକ କନ୍ୟା ସନ୍ତାନ ଜନ୍ମ ଦେଇଥିଲେ। ଜନ୍ମ ପରେ ଅସୁସ୍ଥ ନବଜାତ ଶିଶୁକୁ ଏସ୍ଏନ୍ ସିୟୁକୁ ନିଆଯାଇଥିଲା। ମାତ୍ର ୨୪ ଘଣ୍ଟା ପରେ ଶିଶୁଟିର ମୃତ୍ୟୁ ହୋଇଥିବା କର୍ମଚାରୀ କହିଥିବା ରତନା ଅଭିଯୋଗ କରିଛନ୍ତି। ଏପରିକି ପିଲାଟି ଆମର ନୁହେଁ ବୋଲି କହିବାରୁ ପୋଲିସର ଧମକ ଦେଇଥିଲେ। ଏହା ପରେ ପରିବାର ଲୋକ ମୃତ ଶିଶୁକୁ ପୋତି ଦେଇଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ଶିଶୁଟିର ମୃତ ଦେହ ସେଠାରେ ନଥିବା ଅଭିଯୋଗ କରିଥିଲେ ପରିବାର ଲୋକ। ସେପଟେ ଏସ୍ ସିବି ଅଧ୍ୟକ୍ଷ କ୍ୟାମେରା ସମ୍ମୁଖରେ କିଛି ପ୍ରତିକ୍ରିୟା ଦେଇନଥିଲେ ମଧ୍ୟ ଅଭିଯୋଗକୁ ଭିତ୍ତିହୀନ ବୋଲି କହିଛନ୍ତି। ତଥାପି ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିବା କହିଛନ୍ତି ଅଧ୍ୟକ୍ଷ ପ୍ରଫେସର ଦାସ କହିଛନ୍ତି ।

# ସର୍ଖେଲଙ୍କ ନାଁରେ ଏତଲା

**ପାରାଦ୍ୱୀପ,୨୦।୨(ସଂଚାର ବ୍ୟୁରୋ):** ବିଜେଡି ନେତା ବାପି ସର୍ଖେଲଙ୍କ ନାଁରେ ଏତଲା । ଶତାଧିକ ଡିଏଲଆର ଶ୍ରମିକମାନଙ୍କୁ ସାଥିରେ ନେଇ ପାରାଦୀପ ଆଦର୍ଶ ଥାନା ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଛନ୍ତି ଶ୍ରମିକ ନେତା ପ୍ରକାଶ ତ୍ରିପାଠୀ। ଡିଏଲଆର ଆଣ୍ଡ କଣ୍ଟ୍ରାକ୍ଟ ଓ୍ୱାର୍କମେନ ସଂଘ ଅଫିସ ଚାବି ସହ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଫେରସ୍ତ ନେଇ ବାପି ସାର୍ଖେଲ ଓ ସମିର ବିଶ୍ୱାଳଙ୍କ ନାଁରେ ଏତଲା ଦିଆଯାଇଛି । ପାରାଦୀପ ବନ୍ଦରରେ କାର୍ଯ୍ୟରତ ଡିଏଲଆର ଶ୍ରମିକଙ୍କ ନ୍ୟାର୍ଯ୍ୟଦାବୀ ଓ ମୌଳିକ ସମସ୍ୟାର ସମାଧାନ ପାଇଁ ତତ୍କାଳୀନ ବନ୍ଦର ସେକ୍ରେଟାରୀଙ୍କ ନେତୃତ୍ୱରେ ୨୦୧୨ରେ ପାରାଦୀପ ପୋର୍ଟ ଡିଏଲଆର ଆଣ୍ଡ କଣ୍ଟ୍ରାକ୍ଟ ଓ୍ୱାର୍କମେନ ଆସୋସିଏସନ ଗଠନ ହୋଇଥିଲା। ୨୦୧୩ରେ ଶ୍ରମିକ ନେତା ବାପି ସାର୍ଖେଲ ସଂଘ ସଭାପତି ଭାବେ ନିର୍ବାଚିତ ହୋଇଥିଲେ । କିନ୍ତୁ ପରବର୍ତ୍ତୀ ସମୟରେ ଶ୍ରମିକଙ୍କ ସମସ୍ୟା ସମାଧାନ ନହେବାରୁ ଗତ ସେପ୍ଟେମ୍ବରରେ ପ୍ରକାଶ ତ୍ରିପାଠୀଙ୍କୁ ନୂଆ ସଭାପତି ଭାବେ ନିର୍ବାଚିତ କରାଯାଇଥିଲା।

### ଏସ୍‌ଡିଜି ଲକ୍ଷ୍ୟ ହାସଲ ଅଗ୍ରଗତି ସମ୍ପର୍କିତ ଜାତୀୟ କର୍ମଶାଳା

# ଜ୍ଞାନ ଆଦାନପ୍ରଦାନକୁ ପ୍ରୋତ୍ସାହନ ପାଇଁ ଆହ୍ୱାନ

**ଭୁବନେଶ୍ୱର,୨୦।୨(ସଂଚାର ବ୍ୟୁରୋ):** ମିଳିତ ଜାତିସଂଘର ନିରନ୍ତର ବିକାଶ ଲକ୍ଷ୍ୟ (ଏସଡିଜି) ହାସଲ ସମ୍ପର୍କିତ ଦ୍ରୁତ ସୂଚନା ପ୍ରାପ୍ତି, ଅନୁଧ୍ୟାନ (ଟ୍ରାକିଂ) ଓ ବିବରଣୀ ପ୍ରଦାନ ( ରିପୋର୍ଟିଂ) ଉପରେ ଏକ ଜାତୀୟ କର୍ମଶାଳା ଆଜି ସ୍ଥାନୀୟ ମେ’ ଫେୟାର କନଭେନସନ ହଲ୍‌ଠାରେ ଅନୁଷ୍ଠିତ ହୋଇଛି। ରାଜ୍ୟ ସହାୟତା ମିଶନ ଓ ୟୁଏନଡିପି ଅଧୀନରେ ନୀତି ଆୟୋଗ ସହଯୋଗରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏହି କର୍ମଶାଳା ଆୟୋଜିତ ହୋଇଥିବା ବେଳେ ସମନ୍ୱିତ ଯୋଜନା, ଅର୍ଥ ଯୋଗାଣ ଏବଂ ତଦାରଖ ପଦ୍ଧତି ମାଧ୍ୟମରେ ନିରନ୍ତର ବିକାଶ ଲକ୍ଷ୍ୟ କାର୍ଯ୍ୟକାରିତାକୁ ତ୍ୱରାନ୍ୱିତ କରିବା ପାଇଁ ରଣନୀତି ଆପଣାଇବା ସମ୍ପର୍କରେ ପାରସ୍ପରିକ ଜ୍ଞାନ ଆହରଣ ଏବଂ ଆଲୋଚନା ପାଇଁ ଦେଶର ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ପ୍ରମୁଖ ନୀତି ନିର୍ଦ୍ଧାରକ, ବରିଷ୍ଠ ସରକାରୀ ଅଧିକାରୀ ଏବଂ ବିଶେଷଜ୍ଞମାନେ ଏଥିରେ ଅଂଶଗ୍ରହଣ କରିଥିଲେ।

କର୍ମଶାଳାରେ ନୀତି ଆୟୋଗ ଉପାଧ୍ୟକ୍ଷ ସୁମନ ବେରୀ ଯୋଗଦେଇ ବିକାଶ ବ୍ୟବଧାନକୁ ଦୂର କରିବା, ପ୍ରଶାସନିକ ଢାଞ୍ଚାରେ ଉନ୍ନତି ଆଣିବା ଓ ନିରନ୍ତର ଅର୍ଥ ଯୋଗାଣ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଏକ ପ୍ରମାଣଭିତ୍ତିକ ଓ ବହୁ-ଅଂଶୀଦାର ଆଭିମୁଖ୍ୟ ଜରୁରୀ ବୋଲି କହିଛନ୍ତି। ସେହିପରି ଆୟୋଗର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବି.ଭି. ଆର ସୁବ୍ରମଣ୍ୟମ ଦାରିଦ୍ର୍ୟ ଦୂରୀକରଣ ପଦକ୍ଷେପଠାରୁ ଆରମ୍ଭ କରି ପ୍ରଭାବଶାଳୀ ସ୍ଥାନୀୟ ପ୍ରୟାସ ସମ୍ପର୍କରେ ଆଲୋଚନା କରିଥିଲେ। ଏସଡିଜି କାର୍ଯ୍ୟକାରୀ କରିବାରେ ଭାରତର ଉଲ୍ଲେଖନୀୟ ସଫଳତା ଉପରେ ଆଲୋଚନା କରିବା ସହ ଅଧିକ ସାମୂହିକ ପ୍ରଭାବ ପାଇଁ ଜ୍ଞାନ ଆଦାନପ୍ରଦାନକୁ ପ୍ରୋତ୍ସାହିତ ସକାଶେ ସେ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ନିବେଦନ କରିଛନ୍ତି।

ସେହିପରି ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଉଦଘାଟନୀ ଅଭିଭାଷଣ ଦେଇ ରାଜ୍ୟର ପ୍ରମୁଖ ଏସଡିଜି ସଫଳତା ସମ୍ପର୍କରେ ବିବରଣୀ ପ୍ରଦାନ କରି ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଓ ୨୦୪୭ ସୁଦ୍ଧା ବିକଶିତ ଭାରତର ଲକ୍ଷ୍ୟ ହାସଲରେ ଏସଡିଜିର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଛନ୍ତି। ବିଭିନ୍ନ ଅଞ୍ଚଳରେ ନିର୍ଦ୍ଦିଷ୍ଟ ଲକ୍ଷ୍ୟଭିତ୍ତିକ ନିରନ୍ତର ବିକାଶରେ ତଥ୍ୟ (ଡାଟା)ର ଭୂମିକା ଓ ଶାସନ ପ୍ରକ୍ରିୟାରେ ବିକେନ୍ଦ୍ରୀକରଣର ଗୁରୁତ୍ୱ ରହିଥିବା ଶ୍ରୀ ଆହୁଜା ମତ ବ୍ୟକ୍ତ କରିଛନ୍ତି। ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ରାଜ୍ୟ ସରକାରଙ୍କ ଦ୍ୱାରା ଏସଡିଜି କାର୍ଯ୍ୟକାରିତା ଓ ତଦାରଖ ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଉଲ୍ଲେଖ କରିଥିଲେ।

ଏହାଛଡ଼ା ନୀତି ଆୟୋଗର ବରିଷ୍ଠ ପରାମର୍ଶଦାତା (ଏସଡିଜି) ରାଜୀବ କୁମାର ସେନ ସ୍ୱାଗତ ଭାଷଣ ପ୍ରଦାନ କରି କର୍ମଶାଳାରେ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଜିଆଇଜେଡ୍, ଇଣ୍ଡିଆର କଣ୍ଟ୍ରି ଡାଇରେକ୍ଟର ଡ. ଉଲରିକେ ରେଭିୟର ଏସଡିଜିକୁ ତ୍ୱରାନ୍ୱିତ କରିବାରେ ବିଭିନ୍ନ ରାଜ୍ୟ ସମ୍ମୁଖୀନ ହେଉଥିବା ଆହ୍ୱାନ ଓ ଏହାକୁ ହାସଲ କରିବାର ସୁଯୋଗ ଉପରେ ବକ୍ତବ୍ୟ ରଖିଥିଲେ। ୟୁଏନଡିପି, ଭାରତର ଆବାସିକ ପ୍ରତିନିଧି ଆଞ୍ଜେଲା ଲୁସିଗି ବକ୍ତବ୍ୟ ରଖି ଆନୁଷ୍ଠାନିକ ଢାଞ୍ଚାର ବିକାଶ, ନିରନ୍ତର ବିକାଶ ଲକ୍ଷ୍ୟ ହାସଲକୁ ତ୍ୱରାନ୍ୱିତ କରିବା ପାଇଁ ତଦାରଖ ଓ ପରିଚାଳନା ଢାଞ୍ଚାରେ ଅଧିକ ବିକଶିତ କରିବାର ଆବଶ୍ୟକତା ରହିଥିବା ବିଷୟରେ କହିଥିଲେ। ନିରନ୍ତର ବିକାଶ ଲକ୍ଷ୍ୟ କାର୍ଯ୍ୟସୂଚୀ ଓ ୨୦୩୦ ସୁଦ୍ଧା ଦେଶରେ ଏହାର ସଫଳତାକୁ ଆଗେଇ ନେବାରେ ପ୍ରମାଣଭିତ୍ତିକ ନୀତି ନିର୍ଦ୍ଧାରଣ ଏବଂ ରାଜ୍ୟମାନଙ୍କର ସହଯୋଗୀ ପ୍ରୟାସ ପ୍ରତି କେନ୍ଦ୍ର ସରକାରଙ୍କ ଅଙ୍ଗୀକାରବଦ୍ଧତାକୁ ଫଳପ୍ରସୂ କରିବା ସମ୍ପର୍କରେ ଆଲୋଚନା ସହ ଏହି କର୍ମଶାଳା ଉଦ୍‌ଯାପିତ ହୋଇଥିଲା।



## ବିଧାନସଭା ଖବର

### ବିପଦରେ ହୀରାକୁଦ

**ଭୁବନେଶ୍ୱର,୨୦।୨(ସଂଚାର ବ୍ୟୁରୋ):** ରାଜ୍ୟର ଜଳ ସମସ୍ୟା ନେଇ ଗୃହରେ ଚିନ୍ତା ପ୍ରକଟ କରିଛନ୍ତି ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ। ସେ କହିଛନ୍ତି ଯେ ମହାନଦୀ ଉପର ମୁଣ୍ଡରେ ଛତିଶଗଡ଼ ବନ୍ଧ ବାନ୍ଧିଲା, ଯାହା ପାଇଁ ରାଜ୍ୟରେ ଜଳ ସମସ୍ୟା ଉପୁଜିଛି। ବିଶେଷକରି ଛତିଶଗଡ଼ ସରକାରଙ୍କ ଏପରି ପଦକ୍ଷେପ ଯୋଗୁଁ ହୀରାକୁଦ ଜଳଭଣ୍ଡାର ବିପଦରେ ପଡ଼ିଯାଇଛି। ଏପରି ସ୍ଥିତିରେ ହୀରାକୁଦ ତଳ ଅଞ୍ଚଳରେ ଇନଷ୍ଟୋରେଜର ଆବଶ୍ୟକ ରହିଛି। ପୂର୍ବ ସରକାର ସେ ଦିଗରେ ଚିନ୍ତା କରି ଅନେକ ପଦକ୍ଷେପ ହାତକୁ ନେଇଥିଲେ। ଦୁଇଟି ପ୍ରୋଜେକ୍ଟ ପାଇଁ ଟେଣ୍ଡର ବି ହୋଇଥିଲା। କିନ୍ତୁ ନୂଆ ସରକାର ତାହାକୁ ବାତିଲ କରିଥିବା କୁହାଯାଉଛି। ତେଣୁ ଏ ଦିଗରେ ସରକାର ତାଙ୍କର ସ୍ପଷ୍ଟ ଉତ୍ତର ରଖିବା ଦରକାର। ମହାନଦୀରେ ବନ୍ଧ ବାନ୍ଧିବା ଦିଗରେ ସରକାର କ’ଣ ପଦକ୍ଷେପ ନେଇଛନ୍ତି ବୋଲି ଶ୍ରୀ ଆଚାର୍ଯ୍ୟ ସ୍ପଷ୍ଟୀକରଣ ଚାହିଁବା ସହ ପ୍ରତି ବନ୍ଧ ପାଇଁ ୧ ହଜାର କୋଟି ଟଙ୍କାର ଆବଶ୍ୟକତା ରହିଛି ବୋଲି କହିଛନ୍ତି। ବିଧାନସଭାରେ ମୁଖ୍ୟମନ୍ତ୍ରୀଙ୍କ ଅନୁପସ୍ଥିତିରେ ସଂସଦୀୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଏହି ପ୍ରଶ୍ନର ଉତ୍ତର ଦେବାକୁ ଯାଇ ବିଜେଡିକୁ କାଠଗଡ଼ାକୁ ଟାଣିଛନ୍ତି। ସେ କହିଛନ୍ତି ଯେ ଗତ ସରକାର ଅମଳରେ ହିଁ ଛତିଶଗଡ଼ ସରକାର ହୀରାକୁଦ ଜଳଭଣ୍ଡାର ଉପରେ ବନ୍ଧ ବାନ୍ଧିଲା। ମୁଁ ୨୪ ବର୍ଷର କଥା କହିବାକୁ ଚାହୁଁନି, କିନ୍ତୁ ତାଙ୍କ ସରକାର ମହାନଦୀ ତଳ ଅଞ୍ଚଳରେ କେତେ ବନ୍ଧ ବାନ୍ଧିଛନ୍ତି ସେ ଜାଣିଥିବେ। ତାଙ୍କ ପାଖରେ ସେ ତଥ୍ୟ ଥିବ। କିନ୍ତୁ ଆମ ୮ ମାସର ସରକାର ଏ ଦିଗରେ ସମ୍ପୂର୍ଣ୍ଣ ଦାୟିତ୍ୱବୋଧ ସହ କାର୍ଯ୍ୟ କରିଛନ୍ତି। ୩୧ଟି ବୃହତ୍ , ୨୭ଟି ବ୍ୟାରେଜ୍, ୭୨ଟି ନଦୀଗର୍ଭ ଜଳାଶୟ ଓ ୭୯ଟି କ୍ଷୁଦ୍ର ଜଳ ଭଣ୍ଡାର ବାନ୍ଧିବା ନେଇ ସରକାର ଲକ୍ଷ୍ୟ ରଖିଛନ୍ତି। ସେଥିପାଇଁ ୫୧ ହଜାର କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଜଳ ବିଭାଗ ସେଥିପାଇଁ ରୋଡମ୍ୟାପ ପ୍ରସ୍ତୁତ କରୁଛି ବୋଲି ଡ. ମହାଲିଙ୍ଗ କହିଛନ୍ତି।

### ସୈନିକ ସ୍କୁଲ୍‌କୁ ଉଠାଇଦେବାକୁ ପ୍ରୟାସ ହେଉଛି

ଭୁବନେଶ୍ୱରରେ ଗତ ୧୯୬୨ରେ ସୈନିକ ସ୍କୁଲ ସ୍ଥାପନ କରଯାଇଥିଲା। ସେଠାରୁ ଜେନେରାଲ୍ ର୍‍ୟାଙ୍କ୍‌ର ୧୦ ଜଣ ବାହାରିଛନ୍ତି। କିନ୍ତୁ କେତେକ ବିଲ୍ଡରଙ୍କ ସ୍ୱାର୍ଥରକ୍ଷା ପାଇଁ ସୈନିକ ସ୍କୁଲକୁ ଉଠାଇ ଦେବା ସକାଶେ ପ୍ରୟାସ ହେଉଛି। ଡମ୍ପିଂ ୟାର୍ଡ ଆଳରେ ଏହାକୁ ଘୁଞ୍ଚାଇବାକୁ ଉଦ୍ୟମ ହେଉଛି। ଦିବଂଗତ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଏହାକୁ ପ୍ରତିଷ୍ଠା କରିଥିଲେ। ଏବେ ମୁଖ୍ୟ ଶାସନ ସଚିବ ପ୍ରତିରକ୍ଷା ବିଭାଗକୁ ସ୍ଥାନାନ୍ତର ନେଇ ଚିଠି ଲେଖିଛନ୍ତି। ବିଲ୍ଡରଙ୍କ କଥାରେ ସୈନିକ ସ୍କୁଲକୁ ଶ୍ରୀହୀନ କରିଦେବା ସକାଶେ ପ୍ରୟାସ ହେଉଥିବା ବେଳେ ଏହାକୁ ବନ୍ଦ କରିବା ଦିଗରେ ପଦକ୍ଷେପ ନେବା ସକାଶେ ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। ଶୂନ୍ୟକାଳରେ ବିଧାୟକ ଶ୍ରୀ ସ୍ୱାଇଁ କହିଛନ୍ତି ଯେ ଦେଶର ଅନ୍ୟ ରାଜ୍ୟରେ ସୈନିକ ସ୍କୁଲ ପୂର୍ବଭଳି ରହିଥିଲେ ହେଁ ଭୁବନେଶ୍ୱରରେ ଏହି ସ୍କୁଲକୁ ଉଠାଇବାକୁ ହେଉଥିବା ପ୍ରୟାସ ଆଦୌ ଗ୍ରହଣୀୟ ନୁହେଁ। ତେଣୁ ଏହା ଉପରେ ମୁଖ୍ୟମନ୍ତ୍ରୀ ସ୍ପଷ୍ଟୀକରଣ ରଖିବା ସକାଶେ ବିଧାୟକ ଦାବି ରଖିଛନ୍ତି।

### ରାଜ୍ୟରେ ଚାଲୁଛି ୯୦ ଲକ୍ଷରୁ ଅଧିକ ମୋଟରଯାନ

ଅଦ୍ୟାବଧି ରାଜ୍ୟରେ ବିଭିନ୍ନ କିସମର ମୋଟ ୯୦ ଲକ୍ଷରୁ ଅଧିକ ଯାନ ପଞ୍ଜିକୃତ ହୋଇ ଚଳାଚଳ କରୁଛି। ଗତ ୫ବର୍ଷ ମଧ୍ୟରେ ମୋଟ୍ ୯୬୮ କୋଟି ୪ ଲକ୍ଷ ଟଙ୍କାର ପରିବହନ ଟିକସ ଆଦାୟ ହୋଇଛି। ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ରାଜ୍ୟ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା। ଶ୍ରୀ ଜେନା କହିଛନ୍ତି ଯେ ରାଜ୍ୟରେ ଏବେ ମୋଟ୍ ୯୦,୨୬,୫୬୯ଟି ଯାନ ପଞ୍ଜିକରଣ ହୋଇ ଚଳାଚଳ କରୁଛି। ସେହିଭଳି ରାଜ୍ୟରେ ଅଦ୍ୟାବଧି ମୋଟ୍ ୨୩,୨୯୬ଟି ଯାନ ବିଏଚ୍‌ରେ ପଞ୍ଜିକୃତ ହୋଇଥିବା ବେଳେ ଉକ୍ତ ଯାନଗୁଡ଼ିକ ପଞ୍ଜିକୃତ ସମୟରେ ୨ ବର୍ଷ ପାଇଁ ଟିକସ ପ୍ରଦାନ କରିବାର ନିୟମ ରହିଛି। ପରବର୍ତ୍ତୀ ସମୟରେ ପ୍ରତି ଦୁଇ ବର୍ଷ ବ୍ୟବଧାନରେ ଟିକସ ଆଦାୟ କରାଯାଇଆସୁଛି। ଓଡ଼ିଶା ମୋଟରଯାନ ଟିକସ ଆଇନ୍ ୧୭ ଅନୁଯାୟୀ ଟିକସ ଖିଲାପ ଗାଡ଼ିଗୁଡ଼ିକୁ ଜବତ କରିବାର ବ୍ୟବସ୍ଥା ରହିଛି। ଟିକସ ଖିଲାପକାରୀ ଯାନଗୁଡ଼ିକଠାରୁ ଦୈନିକ ୧୦୦ ଟଙ୍କା ହିସାବରେ ଜୋରିମାନା ମଧ୍ୟ ଆଦାୟ କରାଯିବାର ନିୟମ ରହିଛି ବୋଲି ମନ୍ତ୍ରୀ କହିଛନ୍ତି।

### ନିର୍ମାଣାଧୀନ ଅବସ୍ଥାରେ ୧୦୦ ଚାର୍ଜିଂ ଷ୍ଟେସନ

ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୧,୫୭,୦୮୧ ଟି ବୈଦ୍ୟୁତିକ ଯାନ ଚଳାଚଳ କରୁଛି । ରାଜ୍ୟ ସରକାରଙ୍କ ଦ୍ୱାରା ରାଜଧାନୀ ସମେତ ଅନ୍ୟାନ୍ୟ ସହରରେ ୧୦୦ଟି ଚାର୍ଜିଂ ଷ୍ଟେସନ ବସାଇବା ପାଇଁ ସରକାର ଅନୁମତି ପ୍ରଦାନ କରିଛନ୍ତି। ଇଭି ଯାନ ଓ ଚାର୍ଜିଂ ଷ୍ଟେସନ ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା । ମନ୍ତ୍ରୀ ଦର୍ଶାଇଛନ୍ତି ଯେ ଚାର୍ଜିଂ ଷ୍ଟେସନ ବସାଇବାପାଇଁ ଟେଣ୍ଡର ପ୍ରକ୍ରିୟା ଦ୍ୱାରା ମନୋନୀତ ଜୀଭା ଇଣ୍ଟରନେସନାଲ ପ୍ରାଇଭେଟ ଲିମିଟେଡ ସଂସ୍ଥାକୁ ପ୍ରଥମ ପର୍ଯ୍ୟାୟରେ ୧୦୦ଟି ସ୍ଥାନ ପାଇଁ ଅନୁମତି ଦିଆଯାଇଛି । ଏହି ସ୍ଥାନଗୁଡିକ ମଧ୍ୟରେ ଭୁବନେଶ୍ୱରର ବିଭିନ୍ନ ଅଞ୍ଚଳରେ ୨୧ଟି, ଆଞ୍ଚଳିକ ପରିବହନ କାର୍ଯ୍ୟାଳୟଗୁଡ଼ିକରେ ୩୮ଟି, ଟ୍ରକ ଟର୍ମିନାଲରେ ୨୩ଟି ଓ ଆଉ ୧୮ଟି ସ୍ଥାନକୁ ଚିହ୍ନଟ କରାଯାଇଛି । ଏହିସବୁ ସ୍ଥାନଗୁଡିକରେ ଚାର୍ଜିଂ ଷ୍ଟେସନ ବସାଇବାର କାର୍ଯ୍ୟ ଆରମ୍ଭ ହୋଇଥିବା ମନ୍ତ୍ରୀ ଦର୍ଶାଇଛନ୍ତି।

### ଅତିରିକ୍ତ ଦାୟିତ୍ୱରେ ଚାଲିଛି ୧୦ଟି ଆରଟିଓ

ରାଜ୍ୟରେ ୩୫ଟି ଆଞ୍ଚଳିକ ପରିବହନ ଦପ୍ତର କାର୍ଯ୍ୟ କରୁଥିବାବେଳେ ଏଠାରେ ୨୫ଜଣ ନିୟମିତ ଆରଟିଓ ଅଛନ୍ତି । ୧୦ଟି ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ୧୦ଜଣ ବିଭିନ୍ନ ବର୍ଗର ପଦାଧିକାରୀମାନେ ନିଜର ମୂଳ ପଦବୀ ସହିତ ଅତିରିକ୍ତ ଭାବେ ଆରଟିଓ ଦାୟିତ୍ୱ ନିର୍ବାହ କରୁଛନ୍ତି। ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ରାଜ୍ୟ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତିଭୂଷଣ ଜେନା। ମନ୍ତ୍ରୀ ଦର୍ଶାଇଛନ୍ତି ଯେ ଅତିରିକ୍ତ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କ ଦ୍ୱାରା ପରିଚାଳନା ହେଉଥିବା ଆରଟିଓଗୁଡିକ ହେଲା ଭୁବନେଶ୍ୱର-୧, କଟକ, ମୟୁରଭଞ୍ଜ, କେନ୍ଦୁଝର, ପୁରୀ, ସୁନ୍ଦରଗଡ, ଅନୁଗୁ. ଭଦ୍ରକ, ବୌଦ୍ଧ ଓ ଯାଜପୁର । ଭୁବନେଶ୍ୱର-୧ରେ ଦାୟିତ୍ୱରେ ଯୁଗ୍ମ ପରିବହନ କମିଶନର ଥିବାବେଳେ କଟକ, ମୟୁରଭଞ୍ଜ, ଭଦ୍ରକ, ଯାଜପୁର ଓ କେନ୍ଦୁଝର ଦାୟିତ୍ୱରେ ଉପ ପରିବହନ ଆୟୁକ୍ତ ଥିବାବେଳେ ପୁରୀ ଦାୟିତ୍ୱରେ ମୋଟରଯାନ ନିରୀକ୍ଷକ ଏବଂ ସୁନ୍ଦରଗଡ ଓ ଅନୁଗୁଳ ଦାୟିତ୍ୱରେ ଆଞ୍ଚଳିକ ପରିବହନ ପରିବହନ ଅଧିକାରୀ ରହିଛନ୍ତି। ଖାଲି ପଡିଥିବା ଆରଟିଓ ପଦବୀଗୁଡିକ ପୂରଣ ନିମନ୍ତେ ଓଡିଶା ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗ ତରଫରୁ ଡିପିସି ମାଧ୍ୟମରେ ବିଭିନ୍ନ ପଦବୀରେ କାର୍ଯ୍ୟ କରୁଥିବା ଯୋଗ୍ୟ ବିବେଚିତ କର୍ମଚାରୀଙ୍କ ଚୟନ କରାଯାଇଛି ଏବଂ ଉକ୍ତ ପଦବୀଗୁଡିକ ପୂରଣ ପାଇଁ ପଦକ୍ଷେପ ନିଆଯାଉଛି ।

### ୪ ଲକ୍ଷରୁ ଉର୍ଦ୍ଧ୍ୱ ଚାଷୀଙ୍କୁ ମିଳିଛି ବର୍ଷା କ୍ଷୟକ୍ଷତି ସହାୟତା

ନିକଟରେ ହୋଇଥିବା ଅଦିନିଆ ବର୍ଷାରେ ରାଜ୍ୟର ୧୬ଟି ଜିଲ୍ଲାରେ ଧାନ ଓ ଅନ୍ୟାନ୍ୟ ଫସଲ କ୍ଷତିଗ୍ରସ୍ତ ହୋଇଥିଲା। ଏହିସବୁ ଜିଲ୍ଲାରେ ଅଦ୍ୟାବଧି ୪,୯୧,୧୭୮ ଜଣ ଚାଷୀଙ୍କୁ ସହାୟତା ରାଶି ପ୍ରଦାନ କରାଯାଇଛି। ଚାଷୀଙ୍କ କ୍ଷୟକ୍ଷତି ପ୍ରଦାନ ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ। ମନ୍ତ୍ରୀ ଦର୍ଶାଇଛନ୍ତି ଯେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଏବଂ କୃଷି ଓ କୃଷକ ସଶକ୍ତିକରଣ ବିଭାଗର କ୍ଷେତ୍ର ଅଧିକାରୀମାନଙ୍କ ଦ୍ୱାରା ଯୁଗ୍ମ ଟିମ୍ ଗଠନ କରାଯାଇ କ୍ଷୟକ୍ଷତିର ଆକଳନ କରାଯାଇଥିଲା। ଅଦ୍ୟାବଧି କ୍ଷୟକ୍ଷତି ବାବଦରେ ସହାୟତା ରାଶି ପାଇଥିବା ମୋଟ ୪ ଲକ୍ଷରୁ ଉର୍ଦ୍ଧ୍ୱ ଚାଷୀଙ୍କ ମଧ୍ୟରୁ ଗଞ୍ଜାମ ଜିଲ୍ଲାରେ ସର୍ବାଧିକ ୧,୨୫,୭୨୪ ଜଣ ଥିବାବେଳେ କେନ୍ଦ୍ରାପଡ଼ାରେ ୧,୦୬,୩୧୧ଜଣ, ପୁରୀରେ ୮୫,୯୯୦ ଜଣ, ଜଗତ୍‌ସିଂହପୁରରେ ୫୫,୨୯୧ ଜଣ, କଟକରେ ୩୭,୫୧୩ଜଣ, ନୟାଗଡରେ ୩୬,୧୯୦ଜଣ, ଖୋରଧାରେ ୧୯,୮୨୩ ଜଣ ଓ ଯାଜପୁରରେ ୧୩,୭୯୬ ଜଣ ପାଇଛନ୍ତି । ସବଠାରୁ କମ୍ ନୂଆପଡା ଜିଲ୍ଲାରେ ମାତ୍ର ୨୯ଜଣ ଚାଷୀଙ୍କୁ ଏହି ସହାୟତା ମିଳିଛି। ଏହା ବ୍ୟତିତ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଅଦିନିଆ ବର୍ଷା ଯୋଗୁଁ ହୋଇଥିବା କ୍ଷୟକ୍ଷତିରେ ବର୍ତ୍ତମାନ ସୁଦ୍ଧା ୨,୦୭,୮୮୭ ସଂଖ୍ୟକ ଆବେଦନକାରୀ ଚାଷୀଙ୍କୁ ଫସଲ ବୀମା ଅର୍ଥରାଶି ପ୍ରଦାନ କରାଯାଇଥିବା ମନ୍ତ୍ରୀ ତାଙ୍କ ଉତ୍ତରରେ ଉଲ୍ଲେଖ କରିଛନ୍ତି ।

### କେନାଲ୍ ଶୁଖିଲା, ପିଲା ଖେଳୁଛନ୍ତି କ୍ରିକେଟ

ସୁବର୍ଣ୍ଣ ରେଖା ଜଳ ପ୍ରକଳ୍ପକୁ ନେଇ ବଡ଼ସାହି ବିଜେପି ବିଧାୟକ ସନାତନ ବିଜୁଳି ବିଧାନସଭାରେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ସେ କହିଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ୪ ଥର ଉଦ୍‌ଘାଟନ କରିଥିଲେ ବି ଅଦ୍ୟାବଧି ଚାଷୀଙ୍କୁ ପାଣି ମିଳିପାରିନାହିଁ। ତେଣୁ ଚାଷୀମାନଙ୍କୁ କେବେ ପାଣି ମିଳିବ ବୋଲି ସେ ପ୍ରଶ୍ନ କରିଛନ୍ତି। ତାଙ୍କର ଏହି ପ୍ରଶ୍ନରେ ବାଚସ୍ପତି ସୁରମା ପାଢ଼ୀ ଉଦ୍‌ବେଗ ପ୍ରକାଶ କରିଛନ୍ତି। ନୟାଗଡ଼ରେ ବିଦ୍ୟୁତ୍ ସଂଯୋଗ ହୋଇନଥିବାରୁ ୧୨୭ଟି ବୋର୍‌ୱେଲ୍ ପ୍ରାୟ ୮ ବର୍ଷ ହେଲା ଅଚଳ ହୋଇ ପଡ଼ିଥିବା ବାଚସ୍ପତି କହିଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ଉତ୍ତର ରଖି ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି ଯେ ସେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ଏଦିଗରେ ପଦକ୍ଷେପ ନେବେ।

### ଜୀବନ ଅମୃତ ଅନୁଚିନ୍ତା

ଶୂନ୍ୟର ପ୍ରାଧାନ୍ୟ-ଯେତେବେଳେ ତୁମେ ନିଜକୁ ନ୍ୟୂନ ବା ଶୂନ୍ୟ କରିଦେବ, ସେତେବେଳେ ତୁମ ଭିତରେ ପୂର୍ଣ୍ଣ ଈଶ୍ୱର ପ୍ରକଟ ହେବେ। ତେଣୁ ଯୋଗୀଜନ ଶୂନ୍ୟକୁ ସାଧନାର ମୂଳ କରିଥାଆନ୍ତି।

SANCHAR

ସଂଚାର




# ରେଖାଙ୍କ ହାତରେ ନେତୃତ୍ୱ

ଗତ ୧୨ ଦିନ ହବ ଦିଲ୍ଲୀରେ କିଏ ମୁଖ୍ୟମନ୍ତ୍ରୀ ହେବେ ସେଥିନେଇ ଚର୍ଚ୍ଚା ଚାଲିଥିଲା। ଅନେକ ସମ୍ଭାବ୍ୟ ନେତା ବା ନେତ୍ରୀଙ୍କ ନାମ ଏଥିପାଇଁ ବିଚାର କରାଯାଉଥିଲା। ଶେଷରେ ବିଜେପି କେନ୍ଦ୍ରୀୟ ନେତୃତ୍ୱ ଏହି ପଦ ନିମନ୍ତେ ପ୍ରଥମ ଥର ପାଇଁ ବିଧାନସଭାକୁ ନିର୍ବାଚିତ ହୋଇଥିବା ରେଖା ଗୁପ୍ତାଙ୍କୁ ମନୋନୀତ କରାଯାଇଛି। ଦିଲ୍ଲୀର ନବମ ମୁଖ୍ୟମନ୍ତ୍ରୀ ଭାବେ ସେ ଶପଥ ଗ୍ରହଣ କରିଛନ୍ତି। ସେ ହେଉଛନ୍ତି ଦିଲ୍ଲୀର ଚତୁର୍ଥ ମହିଳା ମୁଖ୍ୟମନ୍ତ୍ରୀ। ସୁଷମା ସ୍ୱରାଜ ଏବଂ ଆତିଶୀ ଖୁବ କମ ଦିନ ପାଇଁ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ହୋଇଥିଲେ। କିନ୍ତୁ କଂଗ୍ରେସର ଶୀଲା ଦୀକ୍ଷିତ ଦୀର୍ଘ ୧୫ ବର୍ଷ ଧରି ମୁଖ୍ୟମନ୍ତ୍ରୀ ପଦରେ ଥିଲେ। ଏବେ ରେଖା ଗୁପ୍ତା ବେଶ କିଛି ବର୍ଷ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ପଦ ଅକ୍ତିଆର କରିବେ ବୋଲି ଆଶା କରି ବିଜେପି ତାଙ୍କ ଉପରେ ଭରସା କରିଛି। ଦିଲ୍ଲୀର ଶାଲିମାରବାଗ ବିଧାନସଭା ଆସନରୁ ସେ ପ୍ରଥମ ଥର ପାଇଁ ବିଜୟୀ ହୋଇଛନ୍ତି। ପ୍ରଥମ ଥର ପାଇଁ ବିଜୟୀ ହେଲେ ମଧ ମୁଖ୍ୟମନ୍ତ୍ରୀ ହେବାରେ କିଛି ଅସୁବିଧା ନାହିଁ। ଅରବିନ୍ଦ କେଜରିୱାଲ ଏବଂ ଆତିଶୀ ମଧ ପ୍ରଥମ ଥର ପାଇଁ ବିଧାୟକ ହୋଇ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ହୋଇଥିଲେ। ବିଜେପିରେ ଏହି ପରମ୍ପରାର ଲମ୍ବା ଇତିହାସ ରହିଛି। ବିଜେପିରେ ବରିଷ୍ଠତା, ଅଭିଜ୍ଞତା ନୁହେଁ, ଦଳୀୟ ସଙ୍ଗଠନକୁ ମଜବୁତ କରିବାରେ ଯାହାର ଯୋଗଦାନ ଅଧିକ ରହିଥିବ, ଯିଏ ଦଳ ପାଇଁ ନିଷ୍ଠାର ସହ କାର୍ଯ୍ୟ କରିଥିବ ତାଙ୍କୁ ପୁରସ୍କୃତ କରାଯାଏ। ନରେନ୍ଦ୍ର ମୋଦି ପ୍ରଥମେ ମୁଖ୍ୟମନ୍ତ୍ରୀ , ପରେ ବିଧାୟକ ହୋଇଥିଲେ। ଦଳ ପ୍ରତି ତାଙ୍କର ନିଷ୍ଠା, ଆନୁଗତ୍ୟ ଏବଂ ଉତ୍ସର୍ଗ ଲାଗି ତାଙ୍କୁ ଗୁଜରାଟ ମୁଖ୍ୟମନ୍ତ୍ରୀ କରାଯାଇଥିଲା। ବିଜେପିର ଏହି ନୀତି କିପରି ସଫଳ ହେଲା ତାହା ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ। ନରେନ୍ଦ୍ର ମୋଦି ୨୦୧୪ରେ ପ୍ରଥମ ଥର ପାଇଁ ଲୋକସଭାକୁ ନିର୍ବାଚିତ ହୋଇ ଦେଶର ପ୍ରଧାନମନ୍ତ୍ରୀ ହୋଇଥିଲେ। ରାଜୀବ ଗାନ୍ଧି ମଧ ପ୍ରଥମ ଥର ପାଇଁ ସାଂସଦ ହୋଇ ଦେଶର ପ୍ରଧାନମନ୍ତ୍ରୀ ହୋଇଥିଲେ। ମନମୋହନ ସିଂହ ଆଦୌ ଲୋକସଭାକୁ ନିର୍ବାଚିତ ନହୋଇ ୫ ବର୍ଷ ଅର୍ଥମନ୍ତ୍ରୀ ଏବଂ ୧୦ ବର୍ଷ ଦେଶର ପ୍ରଧାନମନ୍ତ୍ରୀ ହୋଇପାରିଥିଲେ। ବିଜେପିରେ ଦଳୀୟ ସଙ୍ଗଠନ ହେଉଛି ସର୍ବାଗ୍ରେ। ଏଥିପାଇଁ ବିଜେପି କ୍ରମାଗତ ସଫଳତା ପାଇ ଆସୁଛି। ବିଜେପିରେ ବଂଶବାଦକୁ ଗୁରୁତ୍ୱ ଦିଆଯାଏନି। ସଫଳତା ପାଇଁ ଏଠାରେ ନିଜସ୍ୱ ନିଷ୍ଠା ଏବଂ ପରିଶ୍ରମକୁ ପ୍ରାଥମିକତା ଦିଆଯାଏ। ରାଜସ୍ଥାନ, ଛତିଶଗଡ଼, ହରିୟାନା, ମଧ୍ୟପ୍ରଦେଶ ଏବଂ ଓଡ଼ିଶାରେ ଏହି ଆଧାରରେ ନୂଆ ମୁଖ୍ୟମନ୍ତ୍ରୀ ଚୟନ କରାଯାଇଛି। ଦିଲ୍ଲୀରେ ଏଥର ଜଣେ ମହିଳାଙ୍କୁ ମୁଖ୍ୟମନ୍ତ୍ରୀ ପଦ ମିଳିବ ବୋଲି ଚର୍ଚ୍ଚା ଚାଲିଥିଲା। ଶେଷରେ ତାହା ହିଁ ହେଲା। ବୁଧବାର ବିଜେପି ବିଧାୟକ ଦଳ ବୈଠକରେ ରେଖାଙ୍କୁ ନେତାଭାବେ ନିର୍ବାଚିତ କରାଯାଇଥିଲା। ଗୁରୁବାର ସେ ଶପଥ ଗ୍ରହଣ କରିଛନ୍ତି। ଦଳର କେନ୍ଦ୍ରୀୟ ନେତୃତ୍ୱ ଚାହୁଁଥିଲେ ଜଣେ ମହିଳା ଦିଲ୍ଲୀର ମୁଖ୍ୟମନ୍ତ୍ରୀ ହୁଅନ୍ତୁ। ସେଥିପାଇଁ ଅନେକ ଦାବିଦାର ଥିଲେ। କିନ୍ତୁ ରେଖା ଗୁପ୍ତାଙ୍କୁ ଏଥିପାଇଁ ଚୟନ କରାଗଲା। କାରଣ ସେ ଦଳର ଜଣେ ସକ୍ରିୟ ଏବଂ ଉତ୍ସର୍ଗୀକୃତ କର୍ମକର୍ତ୍ତା ଭାବେ ପରିଚିତ। ଅନ୍ୟାନ୍ୟ ରାଜ୍ୟରେ ବିଜେପି ବିଧାନସଭା ନିର୍ବାଚନରେ ଜିତିବା ପରେ ଅନେକ ବରିଷ୍ଠ ନେତାଙ୍କ ନାମ ମୁଖ୍ୟମନ୍ତ୍ରୀ ପଦ ପାଇଁ ଚର୍ଚ୍ଚାକୁ ଆସିଛି। କିନ୍ତୁ ଦଳୀୟ ନେତୃତ୍ୱ ଆଶ୍ଚର୍ଯ୍ୟଜନକ ଭାବେ ଏଭଳି ଜଣେ ନେତାଙ୍କୁ ଚୟନ କରିଛି ଯିଏ କେବେବେ ରେସରେ ହିଁ ନଥାନ୍ତି। ରେଖା ଗୁପ୍ତା ପ୍ରଥମ ଥର ପାଇଁ ଦିଲ୍ଲୀ ବିଧାନସଭାକୁ ନିର୍ବାଚିତ ହୋଇଥିଲେ ମଧ ମୁଖ୍ୟମନ୍ତ୍ରୀ ହୋଇପାରିଛନ୍ତି। ୧୯୯୨ରେ ଏବିଭିପିରୁ ଛାତ୍ର ରାଜନୀତି ଆରମ୍ଭ କରିଥିବା ରେଖା ୧୯୯୬-୯୭ରେ ଦିଲ୍ଲୀ ବିଶ୍ୱବିଦ୍ୟାଳ ଛାତ୍ର ସଂସଦର ସଭାପତି ମଧ ରହିଥିଲେ। ପରବର୍ତ୍ତୀ ସମୟରେ ସେ ଦିଲ୍ଲୀ ମହାନଗର ନିଗମରେ କାଉନସିଲର ହୋଇଥିଲେ। ଦିଲ୍ଲୀରେ ବିଜେପି ମହିଳା ମୋର୍ଚ୍ଚାର ସେ ସାଧାରଣ ସମ୍ପାଦିକା ହୋଇ ଦଳୀୟ ସଙ୍ଗଠନ ପାଇଁ ନିଷ୍ଠାର ସହ କାର୍ଯ୍ୟ କରିଥିଲେ। ଏଥିପାଇଁ ତାଙ୍କୁ ପୁରସ୍କୃତ କରାଯାଇଛି। କୌଣସି ଜାତି, ଧର୍ମ ବା ଗୋଷ୍ଠୀ ଆଧାରରେ ତାଙ୍କୁ ମୁଖ୍ୟମନ୍ତ୍ରୀ କରାଯାଇନି। ଜଣେ ମହିଳା ହେଲେ ମଧ ଦକ୍ଷତା ଆଧାରରେ ତାଙ୍କୁ ନେତୃତ୍ୱ ଦିଆଯାଇଛି। ମୁଖ୍ୟମନ୍ତ୍ରୀ ପଦ ପାଇଁ ଅନ୍ୟତମ ଦାବିଦାର ପରଭେଶ ବର୍ମାଙ୍କୁ ଉପ-ମୁଖ୍ୟମନ୍ତ୍ରୀ କରାଯାଇଛି। ଉଲ୍ଲେଖ ଯୋଗ୍ୟ ଯେ, ୨୭ ବର୍ଷ ପରେ ଦିଲ୍ଲୀରେ ବିଜେପି କ୍ଷମତାକୁ ଫେରିଛି। ୧୯୯୮ରେ ଶେଷ ଥର ପାଇଁ ଦିଲ୍ଲୀରେ ବିଜେପି କ୍ଷମତାସୀନ ଥିଲା। ସେତେବେଳେ ସୁଷମା ସ୍ୱରାଜ ସ୍ୱଳ୍ପ ସମୟ ପାଇଁ ମୁଖ୍ୟମନ୍ତ୍ରୀ ହୋଇଥିଲେ। ସୁଷମା ଯେଉଁଠି ଛାଡ଼ିଥିଲେ, ରେଖା ଗୁପ୍ତା ସେଇଠୁ ଆରମ୍ଭ କରିଛନ୍ତି। ସୁଷମାଙ୍କ ଉତ୍ତରାଧିକାରୀ ଭାବେ ତାଙ୍କୁ ଚୟନ କରାଯିବାର ଯଥାର୍ଥତା ରହିଛି। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଭାବେ ସୁଷମା ସ୍ୱରାଜ କାମ କରିବାର ଖୁବ କମ ସମୟ ପାଇଁ ସୁଯୋଗ ପାଇଥିଲେ। ତାଙ୍କ ଅଧୁରା କମାକୁ ରେଖା ପୂରଣ କରିବେ। ଏଥିପାଇଁ ତାଙ୍କୁ ପୁରା ୫ ବର୍ଷ ସମୟ ଦିଆଯାଇଛି। ସେ ଏହାର ସଦୁପଯୋଗ କରିବେ ବୋଲି ଆଶା କରାଯାଉଛି। ଦିଲ୍ଲୀ ବିଧାନସଭାର ୭୦ଟି ଆସନ ମଧ୍ୟରୁ ବିଜେପି ୪୮ଟି ଜିତି ସଂଖ୍ୟାଗରିଷ୍ଠତା ହାସଲ କରିଛି। ବାକି ୨୨ଟି ଆସନ ଆମ ଆଦମୀ ପାର୍ଟି ଦଖଲ କରିଛି। ଅନ୍ୟ କୌଣସି ତୃତୀୟ ଦଳର ବିଧାନସଭାରେ ସ୍ଥାନ ନାହିଁ। ତେଣୁ ସଂଖ୍ୟା ଦୃଷ୍ଟିରୁ ବିଜେପି ସରକାର ପ୍ରତି କୌଣସି ବିପଦ ନାହିଁ। କେନ୍ଦ୍ରରେ ମଧ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧିନ ଏନଡିଏ ସରକାର ଚାଲିଛି। ଏହି ପରିସ୍ଥିତିରେ ରେଖା ସୁଶାସନ ନିମନ୍ତେ ଶତ ପ୍ରତିଶତ ସହଯୋଗ ପାଇବେ। ଦିଲ୍ଲୀର ବିକାଶ ନିମନ୍ତେ ବିଜେପି ନିର୍ବାଚନ ବେଳେ ଯେଉଁସବୁ ପ୍ରତିଶ୍ରୁତି ଦେଇଛି ତାହାକୁ ପୂରଣ କରିବାରେ ରେଖା ସରକାର ମନୋନିବେଶ କରିବେ ଏବଂ ଏଥିରେ କେନ୍ଦ୍ରରୁ ସମସ୍ତ ପ୍ରକାର ସହାୟତା ଏବଂ ସହଯୋଗ ମିଳିବ। ବିଗତ ୨୭ ବର୍ଷ ଧରି ଦିଲ୍ଲୀରେ କଂଗ୍ରେସ ଏବଂ ଆପ ସରକାର ଚାଲିଥିଲା। ଏବେ ବିଜେପି ବେଶ କିଛି ବର୍ଷ ଶାସନ କରିବାର ସୁଯୋଗ ପାଇଛି। ଅତୀତରେ ଦିଲ୍ଲୀରେ ବିଜେପି ଶାସନ ବେଳେ ବାରମ୍ବାର ନେତୃତ୍ୱ ପରିବର୍ତ୍ତନ ହୋଇଛି ଏବଂ ଗୋଷ୍ଠୀ କନ୍ଦଳ ସୃଷ୍ଟି ହୋଇଛି। ଏବେ ଏହାର ପୁନରାବୃତ୍ତି ହେବ ନାହିଁ ବୋଲି ଆଶା। ରେଖାଙ୍କୁ ପୁରା ୫ ବର୍ଷ ଶାସନ କରିବାର ସୁଯୋଗ ମିଳୁ। ତାଙ୍କ ନେତୃତ୍ୱରେ ଦିଲ୍ଲୀରେ ବିକାଶର ଏକ ନୂଆ ଯୁଗ ଆରମ୍ଭ ହେବ ଏବଂ ଲୋକେ ବାସ୍ତବ ପରିବର୍ତ୍ତନର ସ୍ୱାଦ ଚାଖିବେ ବୋଲି ଆଶା ରଖିଛନ୍ତି। ରେଖା ଗୁପ୍ତା କାହାକୁ ନିରାଶ କରିବେନି ବୋଲି ବିଶ୍ୱାସ। ଦିଲ୍ଲୀବାସୀ କଂଗ୍ରେସ ଏବଂ ଆପକୁ ଯେଉଁ କାରଣରୁ ବିଦା କରିଛନ୍ତି ତାହା ବିଜେପି ଭଲଭାବେ ଜାଣିଛି। ଦିଲ୍ଲୀର ସାଧାରଣ ଜନତା ବହୁ ଆଶା ଏବଂ ବିଶ୍ୱାସ ରଖି ବିଜେପିକୁ ୨୭ ବର୍ଷ ପରେ କ୍ଷମତା ପ୍ରଦାନ କରିଛନ୍ତି। ଗତ ୩ଟି ଲୋକସଭା ନିର୍ବାଚନରେ ଦିଲ୍ଲୀର ସମସ୍ତ ୭ଟି ଆସନରେ ବିଜେପି ବିଜୟ ହାସଲ କରି ଶତ ପ୍ରତିଶତ ସଫଳତା ପାଇଛି। ଦିଲ୍ଲୀବାସୀଙ୍କ ଏହି ଆସ୍ଥା ଏବଂ ବିଶ୍ୱାସର ମୂଲ୍ୟ ନରେନ୍ଦ୍ର ମୋଦି ସରକାର ପ୍ରଦାନ କରିବା ଉଚିତ। ନଚେତ କଂଗ୍ରେସ ଭଳି ଦିଲ୍ଲୀରେ ବିଜେପି ଶୂନ ହୋଇଯିବ। କେଜରିୱାଲଙ୍କ ନେତୃତ୍ୱାଧିନ ଆମ ଆଦମୀ ପାର୍ଟି ନିର୍ବାଚନରେ ପରାଜିତ ହୋଇଛି ସତ ମାତ୍ର ଏହା ଏବେ ବି ଦିଲ୍ଲୀରେ ଏକ ପ୍ରମୁଖ ରାଜନୈତିକ ଶକ୍ତି। ମାତ୍ର ୩ ପ୍ରତିଶତ ଭୋଟ ବ୍ୟବଧାନରେ ଏହା ପରାଜିତ ହୋଇଛି। ଆପକୁ ପରାଜିତ କରିବା ପାଇଁ ବିଜେପିକୁ ଦୀର୍ଘ ବର୍ଷ ଲାଗିଗଲା। କେଜରିୱାଲ, ମନିଷ ସିସୋଦିଆ ପ୍ରମୁଖଙ୍କୁ ଜେଲରେ ପୁରାଇବାକୁ ପଡ଼ିଲା। ଏହା ସତ୍ତ୍ୱେ ଆପ ସମ୍ପୂର୍ଣ୍ଣ ମୂଳପୋଛ ହୋଇନି। ଏହା ୪୦ ପ୍ରତିଶତରୁ ଅଧିକ ଭୋଟ ପାଇଛି। ତେଣୁ ଦିଲ୍ଲୀରେ ଯଦି ରେଖା ଗୁପ୍ତାଙ୍କ ନେତୃତ୍ୱରେ ବିଜେପି ସରକାର ବିଫଳ ହୁଏ ଏବଂ ଲୋକଙ୍କ ଆଶା ଆକାଂକ୍ଷା ପୂରଣ କରିନପାରେ ତେବେ ଆମ ଆଦମୀ ପାର୍ଟି ମୁନର୍ବାର କ୍ଷମତାକୁ ଫେରିବାର ସୁଯୋଗ ସୃଷ୍ଟି ହେବ। ଦିଲ୍ଲୀରେ ଲୋକଙ୍କ ମୌଳିକ ସମସ୍ୟା ଦୂର କରିବାରେ ଆପ ବିଫଳ ହୋଇଛି। ଦିଲ୍ଲୀରେ ପ୍ରଦୂଷଣ ସମସ୍ୟା ଅତି ଉତ୍କଟ। ଟ୍ରାଫିକ ସମସ୍ୟା କଥା ନକହିଲେ ଭଲ। ରେଖା ଗୁପ୍ତା ଏହାର ସମାଧାନ ପାଇଁ ନିଷ୍ଠାର ସହ କାର୍ଯ୍ୟ କରିବେ ବୋଲି ବିଶ୍ୱାସ ରଖିବା ଭୁଲ ହେବ ନାହିଁ। ଦିଲ୍ଲୀକୁ ବିଶ୍ୱର ସର୍ବଶ୍ରେଷ୍ଠ ରାଜଧାନୀ କରିବାକୁ ଉଦ୍ୟମ ହେବା ଉଚିତ। ଦିଲ୍ଲୀରେ ସ୍ୱାସ୍ଥ୍ୟ ଏବଂ ଶିକ୍ଷା ବ୍ୟବସ୍ଥାରେ ଅନେକ ତ୍ରୁଟି ଏବଂ ଦୁର୍ବଳତା ରହିଛି। ପ୍ରଦୂଷଣ ସମସ୍ୟାର ସମାଧାନ ନିମନ୍ତେ ବ୍ୟାପକ ବୃକ୍ଷରୋପଣ କରାଯିବା ଉଚିତ। କୋଭିଡ ମହାମାରୀ ବେଳେ ଦିଲ୍ଲୀରେ ଯେପରି ସମସ୍ୟା ସୃଷ୍ଟି ହେଲା ଏବଂ ଲୋକେ ପୋକ ମାଛି ଭଳି ପ୍ରାଣ ହରାଇଲେ ତାହା କେହି ଭୁଲି ନଥିବେ। ଏହାକୁ ଦୃଷ୍ଟିରେ ରଖି ନୂଆ ସରକାର ସର୍ବନିମ୍ନ ମୌଳିକ ସ୍ୱାସ୍ଥ୍ୟସେବାକୁ ସୁଧାରିବାରେ ମନୋନିବେଶ କରିବେ ବୋଲି ଆଶା।

# ଋଣଛାଡ଼: ବ୍ୟାଙ୍କର କ୍ଷତି ପରିବର୍ତ୍ତେ ଲାଭ ହୁଏ




ଗୋପାଳ ମହାପାତ୍ର


ଦେଶରେ ଅନେକ ସମୟରେ ବ୍ୟାଙ୍କ ଋଣ ଛାଡ଼କୁ ନେଇ ବ୍ୟାପକ ଆଲୋଚନା ସମାଲୋଚନା ହୁଏ। ଏ ପ୍ରସଙ୍ଗରେ ଅଧିକ ତର୍ଜମାର ମଧ ଆବଶ୍ୟକତା ରହିଛି। ବ୍ୟାଙ୍କ ସେହି ସବୁ ଋଣ ଆକାଉଣ୍ଟ(ଖାତା)କୁ ଛାଡ଼୍ କରିଥାଏ ଯାହା ଅଧିକ ପୁରୁଣା ଏବଂ ଏହି ଋଣ ଆଦାୟର କୌଣସି ସମ୍ଭାବନା ନଥାଏ। ଏସବୁ ବାବଦରେ ବ୍ୟାଙ୍କ ନିଜ ଆକାଉଣ୍ଟରେ ପୂର୍ବରୁ ୧୦୦ ପ୍ରତିଶତ କ୍ଷତିଦର୍ଶାଇ ସାରିଥାଏ। ପ୍ରତ୍ୟେକ ବ୍ୟବସାୟରେ ମଧ ବ୍ୟବସାୟୀ ତାଙ୍କ ବାଲାନ୍ସ ସିଟରେ ଏଭଳି କ୍ଷତି କଥା ଦର୍ଶାଇଥାନ୍ତି। ଏହାକୁ ବ୍ୟବସାୟ ଏକ ସାଧାରଣ ଘଟଣା ଭାବେ ଧରାଯାଇଥାଏ। ବ୍ୟାଙ୍କ ମଧ ଏଥିରୁ ଭିନ୍ନ ନୁହଁନ୍ତି। କାରଣ ବ୍ୟାଙ୍କ ମାନେ ମଧ ଋଣ ଦେଇ ସମୂଳ ସୁଧ ଆଦାୟ କରିବାର ବ୍ୟବସାୟ କରନ୍ତି। ବ୍ୟାଙ୍କ ମାନଙ୍କ ଦ୍ୱାରା ଋଣଛାଡ ପ୍ରସଙ୍ଗକୁ ନେଇ ସାଧାରଣ ଜନତାଙ୍କ ଠାରୁ ଆରମ୍ଭ କରି ରାଜନୈତିକ ଦଳ ମାନଙ୍କ ମଧରେ ଲଗାତର ଚର୍ଚ୍ଚା ହୋଇଥାଏ। ନିର୍ବାଚନ ସମୟରେ ଏହାକୁ ନେଇ ଶାସକ ଓ ବିରୋଧି ପରସ୍ପରକୁ ସମାଲୋଚନା କରିଥାନ୍ତି। ଏହି ବିମର୍ଷକୁ ଏମିତି ଭାବେ ବିଶ୍ଳେଷିତ କରାଯାଏ ଯାହା ଫଳରେ ସାଧାରଣ ଲୋକେ ଭାବନ୍ତି ସରକାର ବ୍ୟାପକ ଋଣ ଛାଡ଼ କରି ଦେଇଛନ୍ତି ଯାହା ଫଳରେ ବ୍ୟାଙ୍କ ମାନଙ୍କର କ୍ଷତି ହେଉଛି। କିନ୍ତୁ ଏହା ପ୍ରକୃତପକ୍ଷେ ଏହା ବାସ୍ତବିକତା ନୁହେଁ। ସଂସଦରେ ଦିଆଯାଇଥିବା ତଥ୍ୟ ଅନୁସାରେ ବିଗତ ଆର୍ଥୀକ ବର୍ଷରେ ୧୨ଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କ ସମୁଦାୟ ୧୧୪୭୧୨ କୋଟି ଟଙ୍କାର ଋଣ ଛାଡ଼୍ କରିଛନ୍ତି। ଏଥି ମଧ୍ୟରୁ ପଞ୍ଜାବ ନ୍ୟାସନାଲବ୍ୟାଙ୍କ ୧୮୩୧୭ କୋଟି, ୟୁନିୟନ ବ୍ୟାଙ୍କ ୧୮୨୬୪ କୋଟି, ଷ୍ଟେଟବ୍ୟାଙ୍କ ୧୬୧୬୧ କୋଟି, ବ୍ୟାଙ୍କ ଅଫ ବରୋଦା ୧୦୫୧୮ କୋଟି, କାନାରା ବ୍ୟାଙ୍କ ୧୧୮୨୭କୋଟି, ସେଣ୍ଟ୍ରାଲ ବ୍ୟାଙ୍କ ଅଫ ଇଣ୍ଡିଆ ୧୦୦୦୧ କୋଟି, ବ୍ୟାଙ୍କ ଅଫ ଇଣ୍ଡିଆ ୯୯୮୭ କୋଟି, ଇଣ୍ଡିଆନ ବ୍ୟାଙ୍କ ୮୭୩୪କୋଟି, ଇଣ୍ଡିଆନ୍ ଓଭରସିଜ ବ୍ୟାଙ୍କ ୭୧୮୯ କୋଟି, ବ୍ୟାଙ୍କ ଅଫ ମହାରାଷ୍ଟ୍ର ୯୯୦କୋଟି, ପଞ୍ଜାବ ଆଣ୍ଡ ସିନ୍ଧି ବ୍ୟାଙ୍କ ୭୭୬ କୋଟି ଏବଂ ୟୁକୋ ବ୍ୟାଙ୍କ ୧୯୩୮ କୋଟି ଟଙ୍କା ଛାଡ଼୍ କରିଥିଲେ।

ବ୍ୟାଙ୍କର ଋଣ ଛାଡ଼୍ କାରଣରୁ ପଡୁଥିବା ପ୍ରଭାବକୁ ବୁଝିବାକୁ ହେଲେ ସର୍ବ ପ୍ରଥମେ ଏକଥା ଜାଣିବା ଦରକାର ଯେ ବ୍ୟାଙ୍କମାନେ କାହିଁକି ଋଣ ଛାଡ କରନ୍ତି ଓ ଏହାଦ୍ୱାରା ବ୍ୟାଙ୍କମାନଙ୍କର କ'ଣ ଲାଭ ହୁଏ? ଏଥିପାଇଁ ନନ ପରଫର୍ମିଙ୍ଗ ଆସେଟ(ଏନ୍‌ପିଏ) ବାବଦରେ ଜାଣିବା ଆବଶ୍ୟକ। ଏହା ହେଉଛି ଯଦି ଋଣଗ୍ରହୀତା ଯଦି ଋଣ ବାବଦ କିସ୍ତି ୩ମାସ ପର୍ଯ୍ୟନ୍ତ ଜମା ନକଲେ ତେବେ ବ୍ୟାଙ୍କ ଏହାକୁ ଏନ୍‌ପିଏ ଘୋଷିତ କରିଦିଏ। ଏହା ପରେ ଏହି ଋଣ ବାବଦ ସୁଧ ଅଲଗା ଖାତା (ଆକାଉଣ୍ଟ)ରେ ଲେଖାଯାଇଥାଏ ବା ପୋଷ୍ଟିଂ କରାଯାଇଥାଏ। ବ୍ୟାଙ୍କ ଏହି ସୁଧ ରାଶିକୁ ନିଜର ଆୟ ଭାବେ ଦର୍ଶାଇ ପାରେ ନାହିଁ। ଧିରେ ଧିରେ ଏହିଋଣକୁ ବ୍ୟାଙ୍କ ପୁରାପୁରି ତାଙ୍କ ଆୟରୁ କାଟି ଦେଇଥାନ୍ତି କିନ୍ତୁ ସୁରକ୍ଷିତ ଅର୍ଥାତ୍ ଯେଉଁ ଋଣ ପାଇଁ ବ୍ୟାଙ୍କ ନିକଟରେ ସମ୍ପତ୍ତି, ଫିକ୍ସିଡ୍ ଡିପୋଜିଟ, ଜୀବନବୀମ ପଲିସି ଆଦି ଥାଏ ସେସବୁ ଋଣ ଉପରେ କମ୍ ପ୍ରାବଧାନ କରାଯାଇଥାଏ। ଯଦି କୌଣସି ଋଣକୁ ଜାଲ ବୋଲି ଘୋଷିତ କରିଦିଆଯାଏ ବ୍ୟାଙ୍କ ତାକୁ ନିଜ ଆରମ୍ଭରୁ ପ୍ରଥମ ବର୍ଷରେ ହିଁ ପୁରା କାଟି ଦେଇଥାଏ। ଉଦାହରଣ ଭାବେ କୌଣସି ସୁରକ୍ଷିତ ଋଣ ଏକ କୋଟି ଟଙ୍କାର ଥିଲା ଏବଂ ଏହାକୁ ଏନ୍‌ପିଏ ଘୋଷିତ କରାଗଲା ତେବେ ଋଣ ଉପରୁ ପ୍ରଥମ ବର୍ଷବ୍ୟାଙ୍କ ୧୫ ପ୍ରତିଶତ କାଟି ଦେଇଥାନ୍ତି, ଅର୍ଥାତ୍ ବ୍ୟାଙ୍କ ତାର ସକଳ ଆୟରୁ ଏକ କୋଟି ରଉର ୧୫ ପ୍ରତିଶତ ୧୫ ଲକ୍ଷ ଟଙ୍କା କମ ଦର୍ଶାଇଥାଏ ଓ ତା ପର ବର୍ଷ ୨୫ ପ୍ରତିଶତ କମ୍ ଦର୍ଶାଇଥାଏ। ଏହି ପରି ପ୍ରତିବର୍ଷ ବ୍ୟାଙ୍କ ନିଜ ଆୟରୁ ସେହି ଋଣକୁ କମାଇ ଚାଲନ୍ତି ଋଣ ବାବଦ ଅର୍ଥ ସମାପ୍ତ ହେବା ପର୍ଯ୍ୟନ୍ତ । ଯଦି ଋଣକୁ ବ୍ୟାଙ୍କ ଜାଲ/ଫ୍ରଡ଼ ଘୋଷିତ କରେ ତେବେ ପ୍ରଥମ ବର୍ଷରେ ପୁରା ଋଣ ନିଜର ଆୟରୁ କାଟି ଦେଇଥାଏ କିନ୍ତୁ ଋଣ ଯେତେବେଳେ ରିକଭରି ହୁଏ ବା ଏନ୍‌ପିଏ ଘୋଷିତ ଋଣ ବାବଦକୁ ଋଣଗ୍ରହୀତା କିସ୍ତି ବାବଦ ଅର୍ଥ ପୈଠ କରନ୍ତି



ସେତେବେଳେ ବ୍ୟାଙ୍କ ଏହାକୁ ତାର ଆୟ ଦର୍ଶାଇଥାଏ ଓ ବ୍ୟାଙ୍କର ଲାଭ ହୋଇଥାଏ। ପ୍ରତ୍ୟେକ ବ୍ୟାଙ୍କକୁ ସମସ୍ତ ଋଣର କିଛି ପ୍ରତିଶତ ରିଜର୍ଭବ୍ୟାଙ୍କ ପାଖରେ ସିକ୍ୟୁରିଟି ଭାବରେ ରଖିବାକୁ ପଡିଥାଏ। ଏଥିରେ ବ୍ୟାଙ୍କମାନଙ୍କୁ ଏହି ସୁକ୍ୟୁରିଟି ଭାବରେ ରଖିବାକୁ ପଡିଥାଏ। ଏଥିରେ ବ୍ୟାଙ୍କ ମାନଙ୍କୁ ଏହି ସୁକ୍ୟୁରିଟି ବାବଦ ଅର୍ଥ ପାଇଁ କମ୍ ସୁଧ/ଲାଭ ମିଳିଥାଏ। ଏହି ପ୍ରାବଧାନ ବ୍ୟାଙ୍କ ମାନଙ୍କ ମାନଙ୍କ ଋଣ ଦେବାରେ ଲଗାମ ଲଗାଇଥାଏ ଏବଂ ଋଣ ନିୟନ୍ତ୍ରିତ ହେବା କାରଣରୁ ବ୍ୟାଙ୍କମାନଙ୍କର କ୍ଷତି ହୋଇଥାଏ। ଏଥିପାଇଁ ବ୍ୟାଙ୍କ ମାନେ ୧୫-୨୦ ବର୍ଷର ଋଣ ଯାହା ଏନ୍‌ପିଏ ଘୋଷିତ ହୋଇଥାଏ ଓ ଯାହାର ରିକଭରି ସମ୍ଭବ ନଥାଏ ତାକୁ ରିଜର୍ଭବ୍ୟାଙ୍କଙ୍କୁ ଦର୍ଶାଇଥାନ୍ତି। ଏଭଳି କରି ବ୍ୟାଙ୍କମାନେ ସେମାନଙ୍କ ବାଲାନ୍ସସିଟକୁ ସଫା(ଠିକ୍) କରିବା ସହ ରିଜର୍ଭବ୍ୟାଙ୍କର ସୁକ୍ୟୁରିଟି ପ୍ରାବଧାନକୁ ଏଡାଇବା ପାଇଁ ଋଣ ଛାଡ଼ କରିଥାନ୍ତି। ଏହାଦ୍ୱାରା ବ୍ୟାଙ୍କର ଲାଭ ହୋଇଥାଏ କାରଣ ବ୍ୟାଙ୍କ ଅଧିକ ଋଣ ଦେଇ ଅଧିକ ଲାଭ କମାଇଥାନ୍ତି। ଯେଉଁ ଋଣ ଖାତାକୁ ଏନପିଏ ତାଲିକାଭୁକ୍ତ କରାଯାଇଥାଏ ସେସବୁ ଋଣଛାଡ଼ କରି ବ୍ୟାଙ୍କର କିଛି କ୍ଷତି ହୋଇନଥାଏ ବରଂ ଲାଭ ହୋଇଥାଏ। ଏଘଟଣାକୁ ଏଭଳି ଭାବେ ବୁଝାଯାଇପାରେ ଯେ-କୌଣସି ବ୍ୟବସାୟୀ କୌଣସି ଏକ ଫାର୍ମ (ସଂସ୍ଥା)କୁ ଏକ କୋଟି ଟଙ୍କାର ମାଲ(ଜିନିଷ) ଉଧାର ଦେଇଥିଲେ ଏବଂ ବିଗତ ୧୫-୨୦ ବର୍ଷ ମଧ୍ୟରେ ତାର ଟଙ୍କା ଆଦାୟହୋଇ ପାରି ନାହିଁ, ଯେଉଁ ଫାର୍ମକୁ ମାଲ ଦେଇଥିଲା ସେଇ ଫାର୍ମ ତାର ବ୍ୟବସାୟ ବନ୍ଦ କରିଦେଇଛି, ଏଭଳି ଅବସ୍ଥାରେ ଯେଉଁ ବ୍ୟବସାୟୀ ମାଲ ଉଧାରରେ ଦେଇଥିଲା ସିଏ କରିବ କ'ଣ? ଉଧାର ଦେଇଥିବା ବ୍ୟବସାୟୀ ଉଧାରରେ ଦେଇଥିବା ମାଲର ଅର୍ଥକୁ କ୍ଷତି ବୋଲି ଦର୍ଶାଇବ ନିଶ୍ଚୟ। ଏଇ କଥା ହିଁ ବ୍ୟାଙ୍କରେ ହେଉଛି। ସବୁ ବ୍ୟବସାୟରେ ଏଭଳି ହୋଇଥାଏ। ଋଣ ଛାଡ଼ ବ୍ୟାଙ୍କର ମଜବୁରୀ ଏବଂ ଏଥିପାଇଁ ବ୍ୟାଙ୍କକୁ ପ୍ରାବଧାନ କରିବାକୁ ପଡିଥାଏ।

ଏକଥା ଠିକ୍ ଯେ ବ୍ୟାଙ୍କମାନେ କେବେ ବି ଦୁଇ ଚାରି ବର୍ଷର ଋଣକୁ ଛାଡ଼୍ କରିନଥାନ୍ତି। ୧୦-୧୫ବର୍ଷରୁ ଅଧିକ ପୁରୁଣା ଋଣ(ଅନାଦେୟ)କୁ ଛାଡ଼୍ କରିଥାନ୍ତି। କିନ୍ତୁ ରାଜ୍ୟ ବା କେନ୍ଦ୍ର ସରକାରଙ୍କ କଥା ଅନୁସାରେ କୌଣସି ନୈସର୍ଗିକ ଆପଦ ଓ ଅନ୍ୟ କାରଣରୁ ମଧ ଋଣ ଛାଡ଼୍ କରାଯାଇଥାଏ। ଏକଥା ମଧ ସତ୍ୟ ଯେ ଋଣ ପରିଶୋଧ କରୁନଥିବା ଲୋକ/ଋଣୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଋଣ ପରିଶୋଧ କରୁନଥିବା ବ୍ୟକ୍ତି/ ସଂସ୍ଥା ମଧରେ ମ୍ୟାନୁଫ୍ୟାକ୍ଚରିଙ୍ଗ, ଏନର୍ଜୀ ଏବଂ କନଷ୍ଟ୍ରକସନ ସେକ୍ଟର ସବୁଠୁ ଆଗରେ। ଏକ ରିପୋର୍ଟ ଅନୁସାରେ ୧୦୦ଜଣ ଋଣ ପରିଶୋଧ କରୁନଥିବା ବା ଡିଫଲଟରଙ୍କ ପାଖରେ ବ୍ୟାଙ୍କ ମାନଙ୍କର ସମୁଦାୟ ଏନ୍‌ପିଏର ୪୩ ପ୍ରତିଶତ ଅଂଶ ରହିଛି। ଅର୍ଥ ହେଉଛି ବ୍ୟାଙ୍କ ମାନଙ୍କର ସମୁଦାୟ ଏନ୍‌ପିଏର ୪୩ ପ୍ରତିଶତ ୧୦୦ କମ୍ପାନୀ ପାଖରେ। ୨୦୧୯ ମସିହା ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଦେଶର ସମସ୍ତ ବ୍ୟାଙ୍କ ମାନଙ୍କର ଏନ୍‌ପିଏ ଥିଲା ୯.୩୩ଲକ୍ଷ କୋଟି ଟଙ୍କା। ଏକଥା ମଧ ସେତେବେଳେ ସାମନାକୁ ଆସିଥିଲା ଯେ ୧୦୦ ବ୍ୟାଙ୍କ ଡିଫଲଟରଙ୍କ ଉପରେ ୨୦୧୯ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ୮.୪୪ଲକ୍ଷ କୋଟିର ଋଣ ଥିଲା ଏବଂ ଏହି ଋଣ ମଧ୍ୟରୁ ଅର୍ଦ୍ଧାଧିକ ଋଣକୁ ଏନପିଏ ଘୋଷିତ କରାଯାଇଥିଲା। ଏହି ୧୦୦ ବ୍ୟାଙ୍କ ଡିଫଲଟର ମାନଙ୍କ ମଧ୍ୟରେ ଅନେକ ପ୍ରମୁଖ ଉଦ୍ୟୋଗପତି ଏବଂ ବଡ଼ କମ୍ପାନୀ ସାମିଲଥିଲେ। ଋଣଛାଡର ଏଭଳି ତଥ୍ୟକୁ ରାଜନୈତିକ ଦଳମାନେ ଶାସକ ଦଳକୁ ଟାର୍ଗେଟ କରିବାର ଏକ ଅସ୍ତ୍ରଭାବେ ବ୍ୟବହାର କରିଥାନ୍ତି ଓ ଅଭିଯୋଗ କରାଯାଇଥାଏ ଯେ ଶାସକଦଳର ଇଶାରାରେ ବଡ ବଡ ଶିଳ୍ପପତିଙ୍କ ଋଣ ଛାଡ କରାଯାଇଛି। କିନ୍ତୁ ଏହି ଋଣଛାଡ଼୍ ପାଇଁ ବ୍ୟାଙ୍କିଙ୍ଗ ପ୍ରଣାଳିର ଅନିର୍ବାର୍ଯ୍ୟତା ସହ ପ୍ରକ୍ରିୟାଗତ ବ୍ୟବସ୍ଥାହିଁ ଦାୟୀ। ବ୍ୟାଙ୍କିଙ୍ଗ୍ ପ୍ରଣାଳୀ ଓ ପ୍ରକ୍ରିୟାଗତ ବ୍ୟବସ୍ଥାର ଫାଇଦା ଉଠାଇ ସର୍ବୋପରି ବ୍ୟାଙ୍କ ଅଧିକାରୀ ମାନଙ୍କ ସହ ସଲାସୁତୁରାରେ ଏଭଳି ଚାଲିଛି ଯାହାକୁ ରୋକାଯିବା ମଧ ଅସମ୍ଭବ ହୋଇ ପଡିଛି।


ରାମଚନ୍ଦ୍ରପୁର, ରଣପୁର

ମୋବାଇଲ୍: ୯୪୩୮୪୮୫୦୯୪


# ଉପଯୁକ୍ତ ଉପକରଣ




ପ୍ରଣତି ଆଚାର୍ଯ୍ୟ ମିଶ୍ର


ମଧ୍ୟପ୍ରଦେଶର ୱାଲାଘାଟ ଜିଲ୍ଲାରେ ଭଲ ଧାନ ଅମଳ ହୁଏ। ହେଲେ ଫସଲରେ ପୋକ ଯୋଗୁଁ ଏଠାକାର ଚାଷୀ ହଇରାଣ ହେଉଥିଲେ। କୀଟନାଶକ ସିଞ୍ଚନ କରିବା ବଦଳରେ , ନିରାକରଣ ପାଇଁ ଜିଲ୍ଲାର ଚାଷୀମାନେ କୃଷି ବିଭାଗର ସୌର ଶକ୍ତି ଆଧାରରେ ସୋଲାର ଲାଇଟ୍ ଟ୍ରାପ୍ ଲଗାଇଛନ୍ତି। କୌଣସି ରାସାୟନିକ ପଦାର୍ଥ ବିନା ସେମାନଙ୍କ ଫସଲ ସୁରକ୍ଷିତ ରହିଛି। କୀଟପତଙ୍ଗ ମାନଙ୍କ ଉପସ୍ଥିତି ଯେ କୌଣସି କ୍ଷେତରେ ପ୍ରାକୃତିକ ଅଟେ, ଏବଂ ସେମାନଙ୍କ ମଧ୍ୟରୁ ଅନେକ କୃଷି ଏବଂ ଜମି ପାଇଁ ଲାଭଦାୟକ ଅପରିହାର୍ଯ୍ୟ। ଫସଲକୁ କ୍ଷତିକାରକ ପୋକରୁ ରକ୍ଷା କରିବା ପାଇଁ ସିଞ୍ଚନ କରାଯାଉଥିବା ରାସାୟନିକ ଔଷଧ କେବଳ ଫସଲର ପୋଷଣ ଶକ୍ତିର ଶତ୍ରୁ ନୁହେଁ, ବରଂ ଫସଲ ଅନୁକୂଳ କୀଟପତଙ୍ଗ ଏବଂ ଜିଆଙ୍କୁ ମଧ ନଷ୍ଟ କରିଦିଏ। ଚାଷଜମିରେ ସୂର୍ଯ୍ୟଙ୍କ ରଶ୍ମିରେ ପରିଚାଳିତ ଆଲୋକ ଉତ୍ପାଦନକାରୀ ବଲ୍ କ୍ଷତିକାରକ କୀଟମାନଙ୍କୁ ମାରି ଦେଇଥାଏ। ଋତୁଗତ ପରିବର୍ତ୍ତନ ଏବଂ ବୃଦ୍ଧି ପାଉଥିବା ତାପମାତ୍ରା କାରଣରୁ ଫସଲରେ ବିଭିନ୍ନ ପୋକର ପ୍ରକୋପ ବୃଦ୍ଧି ପାଇଛି। ଚାଷୀଙ୍କ ପାଖରେ ଏପର୍ଯ୍ୟନ୍ତ କେବଳ ଗୋଟିଏ ସମାଧାନ ରହିଛି, ଯଥାସମ୍ଭବ କୀଟନାଶକ ସିଞ୍ଚନ କରିବା। ବିଷାକ୍ତ ଔଷଧର ଅତ୍ୟଧିକ ବ୍ୟବହାର ଯୋଗୁଁ ପ୍ରତିବର୍ଷ ଶହ ଶହ ଚାଷୀ ଆଜମା ଓ କର୍କଟ ଭଳି ରୋଗରେ ପୀଡ଼ିତ ହୋଇ ପ୍ରାଣ ହରାଉଛନ୍ତି। ପ୍ରତିବର୍ଷ ଦେଶରେ ୧୦ ହଜାର କୋଟି ଟଙ୍କାର କୃଷିଜାତ ଦ୍ରବ୍ୟ ପୋକ ଯୋଗୁଁ ଚାଷ ଜମି କିମ୍ବା ଗୋଦାମରେ ନଷ୍ଟ ହୋଇଥାଏ। ଏହାକୁ ରୋକିବା ପାଇଁ କୀଟନାଶକର ବ୍ୟବହାର ବୃଦ୍ଧି ପାଇଛି। ଯେଉଁଠି ୧୯୫୦ମସିହାରେ ୨୦୦୦ ଟନ୍ ବିଷାକ୍ତ ଔଷଧ ସେବନ କରାଯାଉଥିଲା, ଆଜି ୯୦ ହଜାର ଟନ୍ ବିଷାକ୍ତ ଔଷଧ ପରିବେଶରେ ମିଶିଯାଉଛି। ୧୯୬୦-୬୧ମସିହାରେ ୬୪ ଲକ୍ଷ ହେକ୍ଟର ଜମିରେ କୀଟନାଶକ ସିଞ୍ଚନ କରାଯାଇଥିଲା। ୧୯୮୮-୮୯ରେ ଚାଷ ଜମି ୮୦ ଲକ୍ଷ ହେକ୍ଟରକୁ ବୃଦ୍ଧି ପାଇଥିବା ବେଳେ ଆଜି ଏହା ୧. ୫ କୋଟି ହେକ୍ଟର ହେବ ବୋଲି ଆକଳନ କରାଯାଇଛି। କୀଟନାଶକ ଜଳ, ମାଟି, ବାୟୁ, ଜନସ୍ୱାସ୍ଥ୍ୟ ଓ ଜୈବ ବିବିଧତାକୁ ପ୍ରଭାବିତ କରେ। ଏହାର ଅହେତୁକ ବ୍ୟବହାର ପରିବେଶ ସନ୍ତୁଳନକୁ ଖରାପ କରୁଛି।ବର୍ତ୍ତମାନ ଔଷଧ ଓ ରାସାୟନିକ ପଦାର୍ଥର ମାତ୍ରା ଚିନ୍ତାଜନକ ସ୍ତରକୁ ଆସିଛି। ଆଉ ଏକ ଚିନ୍ତାର ବିଷୟ ଯେ , ଏହି କିଟନାଶକର ମାତ୍ର ୧୦-୧୫ ପ୍ରତିଶତ ପ୍ରଭାବଶାଳୀ, ବାକି ବିଷାକ୍ତ ପଦାର୍ଥ ମାଟି, ଭୂତଳ ଜଳ, ନଦୀ, ଝରଣାର ଅଂଶ ପାଲଟେ।



କୀଟ ନିୟନ୍ତ୍ରଣ ପାଇଁ ସୋଲାର ଲାଇଟ୍ ଟ୍ରାପ୍ ଟେକ୍ନୋଲୋଜିର ବ୍ୟବହାର ଉପଯୁକ୍ତ ଉପକରଣ, କମ୍ ଖର୍ଚ୍ଚ ଏବଂ ଏହାର କୌଣସି କୁପ୍ରଭାବ ନାହିଁ। ସୌର ଚାଳିତ କୀଟ ଜାଲ ସମ୍ପୂର୍ଣ୍ଣ ସ୍ୱୟଂଚାଳିତ, ଅର୍ଥନୈତିକ ଏବଂ ପରିବେଶ ଅନୁକୂଳ। ଏଥିରେ ଅଲ୍ଟ୍ରା ଭାୟୋଲେଟ୍ ଲାଇଟ୍ ରହିଛି। ସୂର୍ଯ୍ୟକିରଣରେ ସୋଲାର ପ୍ୟାନେଲ ଦ୍ୱାରା ଶକ୍ତି ସଂଗ୍ରହ କରାଯାଏ ଏବଂ ଅନ୍ଧାର ହେଲେ ଡିଭାଇସରେ ଥିବା ଆଲୋକ ସେନ୍ସର କାରଣରୁ ଅନ୍ ହୋଇଥାଏ, ଯାହା କୀଟପତଙ୍ଗମାନଙ୍କୁ ଆକର୍ଷିତ କରିଥାଏ। କୀଟମାନେ ଜାଲଭିତରକୁ ପଶିବା ପରେ ତଳେ ଥିବା ଜାଲିରେ ଫସି ଯାଆନ୍ତି। ତେଣୁ ଏହା ଫସଲକୁ, ପ୍ରଜାପତି ଏବଂ ଅନ୍ୟାନ୍ୟ ପୋକରୁ ରକ୍ଷା କରିବାରେ ସହାୟକ ହୋଇଥାଏ।ଏହି ଅତ୍ୟାଧୁନିକ ଉପକରଣ ଉଡୁଥିବା ପତଙ୍ଗ ଓ ବୟସ୍କ କୀଟ ଯଥା ପତ୍ର ଫୋଲ୍ଡର, ଫଳ ପୋକ, ଝିଣ୍ଟିକା , ଇତ୍ୟାଦି ଧରିବାର ସମ୍ଭାବନା ଅଧିକ ଥାଏ। ଏହି ଡିଭାଇସରେ ଅଟୋମେଟିକ୍ ସୋଲାର ଲାଇଟ୍ ଟ୍ରାପ୍ ରେ ୧୦ ୱାଟ୍ ର ସୋଲାର ଲାଇଟ୍ ପ୍ୟାନେଲ୍ ରହିଛି, ଯାହା ଏହା ଭିତରେ ଥିବା ବ୍ୟାଟେରୀକୁ ଚାର୍ଜ କରିଥାଏ ଏବଂ ରାତି ପାଇଁ ୱେକ୍ ଅପ୍ ପ୍ରଦାନ କରିଥାଏ। ଏହାର ବିଶେଷତ୍ୱ ହେଉଛି ଏହି ମେସିନ୍ କେବଳ ଶତ୍ରୁ ପୋକକୁ ଟାର୍ଗେଟ କରିଥାଏ। ସନ୍ଧ୍ୟା ୬ଟାରୁ ରାତି ୧୦ଟା ମଧ୍ୟରେ ଏଭଳି ପୋକ ଅଧିକ ସକ୍ରିୟ ରହିଥାନ୍ତି। ସୌର ଶକ୍ତି ଦ୍ୱାରା ଚାଳିତ ଏହାର ଆଲୋକ ଅନ୍ଧାର ହେବା ମାତ୍ରେ ଆପେ ଆପେ ଜଳିଥାଏ ଏବଂ ସକାଳର ହେଲେ ବନ୍ଦ ହୋଇଯାଏ। କ୍ଷେତରେ ଥିବା ପ୍ରତ୍ୟେକ ଗଛର ଲମ୍ବ ଅଲଗା ଅଲଗା ହୋଇଥାଏ। ଯେମିତି କି ଫଳ ଧାରଣ କାରୀ ଗଛ ଗୁଡ଼ିକ ଲମ୍ବା ହୋଇଥାଏ। ଏପରି ସ୍ଥଳେ ଏହି ଡିଭାଇସକୁ ତଦ୍ ଅନୁଯାୟୀ ଉଚ୍ଚତାରେ ଲଗାଯାଇଥାଏ। ହାରାହାରି ଉଚ୍ଚତାରେ ବସିଥିବା କୀଟମାନେ ଏହା ପ୍ରତି ଆକର୍ଷିତ ହୁଅନ୍ତି।ଏହି ଯନ୍ତ୍ରପାତିର ମୂଲ୍ୟ ବହୁତ କମ୍ ପ୍ରାୟ ୨୫୦୦ରୁ ୧୦୦୦୦ ଟଙ୍କା ଭିତରେ। ଏବଂ ଏହା ବର୍ଷ ବର୍ଷ ଧରି ଚାଲିଥାଏ। ମୃତ କୀଟମାନଙ୍କୁ ମଧ ମାଟିରେ କମ୍ପୋଷ୍ଟ କରାଯାଇପାରିବ। ରାତିରେ କ୍ଷେତରେ ସରୀସୃପ କିମ୍ବା ମୂଷା ଭଳି ସାପଙ୍କ ଠାରୁ ରକ୍ଷା କରିବାରେ ମଧ ଏହି ଉପକରଣ ଉପଯୋଗୀ ଅଟେ। ଏହି ସରଳ ଜ୍ଞାନକୌଶଳ ଗାଁରେ ପହଞ୍ଚିବା ବାଟରେ କେବଳ ଗୋଟିଏ ପ୍ରତିବନ୍ଧକ ରହିଛି- ଶକ୍ତିଶାଳୀ ଅନ୍ତର୍ଜାତୀୟ କୀଟନାଶକ ସିଞ୍ଚନ ମେସେଜ୍। ସମନ୍ୱିତ କୀଟ ପରିଚାଳନା ଓ ପରିବେଶ ଅନୁକୂଳ ଏହି ଉପକରଣ ପ୍ରତେକ ଜିଲ୍ଲାର କୃଷି ବିଭାଗ କିମ୍ବା କୃଷି ବିଜ୍ଞାନ କେନ୍ଦ୍ରରେ ଉପଲବ୍ଧ ହେବା ଦରକାର। କିନ୍ତୁ ବର୍ତ୍ତମାନ ଏହାର ବ୍ୟାପକ ପ୍ରଚାର କରାଯାଉନାହିଁ।


ନୟାଗଡ଼, ମୋବାଇଲ୍: ୯୪୩୭୬୪୨୯୪୭


# ମହାକୁମ୍ଭରେ ମହିଳା ନାଗାସାଧୁ




ତ୍ରିନାଥ ଓଝା


ବିଶ୍ୱର ଭବ୍ୟ ଓ ସବୁଠାରୁ ବଡ଼ ଭାବେ ଆୟୋଜିତ ଧର୍ମୀୟ ସମାବେଶ କୁମ୍ଭମେଳା ବାସ୍ତବିକ ଅନେକଙ୍କ ପାଇଁ ଆଧାତ୍ମିକ ଉତ୍ସାହ ଓ ଉତ୍ସୁକତା ବଢ଼ାଇ ଦେଇଛି। ପ୍ରୟାଗରାଜର ମାଟି, ପାଣି, ପବନରେ ନିନାଦିତ ଓ ସ୍ପନ୍ଦିତ ହୋଇଉଠୁଛି ମହାକୁମ୍ଭର ଅମୃତ ବାସ୍ନା। ଏହି ମର୍ମରେ ବିଶ୍ୱକବି ରବୀନ୍ଦ୍ରନାଥ ଠାକୁରଙ୍କ ସେହି କାଳଜୟୀ କବିତା "ଭାରତ ତୀର୍ଥର ପ୍ରଥମ ଧାଡ଼ି ମନେପଡ଼ିଯାଉଛି - "ହେ ମୋର ଚିତ୍ତ ପୂଣ୍ୟ ତୀର୍ଥେ ଜାଗରେ ଧିରେ - ଏହି ଭାରତର ମହାମାନବର ସାଗର ତୀରେ/ ଏଠି ଠିଆ ହୋଇ ଦି ବାହୁ ବଢ଼ାଇ ନମେ ନର ଦେବତାରେ / ଉଦାର ଛନ୍ଦେ ପରମାନନ୍ଦେ ବନ୍ଦନ କରିତାରେ।' ଆଜିର ଏହି ଏକ ବିଂଶ ଶତାବ୍ଦୀରେ ମଣିଷ ବସ୍ତୁବାଦୀ ଓ ଚରମ ପ୍ରଯୁକ୍ତି ତନ୍ତ୍ରବାଦୀ ହୋଇପଡ଼ିଥିବାବେଳେ ପ୍ରୟାଗରାଜର ମହାକୁମ୍ଭ ଧର୍ମ, ଆଧାତ୍ମିକତା ଓ ମାନବିକତାର ଅନ୍ତରଙ୍ଗତାର ମହାସଙ୍ଗମକୁ ପ୍ରତୀୟମାନ କରୁଛି। ପୂଣ୍ୟତୋୟା ଗଙ୍ଗା, ଯମୁନା ଓ ଅନ୍ତଃସ୍ରୋତା ସରସ୍ୱତୀଙ୍କ ପାବନ ମିଳନ ସ୍ଥଳୀ ପାଲଟି ଯାଇଛି ଉତ୍ତରିତ ଚେତନା ସ୍ପନ୍ଦିତ ଭାବମହୋଦଧି।

କୁମ୍ଭମେଳା ସମ୍ପର୍କରେ ଆମେ ଯେତେ ପୁସ୍ତକ, ପତ୍ରପତ୍ରିକା ଖୋଜି ତଥ୍ୟ ସଂଗ୍ରହ କରିଥିଲୁ କେବଳ ଆମ ଭିତରେ ନୁହେଁ ଅନେକଙ୍କ ଭିତରେ ସ୍ୱାଭାବିକ ଭାବେ ପ୍ରଶ୍ନ ଉଠିଥାଏ ଯେ କୁମ୍ଭମେଳାର ନାମକରଣ କିପରି ଓ କାହିଁକି ହୋଇଛି? ଆମେ ସଂସ୍କୃତ ଅଭିଧାନ ଖୋଜି ଏ ସମ୍ପର୍କରେ ଜାଣିବାକୁ ପାଇଲୁ ଯେ ଜଳଧାରଣ କରୁଥିବା ଏକ ପାତ୍ରର ସଂସ୍କୃତ ପ୍ରତିଶବ୍ଦ ହେଉଛି କୁମ୍ଭ। ଆମର ଦୁଇଟି ପ୍ରମୁଖ ବେଦ ଋକ ବେଦ ଓ ସାମ ବେଦରେ ତଥା ବୈଦିକ ଶାସ୍ତ୍ର ମାନଙ୍କରେ ବିଶେଷ ଭାବେ ଏହି କୁମ୍ଭ ଶବ୍ଦର ବ୍ୟବହାରିକ ପ୍ରୟୋଗ ରହିଛି। ସେହିପରି ଜ୍ୟୋର୍ତିବିଦ ସାଧକ ଅଜୟ କୁମାର ବେହେରାଙ୍କ ପ୍ରଦତ୍ତ ତଥ୍ୟ ଅନୁଯାୟୀ ଜ୍ୟୋତିଷ ଶାସ୍ତ୍ରରେ ରାଶି ଚକ୍ରର ଗୋଟିଏ ରାଶି ଯାହାକି ଇଂରାଜୀରେ ଆକ୍ୟୁଆରିଅସ ମଧ କୁମ୍ଭ ନାମରେ ନାମିତ। ସେହିପରି ଯେଉଁଠାରେ ସାମୁହିକ ଜନସମାଗମ ଓ ରୀତିନୀତି ଅନୁଯାୟୀ ଉତ୍ସବ ଓ ମହୋତ୍ସବ ଓ ଅନୁଷ୍ଠାନ ଆୟୋଜିତ ହୋଇଥାଏ ଏହି ଜନସମାଗମକୁ ମେଳା କୁହାଯାଏ। ତେଣୁ କୁମ୍ଭମେଳାର ଆକ୍ଷରିକ ଓ ସର୍ବଗ୍ରହଣୀୟ ଅର୍ଥ ହେଉଛି ଅମୃତ ସ୍ୱରୂପା ତୋୟଃ ବା ଜଳକୁ ଧାରଣ କରୁଥିବା ବା ତାର ପ୍ରବାହକୁ ସୁଗମ କରି କୌଣସି ପବିତ୍ର ଐତିହ୍ୟ ଓ ସଂସ୍କୃତିପୂର୍ଣ୍ଣ ତୀର୍ଥ ସ୍ଥଳୀରେ ଏକତ୍ରିତ ହେବା, ଅମୃତ ସ୍ୱରୂପା ଜଳରେ ସ୍ନାନ କରି ପ୍ରାରବ୍ଧ, ସଞ୍ଚିତ ବା କ୍ରିୟମାଣ ପାପକଲ୍ମଷ ପ୍ରକ୍ଷାୟଳନ କରି ଶୁଦ୍ଧ ପବିତ୍ର ହେବା ଓ ପରମାର୍ଥିକ ଚେତନା ସାଗରରେ ଆପଣଙ୍କୁ ନିମଜ୍ଜିତ



କରି ପାର୍ଥିବିକ ବନ୍ଧନରୁ ମୁକ୍ତି, ମୋକ୍ଷ ବା ନିର୍ବାଣର ସନ୍ଧାନ କରିବା।

ପ୍ରୟାଗରାଜରେ ଅନୁଷ୍ଠିତ କୁମ୍ଭମେଳା ସମ୍ପର୍କରେ ଆଲୋଚନା କଲାବେଳେ ସବୁ ପୁରାଣ ଓ ଧର୍ମଗ୍ରନ୍ଥରେ ଉଲ୍ଲେଖ ରହିଛି ଯେ କୁମ୍ଭମେଳାର ପୂଣ୍ୟ ଦିବସ ମାନଙ୍କରେ ଗଙ୍ଗା, ଯମୁନା ଓ ଗୋଦାବରୀର ପବିତ୍ର ଜଳ ପାଲଟିଯାଏ ଅମୃତ ବା ଅମରତ୍ୱ ପ୍ରଦାନକାରୀ ଦିବ୍ୟ ରସାୟନ। ଏହି ତୀର୍ଥ ସ୍ଥାନ ମାନଙ୍କରେ ହିନ୍ଦୁ ପଞ୍ଜିକା ନିର୍ଦ୍ଧାରିତ ଦିବସ ମାନଙ୍କରେ ଅନୁଷ୍ଠିତ ହେଉଥିବା ପ୍ରତିଟି କୁମ୍ଭମେଳାର ଅବଧି ହେଉଛି ଏକ ମାସରୁ ତିନି ମାସ। ତେବେ ଗର୍ବ ଓ ଗୌରବର କଥା ହେଉଛି ଆମ ଦେଶର ଏହି ଭବ୍ୟ ଓ ପ୍ରସିଦ୍ଧ ମହୋତ୍ସବ ଜାତିସଂଘର ୟୁନେସ୍କୋ ଦ୍ୱାରା ଇନ୍‌ଟାଞ୍ଜିବଲ୍ କଲଚରାଲ ହେରିଟେଜ ଅଫ ହ୍ୟୁମାନିଟିର ଅନ୍ୟତମ ନମୁନା ବା ସ୍ମାରକ ଭାବରେ ସ୍ୱୀକୃତି ଲାଭ କରିଛି।

ପବିତ୍ର ସଙ୍ଗମ ନଗରୀରେ ବିଶ୍ୱ ପ୍ରସିଦ୍ଧ କୁମ୍ଭମେଳା ଅନୁଷ୍ଠିତ ହେଉଥିବା ବେଳେ ସନାତନ ଧର୍ମର ଆସ୍ଥାର ମହାପର୍ବ ମହାକୁମ୍ଭ ୧୪୪ ବର୍ଷ ପରେ ଅନୁଷ୍ଠିତ ହେଉଥିବାରୁ ହଜାର ହଜାର ନାଗା ସନ୍ନ୍ୟାସୀ ଏଥିରେ ଯୋଗ ଦେଇଥାନ୍ତି। ସର୍ବାଙ୍ଗରେ ଭସ୍ମ ଲେପନ ସହିତ ଅଦ୍ଭୁତ ବେଶଭୂଷା ଗତିବିଧି ଯୋଗୁଁ ସେମାନେ ପାଲଟିଥାନ୍ତି ସମସ୍ତଙ୍କର କୌତୁହଳ ଓ ଆକର୍ଷଣର କେନ୍ଦ୍ରବିନ୍ଦୁ। ମହାକୁମ୍ଭରେ ବିଶେଷ ଓ ସ୍ୱତନ୍ତ୍ର ଭାବେ ନାଗାସାଧୁ ମାନଙ୍କର ଆଖିଡ଼ା ରହିଥିବାବେଳେ ଏକ ଅଲୌକିକ ଘଟଣା ଭାବରେ କେତେକ ମହିଳା ନାଗାସାଧୁ ମଧ ଏଥିରେ ସାମିଲ ହୋଇଥାନ୍ତି। ଆମେ ପୂର୍ବରୁ ନାଗାସାଧୁଙ୍କର ସାଧନା, ଉତ୍ପତ୍ତି, ଜୀବନଚର୍ଯ୍ୟା ଓ ସାଧନା ବିଷୟରେ ଉଲ୍ଲେଖ କରିଛୁ। ପୁରୁଷମାନେ ନାଗାସାଧୁ ହେବାର ଯେଉଁ ପ୍ରଥା, ପରମ୍ପରା, ବିଧି ବ୍ୟବସ୍ଥା ଓ ନିୟମ ରହିଛି ଠିକ ସମାନ ପରି ପ୍ରକ୍ରିୟା ମହିଳାମାନଙ୍କ ପାଇଁ ରହିଛି। ତେବେ ଧାର୍ମିକ କାର୍ଯ୍ୟରେ ଯେମିତି ସାଧାରଣ ମହିଳା ମାନଙ୍କୁ ରଜସ୍ୱଳା ଅବସ୍ଥାରେ ଭାଗ ନେବାକୁ ମନା କରାଯାଇଥାଏ ସେହି ସବୁ ନିୟମ ମହିଳା ନାଗାସାଧୁ ମାନଙ୍କ ତପସ୍ୟା ସମୟରେ ବି ଗ୍ରହଣ କରାଯାଇଥାଏ। ମହାକୁମ୍ଭରେ ସାମିଲ ହୋଇଥିବା ମହିଳା ନାଗାସାଧୁମାନେ ତପ ଶକ୍ତିରେ ପରିପୂର୍ଣ୍ଣ ଓ ଆଧାତ୍ମିକପୂର୍ଣ୍ଣ ମଧ। କୁହାଯାଏ ଯେତେବେଳେ ପୁରୁଷ ନାଗାସାଧୁ ଶାହୀ ସ୍ନାନ ପାଇଁ ପ୍ରବେଶ କରନ୍ତି ସେତେବେଳେ ସେମାନେ ପୁରୁଷରୂପୀ ନକରାତ୍ମକ ଶକ୍ତିକୁ ନିୟନ୍ତ୍ରିତ କରିଦିଅନ୍ତି। ଠିକ ସେହିଭଳି ଭାବେ ମହିଳା ନାଗାସାଧୁ ମହାକୁମ୍ଭରେ ଶାହୀ ସ୍ନାନ କରିବାକୁ ଯାଆନ୍ତି। ସେହି ସମୟରେ ସେମାନଙ୍କ ମଧ୍ୟରେ ମହିଳାରୂପୀ ଅପଶକ୍ତି ଉପରେ ନିୟନ୍ତ୍ରଣ ହାସଲ କରିବାର ଶକ୍ତି ସଞ୍ଚରିତ ହୋଇଥାଏ। ଏହି ସମୟରେ ମହିଳା ନାଗାସାଧୁମାନଙ୍କ ମୁଖମଣ୍ଡଳରେ ଏକ ପ୍ରକାର ଦିବ୍ୟ ଜ୍ୟୋତି ପ୍ରଜ୍ୱୋଳିତ ଓ ଉଦଭାସିତ ହୋଇଥାଏ। ତେଣୁ ବିଶ୍ୱାସ ଓ ପରମ୍ପରା ରହିଛି ଶାହୀ ସ୍ନାନରେ ମହିଳା ନାଗାସାଧୁଙ୍କ ଅଂଶ ଗ୍ରହଣ ଏକ ଦିବ୍ୟ ବାତାବରଣ ସୃଷ୍ଟି କରିବା ସହିତ ସକରାତ୍ମକ ଉର୍ଜ୍ଜାରେ ସାରା ପରିବେଶକୁ ପୂର୍ଣ୍ଣ କରିଦେଇଥାଏ।


ଆବାହକ, ଚମ୍ପାନାରାୟଣ ଚାରିଟେବୁଲ ଟ୍ରଷ୍ଟ, ଧବଳେଶ୍ୱର ଗଡ଼ା, କଟକ, ମୋବାଇଲ୍: ୯୨୩୮୬୦୨୮୨୫

# ପ୍ରୟାଗରାଜର ଗୋଟିଏ ସ୍ଥାନରେ ୨ ଦୁର୍ଘଟଣା, ୯ ମୃତ

**ପ୍ରୟାଗରାଜ, ୨୦।୨:** ପ୍ରୟାଗରାଜରେ ଚାଲିଥିବା କୁମ୍ଭମେଳାକୁ ଯାଉଥିବା ଶ୍ରଦ୍ଧାଳୁଙ୍କ ବସ୍ ଦୁର୍ଘଟଣା ହୋଇଛି। ଏହି ଦୁର୍ଘଟଣାରେ ୮ଜଣ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ହୋଇଥିବା ବେଳେ ୪୦ଜଣ ଆହତ ହୋଇଛନ୍ତି। କୁମ୍ଭ ଯାଉଥିବା ବେଳେ ଟ୍ରକକୁ ପଛପଟୁ ଧକ୍କା ଦେଲା ବସ୍।

ଖବର ମୁତାବକ, ଦୁର୍ଘଟଣାଟି ଜୌନପୁର ବଦଲାପୁରରେ ଘଟିଛି। ଡବଲ ଡେକର ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଗୁରୁବାର ଭୋରରୁ ଏହି ଦୁର୍ଘଟଣାଟି ଘଟିଥିବା ଜଣାପଡିଛି। ଶ୍ରଦ୍ଧାଳୁଙ୍କ ଡବଲ ଡେକର ବସ୍ ପ୍ରୟାଗରାଜ ମହାକୁମ୍ଭକୁ ଯାଉଥିବା ବେଳେ ପଛରୁ ବସ୍ ଧକ୍କା ଦେଇଥିଲେ। ଧକ୍କା ହେବା ପରେ ଘଟଣା ସ୍ଥଳରେ ଚିତ୍କାର ଶୁଣାଯାଇଥିଲା। ଲୋକମାନେ ଜୀବନ ବଞ୍ଚାଇ ଦୌଡିଥିଲେ। ଏହି ଦୁର୍ଘଟଣାରେ ୬ ଜଣଙ୍କର ଜୀବନ ଚାଲିଯାଇଥିବା ବେଳେ ଅନ୍ୟମାନେ ଆହତ ହୋଇଛନ୍ତି। ଏମାନେ ୧୫ ଫେବୃଆରୀରୁ ଦିଲ୍ଲୀର କରୋଲ ବାଗରୁ ବାହାରିଥିଲେ। ୨୧ ତାରିଖରେ କୁମ୍ଭରୁ



ଏମାନେ ଫେରିଥାନ୍ତେ। ସମସ୍ତେ ଦିଲ୍ଲୀରୁ ପ୍ରୟାଗରାଜକୁ କୁମ୍ଭ ସ୍ନାନ ପାଇଁ ବାହାରିଥିଲେ।

ସେହିପରି ବଦଲାପୁରରେ ଆଉ ଏକ ଦୁର୍ଘଟଣା ଘଟିଛି। ଏକ ଟ୍ରକ ଏବଂ ସୁମୋ ଧକ୍କା ହୋଇଛି। ଏଥିରେ ଫଳରେ ୩ ମହିଳା ସମେତ ୮ ଜଣ ଯାତ୍ରୀ ଥିଲେ। ଏଥିରେ ୩ ଜଣଙ୍କ ଜୀବନ ଚାଲିଯାଇଛି। ଏମାନେ କାଶୀ ବିଶ୍ୱନାଥରୁ ବାରଣାସୀ ଆସୁଥିଲେ। ଏମାନେ ସମସ୍ତେ ଅଯୋଧ୍ୟା ଭଗବାନ ରାମଙ୍କ ଦର୍ଶନ କରିବାକୁ ଯାଉଥିଲେ। ତେବେ ଆହତଙ୍କୁ ହସପିଟାଲରେ ଭର୍ତ୍ତି କରାଯାଇଛି। ସୂଚନାଯୋଗ୍ୟ, ମଧ୍ୟପ୍ରଦେଶ ଭିଣ୍ଡରେ ବିବାହ ଉତ୍ସବ ସାରି ଫେରୁଥିବା ବେଳେ ପିକଅପ୍ ଭ୍ୟାନଟି ରାସ୍ତା କଡ଼ରେ ଛିଡାହୋଇଥିଲା। ଫଳରେ ଏଥିରୁ କିଛି ଲୋକ ବାହାରେ ରହିଥିଲେ ଆଉ କିଛି ଗାଡିରେ ବସିଥିଲେ। ଠିକ୍ ଏହି ସମୟରେ ହଠାତ୍ ଏକ ଦ୍ରୁତଗାମୀ ଡମ୍ଫର ଆସି ପିକଅପ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣା ସ୍ଥଳରେ ୩ ଜଣଙ୍କର ଜୀବନ ଚାଲିଯାଇଥିଲା, ସେହିପରି ଅନ୍ୟ ୨ ଜଣ ପରେ ଜୀବନ ହାରିଥିଲେ।

## ଏନଡିଏ ବୈଠକରେ ମୋଦିଙ୍କ ବଡ଼ ଘୋଷଣା

# ୨ ବର୍ଷ ଭିତରେ ଯେଉଁଠି ନିର୍ବାଚନ ହେବ, ସେଠି ଜିତିବୁ

**ନୂଆଦିଲ୍ଲୀ,୨୦।୨:** ଦିଲ୍ଲୀରେ ଗୁରୁବାର ନୂତନ ସରକାରଙ୍କ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଛି। ଏହି ସମାରୋହରେ ପ୍ରଧାନମନ୍ତ୍ରୀ ମୋଦଙ୍କ ସମେତ ବହୁ ବରିଷ୍ଠ ଭାଜପା ନେତା ଏବଂ ଏନଡିଏ ଶାସିତ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀ ଏବଂ ଉପମୁଖ୍ୟମନ୍ତ୍ରୀମାନେ ଉପସ୍ଥିତ ଥିଲେ। ଶପଥ ଗ୍ରହଣ ଉତ୍ସବ ପରେ, ପ୍ରଧାନମନ୍ତ୍ରୀ ମୋଦି ଏନଡିଏ ନେତାମାନଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଥିଲେ। ଏହି ବୈଠକରେ ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, ଆଗାମୀ ୨ ବର୍ଷ ମଧ୍ୟରେ, ଯେଉଁଠାରେ ନିର୍ବାଚନ ହେବ, ଏନଡିଏ ବିରୋଧୀଙ୍କୁ ପରାସ୍ତ କରିବ। ସୂଚନା ଅନୁଯାୟୀ, ଏନଡିଏ ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ଏନଡିଏ ଏକଜୁଟ ଅଛି ଏବଂ ଆମେ ସମସ୍ତେ ଏକ ବିକଶିତ ଭାରତ ପାଇଁ କାମ କରିବୁ ଏବଂ ଏକାଠି ଏହି ଲକ୍ଷ୍ୟ ହାସଲ କରିବୁ। ସୂଚନା ଅନୁଯାୟୀ, ବୈଠକରେ ଏନ୍‌ଡିଏ ନେତାମାନେ ପ୍ରଧାନମନ୍ତ୍ରୀ



ମୋଦିଙ୍କୁ କହିଥିଲେ ଯେ ମହାରାଷ୍ଟ୍ର ଏବଂ ଦିଲ୍ଲୀ ପରି, ଏନଡିଏ ପ୍ରତ୍ୟେକ ନିର୍ବାଚନରେ ଜିତିବ। ୨୦୨୫ ମସିହା ଶେଷରେ ବିହାରରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ। ୨୦୨୬ ମସିହାରେ ଆସାମ, କେରଳ, ତାମିଲନାଡୁ, ପଶ୍ଚିମବଙ୍ଗ, ପୁଡୁଚେରୀରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ। ଏହା ପରେ, ୨୦୨୭ ମସିହାରେ ଗୋଆ, ମଣିପୁର, ପଞ୍ଜାବ, ଉତ୍ତରାଖଣ୍ଡ, ଗୁଜରାଟ, ହିମାଚଳ ପ୍ରଦେଶ ଏବଂ ଉତ୍ତର ପ୍ରଦେଶରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ।

# ସିନ୍ଦେଙ୍କୁ ବୋମାପକାଇ ଉଡ଼ାଇ ଦେବାକୁ ଧମକ

**ନୂଆଦିଲ୍ଲୀ, ୨୦।୨:** ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କୁ ଗୁରୁବାର ଇମେଲ୍ ମାଧ୍ୟମରେ ହତ୍ୟା ଧମକ ମିଳିଛି। ଇମେଲ୍ ପଠାଇଥିବା ବ୍ୟକ୍ତି ଶିବସେନା ନେତାଙ୍କ କାରକୁ ବୋମାରେ ଉଡ଼ାଇ ଦେବାକୁ ଧମକ ଦେଇଛି। ଏହି ଧମକପୂର୍ଣ୍ଣ ମେସେଜଗୁଡ଼ିକ ଗୋରେଗାଓଁ ଏବଂ ଜେଜେ ମାର୍ଗ ପୁଲିସ ଷ୍ଟେସନ ସହିତ ରାଜ୍ୟ ସଚିବାଳୟକୁ ଇମେଲ୍



ମାଧ୍ୟମରେ ଆସିଥିବା ଜଣାଯାଇଛି। ଏକନାଥ ସିନ୍ଦେଙ୍କୁ ହତ୍ୟା ଧମକ ଦେଇଥିବା ବ୍ୟକ୍ତିଙ୍କ ଆଇପି ଠିକଣା ଖୋଜିବା ପାଇଁ ମୁମ୍ବାଇ ପୁଲିସ ଏବଂ କ୍ରାଇମବ୍ରାଞ୍ଚ ତଦନ୍ତ ଆରମ୍ଭ କରିଛନ୍ତି।

ଇମେଲ ମାଧ୍ୟମରେ ଧମକ ପାଇବା ପରେ ମହାରାଷ୍ଟ୍ର ପୁଲିସ ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କ ଚାରିପାଖରେ ସୁରକ୍ଷା ବୃଦ୍ଧି କରିଛି। ଦିଲ୍ଲୀର ନୂଆ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କ ଶପଥ ଗ୍ରହଣ ଉତ୍ସବରେ ଯୋଗଦେବା ପାଇଁ ରାଜଧାନୀ ଦିଲ୍ଲୀରେ ଥିବା ବେଳେ ଶିବସେନା ନେତା ଏକନାଥ ସିନ୍ଦେଙ୍କୁ ହତ୍ୟା ଧମକ ମିଳିଥିଲା। ଶାଲିମାର ବାଗର ବିଜେପି ବିଧାୟକ ରେଖା ଗୁପ୍ତାଙ୍କ ଶପଥ ଗ୍ରହଣ ଉତ୍ସବରେ ଯୋଗ ଦେବା ସମୟରେ ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ କହିଥିଲେ, 'ଏହା ଆନନ୍ଦର କଥା ଯେ, ପ୍ରିୟ ଭଉଣୀ ଦିଲ୍ଲୀରେ ମୁଖ୍ୟମନ୍ତ୍ରୀ ଭାବରେ ଶପଥ ନେଉଛନ୍ତି। ଏଥିପାଇଁ ଆମେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଧନ୍ୟବାଦ ଜଣାଉଛୁ'

ତେବେ ଏହା ପ୍ରଥମ ଥର ନୁହେଁ ଯେତେବେଳେ ଏକନାଥ ସିନ୍ଦେଙ୍କୁ ହତ୍ୟା ଧମକ ମିଳିଛି। ପୂର୍ବରୁ ଫେବ୍ରୁଆରି ୨୦୨୪ରେ, ଜଣେ କଲେଜ ଛାତ୍ର ଏକନାଥ ସିନ୍ଦେ ଏବଂ ତାଙ୍କ ପୁଅ ସାଂସଦ ଶ୍ରୀକାନ୍ତ ସିନ୍ଦେଙ୍କୁ ହତ୍ୟା କରିବାକୁ ଧମକ ଦେଇଥିଲେ। ଏହି ଧମକ ସୋସିଆଲ ମିଡିଆ ମାଧ୍ୟମରେ ଦିଆଯାଇଥିଲା, ଯାହା ପରେ ପୁଲିସକୁ ହସ୍ତକ୍ଷେପ କରିବାକୁ ପଡିଲା। ୨୦୨୪ ମସିହା ଫେବ୍ରୁଆରି ୧୧ ତାରିଖରେ, ଜଣେ ୧୯ ବର୍ଷୀୟ ଛାତ୍ରଙ୍କୁ ସିନ୍ଦେ ଏବଂ ତାଙ୍କ ପୁଅକୁ ହତ୍ୟା ଧମକ ପଠାଇବା ଅଭିଯୋଗରେ ପୁଲିସ ଗିରଫ କରିଥିଲା।

# ରାହୁଲଙ୍କ ଅଭିଯୋଗ: ମାୟାବତୀ ବିଜେପି 'ବି' ଟିମ୍ ଭାବେ କାର୍ଯ୍ୟ କରୁଛନ୍ତି

**ନୂଆଦିଲ୍ଲୀ:** କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ଗୁରୁବାର ଠାରୁ ଦୁଇ ଦିନିଆ ରାୟବରେଲି ଗସ୍ତରେ ଅଛନ୍ତି। ରାହୁଲ ଏଠାରେ ଦଳିତ ଛାତ୍ର ମାନଙ୍କ ସହିତ ଆଲୋଚନା କରିବା ସମୟରେ, ସେ ମାୟାବତୀଙ୍କୁ ନେଇ ଏକ ବଡ ବୟାନ ଦେଇଛନ୍ତି । କଂଗ୍ରେସ ନେତା ରାହୁଲ ଗାନ୍ଧୀ ମୂଳ ଭାରତୀ ହଷ୍ଟେଲରେ କହିଛନ୍ତି, "ମୋର ପ୍ରଶ୍ନ ହେଉଛି, କାହିଁକି ବେହେନଜୀ (ମାୟାବତୀ) ଆଜି ପର୍ଯ୍ୟନ୍ତ କୌଣସି ନିର୍ବାଚନ ଠିକ୍ ଭାବରେ ଲଢ଼ି ନାହାଁନ୍ତି ? ଆମେ ଚାହୁଁଥିଲୁ ଯେ ବେହେନଜୀ ମୋ ସହିତ ବିଜେପି ବିରୁଦ୍ଧରେ ନିର୍ବାଚନ ଲଢ଼ନ୍ତୁ। ଯଦି ତିନୋଟି ଦଳ ଏକାଠି ହୋଇଥାନ୍ତେ, ତେବେ ବିଜେପି କେବେ ନିର୍ବାଚନ ଜିତି ନଥାନ୍ତା। ରାହୁଲ ଗାନ୍ଧୀ ଅଭିଯୋଗ କରିଛନ୍ତି ଯେ, ମାୟାବତୀ ବିଜେପିର ବି ଟିମ୍ ଭାବରେ କାମ କରୁଛନ୍ତି। ଦେଶର ସମ୍ବିଧାନରେ ଦଳିତଙ୍କ ଅବଦାନ ବିଷୟରେ ଉଲ୍ଲେଖ କରି ସେ କହିଛନ୍ତି ଯେ, ଡକ୍ଟର ବି.ଆର. ଆମ୍ବେଦକରଙ୍କ ପାଖରେ ସୁବିଧା ସୁଯୋଗର ଅଭାବ ଥିଲା, ତଥାପି ସେ ସମଗ୍ର ରାଜନୈତିକ ବ୍ୟବସ୍ଥାକୁ ଦୋହଲାଇ ଦେଇଥିଲେ। ଦେଶର ଶ୍ରେଷ୍ଠ ୫ ଶହ ଫାର୍ମ ମଧ୍ୟରୁ କିଛି ଶ୍ରେଷ୍ଠ ଘରୋଇ କମ୍ପାନୀର ନାମ ନେଇ ରାହୁଲ ଗାନ୍ଧୀ ଯୁବପିଢ଼ିଙ୍କୁ ପଚାରିଥିଲେ ଯେ ସେହି କମ୍ପାନୀ ଗୁଡ଼ିକ ମଧ୍ୟରୁ କେତେଟି ଦଳିତଙ୍କ ଦ୍ୱାରା ପରିଚାଳିତ। ରାହୁଲ ଅଭିଯୋଗ କରିଛନ୍ତି ଯେ, ସମଗ୍ର ବ୍ୟବସ୍ଥା ଦଳିତଙ୍କ ବିରୋଧୀ ଏବଂ ସେମାନେ ପ୍ରଗତି କରନ୍ତୁ ବୋଲି ଚାହୁଁଛନ୍ତି । ଏହି ବ୍ୟବସ୍ଥା ପ୍ରତିଦିନ ତୁମକୁ ଆକ୍ରମଣ କରୁଛି ଏବଂ ଅଧାରୁ ଅଧିକ ସମୟ ତୁମେ ଜାଣିନଥିବ ଯେ ଏହା ତୁମକୁ କିପରି ଆକ୍ରମଣ କରୁଛି।

# ଜେଲେନସ୍କିଙ୍କୁ ସାଧାରଣ କମେଡିଆନ୍ କହିଲେ ଟ୍ରମ୍ପ



**ନୂଆଦିଲ୍ଲୀ:** ୟୁକ୍ରେନ୍ ଯେଉଁ ଆମେରିକା ଭରୋସାରେ ଯୁଦ୍ଧ ଲଢୁଥିଲା, ସେହି ଆମେରିକା ଆଜି ତାର ସାହାଯ୍ୟତାର ହାତକୁ ଛଡାଇ ନେଇଛି। ପଛକୁ ହଟିଯାଇଛି ଆମେରିକା। ଆମେରିକାର ନୂଆ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୟୁକ୍ରେନ୍ ରାଷ୍ଟ୍ରପତି ଜେଲେନସ୍କିଙ୍କୁ କଡା ଭାଷାରେ ସମାଲୋଚନା କରିବା ସହ ଯୁଦ୍ଧ ରୋକିବା ପାଇଁ ଋଷ ସହ ଆଲୋଚନା କରିବା ପାଇଁ ଚେତାବନୀ ଦେଇଛନ୍ତି। ଟ୍ରମ୍ପ ୟୁକ୍ରେନ୍ ରାଷ୍ଟ୍ରପତି ଜେଲେନସ୍କିଙ୍କୁ ସମାଲୋଚନା କରି କହିଛନ୍ତି, ବିନା ନିର୍ବାଚନରେ ଜେଲେନସ୍କି ତାନାସାହ ସାଜିଛନ୍ତି। ଟ୍ରମ୍ପ ଟ୍ୱିଟ୍ କରି ଲେଖିଛନ୍ତି, ଏକ ମାମୁଲି କମେଡିଆନ୍ ବା ହାସ୍ୟଅଭିନେତା ଜେଲେନସ୍କି ଆମେରିକାକୁ ୩୫୦ ବିଲିୟନ୍ ଡଲାର୍ ଖର୍ଚ୍ଚ କରିବା କଥା କହୁଛି। ତାହା ବି ଏପରି ଏକ ଯୁଦ୍ଧ ପାଇଁ ଖର୍ଚ୍ଚ କରିବା ପାଇଁ କହୁଛି, ଯେଉଁ ଯୁଦ୍ଧ କେବେ ଜିତାଯାଇ ପାରିବନାହିଁ। ବଡ କଥା ହେଉଛି ଏହି ଯୁଦ୍ଧ କେବେ ଆରମ୍ଭ କରିବାର ନଥିଲା। ଟ୍ରମ୍ପ ଟ୍ୱିଟ୍ କରି ଆହୁରି କହିଛନ୍ତି କି, ଜେଲେନସ୍କି ନିର୍ବାଚନ ନକରି ତାନାସାହ ସାଜିଛନ୍ତି। ତାଙ୍କ ପାଇଁ ଭଲ ହେବ ଯୁଦ୍ଧ ବନ୍ଦ କରି ଆଗକୁ ବଢନ୍ତି ଜେଲେନସ୍କି। ନଚେତ୍ ତାଙ୍କ ସପକ୍ଷରେ ଗୋଟିଏ ବି ଦେଶ ରହିବେ ନାହିଁ। ଆମେ ଯୁଦ୍ଧକୁ ସମାପ୍ତ କରିବା ପାଇଁ ଋଷ ସହ ଆଲୋଚନା କରିଛୁ। ପୂର୍ବରୁ ବାଇଡେନ୍ ସରକାର ଯୁଦ୍ଧ ରୋକିବା ପାଇଁ କୌଣସି ପ୍ରାକାର ଚେଷ୍ଟା କରିନଥିଲେ। ଏବେ ବି ସମୟ ଅଛି ଋଷ ସହ ଆଲୋଚନା କରି ଯୁଦ୍ଧକୁ ସମାପ୍ତ କରାଯାଉ। ସେପଟେ ଟ୍ରମ୍ପଙ୍କ କଥାକୁ ଖାରଚ କରି ପ୍ରତିକ୍ରିୟା ରଖିଛନ୍ତି ୟୁକ୍ରେନ୍ ରାଷ୍ଟ୍ରପତି ଜେଲେନସ୍କି। ଟ୍ରମ୍ପ ଭୁଲ ତଥ୍ୟ ଆଧାରରେ ଏପରି କହୁଛନ୍ତି। ଦୁର୍ଭାଗ୍ୟର କଥା ରାଷ୍ଟ୍ରପତି ଟ୍ରମ୍ପ ଋଷର ଅପପ୍ରଚାରର ପ୍ରଭାବରେ ପ୍ରଭିବିତ ହୋଇ ଅଛନ୍ତି। ଆମେରିକା ଜନତା ସବୁବେଳେ ମୋର ସମର୍ଥନ କରିଆସିଛନ୍ତି।

## ମଣିପୁର ରାଜ୍ୟପାଳଙ୍କ ନୂଆ ପଦକ୍ଷେପ

# ସପ୍ତାହକ ଭିତରେ ଚୋରି ଅସ୍ତ୍ରଶସ୍ତ୍ର ଫେରାଇବାକୁ ନିର୍ଦ୍ଦେଶ

**ନୂଆଦିଲ୍ଲୀ, ୨୦।୨:** ମଣିପୁର ରାଜ୍ୟପାଳ ଅଜୟ ଭଲ୍ଲା ଗୁରୁବାର ଏକ ନୂଆ ନିର୍ଦ୍ଦେଶ ଜାରି କରିଛନ୍ତି। ଏହି ନର୍ଦ୍ଦେଶାବଳିରେ ମଣିପୁରର ସମସ୍ତ ସମ୍ପ୍ରଦାୟକୁ ଚୋରି ଓ ବେଆଇନ ଭାବେ ଗଚ୍ଛିତ ରଖିଥିବା ଅସ୍ତ୍ରଶସ୍ତ୍ର ଗୁଡିକୁ ସାତ ଦିନ ମଧ୍ୟରେ ଫେରାଇବାକୁ ସେ କହିଛନ୍ତି। ଏହା ସହ ସାତ ଦିନ ମଧ୍ୟରେ ଅସ୍ତ୍ରଶସ୍ତ୍ର ଜମାକଲେ ସମ୍ପୃକ୍ତ ବ୍ୟକ୍ତିଙ୍କ ଉପରେ କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ହେବ ନାହିଁ। ନଚେତ୍ ଏହାପରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ରହିଛି। "ବୃହତ୍ତର ସ୍ୱାର୍ଥରେ ମଣିପୁରରେ ସ୍ୱାଭାବିକତା ଫେରାଇ ଆଣିବାକୁ ପଡିବ। ଯାହାଦ୍ୱାରା ଲୋକମାନେ ସେମାନଙ୍କ ଦୈନନ୍ଦିନ ଜୀବନକୁ ଫେରିପାରିବେ। ରାଜ୍ୟ ଓ ସମାଜରେ ଶାନ୍ତି ଫେରାଇ ଆଣିବାକୁ ସମସ୍ତ ସମ୍ପ୍ରଦାୟକୁ ଶତ୍ରୁତା ଛାଡିବାକୁ ପଡିବ" ବୋଲି ରାଜ୍ୟପାଳ ଏକ ସରକାରୀ ବିବୃତ୍ତି ଜାରି କରିଛନ୍ତି। ଦିର୍ଘ ୨୦ ମାସରୁ ଅଧିକ ସମୟ ଧରି ମଣିପୁରର ପାହାଡି ଓ ତଳିଆ ଅଞ୍ଚଳର ଲୋକ ମାନେ ବହୁ କଷ୍ଟ ସହିଲେଣି। ଆଗକୁ ଆଉ ସମ୍ପ୍ରଦାୟ ମଧ୍ୟରେ ଶତ୍ରୁତା ବଢିବାକୁ ଦିଆଯିବ ନାହିଁ ବୋଲି ଭଲ୍ଲା କହିଛନ୍ତି। "ମୁଁ ଖାସ କରି ପାହାଡ ଓ ତଳିଆ ଅଞ୍ଚଳର ସମସ୍ତ ସମ୍ପ୍ରଦାୟର



ଯୁବକମାନଙ୍କୁ ସମସ୍ତ ଚୋରି ଓ ବେଆଇନ ଭାବେ ଗଚ୍ଛିତ ରଖିଥିବା ଅସ୍ତ୍ରଶସ୍ତ୍ର ଗୁଡିକୁ ଫେରାଇ ଦେବାକୁ ଅନୁରୋଧ କରୁଛି। ସମସ୍ତେ ଦୟାକରି ସାତଦିନ ମଧ୍ୟରେ ନିକଟସ୍ଥ ପୋଲିସ ଥାନା, ଚେକପୋଷ୍ଟ ଓ ସ୍ଥାନୀୟ ସୁରକ୍ଷା କର୍ମୀ ମାନଙ୍କୁ ସମସ୍ତ ଅସ୍ତ୍ରଶସ୍ତ୍ର ଫେରାଇ ଦିଅନ୍ତୁ। ରାଜ୍ୟରେ ଶାନ୍ତି ପ୍ରତିଷ୍ଠା ପାଇଁ ଏହି ନିୟମକୁ ଆଜିଠାରୁ ଆରମ୍ଭ କରାଗଲା। ଯେଉଁମାନେ ଅସ୍ତ୍ରଶସ୍ତ୍ର ଫେରାଇବେ ତାହା ଉପରେ ବି କୌଣସି ପ୍ରକାରର କାର୍ଯ୍ୟନୁଷ୍ଠାନ ନିଆଯିବ ନାହିଁ। ଏହାର ଭରଷା ମୁଁ ଦେଉଛି। କିନ୍ତୁ ଏହି ସମୟସିମା ପରେ ଏଥିରେ ବିଚ୍ୟୁତି ଘଟିଲେ ଦୋଷୀ ମାନଙ୍କ ବିରୁଦ୍ଧରେ କାଡା କାର୍ଯ୍ୟାନୁଷ୍ଠାନ ନିଆଯିବ।" ବୋଲି ଏହି ବିବୃତ୍ତିରେ ଉଲ୍ଲେଖ ରହିଛି। ସୂଚନା ନୁତାବକ, ଗତ ସପ୍ତାହରେ ମଣିପୁରର ମୁଖ୍ୟମନ୍ତ୍ରୀ ଏନ ବିରେନ ସିଂ ତାଙ୍କ ପଦରୁ ଇସ୍ତଫା ପ୍ରଦାନ କରିଥିଲେ। ଆଉ ଏହାପରେ ରାଜ୍ୟରେ ରାଷ୍ଟ୍ରପତି ଶାସନ ଲଗାଯାଇଥିଲା। ମଣିପୁରରେ ହିଂସା ଆରମ୍ଭ ହେବାର ଦୁଇ ବର୍ଷ ପରେ ବିରେନ ଇସ୍ତଫା ପ୍ରଦାନ କରିଥିଲେ। ୨୦୨୩ ମସିହା ମେ ମାସରେ ମଣିପୁରର ମୈତେୟି ଓ କୁକି ସମ୍ପ୍ରଦାୟ ମଧ୍ୟରେ ଭୟଙ୍କର ଗୋଷ୍ଠୀ ସଂଘର୍ଷ ଘଟିଥିଲା। ଏହି ସଂଘର୍ଷରେ ୨୫୦ ଲୋକଙ୍କ ମୃତ୍ୟୁ ହୋଇଥିବା ବେଳେ ହଜାର ହଜାର ଲୋକ ବିସ୍ଥାପିତ ହୋଇଥିଲେ। ଆଉ ସେବେଠୁ ମଣିପୁରରେ ହିଂସା ଲାଗି ରହିତିଲା।

# ପ୍ରେମିକାକୁ ରିସେପସନରୁ ଉଠାଇନେଲା ପ୍ରେମିକ

## ଥାନାରେ ଅଭିଯୋଗ କଲେ ବରପକ୍ଷ

**ଭୋପାଳ, ୨୦।୨:** ମଧ ପ୍ରଦେଶର ରାଜଧାନୀ ଭୋପାଳରେ ଏକ ବାହାଘର ହେଇଛି। ଯେଉଁ ବାହାଘରରେ ଘଟିଥିବା ଘଟଣା ଏକ ଫିଲ୍ମର କାହାଣୀ ଭଳି ହୋଇଛି। ତେବେ ବାହାଘରରେ ହେଉଥିବା ରିସେପ୍ସନରେ କନ୍ୟା ନିଜ ବୟଫ୍ରେଣ୍ଡ ସହ ଫେରାର ହୋଇଯାଇଛି। ଏଭଳି ଘଟଣା ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି। ଏହାପରେ ବର ପୋଲିସର ଆଶ୍ରୟ ନେଇଛନ୍ତି। ବର୍ତମାନ ପୋଲିସ ଏହି ଘଟଣାର ତଦନ୍ତ କରୁଛି। ଏହି ଘଟଣା ଟିଟି ନଗରରେ ହୋଇଛି। ଥାନା ଅଧିକାରୀ ସୁଧୀର ଅରଜିରିୟା କହିଛନ୍ତି ଆଶିଷ ରଜକଙ୍କ ବିବାହ ଗଂଜବାସୌଡାଙ୍କ ରୋଶନି ସୈଲଙ୍କିଙ୍କ ସହ ହୋଇଛି। ଆଶିଷ ବରଯାତ୍ରୀ ନେଇ ଗଂଜବାସୌଡା ଯାଇଥିଲେ। ଏବଂ ଏହାପରେ ସେଠାରୁ ସେ ଫେରିଥିଲେ। ଭୋପାଳରେ ନିଜ ରିସେପସନ ରଖିଥିଲେ। ରିସେପସନ ପାଇଁ ବର ଆଶିଷ ଏବଂ କନ୍ୟା ବିୟୁଟି ପାର୍ଲର ଯାଇଥିଲେ। ଯେଉଁ ଠାରୁ ସେ ସିଧା ବିବାହ ମଣ୍ଡପ ପହଞ୍ଚିଥିଲେ। କାରରୁ ଗୋଟିଏ ପାଖରୁ ବର ତଳକୁ ଓହ୍ଲାଇ ଥିଲେ। ଏହାପରେ କନ୍ୟା ରୋଶନି ଓ ବରର ଭଉଣୀ ଓହ୍ଲାଇଥିଲେ।

ଏହାପରେ ଏକ କାର ଦ୍ରୁତଗତିରେ ସେଠାରେ ପହଞ୍ଚିଥିଲା। ଏକ ଯୁବକ ବରର ଭଉଣୀକୁ ଧକ୍କା ଦେଇ କନ୍ୟା ରଶନିଙ୍କୁ ନିଜ କାରରେ ବସାଇ ସେହି ସ୍ଥାନରୁ ଫେରାର ହୋଇଯାଇ ଥିଲା। ପ୍ରଥମରେ ତ ଏହା ଏକ ଅପହରଣ ବୋଲି ମନେ ହେଇଥିଲା। କିନ୍ତୁ କିଛି ସମୟ ପରେ ଏହାର ସତ୍ୟତା ଜଣାପଡିଥିଲା। କନ୍ୟା ରୋଶନି ନଜ ବୟଫ୍ରେଣ୍ଡ ଅଙ୍କିତ ସହ ଫେରାର ଯାଇଥିବା ଜଣା ପଡିଥିଲା। ପୋଲିସଙ୍କ ସୁଚନା ଅନୁସାରେ ରୋଶନିଙ୍କ ଗତ ୫ ବର୍ଷ ପୁର୍ବରୁ ଗଂଜବାସୈଡାରେ ବାସ କରୁଥିବା ଅଙ୍କିତ ନାମକ ଯୁବକଙ୍କ ସହ ପ୍ରେମ ସମ୍ପର୍କ ରହିଥିଲା। ଯାହାର ସୂଚନା କନ୍ୟାଙ୍କ ପରିବାର ଲୋକେ ଜାଣିଥିଲେ। ଏହି ଘଟଣାକୁ ନେଇଁ ଦୁଇ ପରିବାର ମଧ୍ୟରେ ବିବାଦ ଲାଗିଥିଲା। ଏହାରି ଭିତରେ ଭୋପାଲରେ ରହୁଥିବା ଆଶିଷଙ୍କ ସହ ସ୍ଥିର କରାଯାଇଥିଲା। ମଙ୍ଗଳବାରରେ ବାହାଘର ସ୍ଥିର କରାଯାଇଥିଲା କିନ୍ତୁ ବୁଧବାରରେ ରହିଥିଲା ରିସେପସନ୍। ତେବେ କନ୍ୟା ଏହି ରିସେପସନର ସୁଯୋଗ ସୁବିଧା ଦେଖି ନିଜ ବୟଫ୍ରେଣ୍ଡ ସହ ଫେରାର୍ ହେବା ପାଇଁ ପ୍ଲାନ କରିଥିଲା। ଏହି ଘଟଣା ପରେ ବରପକ୍ଷ ଲୋକ ଥାନାରେ ପହଞ୍ଚିଥିଲେ। ଏହି ଘଟଣା ସମ୍ପର୍କରେ ସମସ୍ତ ଘଟଣା କହିଥିଲେ। ଏହାପରେ ବର କହିଥିଲେ ଯେତେବେଳେ ସେ ବରଯାତ୍ରୀଙ୍କୁ ନେଇ ଗଂଜବାସୌଡା ଯାଇଥିଲେ ସେହି ସମୟରେ ତାଙ୍କ ସହ ଏକ ଘଟଣା ଘଟିଥିଲା। ଯେଉଁ ସମୟରେ କନ୍ୟା ରଶନିଙ୍କୁ ବିଦାୟ ଦିଆଗଲାପରେ ଗାଡିରେ ଆଣାଯାଇଥିଲା ସେହି ସମୟରେ କିଏ ଗାଡିର ଚକାକୁ ପଙ୍କଚର କରାଯାଇଥିଲା। ଯାହା ଫଳରେ ବରଯାତ୍ରୀଙ୍କୁ ବସରେ ଆସିବାକୁ ପଡିଥିଲା। ଏହାପରେ ପୋଲିସ ଏହି ଘଟଣାର ତଦନ୍ତ କରୁଛି।

# ନୀତି ସଂହିତା ପାଳନ ପାଇଁ ଓଟିଟି ପ୍ଲାଟଫର୍ମକୁ ନିର୍ଦ୍ଦେଶ ଦେଲା କେନ୍ଦ୍ର

**ନୂଆଦିଲ୍ଲୀ, ୨୦।୨:** ରଣବୀର ଆଲ୍ଲାବାଦିଆଙ୍କ ମାମଲା ପରେ ସୋସିଆଲ୍ ମିଡିଆ ଚ୍ୟାନେଲ୍ ଏବଂ ଓଟିଟି ୱେବସାଇଟ୍ ଗୁଡ଼ିକୁ ଗୁରୁବାର ଦିନ ଆଇଟି ନିୟମ (୨୦୨୧)କୁ ପାଳନ କରିବାକୁ ଏବଂ ଆତ୍ମ-ନିୟନ୍ତ୍ରଣ ପାଇଁ ଚେତାବନୀ ଦିଆଯାଇଛି। କ୍ରିଏଟର୍‌ମାନେ ଅନୁପଯୁକ୍ତ ବିଷୟବସ୍ତୁ ବ୍ୟବହାର ନକରିବା ପାଇଁ "ଏ" ମୂଲ୍ୟାଙ୍କିତ ବିଷୟବସ୍ତୁ ପାଇଁ ପ୍ରବେଶ ନିୟନ୍ତ୍ରଣ" କାର୍ଯ୍ୟକାରୀ କରିବାକୁ କୁହାଯାଇଛି। ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟର ଏହି ବିଜ୍ଞପ୍ତି ଷ୍ଟାଣ୍ଡ-ଅପ୍ କମେଡି ସୋ 'ଇଣ୍ଡିଆଜ୍ ଗଟ୍ ଲାଟେଣ୍ଟ୍'ର ଏକ ଏପିସୋଡ୍ ସମୟରେ ପୋଡକାଷ୍ଟର ରଣବୀର ଆଲ୍ଲାବାଦିଆ ଦେଇଥିବା ଏକ ଅଶ୍ଳୀଳ ମନ୍ତବ୍ୟକୁ ନେଇ ବିବାଦ ମଧ୍ୟରେ ଆସିଛି। ବିଜ୍ଞପ୍ତିରେ କୁହାଯାଇଛି ଯେ ଏହା ଓଟିଟି ପ୍ଲାଟଫର୍ମ ଏବଂ ସୋସିଆଲ ମିଡିଆର କିଛି କଣ୍ଟେଣ୍ଟ କ୍ରିଏଟର୍‌ଙ୍କ ଦ୍ୱାରା ପ୍ରକାଶିତ ଅଶ୍ଳୀଳ ବିଷୟବସ୍ତୁର ପ୍ରସାରକୁ ରୋକିବ। ସରକାର ଜୋର ଦେଇଛନ୍ତି ଯେ ଆଇନ ଅନୁଯାୟୀ ଓଟିଟି ପ୍ଲାଟଫର୍ମଗୁଡ଼ିକ "ଆଇନ ଦ୍ୱାରା ନିଷିଦ୍ଧ କୌଣସି ବିଷୟବସ୍ତୁ ପ୍ରସାରଣ ନକରିବା (ଏବଂ) ବିଷୟବସ୍ତୁର ବୟସ-ଭିତ୍ତିକ ବର୍ଗୀକରଣ କରିବା ଆବଶ୍ୟକ।"

# ୨୭୦କେଜିର ରଡ୍ ନେଲା ଭାରତ୍ତୋଳନକାରୀଙ୍କ ଜୀବନ

**ବିକାନେର, ୨୦।୨:** ରାଜସ୍ଥାନର ବିକାନେର ଜିଲ୍ଲାରେ ଜଣେ କନିଷ୍ଠ ଜାତୀୟ କ୍ରୀଡା ସ୍ୱର୍ଣ୍ଣ ପଦକ ବିଜେତା ଭାରତ୍ତୋଳନକାରୀଙ୍କ ମୃତ୍ୟୁ ହୋଇଛି। ସେ ଅଭ୍ୟାସ କରୁଥିବା ବେଳେ ଏହି ଘଟଣା ଘଟିଛି। ମଙ୍ଗଳବାର ଦିନ ଏହି ଘଟଣା ଘଟିଥିବା କହିଛି ପୁଲିସ। ମୃତକଙ୍କ ନାମ ହେଲା ଯଷ୍ଟିକା ଆଚାର୍ଯ୍ୟ (୧୭)। ପୁଲିସ କହିଛି ଯେ, ଜୁନିଅର ନ୍ୟାସନାଲ ଗେମ୍ସରେ ସ୍ୱର୍ଣ୍ଣ ପଦକ ବିଜେତା ପାୱାରଲିଫ୍ଟର ଯଷ୍ଟିକାଙ୍କ ମୃତ୍ୟୁ ହୋଇଛି। ଅଭ୍ୟାସ ସମୟରେ ତାଙ୍କ ବେକରେ ୨୭୦ କିଲୋଗ୍ରାମ ରଡ୍ ପଡ଼ିଯିବାରୁ ତାଙ୍କର ବେକ ଭାଙ୍ଗି ଯାଇଥିଲା। ଦୁର୍ଘଟଣା ପରେ ତୁରନ୍ତ ଆଚାର୍ଯ୍ୟଙ୍କୁ ଡାକ୍ତରଖାନା ନିଆଯାଇଥିଲା, ଯେଉଁଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କୁହାଯାଉଛି ଯେ, ପ୍ରଶିକ୍ଷକ ଯେତେବେଳେ ଯଷ୍ଟିକାଙ୍କୁ ଜିମ୍‌ରେ ୨୭୦କେଜିର ରଡ୍ ଉଠାଇବାକୁ ସାହାଯ୍ୟ କରୁଥିଲେ ସେତେବେଳେ ଏହି ଦୁର୍ଘଟଣା ଘଟିଥିଲା। ଏହି ଦୁର୍ଘଟଣାରେ ପ୍ରଶିକ୍ଷକ ମଧ୍ୟ ସାମାନ୍ୟ ଆଘାତ ପାଇଥିଲେ। ତେବେ ପରିବାର ପକ୍ଷରୁ ଏ ଘଟଣାକୁ ନେଇ କୌଣସି ମାମଲା ରୁଜୁ କରାଯାଇନଥିଲା ବେଳେ ବ୍ୟବଚ୍ଛେଦ ପରେ ମୃତଦେହ ପରିବାରକୁ ହସ୍ତାନ୍ତର କରାଯାଇଛି।

# ମା'କୁ ଘରେ ବନ୍ଦୀକରି ମହାକୁମ୍ଭକୁ ସଙ୍ଗମ ସ୍ନାନ ପାଇଁ ଚାଲିଗଲା ପୁଅ

**ନୂଆଦିଲ୍ଲୀ, ୨୦।୨:** ହିନ୍ଦୁ ଧର୍ମର ବିଶ୍ୱାସ ଅନୁସାରେ ମହାକୁମ୍ଭ ସ୍ନାନଦ୍ୱାରା ପାପ କ୍ଷୟ ହୁଏ, ଏହା ମୋକ୍ଷ ପ୍ରାପ୍ତିର ମାର୍ଗ। ଜ୍ୟୋତିଷ ଶାସ୍ତ୍ରମତରେ ମଧ ମକର ସଂକ୍ରାନ୍ତିଠାରୁ ମହା ଶିବରାତ୍ରି ପର୍ଯ୍ୟନ୍ତ ମହାକୁମ୍ଭ ସ୍ନାନ ଆଧାତ୍ମିକ, ଶାରୀରିକ ଓ ମାନସିକ ଶକ୍ତିର ବିକାଶ କରିଥାଏ। ଏହି ବିଶ୍ୱାସ ରଖି ଏଯାବତ କୋଟିକୋଟି ଶ୍ରଦ୍ଧାଳୁ ପ୍ରୟାଗରାଜରେ ଆୟୋଜିତ ହୋଇଥିବା ମହାକୁମ୍ଭ ମେଳାରେ ପହଞ୍ଚି ସଙ୍ଗମରେ ସ୍ନାନ ରଖି ପୂର୍ଣ୍ଣ୍ୟ ଅର୍ଜନ କରିଥିବା କୁହାଯାଉଛି। ଝାଡ଼ଖଣ୍ଡର ରାମଗଡ଼ ଜିଲ୍ଲାର ଅରଗଡ୍ଡା ସରକାରୁ ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିଛି। ମା'କୁ ଘରେ ବନ୍ଦୀ କରି ଜଣେ ସିସିଏଲ କର୍ମଚାରୀ ଗତସୋମବାର ସ୍ତ୍ରୀ ଓ ନିଜ ପିଲାଙ୍କୁ ଧରି ପବିତ୍ର ବୁଡ଼ ପକାଇବା ପାଇଁ ପ୍ରୟାଗରାଜର ମହାକୁମ୍ଭରେ ସ୍ନାନ କରି ପୂର୍ଣ୍ଣ୍ୟ ଅର୍ଜନ କରିବା ପାଇଁ ଚାଲି ଯାଇଥିଲେ। ଗତ ବୁଧବାର ରାତିରେ ବୃଦ୍ଧ ମା' ଭୋକ ଉପବାସରେ ଆଉଟପାଉଟ ହୋଇ ଚିତ୍କାର କରିଥିଲେ। ବୃଦ୍ଧାଙ୍କ ଚିତ୍କାର ଶୁଣି ପଡ଼ିଶାଲୋକ ଘଟଣାସ୍ଥଳରେ ପହଞ୍ଚିଥିଲେ। ବାହାରପାର୍ଶ୍ୱରୁ ତାଲା ପଡ଼ିଥିବା ବେଳେ ଭିତରପାର୍ଶ୍ୱରୁ ଜଣେ ବୃଦ୍ଧଙ୍କ କାନ୍ଦିବା ସ୍ୱର ଶୁଣିବାକୁ ମିଳିଥିଲା। ଏହାପରେ ପଡ଼ିଶାଘରରଲୋକ ତାଲା ଭାଙ୍ଗି ଭିତରକୁ ପଶିଥିଲେ। ଭିତରେ ବୃଦ୍ଧ ଜଣକ ଭୋକଉପବାସରେ କାନ୍ଦୁଥିବାର ଦେଖିବାକୁ ମିଳିଥିଲା। ପୁଲିସ ଏହି ଘଟଣା ସମ୍ପର୍କରେ ଫୋନ କରି ବୃଦ୍ଧଙ୍କ ପୁଅଙ୍କ ସହିତ କଥା ହୋଇଥିଲେ। ପୁଅ କହିଥିଲେ, 'ଘରେ ସମସ୍ତ ପ୍ରକାର ଖାଦ୍ୟ ସାମଗ୍ରୀ ରଖି ଆମେ ମହାକୁମ୍ଭ ମେଳାକୁ ଆସିଥିଲୁ। ମା'ର ସ୍ୱାସ୍ଥ୍ୟାବସ୍ଥା ଭଲ ନଥିଲା। ତେଣୁ ସେ ନଆସି ଆମମାନଙ୍କୁ ଯିବାକୁ କହିଥିଲା। ' ବୃଦ୍ଧାଙ୍କ ବିବାହିତ ଝିଅ ଏହି ଘଟଣା ବିଷୟରେ ଜାଣିବା ପରେ ପୁଲିସକୁ ସୂଚନା ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ବୃଦ୍ଧାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରିଛି। ଏଥିସହିତ ଝିଅ ଅଭିଯୋଗ କରି କହିଛନ୍ତି, ' ଭାଇ ମହାକୁମ୍ଭକୁ ଯିବା ପୂର୍ବରୁ ମା'କୁ ମୋ ପାଖରେ ଛାଡ଼ି ଯାଇ ପାରି ଥାଆନ୍ତା। କିନ୍ତୁ ସେ ମୋତେ କିଛି ନଜଣାଇ ମା'କୁ ଘର ଭିତରେ ବନ୍ଦୀ କରି ଯିବା ଅପରାଧ।' ପୁଲିସ ଏହି ଘଟଣାର ତଦନ୍ତ ଆରମ୍ଭ କରି ବୃଦ୍ଧଙ୍କ ପୁଅଙ୍କ ଫେରିବା ବାଟକୁ ଅପେକ୍ଷା କରିଛି।

# ନାଗପୁରରେ ବାଂଲା ବିମାନର ଜରୁରୀ ଅବତରଣ

**ଢକା, ୨୦।୨:** ଢାକାରୁ ଦୁବାଇ ଯାଉଥିବା ବାଂଲାଦେଶ ଏୟାରଲାଇନ୍ସ ଏକ ବିମାନ ନାଗପୁରରେ ଜରୁରୀ ଅବତରଣ କରିଛି। ବିମାନରେ ବୈଷୟିକ ତ୍ରୁଟି କାରଣ ଯୋଗୁଁ ନାଗପୁର ବିମାନ ବନ୍ଦରରେ ଜରୁରୀକାଳୀନ ଅବତରଣ କରିଥିଲା। ବିମାନରେ ୩୯୬ ଯାତ୍ରୀ ସହିତ ୧୨ ଜଣ କ୍ରୁ ସଦସ୍ୟ ଥିଲେ। ତେବେ ଯାତ୍ରୀଙ୍କୁ ଅନ୍ୟ ଏକ ବିମାନରେ ଦୁବାଇ ନିଆଯାଇଥିଲା। ଖବର ମୁତାବକ, ଢାକାରୁ ଦୁବାଇ ଯାଉଥିବା ବାଂଲାଦେଶ ଏୟାରଲାଇନ୍ସ ଏକ ବିମାନରେ ବୈଷୟିକ



ତ୍ରୁଟି କାରଣ ଯୋଗୁଁ ନାଗପୁର ବିମାନ ବନ୍ଦରରେ ଜରୁରୀକାଳୀନ ଅବତରଣ କରିଥିଲା। ଏଥିରେ ଥିବା ସମସ୍ତ ଯାତ୍ରୀ ସୁରକ୍ଷିତ ରହିଛନ୍ତି। ବିମାନରେ ୩୯୬ ଯାତ୍ରୀ ସହିତ ୧୨ ଜଣ କ୍ରୁ ସଦସ୍ୟ ଥିଲେ। ନାଗପୁରର ଜଣେ ବରିଷ୍ଠ ଅଧିକାରଙ୍କ କହିବା ମୁତାବକ, ବିମାନରେ ବୈଷୟିକ ସମସ୍ୟା ଯୋଗୁଁ ବୁଧବାର ରାତିରେ ବିମାନଟି ରୁଟ୍ ବଦଳିଥିଲା। ଏହାପରେ ନାଗପୁର ଏୟାରପୋର୍ଟରେ ଜରୁରୀ ଅବତରଣ କରିଥିଲା। ଏହାପରେ ଯାତ୍ରୀଙ୍କୁ ଅନ୍ୟ ଏକ ବିମାନରେ ବାଂଲାଦେଶକୁ ପଠାଯାଇଥିଲା। ସୂଚନାଯୋଗ୍ୟ, କାନାଡାରେ ଡେଲଟା ଏୟାରଲାଇନସର ବିମାନ ଲ୍ୟାଣ୍ଡିଂ ବେଳେ ଓଲଟିଗଲା। ବିମାନ କ୍ରାସରେ ୧୮ ଜଣ ଆହତ ହୋଇଥିଲେ। ଆହତଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଟରୋଣ୍ଟୋ ଏୟାରପୋର୍ଟରେ ଡେଲଟା ଏୟାରଲାଇନସର CRJ-900 ପ୍ଲେନ ଅବତରଣ ବେଳେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ମିନେପଲିସରୁ ବିମାନଟି ଆସୁଥିଲା। ଦୁର୍ଘଟଣାଗ୍ରସ୍ତ ବିମାନରେ ୮୦ ଜଣ ଯାତ୍ରୀ ଥିଲେ। ଦୁର୍ଘଟଣା ପରେ ବିମାନରେ ନିଆଁ ଲାଗି ଯାଇଥିଲା।

# ସଚିବାଳୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ଭୁବନେଶ୍ୱର,୨୦।୨(ସଂଚାର ବ୍ୟୁରୋ): ଓଡ଼ିଶା ସଚିବାଳୟ କ୍ରିକେଟ୍ ଆସୋସିଏସନ୍ ଆନୁକୂଲ୍ୟରେ ହାଇଟେକ୍ ମେଡିକାଲ କଲେଜ ପଡ଼ିଆରେ ଦୀର୍ଘ ପାଞ୍ଚ ବର୍ଷ ପରେ ବେଶ୍ ଉତ୍ସାହର ସହ ଆରମ୍ଭ ହୋଇଛି ବହୁ ପ୍ରତୀକ୍ଷିତ ୨୦ତମ ସଚିବାଳୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ । ଏହା ଭୁବନେଶ୍ୱରର ଅନ୍ୟତମ ଅଗ୍ରଣୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଭାବେ ପରିଗଣିତ। ଉଦ୍ଘାଟନୀ ଉତ୍ସବରେ ହାଇଟେକ୍ ଗ୍ରୁପର ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀ ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥି ଭାବେ ପ୍ରଥମ ଓଡ଼ିଆ ମାଉଣ୍ଟ ଏଭରେଷ୍ଟ ଚଢ଼ାଳି ଶ୍ରୀ ଗଣେଶ ଚନ୍ଦ୍ର ଜେନା ଓ ବିଶିଷ୍ଟ କ୍ରିକେଟ୍ ପ୍ରଶିକ୍ଷକ ଲଳିତ ମହାନ୍ତି ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରଥମ ମ୍ୟାଚ୍ ଜ୍ୟୋତି ଗ୍ରୁପ୍ ଓ କୃଷି ନିର୍ଦ୍ଦେଶାଳୟ ମଧ୍ୟରେ ଖେଳାଯାଇଥିଲା। ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା ଜ୍ୟୋତି ଗ୍ରୁପ୍ । ରାକେଶ ବେହେରା (୪୬ ବଲରୁ ୬୧ ରନ୍) ଓ ରଣଜିତ ପାଇକରାୟ (୧୮ ବଲରୁ ୩୦ ରନ୍)ଙ୍କ ଚମତ୍କାର ଇନିଂସ୍ ବଳରେ ଜ୍ୟୋତି ଗ୍ରୁପ୍ ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ୍ ହରାଇ ୧୪୬ ରନ୍ ସଂଗ୍ରହ କରିଥିଲା । କୃଷି ନିର୍ଦ୍ଦେଶାଳୟ ପକ୍ଷରୁ ଶଶିକାନ୍ତ ପାତ୍ର ଓ ନିର୍ମଳ ବିଶ୍ୱାଳ ମିଳିତଭାବେ ୫୪ ରନ୍ ବ୍ୟୟ କରି ୨ଟି ଲେଖାଏଁ ୱିକେଟ୍ ନେଇଥିଲେ। ବିଜୟ ପାଇଁ ୧୪୭ ରନ ଆବଶ୍ୟକ କରୁଥିବା କୃଷି ନିର୍ଦ୍ଦେଶାଳୟ ୧୯.୧ ଓଭରରେ ମାତ୍ର ୧୧୪ ରନ୍ କରି ଅଲଆଉଟ୍ ହୋଇଯାଇଥିଲା। ନିର୍ଦ୍ଦେଶାଳୟ ପକ୍ଷରୁ ସନ୍ଦୀପ ଭଞ୍ଜଦେଓ (୨୪ ରନ୍) ଓ ଶଶିକାନ୍ତ ପାତ୍ର (୧୨ଟି ବଲରେ ୧୮ ରନ୍) ସଂଗ୍ରହ କରିଥିଲେ। ଜ୍ୟୋତି ଗ୍ରୁପର ରଞ୍ଜିତ ପାଇକରାୟ ୨୧ ରନ୍ ଦେଇ ୪ ୱିକେଟ୍ ନେଇଥିବା ବେଳେ ସାଗର ବେଉରା ୧୦ ରନ୍ ଦେଇ ୩ ୱିକେଟ୍ ନେଇ ତାଙ୍କୁ ଭଲ ସହଯୋଗ କରିଥିଲେ। ରଞ୍ଜିତ ପାଇକରାୟଙ୍କୁ ଅଲରାଉଣ୍ଡ ପ୍ରଦର୍ଶନ ପାଇଁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ୧୦ଟି ଦଳ ଅଂଶଗ୍ରହଣ କରୁଛନ୍ତି । ଓଡ଼ିଶା ସଚିବାଳୟ କ୍ରିକେଟ୍ ଆସୋସିଏସନ୍ ର କର୍ମକର୍ତ୍ତା- ଶଶାଙ୍କ ଶେଖର ମହାପାତ୍ର (କାର୍ଯ୍ୟକାରୀ ସଭାପତି), ସଞ୍ଜୀବ କୁମାର ମିଶ୍ର (ସାଧାରଣ ସମ୍ପାଦକ), ରାମଚନ୍ଦ୍ର ପାଣିଗ୍ରାହୀ (ଉପ-ସଭାପତି), ଅବିନାଶ ଖଣ୍ଡୁଆଳ (କ୍ରୀଡ଼ା ସମ୍ପାଦକ), ଗିରିଶ କୁମାର ଦିଗଲ (କୋଷାଧ୍ୟକ୍ଷ), ସ୍ୱର୍ଣ୍ଣେନ୍ଦୁ ମିଶ୍ର (କାର୍ଯ୍ୟନିର୍ବାହୀ ସଦସ୍ୟ), ବ୍ରହ୍ମାନନ୍ଦ ସାହୁ (ସଦସ୍ୟ) ଓ ପଦ୍ମ ଚରଣ ରାଉତ (ପୂର୍ବତନ ସଦସ୍ୟ) ପ୍ରମୁଖ ଉପସ୍ଥିତ ଥିଲେ।




# ଜର୍ମାନୀଠୁ ପ୍ରତିଶୋଧ ନେଲା ଭାରତୀୟ ପୁରୁଷ ଦଳ, ସ୍ପେନ୍‌ଠୁ ହାରିଲେ ମହିଳା



ଭୁବନେଶ୍ୱର, ୨୦।୨: ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ଚାଲିଥିବା ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ହକି ପ୍ରତିଯୋଗିତାରେ ଭାରତକୁ ବୁଧବାର ଉଭୟ ମିଠାଖଟା ସ୍ୱାଦ ମିଳିଛି। ପୁରୁଷ ଦଳ ଜର୍ମାନୀକୁ ହରାଇ ଗତକାଲି ପରାଜୟର ପ୍ରତିଶୋଧ ନେଇଥିଲା ବେଳେ ମହିଳା ଦଳ ସ୍ପେନ୍ ବିପକ୍ଷରେ ପରାଜୟ ଧାରା ଜାରି ରଖିଛି। ମଙ୍ଗଳବାର ବିଶ୍ୱ ବିଜେତା ଜର୍ମାନୀଠୁ ହାରିଥିବା ଭାରତୀୟ ପୁରୁଷ ଦଳ ବୁଧବାର ପ୍ରତ୍ୟାବର୍ତ୍ତନ କରି ପାଲଟା ମ୍ୟାଚ୍‌କୁ ୧-୦ ଗୋଲ୍‌ରେ ଜିତିନେଇଛି। ମ୍ୟାଚ୍‌ର ଚତୁର୍ଥ ମିନିଟ୍‌ରେ ଗୁର୍‌ଜାଣ୍ଟ୍ ସିଂହ ଏହି ଗୋଲ୍‌ଟି ଦେଇଥିଲେ। ସଂପ୍ରତି ଭାରତ ଏହି ୯ ଦଳୀୟ ପ୍ରତିଯୋଗିତାରେ ୪ ମ୍ୟାଚ୍ ଖେଳି ୨ ଲେଖାଏଁ ବିଜୟ ଓ ପରାଜୟରୁ ୬ ପଏଣ୍ଟ୍ ପାଇ ଟେବୁଲର ସପ୍ତମ ସ୍ଥାନରେ ରହିଛି। ଭାରତ ପରବର୍ତ୍ତୀ ଦୁଇ ମ୍ୟାଚ୍ ଶୁକ୍ରବାର ଓ ଶନିବାର ଆୟର୍ଲାଣ୍ଡ ବିପକ୍ଷରେ ଖେଳିବ। ଅନ୍ୟପକ୍ଷରେ ଭାରତୀୟ ମହିଳା ଦଳ ନିଜର ପ୍ରଥମ ମ୍ୟାଚ୍‌ରେ ଇଂଲଣ୍ଡକୁ ହରାଇ ଅଭିଯାନ ଆରମ୍ଭ କରିଥିଲା। ହେଲେ ଏହା ପରଠୁ ଦଳ ପରାଜୟର ମୁହଁ ଦେଖିବାରେ ଲାଗିଛି। ଇଂଲଣ୍ଡ ବିପକ୍ଷ ପାଲଟା ମ୍ୟାଚ୍‌ରେ ଭାରତ ସୁଟ୍‌ଆଉଟ୍‌ରେ ହାରି ୧ ପଏଣ୍ଟ କରାୟତ୍ତ କରିଥିଲା। ହେଲେ ସ୍ପେନ୍ ବିପକ୍ଷରେ ଏହି ଦଳ ୨ଟି ଯାକ ମ୍ୟାଚ୍ ହାରି ପୂରା ପଏଣ୍ଟ ହାତଛଡ଼ା କରିଛି। ଗତକାଲି ୩-୪ରେ ହାରିଥିବା ଭାରତ ବୁଧବାର ୦-୧ ଗୋଲ୍‌ରେ ସ୍ପେନ୍‌ଠୁ ପରାସ୍ତ ହୋଇଛି। କଡ଼ାସଂଘର୍ଷ ପୂର୍ଣ୍ଣ ଏହି ମ୍ୟାଚ୍‌ର ପ୍ରଥମ ୩ କ୍ୱାର୍ଟର ଗୋଲ୍‌ଶୂନ୍ୟରେ ଶେଷ ହୋଇଥିଲା। ତେବେ ଚତୁର୍ଥ କ୍ୱାର୍ଟରରେ ସ୍ପେନ୍ ଅଧିନାୟିକା ମାରିଆ ସେଗୁ (୪୯ ମିନିଟ୍) ଫିଲ୍ଡ ଗୋଲ୍ କରି ଦଳକୁ ବିଜୟ ଭେଟି ଦେଇଥିଲେ। ଭାରତ ଏହି ପ୍ରତିଯୋଗିତାରେ ୪ ମ୍ୟାଚ୍ ଖେଳି ୧ ବିଜୟ, ୧ ସୁଟ୍‌ଆଉଟ୍ ପରାଜୟ ଓ ୨ ପରାଜୟରୁ ୪ ପଏଣ୍ଟ ପାଇ ଟେବୁଲର ଅଷ୍ଟମ ସ୍ଥାନରେ ରହିଛି। ବୁଧବାର ଏଠାରେ ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ ସ୍ପେନ୍ ପୁରୁଷ ଦଳ ୪-୧ ଗୋଲ୍‌ରେ ଇଂଲଣ୍ଡକୁ ହରାଇଛି। ଏଥିସହ ସ୍ପେନ୍ ଗତକାଲି ଇଂଲଣ୍ଡଠୁ ସୁଟ୍‌ଆଉଟ୍ ପରାଜୟର ମଧୁର ପ୍ରତିଶୋଧ ନେଇଛି।

## ଜାତୀୟ ପାରା ଦୌଡ଼କୁଦ

# ଜୟନ୍ତୀଙ୍କୁ ଡବଲ୍ ସ୍ୱର୍ଣ୍ଣ, ପଙ୍କଜ, କମଳାକାନ୍ତଙ୍କୁ ରୌପ୍ୟ








ଭୁବନେଶ୍ୱର, ୨୦।୨: ଚେନ୍ନାଇରେ ଚାଲିଥିବା ୨୩ତମ ଜାତୀୟ ପାରା ଦୌଡ଼କୁଦ ପ୍ରତିଯୋଗିତାରେ ଓଡ଼ିଶାକୁ ପ୍ରଥମ ସ୍ୱର୍ଣ୍ଣ ପଦକ ଭେଟି ଦେଇଛନ୍ତି ସ୍ପ୍ରିଣ୍ଟର୍ ଜୟନ୍ତୀ ବେହେରା। ଏଥିସହ ବୁଧବାର ଜୟନ୍ତୀ ୨ଟି ସ୍ୱର୍ଣ୍ଣ ଜିତି ରାଜ୍ୟର ଖୁସି ଦ୍ୱିଗୁଣିତ କରିଛି। ବୁଧବାର ମହିଳା ଟି-୪୭ ୧୦୦ ମିଟର ଏବଂ ୪୦୦ ମିଟର ଦୌଡ଼ରେ ଜୟନ୍ତୀ ଏହି ସ୍ୱର୍ଣ୍ଣ ଦ୍ୱୟ ଜିତିଛନ୍ତି। ୧୦୦ ମିଟର ରେସ୍‌କୁ ସେ ୧୩.୪୩ ସେକେଣ୍ଡ୍‌ରେ ଶେଷ କରି ଏହି ପଦକ କରାୟତ୍ତ କରିଥିଲେ। ଦିଲ୍ଲୀର କୀର୍ତ୍ତି ଚୌହାନ (୧୩.୮୫) ରୌପ୍ୟ ଏବଂ ଆନ୍ଧ୍ରପ୍ରଦେଶର ଭବାନୀ ଭାଲାସାମଗାରି (୧୪.୦୩) କାଂସ୍ୟ ପାଇଥିଲେ। ୪୦୦ ମିଟର ଦୌଡ଼କୁ ଜୟନ୍ତୀ ୧ ମିନିଟ୍ ୧.୧୯ ସେକେଣ୍ଡ୍‌ରେ ଶେଷ କରି ପ୍ରଥମ ସ୍ଥାନରେ ରହି ପୋଡିୟମ୍ ଫିନିସ୍ କରିଥିଲେ। ଗୁଜରାଟର ଅଞ୍ଜନାବେନ ବୁମବାଡ଼ିଆ (୧:୫.୨୫) ଓ ଝାଡ଼ଖଣ୍ଡର କାଜଲ କୁମାରୀ (୧:୧୧.୯୮) ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଥିଲେ। ପଙ୍କଜ ଭୁଏ ଓ କମଳାକାନ୍ତ ନାୟକ ବୁଧବାର ଓଡ଼ିଶା ପାଇଁ ୨ଟି ରୌପ୍ୟ ପଦକ ଜିତିଛନ୍ତି। ପୁରୁଷ ଲମ୍ବଡିଆଁ ଟି-୧୩ରେ ପଙ୍କଜ ୫.୯୩ ମିଟର ଡେଇଁ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଛତିଶଗଡ଼ର କଳାରାମ ପଟେଲ (୬.୫୫ ମିଟର) ଓ ଗୁଜରାଟର ପ୍ରଦୀପସିନ ଚୌହାନ (୫.୭୪ ମିଟର) ଯଥାକ୍ରମେ ସ୍ୱର୍ଣ୍ଣ ଓ କାଂସ୍ୟ ପାଇଛନ୍ତି। ପୁରୁଷ ଜାଭ୍‌ଲିନ୍ ଏଫ୍-୫୩ ବର୍ଗରେ କମଳାକାନ୍ତ (୧୬.୨୨ ମିଟର) ରୌପ୍ୟ ଜିତିଥିଲା ବେଳେ ହରିୟାଣାର ସୁମିତ (୧୭.୧୫ ମିଟର) ସ୍ୱର୍ଣ୍ଣ ଓ ଉତ୍ତରପ୍ରଦେଶର ଆଦିତ୍ୟ କୁମାର (୧୬.୧୦) କାଂସ୍ୟ କରାୟତ୍ତ କରିଥିଲେ। ଏହି ୪ ପଦକ ସହ ଓଡ଼ିଶାର ପଦକ ସଂଖ୍ୟା ୫ (୨ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୧ କାଂସ୍ୟ)ରେ ପହଞ୍ଚିଛି। ଏହି ସଫଳତା ଲାଗି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପଦକ ବିଜେତାମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

### ହୃଦୟରୁ ପ୍ରଶଂସକଙ୍କୁ ଧୋନି ବାର୍ତ୍ତା

# କ୍ରିକେଟର ନୁହେଁ, ମୋତେ ଭଲ ମଣିଷ ଭାବରେ ମନେରଖିବା ଉଚିତ



ନୂଆଦିଲ୍ଲୀ,୨୦।୨: ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ଏମଏସ ଧୋନିଙ୍କ ପ୍ରଶଂସକଙ୍କ ଖୁସି ବଢ଼ିବାରେ ଲାଗିଛି। ଏହାର କାରଣ ହେଉଛି ଆଇପିଏଲ ୨୦୨୫ ପାଖେଇ ଆସୁଛି ଏବଂ ସେମାନଙ୍କର ପ୍ରିୟ କ୍ରିକେଟରମାନେ ପୁଣି ଥରେ ସେମାନଙ୍କର ହଳଦିଆ ଜର୍ସିରେ ଦେଖିବାକୁ ମିଳିବେ। ଧୋନିଙ୍କ ଚୌକା ଏବଂ ଛକା ଦେଖିବା ପାଇଁ ପ୍ରଶଂସକମାନେ ବହୁତ ଉତ୍ସାହିତ। କିନ୍ତୁ ପ୍ରଶଂସକମାନଙ୍କ ପାଇଁ, ଧୋନି ଏକ ସାକ୍ଷାତକାରରେ ଯେଉଁ କଥାଗୁଡ଼ିକ କହିଥିଲେ ତାହା ବହୁତ ଗୁରୁତ୍ୱପୂର୍ଣ୍ଣ। ସେ ନିକଟରେ ଏକ ଘରୋଇ ଚ୍ୟାନେଲର ଏକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏଥିରେ ସେ ତାଙ୍କ ହୃଦୟରୁ କହିଛନ୍ତି ଯାହା ସିଧାସଳଖ ତାଙ୍କ ପ୍ରଶଂସକଙ୍କ ହୃଦୟକୁ ଛୁଇଁପାରୁଛି। ଧୋନି କହିଛନ୍ତି ଯେ, ମୋତେ ଜଣେ କ୍ରିକେଟର ଭାବରେ ନୁହେଁ ବରଂ ଜଣେ ଭଲ ମଣିଷ ଭାବରେ ମନେ ରଖିବା ଉଚିତ। ମୁଁ ଅନ୍ୟମାନଙ୍କ ସହିତ କିପରି ବ୍ୟବହାର କରିଛି, ସେହି ଅନୁସାରେ ମୁଁ ମନେରଖାଯାଏ ବୋଲି ଚାହେଁ। ଏହି ମୁହୂର୍ତ୍ତରେ ଏହା ମୋ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା।

କୁଲ କ୍ୟାପଟେନ ତାଙ୍କ ସାକ୍ଷାତକାରରେ ଜୀବନ ଦର୍ଶନ ସହିତ ଜଡିତ କିଛି କଥା ମଧ କହିଛନ୍ତି। ସେ କହିଥିଲେ, ଆମ ପାଖରେ କ୍ଷମା କରିବାର କ୍ଷମତା ରହିବା ଉଚିତ, ଆମେ ଜୀବନରେ ପ୍ରତିଶୋଧପରାୟଣ ହୋଇଗଲୁଣି। କେହି ଜଣେ କହିଛନ୍ତି ଯେ ଆମେ କ୍ଷମା କରି ଆଗକୁ ବଢ଼ିବା ଉଚିତ। ଜୀବନରେ ଖୁସି ରହିବା ଉଚିତ। ଆଜିର ବ୍ୟସ୍ତବହୁଳ ଜୀବନରେ ଚାପର ସମ୍ମୁଖୀନ ହେଉଥିବା ପ୍ରଶଂସକମାନଙ୍କ ପାଇଁ ଧୋନିଙ୍କ ଜୀବନୀ ଟିପ୍ସ ଉପଯୋଗୀ ହୋଇପାରେ।

### ପାକିସ୍ତାନ ବିପକ୍ଷ ମ୍ୟାଚ ପୂର୍ବରୁ ରୋହିତଙ୍କ ବଡ଼ ମନ୍ତବ୍ୟ

# ମୋ ଗୋଡ଼ ଭାଙ୍ଗିବାକୁ ଚେଷ୍ଟା କରିଥିଲେ ପାକିସ୍ତାନୀ ବୋଲର



ନୂଆଦିଲ୍ଲୀ, ୨୦।୨: ଚାମ୍ପିଅନ୍ସ ଟ୍ରଫିରେ ଆସନ୍ତା ୨୩ ତାରିଖରେ ମୁହାଁମୁହିଁ ହେବେ ଚିର ପ୍ରତିଦ୍ୱନ୍ଦ୍ୱୀ ଟିମ୍ ଭାରତ ଏବଂ ପାକିସ୍ତାନ। ଦୁବାଇରେ ଏହି ମ୍ୟାଚ ଖେଳାଯିବ। ହେଲେ ଏହା ପୂର୍ବରୁ ରୋହିତ ଶର୍ମା ପାକିସ୍ତାନ ବୋଲରକୁ ନେଇ ବଡ଼ ମନ୍ତବ୍ୟ ଦେଇଛନ୍ତି। ରୋହିତ ଶର୍ମା ନେଟ୍ ଅଭ୍ୟାସରେ ପାକିସ୍ତାନ ଜନ୍ମିତ ନେଟ୍ ବୋଲର ଆୱେସ ଅହମ୍ମଦଙ୍କ ବୋଲିଂକୁ ସାମ୍ନା କରିଥିଲେ। ଆଉ ଆଓ୍ୱେସଙ୍କ ବୋଲିଂ ଦେଖି ଆଶ୍ଚର୍ଯ୍ୟ ହୋଇଥିଲେ। ରୋହିତ ଆୱେସଙ୍କ ୟର୍କର ବୋଲିଂ ଦେଖି ଆଶ୍ଚର୍ଯ୍ୟ ହୋଇଥିଲେ। ରୋହିତ କହିଥିଲେ, ସେ ମୋ ଗୋଡ ଭାଙ୍ଗି ଦେଇଥାନ୍ତା। ତୁମେ ଭଲ ବୋଲର। ହେଲେ ଇନସ୍ୱିଂଗ୍ ୟର୍କର ପକାଇ ଆମ ଜୋତା ଏବଂ ଗୋଡ ଭାଙ୍ଗିବାକୁ ଚେଷ୍ଟା କରୁଥିଲେ। ବହୁତ ଭଲ, ଧନ୍ୟବାଦ। ଆପଣ ଏଠାକୁ ଆସି ଆମକୁ ବହୁତ ସାହାଯ୍ୟ କରୁଛନ୍ତି। ବହୁତ ଭଲ ଲାଗିଲା। ଏଠାକୁ ଆସି ଆମକୁ ସହାୟତା କରିଥିବା ପାଇଁ ବହୁତ ବହୁତ ଧନ୍ୟବାଦ। ବାଂଲାଦେଶ ବିପକ୍ଷ ଚାମ୍ପିଅନ୍ସ ଟ୍ରଫି ମ୍ୟାଚ ପୂର୍ବରୁ ପ୍ରେସ କନଫରେନ୍ସରେ ଆୱେସ ଏବଂ ୱାସିମ ଆକ୍ରମଙ୍କ ପ୍ରଶଂସା କରିଥିଲେ। ରୋହିତ କହିଥିଲେ, ଦୁହେଁ ବଢ଼ିଆ ବୋଲର। ଆମର ଅନ୍ୟ ବ୍ୟାଟର ମଧ୍ୟ ସେମାନଙ୍କୁ ଭଲ କହୁଛନ୍ତି। ସେମାନେ ଏଠାରେ ରହୁନ୍ତି। ମୋତେ ସେମାନଙ୍କ ବିପକ୍ଷରେ ଅଧିକ କିଛି ଜଣାନଥିଲେ ମଧ୍ୟ ପ୍ରଥମ ଥର ଦେଖି ବହୁତ ଭଲ ଲାଗିଲା। ଏହି ସମୟରେ ରୋହିତଙ୍କ ପାଖରେ ଶୁବମନ ଗିଲ୍ ବସିଥିଲେ। ଆଉ ଶୁବମନ ଏ କଥା ଶୁଣି ହସିଥିଲେ। ତେବେ ଏହି ଦୁଇ ବୋଲରଙ୍କୁ ପାକିସ୍ତାନ ଟିମରେ ସୁଯୋଗ ନ ମିଳିବାରୁ ଦୁବାଇ ଆସି ଖେଳୁଛନ୍ତି। ଆଉ ଏମାନେ ବିରାଟ, ରୋହିତଙ୍କୁ ବୋଲିଂ କରି ବହୁତ ଖୁସି ହୋଇଛନ୍ତି। ୟୁଏଇରେ ସେଭନ ଡିଷ୍ଟ୍ରିକ୍ଟ କ୍ଲବ ପାଇଁ ୨୩ ବର୍ଷୀୟ ବୋଲର ପାକିସ୍ତାନ ସୁପର ଲିଗରେ ଲାହୋର ସିକନ୍ଦର ପାଇଁ ଖେଳିଥିଲେ। ସେହିପରି ଆକ୍ରମ ମଧ୍ୟ ଦୁଇଘଣ୍ଟା ଯାଏଁ ରୋହିତ, ବିରାଟ ଏବଂ ଗିଲଙ୍କୁ ବୋଲିଂ କରିଥିଲେ। ଦୁହେଁ କିନ୍ତୁ ରିଷଭ ପନ୍ତଙ୍କୁ ସବୁଠାରୁ କଠିନ ଭାରତୀୟ ବ୍ୟାଟର।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିଜୟରୁ...

ନେବା ସହ ଏ କ୍ଷେତ୍ରରେ ଦ୍ରୁତତମ ସାବ୍ୟସ୍ତ ହୋଇଛନ୍ତି। ସେ ୫୧୨୬ଟି ବଲ୍‌ରେ ୨୦୦ ୱିକେଟ୍ ପୂରଣ କରିବା ସହ ଅଷ୍ଟ୍ରେଲିଆର ମିଚେଲ୍ ଷ୍ଟାର୍କଙ୍କୁ ଦ୍ୱିତୀୟ ସ୍ଥାନକୁ ଠେଲିଦେଇଛନ୍ତି, ଯିଏ ଏଥିସକାଶେ ୫୨୪୦ ବଲ୍ ନେଇଥିଲେ। ଏହାଛଡ଼ା ହର୍ଷିତ ରାଣା ୩ଟି ଓ ଅକ୍ଷର ପଟେଲ୍ ୨ଟି ୱିକେଟ୍ ନେଇଥିଲେ।

ବ୍ୟାଟିଂରେ ଓପନର ତଥା ଅଧିନାୟକ ରୋହିତ ଶର୍ମା ଓ ଶୁବମାନ ୬୯ ରନ୍ ଯୋଡ଼ିବା ପରେ ରୋହିତ ୪୧ ରନ୍‌ରେ ଆଉଟ୍ ହୋଇଥିଲେ। ବିରାଟ କୋହଲି ୨୨ ଓ ଶ୍ରେୟସ୍ ଆୟର୍ ୧୫ ରନ୍ କରିଥିବା ବେଳେ ଶୁବମାନ ୧୦୧ ରନ୍‌ରେ ଅପରାଜିତ ରହିବା ସହ ଦଳକୁ ବିଜୟ ଲକ୍ଷ୍ୟରେ ପହଞ୍ଚାଇଥିଲେ।

ଦିନିକିଆ କ୍ୟାରିଅର୍‌ର ଏହି ଅଷ୍ଟମ ଶତକୀୟ ଇନିଂସରେ ଶୁବମାନ ୯ଟି ଚୌକା ଓ ୨ଟି ଛକା ଲଗାଇଥିଲେ। ଏହାଛଡ଼ା ସେ ପଞ୍ଚମ ୱିକେଟ୍‌ରେ ଲୋକେଶ ରାହୁଲ୍‌ଙ୍କ ସହ ଅବିଭାଜିତ ୮୭ ରନ୍ ଯୋଡ଼ିଥିଲେ। ରାହୁଲ୍ ଗୋଟିଏ ଚୌକା ଓ ୨ଟି ଛକା ମାଧ୍ୟମରେ ୪୧ ରନ୍‌ରେ ଅପରାଜିତ ଥିଲେ। ସେ ଛକା ଲଗାଇ ଦଳୀୟ ସ୍କୋର୍‌କୁ ୨୩୧ରେ ପହଞ୍ଚାଇଥିଲେ। ବାଂଲା ପକ୍ଷରୁ ରିଶାଦ୍ ହୋସେନ୍ ୨ଟି ଏବଂ ତାସ୍କିନ୍ ଅହମ୍ମଦ ଓ ମୁସ୍ତାଫିଜୁର୍ ରହମାନ୍ ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ।

ଶୁବମାନଙ୍କୁ ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ଭାବେ ବିବେଚିତ କରାଯାଇଥିବା ବେଳେ ୨ ପଏଣ୍ଟ୍ ସହ ଭାରତ ଗ୍ରୁପ୍-ଏ'ରେ ଅଷ୍ଟ୍ରେଲିଆ ପରେ ଦ୍ୱିତୀୟ ସ୍ଥାନରେ ରହିଛି। ପ୍ରତିଯୋଗିତାରେ ଭାରତ ତା'ର ଦ୍ୱିତୀୟ ମ୍ୟାଚ୍ ଆସନ୍ତା ୨୩ରେ ଏଠାରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ବିପକ୍ଷରେ ଖେଳିବ।

### ଧୂର୍ତ୍ତ ଅଚ୍ୟୁତ...

ଗତ ୨୪ ବର୍ଷ ଧରି ଶାସନରେ ଥିବା ବିଜେଡି ଦ୍ୱାରା ବିଭିନ୍ନ ଉପାୟରେ ଅନୁଗୃହୀତ ହୋଇଛନ୍ତି। ତେଣୁ 'ମ୍ୟାନେଜମେଣ୍ଟ ଏକ୍ସପର୍ଟ' ଅଚ୍ୟୁତ ବିଜେଡି ବିଧାୟକଙ୍କୁ ବି ପୂର୍ବ ସମ୍ପର୍କର ଆଳରେ ମ୍ୟାନେଜ କରିଦେଇଛନ୍ତି। ବିଜେଡି ବିଧାୟକମାନେ ଖୋଲାଖୋଲି କିଟ ବିରୋଧରେ କାର୍ଯ୍ୟାନୁଷ୍ଠାନକୁ ସମର୍ଥନ କରୁନାହାଁନ୍ତି। କିଟ ପାଇଁ ଓଡ଼ିଶା ବିଶ୍ୱ ଦରବାରରେ ପରିଚୟ ପାଇଛି ବୋଲି ସେମାନେ କହୁଛନ୍ତି। ହେଲେ କିଟ ପାଇଁ ଓଡ଼ିଶା କିଭଳି ନିନ୍ଦିତ ହୋଇଛି, ତାହା ବିଜେଡି ନେତାଙ୍କୁ ଦିଶୁନାହିଁ।

ନେପାଳୀ ଛାତ୍ରୀ ମୃତ୍ୟୁ ଘଟଣା ପରେ କିଟ ବିଶ୍ୱବିଦ୍ୟାଳୟ ପକ୍ଷରୁ ମାମଲାକୁ ରଫାଦଫା କରିବା ପାଇଁ ଭୁବନେଶ୍ୱରରୁ କାଠମାଣ୍ଡୁ ପର୍ଯ୍ୟନ୍ତ ପ୍ରୟାସ ଜାରି ରହିଥିବା ଜଣାପଡ଼ିଛି। ଏପରିକି କିଟ୍ ବିଶ୍ୱବିଦ୍ୟାଳୟର ଜଣେ ବରିଷ୍ଠ ପଦାଧିକାରୀଙ୍କୁ ମଧ୍ୟ କାଠମାଣ୍ଡୁ ପଠାଯାଇଥିବା ସୂଚନା ମିଳିଛି । ତେବେ ଏହି ଘଟଣାରେ ଆଜି ପୁଲିସ ଆଉ ୫ ଜଣଙ୍କୁ ଗିରଫ କରିଛି। ୪ ବାଉନ୍ସରଙ୍କ ସହ ଜଣେ ଆସିଷ୍ଟାଣ୍ଟ ଫିଲ୍ଡ ଅଫିସର ଗିରଫ ହୋଇଛନ୍ତି। ବାଉନ୍ସର ଅଜୟ ସ୍ୱାଇଁ, ସରୋଜ ରାଉତରାୟ, ଚନ୍ଦନ ସ୍ୱାଇଁ ଓ ସୁଧାଂଶୁ ଶେଖର ବେହେରା ଗିରଫ ହୋଇଥିବା ବେଳେ ଗିରଫ ହୋଇଥିବା ଆସିଷ୍ଟାଣ୍ଟ ଫିଲ୍ଡ ଅଫିସର ଜଣଙ୍କ ରମାକାନ୍ତ ସେଠୀ ବୋଲି ଜଣାପଡ଼ିଛି। ଏଥିସହିତ ଆଜି ଏବିଭିପିର ଛାତ୍ର ନେତାମାନେ ମଧ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ଭେଟି କିଟ୍ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

କିଟକୁ ନେଇ ବିଭିନ୍ନ ମହଲରୁ ନିନ୍ଦା ଓ ଅପବାଦର ସମ୍ମୁଖୀନ ହେଉଛନ୍ତି ଅଚ୍ୟୁତ। ଏଥିସହିତ କିଟ ବିରୋଧରେ କାର୍ଯ୍ୟାନୁଷ୍ଠାନର ଚାପ ଧିରେ ଧିରେ ବଢ଼ୁଛି। ନେପାଳରେ ମଧ୍ୟ କିଟରେ ହୋଇଥିବା ଆତ୍ମହତ୍ୟା ଓ ଛାତ୍ରଛାତ୍ରୀଙ୍କୁ ଆକ୍ରମଣ ଘଟଣା ପରେ ଅସନ୍ତୋଷ ଜୋର ଧରିଛି। ନେପାଳ ସରକାର ମଧ୍ୟ କିଟରେ ପଢିବାକୁ ଏନଓସି ନଦେବାକୁ ଧମକ ଦେଲାଣି। ଗୋଟେପଟେ ବେପାର ଭୟ, ସେପଟେ କାର୍ଯ୍ୟାନୁଷ୍ଠାନର ମଧ୍ୟ ଡର। ଏସବୁକୁ ଏଡାଇବାକୁ ଅଚ୍ୟୁତ ଆଉ ଏକ ଫନ୍ଦି ବାହାର କରିଛନ୍ତି। ଆସନ୍ତାକାଲି ଶୁକ୍ରବାର ଉଚ୍ଚସ୍ତରୀୟ କମିଟି ନିକଟରେ ପକ୍ଷ ରଖିବାକୁ ଯିବା ପୂର୍ବରୁ ଅନୁଷ୍ଠାନ ଛାଡି ପଳାଇଥିବା ନେପାଳ ଛାତ୍ରଛାତ୍ରୀଙ୍କୁ ଫେରାଇ ଆଣିବାକୁ ଭିଡିଓ ଜାରି କରିଛନ୍ତି। ସେଥିରେ ସେ କିଟ ପରିସରରେ ସ୍ୱାଭାବିକ ସ୍ଥିତି ଥିବା ଦର୍ଶାଇଛନ୍ତି। କାରଣ ସରକାର ଥରେ କିଟ ବିରୋଧରେ ଉଠୁଥିବା ଅଭିଯୋଗ ଗୁଡିକୁ ଗୁରୁତ୍ତର ସହ ନେଲେ ତାଙ୍କର ଗୋଟିଏ ପରେ ଗୋଟିଏ କଳା ସାମ୍ରାଜ୍ୟରେ ତାଲା ପଡିବା ଥୟ। ତେଣୁ ଆଇନଗତ କାର୍ଯ୍ୟାନୁଷ୍ଠାନକୁ ଏଡାଇବାକୁ ଏହା ତାଙ୍କର ଆଉ ଏକ ଚାଲ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି।

### ମାଲିକଙ୍କୁ...

ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ୍ (ଏନଜିଟି) ନିକଟରେ ଅଭିଯୋଗ ହୋଇଥିଲା। ଏହା ଉପରେ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଏନଜିଟି ପକ୍ଷରୁ ଜାରି ନିର୍ଦ୍ଦେଶ ଅନୁସାରେ, ଗତ ମାସ ୧୮ ଓ ୨୮ ତାରିଖରେ ଏକ ତଦନ୍ତକାରୀ ଟିମ ରାଇସ ମିଲରେ ପହଞ୍ଚି ଅନୁଧ୍ୟାନ କରିଥିଲା। ଉକ୍ତ ଫ୍ୟାକ୍ଟ ଫାଇଣ୍ଡିଂ ଟିମର କେନ୍ଦ୍ରୀୟ ଭୂତଳ ଜଳ ବୈଜ୍ଞାନିକ ସମ୍ବିତ କୁମାର ସାମନ୍ତରାୟ, ସମ୍ବଲପୁର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର କ୍ଷେତ୍ରୀୟ ଅଧିକାରୀ ସତ୍ୟପ୍ରକାଶ ନନ୍ଦ, ବୌଦ୍ଧ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ବୌଦ୍ଧ ତହସିଲଦାର ଲଗ୍ନଜିତ ବେହେରା, ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀନାଥ ହାଁସଦା, ଦହ୍ୟା ରାଜସ୍ୱ ନିରୀକ୍ଷକ ହମିଦ ମଲ୍ଲିକ ପ୍ରମୁଖ ଗୋଚର ଜମି ଚିହ୍ନଟ, ଭୂତଳ ଜଳ ସ୍ତର ନିରୀକ୍ଷଣ ଯନ୍ତ୍ର, ପାଉଁଶ ପକାଯାଇଥିବା ପଡ଼ିଆ, ନିର୍ଗତ ବର୍ଜ୍ୟ ଜଳ ଯାଉଥିବା ନାଳ ତଥା ମିଲକୁ ଆସୁଥିବା ଜଳ ଉତ୍ସ ନିକଟରେ ପହଞ୍ଚି ତଦନ୍ତ କରିଥିଲେ। ଏଥିସହ ଗୋଚର ଜମିରେ ମିଲ୍ ଥିବାରୁ ବିହିତ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

### ସରକାରୀ...

ବିଭାଗକୁ ସୋସିଆଲ ମିଡିଆ ଜ୍ୱର ଧରିବାରେ ଲାଗିଛି। ତୁରନ୍ତ ଏହି ଜ୍ୱରର ପ୍ରତିକାର ନକଲେ କିମ୍ବା ସରକାରୀ ବ୍ୟବସ୍ଥା ଭିତରେ ଏହାକୁ ନ ରଖିଲେ କେବଳ ସରକାରୀ ଅର୍ଥ ଶ୍ରାଦ୍ଧ ହେବନାହିଁ, ବରଂ ସରକାରୀ ସୂଚନା ବି ପୂର୍ବ ସରକାରର ମାମଲତକାରମାନଙ୍କ ନିକଟରେ ସହଜରେ ପହଞ୍ଚିଯିବ ବୋଲି ଆଲୋଚନା ହେଉଛି।

### ରେଖା ଗୁପ୍ତା...

ଅଧୀନରେ ଗୁରୁତ୍ୱପୂର୍ଣ୍ଣ ଯମୁନା ନଦୀ ସଫେଇ କାର୍ଯ୍ୟ ମଧ୍ୟ ରହିଛି। ଆହୁରି ଶିଳ୍ପ ଓ ଖାଦ୍ୟ ଯୋଗାଣ ବିଭାଗ ମନଜିନ୍ଦରଙ୍କୁ ପ୍ରଦାନ କରାଯାଇଥିବା ବେଳେ ରବିନ୍ଦରଙ୍କୁ ସାମାଜିକ କଲ୍ୟାଣ ବିଭାଗ ପ୍ରଦାନ କରାଯାଇଥିବା ଜଣାପଡ଼ିଛି। ସେହିପରି ରେଖା ସନ୍ଧ୍ୟାରେ ବିଜେପିର ଅନ୍ୟାନ୍ୟ ବରିଷ୍ଠ କର୍ମକର୍ତ୍ତାଙ୍କ ସହ ବାସୁଦେବ ଘାଟଠାରେ ଯମୁନା ଆଳତୀରେ ଅଂଶଗ୍ରହଣ କରିଛନ୍ତି।

### ସରୋଜ...

ଏଲଟିସି ନେଇଛନ୍ତି। ସରକାରୀ ଅଫିସରମାନେ ଏଲଟିସି ନେବାରେ କିଛି ଅସୁବିଧା ନାହିଁ। କିନ୍ତୁ ସୂଚନା ଓ ଲୋକସମ୍ପର୍କ ବିଭାଗର ମୁଖିଆ ବିଧାନସଭା ଅଧିବେଶନ ବେଳେ ଏଲଟିସିରେ ଯିବା ଘଟଣାକୁ ବିଭାଗର ଅନ୍ୟ ଅଧିକାରୀମାନେ ସହଜରେ ଗ୍ରହଣ କରିପାରୁନାହାଁନ୍ତି। ବିଜେଡିର ଗେହ୍ଲା ପୁଅ ନୂଆ ସରକାରକୁ ବି ଗୁଣି କରିଦେଇଛନ୍ତି ବୋଲି ବିଭାଗର ବିଭିନ୍ନ କୋଣରେ କର୍ମଚାରୀମାନେ ଚର୍ଚ୍ଚା କରୁଛନ୍ତି।

### ପିସି ପାଇଁ...

ଦେବାକୁ ଏହିନେତାମାନେ ଯାଇଥିବାବେଳେ ସାରଦାଙ୍କ ତେରେଛା ବାଣରେ ଘାଇଲା ହୋଇଛନ୍ତି ।

ବିଧାୟକ ଶ୍ରୀ ପ୍ରଧାନ କହିଛନ୍ତି ଯେ ଯେଉଁ ବିଜେଡି ନେତାମାନେ ଏଠାରେ ଠିକାଦାରଙ୍କ ମିଛ ବିଲ୍‌ରେ ମୋହର ମାରିବାକୁ ବିଧାନସଭା ଛାଡି ପଳାଇ ଆସିଛନ୍ତି । ସେମାନେ ଭଲଭାବେ ଜାଣିଛନ୍ତି ଯେ ତାଙ୍କରି ସରକାର ହିଁ ୨୦୧୮ରୁ ଗାଁ ଗହଳରେ ଠିକାଦାରୀ ବ୍ୟବସ୍ଥା ଉଚ୍ଛେଦ କରିଛନ୍ତି । ସରକାରୀ ଅଧିକାରୀଙ୍କ ନାଁରେ କାମ ଯାଉଛି ଓ ଯେଉଁମାନେ ସଠିକ୍ ଭାବେ କାମ କରୁଛନ୍ତି ସେମାନଙ୍କର ପଇସା ପାଇବାରେ କିଛି ସମସ୍ୟା ନାହିଁ। ତେବେ କିଛି ସପ୍ଲାୟରଙ୍କର ପଇସା ବାକିଥିଲା ଏବଂ ଇତି ମଧ୍ୟରେ ସେମାନଙ୍କୁ ୧କୋଟି ୩୨ଲକ୍ଷ ଟଙ୍କା ପଇଠ ହୋଇଛି । ଯିଏ ସଠିକ୍ କାଗଜପତ୍ର ଦେଉଛି ସେମାନେ ପଇସା ପାଇବାରେ କିଛି ଅସୁବିଧା ନାହିଁ ।

ହେଲେ ନିଜ ଅଞ୍ଚଳ କଥା ବୁଝିବା ପରିବର୍ତ୍ତେ ବିଧାନସଭା ଚାଲିଥିବାବେଳେ ବିଧାୟକମାନେ ମାହାଙ୍ଗା ମୁହାଁ ହେବା କେବଳ କଟକ ଜିଲ୍ଲାବାସୀଙ୍କୁ ଆଶ୍ଚର୍ଯ୍ୟ କରିନାହିଁ, ବିଧାୟକମାନଙ୍କ ନିର୍ବାଚନମଣ୍ଡଳୀର ଲୋକେ ବି ଆଚମ୍ବିତ ହୋଇଛନ୍ତି। ସେମାନଙ୍କ ଅଞ୍ଚଳରେ ସପ୍ଲାୟରମାନେ ବିଧାୟକଙ୍କର ଏଭଳି ଦୋଗଲା ନୀତି ଦେଖି ଚିନ୍ତାରେ ପଡିଗଲେଣି। ତେଣୁ ନିଜେ କରିଥିବା ଆଇନ୍‌କୁ ସମ୍ମାନ ଜଣାଇ ଅନ୍ୟ ନିର୍ବାଚନମଣ୍ଡଳୀରେ ରାଜନୀତି ନକରିବାକୁ ଶ୍ରୀ ପ୍ରଧାନ ଅନୁରୋଧ କରିଛନ୍ତି।

# ମହାନଦୀ ପ୍ରସଙ୍ଗ: ହଟହଟା ହେଲେ ପ୍ରସନ୍ନ





ଭୁବନେଶ୍ୱର,୨୦।୨(ସଂଚାର ବ୍ୟୁରୋ): ମହାନଦୀ ଜଳ ବିବାଦ ପ୍ରସଙ୍ଗରେ ବିଜେପିର ଓଡିଆ ଅସ୍ମିତା ସ୍ଲୋଗାନକୁ ସମାଲୋଚନା କରିବାକୁ ଯାଇ ଆଜି ବିଧାନସଭାରେ ହଟହଟା ହୋଇଛନ୍ତି ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ। ପ୍ରଶ୍ନକାଳରେ ରାଜ୍ୟର ଜଳସେଚନ ବ୍ୟବସ୍ଥା ଓ ମହାନଦୀ ପ୍ରସଙ୍ଗ ଆଲୋଚନା ବେଳେ ବିଜେଡି ସରକାରଙ୍କ ଅପାରଗତାର ପୋଲ୍ ଖୋଲିଦେଇଛନ୍ତି ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ। ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ମହାନଦୀ ପ୍ରସଙ୍ଗକୁ ନେଇ ଛତିଶଗଡ଼କୁ ଦୋଷ ଦେଲେ। ହୀରାକୁଦ ତଳ ଅଞ୍ଚଳରେ ଇନଷ୍ଟ୍ରିମ୍ ଷ୍ଟୋରେଜ୍ ପାଇଁ ବିଜେଡି ସରକାର ପଦକ୍ଷେପ ନେଇଥିଲେ ବୋଲି କହିବା ସହ ବିଜେପି ସରକାର ଏହି ଦୁଇଟି ପ୍ରକଳ୍ପର ଟେଣ୍ଡର ବାତିଲ କରିଥିବା ଅଭିଯୋଗ କଲେ। ପ୍ରସନ୍ନଙ୍କୁ କାଉଣ୍ଟର କରି କଡ଼ା ଜବାବ ରଖିଲେ ମୁକେଶ ମହାଲିଙ୍ଗ। ପ୍ରଶ୍ନ କଲେ ୨୪ ବର୍ଷ ବିଜେଡି ଶାସନରେ ମହାନଦୀ ତଳ ଅଞ୍ଚଳରେ କେତୋଟି ବନ୍ଧ ହୋଇଥିଲା। ଏଥିସହ ବିଜେପି ସରକାରଙ୍କ ଯୋଜନାର ହିସାବ ବି ଦେଲେ। ୩୧ଟି ବୃହତ୍ , ୨୭ଟି ବ୍ୟାରେଜ୍, ୭୨ଟି ନଦୀ ଗର୍ଭ ଜଳାଶୟ ଓ ୭୯ଟି କ୍ଷୁଦ୍ର ଜଳ ଭଣ୍ଡାର ନିର୍ମାଣର ଲକ୍ଷ୍ୟ ରଖିଛନ୍ତି ସରକାର । ଏଥିପାଇଁ ୫୧ ହଜାର କୋଟି ଟଙ୍କା ବ୍ୟୟ ବରାଦ ହୋଇଛି ।

ବିରୋଧୀ ବିଧାୟକ ରାଜାଙ୍କ କଟାକ୍ଷ ପରେ ବି ରୋକ୍ ଠୋକ୍ ଶୁଣାଇଲେ ମୁକେଶ । ମହାନଦୀ ପ୍ରସଙ୍ଗ ରାଜ୍ୟ ରାଜନୀତିରେ ସବୁବେଳେ ଚର୍ଚ୍ଚାର ପ୍ରସଙ୍ଗ ରହିଥିବାବେଳେ ୨୪ ବର୍ଷର ବିଜେଡି ଶାସନରେ ଅଧିକ ଜଟିଳ ହୋଇଥିଲା ସମସ୍ୟା। ବିଜେଡି ରାଜ୍ୟରେ ୨୪ ବର୍ଷ ଧରି ଶାସନ କରୁଥିବା ବେଳେ ଛତିଶଗଡ ସରକାର ଉପରମୁଣ୍ଡରେ ଗୋଟିଏ ପରେ ଗୋଟିଏ ବ୍ୟାରେଜ କରୁଥିଲେ। ହେଲେ ସେ ସମୟରେ ବିଜେଡି ସରକାର କଣ କରୁଥିଲେ ସେ ପ୍ରଶ୍ନ କରିଥିଲେ। ଏଥିସହିତ ମହାନଦୀ ତଳମୁଣ୍ଡରେ ଏକାଧିକ ଡ୍ୟାମ କରିବାକୁ ବିଜେଡି ସରକାର ଅମଳରେ ଘୋଷଣା ହୋଇଥିଲା। ସେସବୁ ପ୍ରକଳ୍ପ କୁଆଡେ ଗଲା ବୋଲି ମୁକେଶ ପ୍ରଶ୍ନ କରିଥିଲେ।

# ଦଶମ ବୋର୍ଡ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ

## ସାତ କେନ୍ଦ୍ରରେ ୧୦୦୬ ଜଣ ପରୀକ୍ଷାର୍ଥୀ

ନାଉଗାଁ,୨୦।୨(ସଂଚାର ବ୍ୟୁରୋ): ଓଡିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ବୋର୍ଡ ପରୀକ୍ଷା-୨୦୨୫ ଦଶମ ପରୀକ୍ଷା ପାଇଁ ନାଉଗାଁ ବ୍ଲକର ବିଭିନ୍ନ ଉଚ୍ଚ ବିଦ୍ୟାଳୟରେ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ। ଉକ୍ତ ପରୀକ୍ଷାରେ ନାଉଗାଁ ବ୍ଲକରୁ ୧୭ଟି, ବାଲିକୁଦା ବ୍ଲକ ରୁ ୨ ଏବଂ ପୁରୀ ଜିଲ୍ଲାର ୧ଟି ଉଚ୍ଚ ବିଦ୍ୟାଳୟର ମୋଟ ୧୦୦୬ ଜଣ ଛାତ୍ରଛାତ୍ରୀ ମାନଙ୍କ ଭାଗ୍ୟ ପରୀକ୍ଷା ନିମନ୍ତେ ୭ଟି ପରୀକ୍ଷା କେନ୍ଦ୍ରର ପ୍ରସ୍ତୁତି ଶେଷ ହୋଇଛି । ଏହି ପରୀକ୍ଷା ଉକ୍ତ ବ୍ଲକ ସରକାରୀ ଉଚ୍ଚ ବିଦ୍ୟାଳୟ, ନାଉଗାଁହାଟ ରେ ୧୮୧ ଜଣ, ସରକାରୀ ଉଚ୍ଚ ବିଦ୍ୟାଳୟ, ଅଲଣାହାଟରେ ୮୨ ଜଣ, ସରକାରୀ ଉଚ୍ଚ ବିଦ୍ୟାଳୟ, ଅଙ୍ଗେଶ୍ୱରପଡାରେ ୧୯୨ ଜଣ, ସରକାରୀ ଉଚ୍ଚ ବିଦ୍ୟାଳୟ, କଣ୍ଟୁଣିଆରେ ୧୨୦ ଜଣ, ସରକାରୀ ଉଚ୍ଚ ବିଦ୍ୟାଳୟ, ରୋହିଆ ରେ ୧୬୯ ଜଣ, ଗୋପବନ୍ଧୁ ସ୍ମାରକୀ ସରକାରୀ ଉଚ୍ଚ ବିଦ୍ୟାଳୟ, ତିରୁଣାରେ ୧୪୭ଜଣ ଏବଂ ଅନ୍ତର୍ଯ୍ୟାମୀ ବିଦ୍ୟାପୀଠ, ଗଜରାଜପୁର ରେ ୧୧୫ ଜଣ ଛାତ୍ରଛାତ୍ରୀ ମାନଙ୍କ ନିମନ୍ତେ ପରୀକ୍ଷା କେନ୍ଦ୍ରରେ ପୂର୍ବ ପ୍ରସ୍ତୁତୀ ଶେଷ ହୋଇଛି। ଏହି ପରୀକ୍ଷା କେନ୍ଦ୍ରରେ ପରିଚାଳନା ନିମନ୍ତେ ଜିଲ୍ଲା ସ୍ତରରେ ବିଭିନ୍ନ ସ୍କ୍ୱାର୍ଡ ଗଠନ କରାଯାଇଛି ଏବଂ କେନ୍ଦ୍ର ଗୁଡିକର ଅଧିକ୍ଷକ ଏବଂ କର୍ମଚାରୀ ମାନଙ୍କୁ ପ୍ରସ୍ତୁତି ନିମନ୍ତେ ସୂଚନା ଦିଆ ସାରିଛି। ପରୀକ୍ଷା ର ସୁରକ୍ଷା ଓ ସୁପରିଚାଳନା ନିମନ୍ତେ ଆରକ୍ଷୀ ବିଭାଗ ଏବଂ ଜିଲ୍ଲା ଓ ବ୍ଲକ ପ୍ରଶାସନ ପାଇଁ ଏକ ଚାଲେଞ୍ଜ ବିଷୟ ପାଲଟିଛି। ଏହି ପରୀକ୍ଷାର ସ୍ୱତନ୍ତ୍ର ପରିଚାଳନା ନିମନ୍ତେ ୧୦୦ ଜଣ ଶିକ୍ଷକ ଓ ଶିକ୍ଷୟତ୍ରୀ ମାନଙ୍କୁ ଦାଇତ୍ୱ ମିଳିଛି । ସବୁ କେନ୍ଦ୍ର ଗୁଡିକରେ କପି ରୋକିବା ଏବଂ ଅଭିଭାବକ ମାନଙ୍କ ଭିଡ଼ ନିୟନ୍ତ୍ରଣ ପାଇଁ ସ୍ୱତନ୍ତ୍ର ସ୍କ୍ୱାର୍ଡ ପରିଭ୍ରମଣ କରିବ। ପରୀକ୍ଷା କେନ୍ଦ୍ର ଗୁଡିକରେ ଉନ୍ନତ ମାନର ସିସି କ୍ୟାମେରା ଜଗି ରହିଛି। ଏହି ବ୍ଲକର ସରକାରୀ ଉଚ୍ଚ ବିଦ୍ୟାଳୟ,ନାଉଗାଁ ହାଟ ନୋଡାଲ ସ୍କୁଲ ରୁ ସମସ୍ତ କେନ୍ଦ୍ରକୁ ପ୍ରଶ୍ନ ପତ୍ର ବିତରଣ ଏବଂ ପରୀକ୍ଷା ଖାତା କୁ ନୋଡାଲ ସ୍କୁଲ ନେବା ନିମନ୍ତେ ଦୁଇଟି ଟିମ ଗଠନ କରାଯାଇଛି। ଏଥିରେ ବରିଷ୍ଠ ପ୍ରଧାନ ଶିକ୍ଷକ ସୁକାନ୍ତ କୁମାର ଲେଙ୍କା, ହିମାଂଶୁ ଭୂଷଣ ମହାନ୍ତି, ଚିତ୍ତରଞ୍ଜନ ମହାନ୍ତି, ଏବଂ ଆଦର୍ଶ କୁମାର ଦାସ ଙ୍କୁ ଦାୟିତ୍ୱ ମିଳିଛି।

# ସରଳ ହେବ ସହରୀକରଣ: ନଗର ଉନ୍ନୟନ ମନ୍ତ୍ରୀ

**ଭୁବନେଶ୍ୱର,୨୦।୨(ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ଗୁରୁତ୍ୱ ବିକଶିତ ଓଡ଼ିଶା ଓ ବିକଶିତ ସହର ରାଜ୍ୟ ସରକାରଙ୍କ ଲକ୍ଷ୍ୟ ରହିଥିବା ବେଳେ ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ଟିପି ସ୍କିମ୍ ମାଧ୍ୟମରେ ଯୋଜନାବଦ୍ଧ ଭାବେ ରାଜ୍ୟରେ ବିକଶିତ ସହର ବୃଦ୍ଧି ଉପରେ ଗୁରୁତ୍ୱାରୋପ କରାଯାଇଛି। ଏନେଇ ଆଜି ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡାଃ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଖାରବେଳ ଭବନଠାରେ ଅନୁଷ୍ଠିତ ଉକ୍ତ ବୈଠକରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ, ପୌର ନିର୍ଦ୍ଦେଶକ ଅରିନ୍ଦମ୍ ଡାକୁଆଙ୍କ ସମେତ ଭୁବନେଶ୍ୱର, କଟକ, ବ୍ରହ୍ମପୁର ଓ ପୁରୀ-କୋଣାର୍କ ଉନ୍ନୟନ କର୍ତ୍ତୃପକ୍ଷ ଭିସି, ସହର ପ୍ଲାନର୍ ଓ ଅନ୍ୟାନ୍ୟ ପଦସ୍ଥ ଅଧିକାରୀମାନେ ଉପସ୍ଥିତ ଥିଲେ। ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ



ପିପିଡି ମୋଡ୍‌ରେ ସହରୀ ଜମିର ସଦୁପଯୋଗ ପାଇଁ ପରାମର୍ଶ

(ବିଡିଏ) ପକ୍ଷରୁ ଆରମ୍ଭ ହୋଇଥିବା ଟିପି ସ୍କିମ୍ କଟକ, ବ୍ରହ୍ମପୁର ଓ ପୁରୀ-କୋଣାର୍କ ଉନ୍ନୟନ କର୍ତ୍ତୃପକ୍ଷରେ କାର୍ଯ୍ୟକାରୀ କରିବା ଉପରେ ଆଲୋଚନା ହୋଇଥିଲା। ଜନସାଧାରଣଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ପିପିପି ମୋଡ୍‌ରେ କର୍ତ୍ତୃପକ୍ଷଙ୍କ ଅଧିନରେ ଥିବା ସରକାରୀ ଜମିର ସଦୁପଯୋଗ କରି ନିଜର ଆୟ ବୃଦ୍ଧି କରିବା ପାଇଁ ପରାମର୍ଶ ଦିଆଯାଇଛି। ଖାଲି ଥିବା ଟାଉନ ପ୍ଲାନର ପଦବୀର ଆବଶ୍ୟକତା, ପ୍ରସ୍ତୁତ କରାଯାଉଥିବା ଭିଜନ ଡକ୍ୟୁମେଣ୍ଟଗୁଡ଼ିକର କ୍ରିୟାଶୀଳ ଓ ଆବଶ୍ୟକତା ଦୃଷ୍ଟିରୁ ପରିବର୍ତ୍ତନ କରାଯିବା ଉପରେ ମଧ୍ୟ ଆଲୋଚନା ହୋଇଛି। ବୈଠକ ପରେ ମନ୍ତ୍ରୀ ଡାଃ ମହାପାତ୍ର ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ ୨୦୩୬ରେ ବିକଶିତ ଓଡ଼ିଶା ପାଇଁ ରାଜ୍ୟ ସରକାର ଚିନ୍ତା କରୁଛନ୍ତି। ତେଣୁ ସହରର ବିକାଶରେ ରାଜ୍ୟର ବିକାଶ ହେବ। ସମସ୍ତ ଉନ୍ନୟନ କର୍ତ୍ତୃପକ୍ଷ ଅଧିକାରୀମାନଙ୍କ ସହ ଆଲୋଚନା ହୋଇଛି। କିଛି ଏଜେଣ୍ଡା ଅନୁସାରେ ଟାଉନସିପ ବଢ଼ିଲେ ସହରର ବିକାଶରେ ଓଡ଼ିଶାର ବିକାଶ ହେବ। ଯେଉଁଠି ଟାଉନ ପ୍ଲାନ୍‌ର ଅଭାବ ଅଛି, ତାହା ମଧ୍ୟ ପୂରଣ କରାଯିବ। ବିଭିନ୍ନ ଯୋଜନା କେନ୍ଦ୍ର ଓ ରାଜ୍ୟ ସରକାର କରୁଛନ୍ତି। ଯେଉଁ ଅଞ୍ଚଳରେ ପୁରୁଣା ସହର ରହିଛି, ପୁରୁଣା ଘର ବା ଜାଗା ଅଛି, କିନ୍ତୁ ଲୋକେ ରାସ୍ତା କଥା ଭାବି ଘର କରିପାରୁନାହାନ୍ତି, ସେଥିପାଇଁ ନୂଆ ଆଇନ କାର୍ଯ୍ୟକାରୀ ହେବ। ଯଦ୍ୱାରା ସହରୀକରଣ ସରଳୀକରଣ ହେବ ଓ ପୁରୁଣା ସହରଗୁଡ଼ିକରେ ମଧ୍ୟ ଲୋକେ ଘର କରିପାରିବେ। ବିଲ୍ଡର ହୁଅନ୍ତୁ କି ସାଧାରଣ ଲୋକ, ସରଳ ପ୍ରକ୍ରିୟାରେ ଲୋ ନିର୍ଦ୍ଧାରିତ ସମୟରେ ଘର କିପରି ସମ୍ଭବ ହେବ, ସେନେଇ ଗୁରୁତ୍ୱାରୋପ କରାଯାଇଥିବା ମନ୍ତ୍ରୀ କହିଛନ୍ତି। ଏଥିସହ ବୈଠକରେ ବିଡିଏ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ଟିପି ସ୍କିମର ଅଗ୍ରଗତି ନେଇ ସମୀକ୍ଷା କରାଯିବା ସହ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ କୁହାଯାଇଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି।



ଆଜି ଖଣ୍ଡଗିରିଠାରେ ଆୟୋଜିତ ଓଏସ୍‌ଏମ୍ ବୋର୍ଡ ବୈଠକରେ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଓ ମାହାଙ୍ଗା ବିଧାୟକ ଶାରଦା ପ୍ରଧାନ ଏବଂ ଅନ୍ୟ ବରିଷ୍ଠ ଅଧିକାରୀ ଯୋଗଦେଇଛନ୍ତି।

# ଆଜିଠାରୁ ମାଟ୍ରିକ୍ ପରୀକ୍ଷା

## ପରୀକ୍ଷାଦେବେ ୫.୧୨ ଲକ୍ଷରୁ ଊର୍ଦ୍ଧ୍ୱ ପରୀକ୍ଷାର୍ଥୀ

**ଭୁବନେଶ୍ୱର, ୨୦।୨ (ସଂଚାର ବ୍ୟୁରୋ):** ଶୁକ୍ରବାରଠାରୁ ୫.୧୨ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ମାଧ୍ୟମିକ ଶିକ୍ଷା ବୋର୍ଡ (ବିଏସ୍‌ଇ) ଦ୍ୱାରା ପରିଚାଳିତ ମାଟ୍ରିକ୍ ପରୀକ୍ଷା ଦେବେ। ଏନେଇ ବୋର୍ଡ ସୂତ୍ରରୁ ମିଳିଥିବା ସୂଚନାନୁସାରେ, ସାରା ରାଜ୍ୟରେ ମୋଟ ୫,୧୨,୪୩୭ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବେ। ମାଧ୍ୟମିକ ଶିକ୍ଷା ବୋର୍ଡ ରାଜ୍ୟର ୩୦ଟି ଜିଲାର ୩୦୨୯ଟି କେନ୍ଦ୍ରରେ ଦଶମ ଶ୍ରେଣୀ ପରୀକ୍ଷା ପରିଚାଳନା କରିବ। ଏହି ପରୀକ୍ଷା ଆସନ୍ତା ୬ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରଥମ ଦିନରେ ଛାତ୍ରଛାତ୍ରୀମାନେ ଓଡ଼ିଆ/ବଙ୍ଗାଳୀ/ହିନ୍ଦୀ/ଉର୍ଦ୍ଦୁ/ତେଲୁଗୁ/ଇଂରାଜୀ ଆଦି ପ୍ରଥମ ଭାଷା ବିଷୟରେ ପରୀକ୍ଷା ଦେବେ। ସାରା ରାଜ୍ୟରେ ଶୃଙ୍ଖଳିତ ଢଙ୍ଗରେ ପରୀକ୍ଷା ପରିଚାଳନା ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତ ଶେଷ ହୋଇଛି। ମୋଟ ୩୧୪ଟି ନୋଡାଲ୍ କେନ୍ଦ୍ର ସ୍ଥାପନ କରାଯାଇଥିବା ବେଳେ କଡ଼ା ଚେକିଂ ପାଇଁ ସମସ୍ତ ପରୀକ୍ଷା କେନ୍ଦ୍ରରେ ସିସି ଟିଭି କ୍ୟାମେରା ଲଗାଯାଯାଇଛି। ପରୀକ୍ଷା କେନ୍ଦ୍ର ଓ ନୋଡାଲ ସେଣ୍ଟରଗୁଡ଼ିକରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) କ୍ୟାମେରା ଲଗାଯାଇଥିବା ସୂଚନା ମିଳିଛି। ସେହିପରି କପି ରୋକିବା ପାଇଁ ୪ସ୍ତରୀୟ ସ୍କ୍ୱାଡ୍ ଗଠନ କରାଯାଇଛି। ଲାଇଭ୍ ଷ୍ଟ୍ରିମିଂ ମାଧ୍ୟମରେ ରିଅଲ୍-ଟାଇମ୍ କାର୍ଯ୍ୟାବଳୀ ତଦାରଖ କରିବା ପାଇଁ ବୋର୍ଡ ମୁଖ୍ୟାଳୟରେ ଏକ ନିୟନ୍ତ୍ରଣ କକ୍ଷ ପ୍ରତିଷ୍ଠା କରାଯିବ। ବୋର୍ଡ ଅଧିକାରୀମାନେ ନିୟନ୍ତ୍ରଣ କକ୍ଷରୁ ପରୀକ୍ଷା କାର୍ଯ୍ୟ ତଦାରଖ କରିବେ। ପ୍ରତ୍ୟେକ ପ୍ରଶ୍ନପତ୍ରରେ ସମ୍ଭାବ୍ୟ ଲିକ୍ ଚିହ୍ନଟ କରିବା ପାଇଁ ଏକ ଅନନ୍ୟ କ୍ରମିକ ସଂଖ୍ୟା ରହିବ। ପ୍ରଶ୍ନପତ୍ରଗୁଡ଼ିକ ଗତ ଫେବ୍ରୁଆରୀ ୧୨ ତାରିଖରେ ପରୀକ୍ଷା କେନ୍ଦ୍ରଗୁଡ଼ିକୁ ପଠାଯାଇଛି ଓ ଏହା ଗତକାଲି ସୁଦ୍ଧା ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ପହଞ୍ଚିସାରିଛି। ମାଟ୍ରିକ୍ ପରୀକ୍ଷା ଶେଷ ହେବା ପରେ ମୂଲ୍ୟାୟନ ପ୍ରକ୍ରିୟା ଆସନ୍ତା ୧୯ରୁ ଆରମ୍ଭ ହେବ। ପରୀକ୍ଷା ଓ ମୂଲ୍ୟାଙ୍କନ ପ୍ରକ୍ରିୟା ସୁଗମ କରିବା ପାଇଁ ପ୍ରତ୍ୟେକ ଜିଲ୍ଲାରେ ନିର୍ଦ୍ଦିଷ୍ଟ ନୋଡାଲ କେନ୍ଦ୍ର ରହିବ।

## ଘଡ଼ଘଡ଼ି ସହ କୁଆପଥର ବର୍ଷା

# ଶତାଧିକ ହେକ୍ଟର ପରିବା ଚାଷ ନଷ୍ଟ

**କେନ୍ଦୁଝର,୨୦।୨(ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲାର ବିଭିନ୍ନ ସ୍ଥାନରେ କିଛି ସମୟ ଧରି ପ୍ରବଳ ଘଡ଼ଘଡ଼ି ବର୍ଷା ହେବା ସହ କୁଆପଥର ବର୍ଷା ହୋଇଛି। ଫଳରେ କିଛି ଦିନ ହେଲା ଗରମ ହୋଇ ପଡ଼ିଥିବା ପରିବେଶ ଥଣ୍ଡା ଅନୁଭୂତ ହୋଇଛି। ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି)ର ପୂର୍ବାନୁମାନ ଅନୁଯାୟୀ, ଜିଲାରେ ଘଡ଼ଘଡ଼ି ସହ ବର୍ଷା ହୋଇଛି। ହଠାତ୍ ଏଭଳି ବର୍ଷା ଯୋଗୁ ଜିଲାର କେତେକ ସ୍ଥାନରେ ସାଧାରଣ ଜନଜୀବନ ପ୍ରଭାବିତ ହୋଇଛି। ଗ୍ରାମର ବିଭିନ୍ନ ଅଞ୍ଚଳରେ ଦେଖିବାକୁ ମିଳୁଥିବା ପନିପରିବା କ୍ଷେତରେ କୁଆପଥର ବିଛାଡ଼ି ପଡ଼ିଥିବା ଦେଖିବାକୁ ମିଳିଥିବା ବେଳେ ଗ୍ରାମାଞ୍ଚଳରେ କୁଡ଼କୁଡ଼ କୁଆପଥର ଗଦା ଦେଖିବାକୁ ମିଳିଛି।



ସୂଚନାନୁଯାୟୀ, ପରିବା ଫସଲ ପ୍ରଭାବିତ ହୋଇଛି। ବର୍ଷା ଯୋଗୁ ଜିଲାର ଅନେକ ସ୍ଥାନ ତଥା ଓ ଖଣି ଅଞ୍ଚଳର ଲୋକେ ଚାରିଆଡ଼େ ଧୂଳି ଯୋଗୁଁ ସୃଷ୍ଟି ହେଉଥିବା ବାୟୁ ପ୍ରଦୂଷଣରୁ ଆଶ୍ୱସ୍ତି ପାଉଛନ୍ତି। ଏହାବ୍ୟତୀତ ଚଳିତ ବର୍ଷ ହଠାତ୍ ତାପମାତ୍ରା ବୃଦ୍ଧି ପାଇଥିବାରୁ ଏହି ବର୍ଷା ଯୋଗୁ ଲୋକମାନେ ଗରମରୁ ମୁକ୍ତି ପାଇଛନ୍ତି। ସଦର, ଝୁମ୍ପୁରା ବ୍ଲକ ଅଞ୍ଚଳର ଅଧିକାଂଶ ସ୍ଥାନରେ ଅଦିନିଆ ବର୍ଷା ଓ କୁଆପଥର ଯୋଗୁଁ କୋବି, ଟମାଟୋ, ବାଇଗଣ ଆଦି ପନିପରିବା ଫସଲ ନଷ୍ଟ ହୋଇଯାଇଛି। ପନିପରିବା ବର୍ଷା ପାଣିରେ ବୁଡ଼ି ଯାଇଥିବାରୁ ଚାଷୀମାନେ କ୍ଷତିଗ୍ରସ୍ତ ହୋଇଥିବା ଅଭିଯୋଗ କରିଛନ୍ତି। ଫଳରେ ବହୁ ଖର୍ଚ୍ଚାନ୍ତ ହୋଇ ଓ ପରିଶ୍ରମ କରି ପନିପରିବା ଚାଷ କରିଥିବା ଗରିବ ଚାଷୀମାନେ କ୍ଷତି ସହୁଛନ୍ତି। କେନ୍ଦୁଝର ଜିଲା ସଦର ମହକୁମା ସମେତ ଯୋଡ଼ା ଖଣି ଅଞ୍ଚଳ ସମେତ ଅନ୍ୟାନ୍ୟ ସହରରେ ବର୍ଷା ଯୋଗୁ ଧୂଳି ପ୍ରଦୂଷଣ ଓ ଗରମରୁ କିଛିମାତ୍ରାରେ ଆଶ୍ୱସ୍ତି ପାଉଛନ୍ତି। ଏ ସମ୍ପର୍କରେ ଜନୈକ ଚାଷୀ କହିଛନ୍ତି ଯେ ଯଥେଷ୍ଟ ପରିଶ୍ରମ କରି ପନିପରିବା ଚାଷ କରିଥିଲୁ। କିନ୍ତୁ ଏଭଳି ବର୍ଷା ଯୋଗୁ ଅନେକ କ୍ଷତିଗ୍ରସ୍ତ ହୋଇଛନ୍ତି। ତେଣୁ ସରକାର ସେହି କୃଷକମାନଙ୍କୁ ସାହାଯ୍ୟ କରିବା ଉଚିତ। କେନ୍ଦୁଝର ମୁଖ୍ୟ ଜିଲା କୃଷି ଅଧିକାରୀ ପର୍ଶୁରାମ ବେହେରା କହିଛନ୍ତି ଯେ ଏହି ବର୍ଷା ଚାଷରେ ସହାୟକ ହେବ। ଏପର୍ଯ୍ୟନ୍ତ କୌଣସି କ୍ଷୟକ୍ଷତି ଅଭିଯୋଗ ଆସିନାହିଁ।

# ବନ୍ଧୁକ ମୂନରେ ବ୍ୟାଙ୍କ ଲୁଟିଲେ ଦୁର୍ବୃତ୍ତ

**ମୟୂରଭଞ୍ଜ,୨୦।୨(ସଂଚାର ବ୍ୟୁରୋ):** ଦିନଦ୍ୱିପ୍ରହରେ ଘଟିଛି ଏକ ଲୁଟ୍ ଘଟଣା। ଜନଗହଳିପୂର୍ଣ୍ଣ ସ୍ଥାନରେ ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖାରୁ ଏହି ଲୁଟ୍ ହୋଇଛି। କେତେକ ଲୁଟେରା ମୁଣ୍ଡରେ ହେଲ୍‌ମେଟ୍ ଲଗାଇ ବ୍ୟାଙ୍କ୍ ଶାଖା ଭିତରେ ପ୍ରବେଶ କରିବା ସହ ବନ୍ଧୁକ ମୂନରେ ଲକ୍ଷାଧିକ ଲୁଟ୍ କରି ଚମ୍ପଟ ମାରିଛନ୍ତି। ମୟୂରଭଞ୍ଜ ଜିଲ୍ଲାର ବହଳଦାରେ ଏହି ଲୁଟ୍ ଘଟଣା ଘଟିଥିବା ବେଳେ ପୁଲିସ୍‌କୁ ଦୁର୍ବୃତ୍ତମାନେ କଡ଼ା ଚାଲେଞ୍ଜ୍ ଦେଇଛନ୍ତି। କାରଣ ଥାନାଠାରୁ ମାତ୍ର ୨୦୦ ମିଟର ଦୂରରେ ଥିବା ବ୍ୟାଙ୍କ୍ ଶାଖାରୁ ଦିନଦ୍ୱିପ୍ରହରେ ଏପରି ଲୁଟ୍ ଘଟଣାକୁ ଲୁଟେରାମାନେ ବାସ୍ତବ ରୂପ ଦେଇଛନ୍ତି।

ମିଳିଥିବା ସୂଚନାନୁସାରେ, ବହଳଦା ଥାନା ଅନ୍ତର୍ଗତ ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖାରେ ଆଜି ପୂର୍ବାହ୍ନ ପ୍ରାୟ ୧୧ଟା ସମୟରେ ୫ ଜଣ ଦୁର୍ବୃତ୍ତ ହେଲମେଟ୍ ପିନ୍ଧି ପ୍ରବେଶ କରିଥିଲେ। ସେମାନେ ସେତେବେଳେ ବ୍ୟାଙ୍କ୍ ଭିତରେ ଥିବା କର୍ମଚାରୀ ଓ ଗ୍ରାହକଙ୍କୁ ବନ୍ଧକ ଦେଖାଇ ଭୟଭୀତ କରିଥିଲେ। ଲୁଟେରାଙ୍କ ମୁଣ୍ଡରେ ହେଲ୍‌ମେଟ୍ ଓ ହାତରେ ବନ୍ଧୁକ ଥିବାରୁ ସମସ୍ତେ ଭୟଭୀତ ହୋଇ ପାଟି ଫିଟାଇବାକୁ ବି ସାହସ କରିପାରି ନଥିଲେ। ତେଣୁ ଦୁର୍ବୃତ୍ତମାନେ ବେଶ୍ ସହଜରେ ଲକ୍ଷାଧିକ ଟଙ୍କା ଲୁଟ୍ କରି ଫେରାର୍ ହୋଇଯାଇଥିଲେ। ଏନେଇ ବ୍ୟାଙ୍କର ଜନୈକ କର୍ମଚାରୀଙ୍କ କହିଛନ୍ତି ଯେ ବ୍ୟାଙ୍କରେ ଅନ୍ୟଦିନ ପରି ସବୁକିଛି ସ୍ୱାଭାବିକ ଥିଲା। ତେବେ ଏହି ସମୟରେ ଦୁର୍ବୃତ୍ତମାନେ ଅଚାନକ ଭିତରେ ପଶି ବନ୍ଧୁକ ଦେଖାଇ ଭିତରୁ ତାଲା ପକାଇଦେଇଥିଲେ। ପ୍ରଥମେ ସେମାନେ ବ୍ୟାଙ୍କ ଶାଖା ପରିଚାଳକଙ୍କୁ ଆକ୍ରମଣ କରିଥିଲେ। ଲୁଟେରାମାନେ ପରିଚାଳକଙ୍କ ମୁଣ୍ଡକୁ ବନ୍ଧୁକରେ ମାରିବା ସହ ଅନ୍ୟ ଜଣେ କର୍ମଚାରୀଙ୍କୁ ମଧ୍ୟ ଲୁହା ରଡ୍‌ରେ ମାଡ଼ ଆହତ କରିଥିଲେ। ଏହା ଦେଖି ବ୍ୟାଙ୍କ୍ ଭିତରେ ଥିବା କର୍ମଚାରୀ ଓ ଗ୍ରାହକମାନେ ଭୟରେ ଥରିବାକୁ ଲାଗିଥିଲେ। ସେତେବେଳେ ବ୍ୟାଙ୍କ ଭିତରେ ପ୍ରାୟ ୧୮ ଜଣ ଗ୍ରାହକ ଥିଲେ। ସେମାନଙ୍କୁ ଦୁର୍ବୃତ୍ତମାନେ ବନ୍ଧୁକ ଦେଖାଇ ପାଖାପାଖି ଅଧଘଣ୍ଟା କାଳ ବନ୍ଦୀ କରି ରଖିଥିଲେ। ଏପରିକି କେହି ପାଟି ଫିଟାଇଲେ ସେମାନଙ୍କୁ ଗୁଳି କରି ହତ୍ୟା କରିବେ ବୋଲି ଦୁର୍ବୃତ୍ତମାନେ ଧମକ ଦେଇଥିଲେ। ଲକ୍ଷାଧିକ ଟଙ୍କା ଲୁଟିବା ପରେ ସେଠାରୁ ଦୁର୍ବୃତ୍ତମାନେ ପବନ ବେଗରେ ସେଠାରୁ ଚମ୍ପଟ୍ ମାରିଗଲେ। ତେବେ ଲୁଟ୍ ହୋଇଥିବା ବ୍ୟାଙ୍କ୍‌ର ଦୂରତା ସ୍ଥାନୀୟ ଥାନାଠାରୁ ମାତ୍ର ୨୦୦ ମିଟର ରହିଥିଲେ ହେଁ ଏଥିପ୍ରତି ଦୁର୍ବୃତ୍ତମାନେ ଆଦୌ ଖାତିର୍ କରିନଥିବା ସ୍ପଷ୍ଟ ହୋଇଛି। ଖୋଦ୍ ବଜାର ଉପରେ ତା' ବି ଥାନା ନାକତଳେ ଏପରି ଲୁଟ୍ କରି ଦୁର୍ବୃତ୍ତମାନେ ପୁଲିସ୍‌କୁ ଚାଲେଞ୍ଜ୍ ଦେଇଛନ୍ତି। ଖବର ପାଇ ପୁଲିସ ବ୍ୟାଙ୍କ୍‌ରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ ହେଁ ଲୁଟେରାଙ୍କ ସମ୍ପର୍କରେ କୌଣସି ପ୍ରକାର ସୂଚନା ପାଇପାରିନାହିଁ। ତେଣୁ ଲୁଟେରାମାନେ ମୟୂରଭଞ୍ଜ ଜିଲ୍ଲାର ନା ରାଜ୍ୟ ବାହାରର, ସେନେଇ କିଛି ବି ସ୍ପଷ୍ଟ ହୋଇପାରିନାହିଁ।

## ● ସମ୍ବଲପୁର ବିଶ୍ୱବିଦ୍ୟାଳୟ

# ଛାତ୍ରୀଙ୍କୁ ଆକ୍ରମଣ ଘଟଣାରେ ଜଣେ ଗିରଫ

**ଭୁବନେଶ୍ୱର,୨୦।୨(ସଂଚାର ବ୍ୟୁରୋ):** ବୁର୍ଲାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଛାତ୍ରୀଙ୍କୁ ଆକ୍ରମଣ ଘଟଣାରେ ଆଜି ପୁଲିସ୍ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏକତରଫା ପ୍ରେମକୁ ନେଇ ଉକ୍ତ ଛାତ୍ରୀଙ୍କୁ ଆକ୍ରମଣ କରାଯାଇଥିବା ବେଳେ ଗିରଫ ଅଭିଯୁକ୍ତ ଜଣଙ୍କ ରାକେଶ ଦାସ ବୋଲି ଜଣାପଡ଼ିଛି। ରାକେଶ ଗତ ୨ ମାସ ଧରି ଛାତ୍ରୀଙ୍କ ସହ କଥା ହେଉଥିବାବେଳେ ଅନ୍ୟ ଯୁବକଙ୍କ ସହ କଥା ହେବାକୁ ବାରଣ କରିଥିଲେ। ହେଲେ ଛାତ୍ରୀ ନ ମାନିବାରୁ ଯୁବକ ଜଣକ ଛାତ୍ରୀଙ୍କୁ ନିଛାଟିଆ ସ୍ଥାନକୁ ଡାକି ଆକ୍ରମଣ କରିଥିବା ଏସପି କହିଛନ୍ତି। ଦୁଇ ମାସ ଧରି ଉଭୟେ ଫୋନ ଯୋଗେ କଥାବାର୍ତ୍ତା କରୁଥିବା ବେଳେ ଏକତରଫା ପ୍ରେମ ହୋଇଥାଏପାରେ ବୋଲି ସନ୍ଦେହ କରାଯାଉଛି। ସେପଟେ ଆକ୍ରମଣ କରିଥିବା ପଥର ସହ ମୋବାଇଲ ଫୋନକୁ ମଧ୍ୟ ପୁଲିସ୍ ଜବତ କରିଛି। ଏହି ଘଟଣାରେ ଅନ୍ୟମାନେ ସଂଯୋଗବଶତଃ ସେଠାରେ ଥିବା ଓ ସେମାନେ କ୍ୟାଟରିଂ ଦଳର ସଦସ୍ୟ ବୋଲି ଏସ୍‌ପି ମୁକେଶ ଭାମ୍ବୁ କହିଛନ୍ତି। ଏଥିରେ ଅଟୋରେ ଥିବା ଯୁବକଙ୍କ ମଧ୍ୟ କୌଣସି ସମ୍ପୃକ୍ତି ନାହିଁ ବୋଲି ଏସପି କହିଛନ୍ତି। ସୂଚନାଯୋଗ୍ୟ ଯେ ବୁଧବାର ଅପରାହ୍ନରେ ବୁର୍ଲା ସହର ମେଟାକାନୀ ମନ୍ଦିର ପଛପଟେ ଥିବା ପଡ଼ିଆରେ କେତେକ ଯୁବକ ଜଣେ ଯୁବତୀଙ୍କୁ ଆକ୍ରମଣ କରୁଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ତେବେ ସ୍ଥାନୀୟ ଲୋକେ ପାଟି କରିବା ପରେ ଯୁବକମାନେ ସେଠାରୁ ପଳାଇଯାଇଥିଲେ। ତେବେ ଯୁବତୀ ଜଣକ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଲାଇବ୍ରେରୀ ସାଇନ୍ସର ଛାତ୍ରୀ ବୋଲି ଜାଣିବାକୁ ପାଇଥିଲେ। ତେବେ ସଙ୍ଗେ ସଙ୍ଗେ ଖବର ପାଇ ପୁଲିସ ପହଞ୍ଚି ଛାତ୍ରୀଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରିବା ସହ ଚିକିତ୍ସା ପାଇଁ ମେଡିକାଲ ପଠାଇଥିଲା। ଅଭିଯୁକ୍ତଙ୍କୁ ଧରିବା ପାଇଁ ଏସ୍‌ପି ଏକ ଟିମ୍ ଗଠନ କରିଥିଲେ।

# ଡେମୋ ଦେଖାଇଲା ସ୍ପାଇଡର ସତୀଶ

## ମାରାଥନ ଜେରା କରୁଛି ପୋଲିସ

**ଭୁବନେଶ୍ୱର, ୨୦।୨ (ସଂଚାର ବ୍ୟୁରୋ):** ଡେମୋ ଦେଖାଇଲା ସ୍ପାଇଡର ସତୀଶ। ବରିଷ୍ଠ କଂଗ୍ରେସ ନେତା ନିରଞ୍ଜନ ପଟ୍ଟନାୟକଙ୍କ ଘରୁ ଚୋରି ମାମଲାରେ ଡେମୋ ଦେଖାଇଲା ସ୍ପାଇଡର ସତୀଶ । ଏଥିପାଇଁ ତାକୁ କଡ଼ା ସୁରକ୍ଷା ବଳୟରେ ନୟାପଲ୍ଲୀକୁ



ଅଣାଯାଇଥିଲା। କିପରି ପାଚେରି ଡେଇଁ ଚୋରି କରିଥିଲା ଏବଂ ଚୋରି ପରେ କିପରି ସେଠାରୁ ଖସି ଯାଇଥିଲା ତାର ଡେମୋ ଦେଖାଇଛି । ସତୀଶକୁ କମିଶନରେଟ ପୋଲିସ ୫ ଦିନିଆ ରିମାଣ୍ଡରେ ନେଇ ମାରାଥନ ଜେରା କରୁଛି। ଆଜି ରିମାଣ୍ଡର ତୃତୀୟ ଦିନରେ ଡେମୋ ଦେଖାଇଛି ସ୍ପାଇଡର । ନିରଞ୍ଜନ ପଟ୍ଟନାୟକଙ୍କ ଘରୁ ଚୋରିର ୧୯ଦିନ ପରେ କୋଟିପତି ଚୋର ସତୀଶ ରେଡ୍ଡୀକୁ ବିଶାଖାପାଟଣାରୁ ଗିରଫ କରିଥିଲା ପୋଲିସ । ତା ନାଁରେ ୭୦ରୁ ଅଧିକ ମାମଲା ଥିବା ବେଳେ ସେ ୧୨ଥର ଜେଲ ଯାଇଛି । ଗୁଗୁଲ ଓ ୟୁ ଟ୍ୟୁବରୁ ସତୀଶ କୋଟିପତି ଲୋକଙ୍କ ଠିକଣା ଠାବ କରୁଥିଲା ।ପୂର୍ବରୁ ୨୦୨୩ ମସିହାରେ ନୂଆପଲ୍ଲୀ ଥାନା ଭିଭିଆଇପି ଅଞ୍ଚଳରେ ଥିବା ଏଆରଏସଏସ ମାଲିକଙ୍କ ଘରେ ପଶି କଳାକନା ବୁଲାଇଥିଲା । ୫ ରାଜ୍ୟରେ କୋଟିପତିଙ୍କ ଘରୁ ସତୀଶ ୨ଶହ କୋଟିର ସଂପତ୍ତି ଲୁଟିଛି ବୋଲି ପୋଲିସ ସୂଚନା ଦେଇଛି । ଚୋରି ଟଙ୍କାରେ ସତୀଶ ଦୁଇ ସ୍ତ୍ରୀ ଓ ପ୍ରେମିକା ପାଇଁ ଫ୍ଲାଟ୍, କିଛି ମୂଲ୍ୟବାନ ପ୍ଲଟ କିଣିଛି ।

## ● ସମାବେଶ-୨୦୨୫ରେ ବୈଷୟିକ ଶିକ୍ଷା ମନ୍ତ୍ରୀ

# ସ୍ୱତନ୍ତ୍ର ତାଲିମରେ ଆତ୍ମନିର୍ଭର ହେଉଛନ୍ତି ଦୃଷ୍ଟିବାଧିତ



**ଭୁବନେଶ୍ୱର,୨୦।୨(ସଂଚାର ବ୍ୟୁରୋ):** ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ (ଏସ୍‌ଏସ୍‌ଇପିଡି) ସହାୟତାରେ ଏନ୍‌ଏବି ଇଣ୍ଡିଆ ସେଣ୍ଟର ଫୋର ବ୍ଲାଇଣ୍ଡ ୱିମେନ, ଦିଲ୍ଲୀ ଓ ସ୍କିଲ୍ କାଉନସିଲ୍ ଫର ପର୍ସନ୍ସ ୱିଥ୍ ଡିଜେବିଲିଟି (ଏସ୍‌ସିପିଡବ୍ଲ୍ୟୁଡି)ର ମିଳିତ ଆନୁକୂଲ୍ୟରେ ଏଠାରେ ଜାତୀୟ ସମ୍ମିଳନୀ 'ସମାବେଶ-୨୦୨୫' ଅନୁଷ୍ଠିତ ହୋଇଛି। ଦିବ୍ୟାଙ୍ଗମାନଙ୍କ ଦକ୍ଷତାର ବିକାଶ ଘଟାଇ ସେମାନଙ୍କୁ ଆର୍ଥିକ ଭାବେ ସଶକ୍ତ କରିବା ଲକ୍ଷ୍ୟ ନେଇ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ବେଳେ ଏହାକୁ ଶିଳ୍ପ ଏବଂ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ।

ଏହି ଅବସରରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି ଯେ ଏବେ ରାଜ୍ୟ ସରକାର ଦକ୍ଷତା ବିକାଶକୁ ପ୍ରାଧାନ୍ୟ ଦେଉଛନ୍ତି। ପ୍ରଧାନମନ୍ତ୍ରୀଙ୍କ 'ସବ୍ କା ସାଥ୍ ସବ୍‌କା ବିକାଶ ସବ୍ କା ପ୍ରୟାସ' ମନ୍ତ୍ରକୁ ପାଥେୟ କରି କିଭଳି ସମସ୍ତ ବର୍ଗର ବିକାଶ ହେବ, ତାହା ଉପରେ ଗୁରୁତ୍ୱ ପ୍ରଦାନ ପୂର୍ବକ ଯୋଜନା ପ୍ରସ୍ତୁତ କରାଯାଉଛି। ଯୁବକଯୁବତୀଙ୍କୁ ପ୍ରଶିକ୍ଷଣ ଦେବା ସହ ଦୃଷ୍ଟିବାଧିତଙ୍କୁ ସ୍ୱତନ୍ତ୍ର ତାଲିମ ପ୍ରଦାନ ମାଧ୍ୟମରେ ଆତ୍ମନିର୍ଭର କରାଯାଉଛି। ଏସ୍‌ସିପିଡବ୍ଲ୍ୟୁଡିକୁ କେବଳ ଦୃଷ୍ଟିହୀନଙ୍କ ତାଲିମ ପାଇଁ ନୁହେଁ, ବରଂ ସହାୟକ ପ୍ରଯୁକ୍ତିବିଦ୍ୟା ସହାୟତାରେ ଦୃଷ୍ଟିବାଧିତଙ୍କ ଦକ୍ଷତା ଓ ନିଯୁକ୍ତି ବିଷୟରେ ସଚେତନତା ସୃଷ୍ଟି ପୂର୍ବକ ରାଜ୍ୟର ବ୍ୟାବସାୟିକ କ୍ଷେତ୍ରରେ ସାମିଲ କରିବାକୁ ରୋଡମ୍ୟାପ୍ ପ୍ରସ୍ତୁତ ସକାଶେ ଦାୟିତ୍ୱ ଦିଆଯାଇଛି। ଜଟଣୀ ଆଇଟିଆଇରେ ଏହି ଭିନ୍ନକ୍ଷମମାନଙ୍କୁ ମାନ୍ୟୁଫାକ୍‌ଚରିଂ, ଆଇଟି, ଆପାରେଲ୍, ଗାର୍ମେଣ୍ଟସ୍, ହେଲ୍‌ଥ କେୟାର, ଫିଜିଓଥେରାପି ଭଳି ବିଭିନ୍ନ କ୍ଷେତ୍ରରେ ତାଲିମ ଦିଆଯାଇ ନିଯୁକ୍ତି ପ୍ରଦାନ କରାଯାଉଛି ବୋଲି ମନ୍ତ୍ରୀ କହିଛନ୍ତି।

କାର୍ଯ୍ୟକ୍ରମରେ ଏସ୍‌ଏସ୍‌ଇପିଡି ନିର୍ଦ୍ଦେଶିକା ନିୟତି ପଟ୍ଟନାୟକ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ନିର୍ଦ୍ଦେଶିକା ରଶ୍ମିତା ପଣ୍ଡା, ଏସ୍‌ସିପିଡବ୍ଲ୍ୟୁଡି ଅଧ୍ୟକ୍ଷା ଶାଳିନୀ ଖାନ୍ନା, ସିଆଇଆଇ ମୁଖ୍ୟ ପ୍ରଦୀପ୍ତ ମହାନ୍ତି, ଟାଟା ସିଏସ୍‌ଆର ମୁଖ୍ୟ ଅମ୍ବିକା ପ୍ରସାଦ ନନ୍ଦ ଯୋଗଦେଇଥିଲେ। ଏହି ଅବସରରେ ଶ୍ରୀମତୀ ଖାନ୍ନା କହିଛନ୍ତି ଯେ ଏନ୍‌ଏବି ଇଣ୍ଡିଆ ସେଣ୍ଟର ଫର୍ ବ୍ଲାଇଣ୍ଡ ୱିମେନ୍ ଆଣ୍ଡ ଡିସାବିଲିଟି ଷ୍ଟଡିଜ୍ ପକ୍ଷରୁ ରାଜ୍ୟର ସ୍ୱତନ୍ତ୍ର ଆଇଟିଆଇରେ ଦୃଷ୍ଟିହୀନଙ୍କ ପାଇଁ ସ୍ୱତନ୍ତ୍ର ତାଲିମ ବ୍ୟବସ୍ଥା କରାଯାଇଛି। ଗତ ବର୍ଷ ନଭେମ୍ବରରେ ଆରମ୍ଭ ହୋଇଥିବା ଏହି ବିବିଧତା ଓ ଅନ୍ତର୍ଭୁକ୍ତିକରଣ ପ୍ରୟାସର ଲକ୍ଷ୍ୟ ପ୍ରତିବର୍ଷ ପ୍ରାୟ ୧୦୦ ଜଣ ଦୃଷ୍ଟିହୀନଙ୍କୁ ତାଲିମ ଦିଆଯିବା ସହ ସେମାନଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା। ପ୍ରଥମ ପର୍ଯ୍ୟାୟରେ ୩୦ ଜଣ ଦୃଷ୍ଟିବାଧିତଙ୍କୁ ଭୁବନେଶ୍ୱରର ସ୍ପେଶାଲ୍ ଆଇଟିଆଇରେ ଟ୍ରେଡର୍, ୱେୟାରହାଉସ୍ ପ୍ୟାକିଂ, ଆସିଷ୍ଟାଣ୍ଟ ସ୍ପା ଥେରାପିଷ୍ଟ ଓ ସ୍ୱାସ୍ଥ୍ୟ ପରୀକ୍ଷକ ତାଲିମ ଦିଆଯାଉଛି।

ଏହି ସମ୍ମିଳନୀରେ ୪ଟି ଅଧିବେଶନରେ ଦୃଷ୍ଟିବାଧିତଙ୍କ ଦକ୍ଷତା ବୃଦ୍ଧି ଓ ନିଯୁକ୍ତି ନେଇ ଆଲୋଚନା ହୋଇଥିଲା। ସିଆଇଆଇ ଭଳି ବିଭିନ୍ନ ଉଦ୍ୟୋଗରୁ ଆସିଥିବା ମୁଖ୍ୟମାନେ ଏଥିରେ ସାମିଲ ହୋଇ ଏହାକୁ ଅଧିକ ବ୍ୟାପକ କରାଯିବା ଉପରେ ଗୁରୁତ୍ୱ ଦେଇଥିଲେ। ରାଜ୍ୟ ସରକାରଙ୍କ ଏସ୍‌ଏସ୍‌ଇପିଡି ବିଭାଗ ପକ୍ଷରୁ ଦୃଷ୍ଟିବାଧିତ ଛାତ୍ରଛାତ୍ରୀଙ୍କୁ ତାଲିମ ଦିଆଯିବା ସହ ସେମାନଙ୍କ ପାଇଁ ଆର୍ଥିକ ସହାୟତା, ପେନ୍‌ସନ୍ ଭଳି ଯୋଜନା କାର୍ଯ୍ୟକାରୀ କରାଯାଇଛି। ଏହି ଅବସରରେ ଭିନ୍ନକ୍ଷମ ଯୁବକଯୁବତୀଙ୍କ ଦ୍ୱାରା ପ୍ରସ୍ତୁତ ଚକୋଲେଟ, କେକ୍, ଗୃହ ସାଜସଜ୍ଜା ଉପକରଣ ଆଦି ସାମଗ୍ରୀ ପ୍ରଦର୍ଶିତ ହୋଇଥିଲା।

# ସ୍ୱାଧୀନତା ସଂଗ୍ରାମୀ ବିଛନ୍ଦ ଚରଣ ପ୍ରଧାନଙ୍କ ୧୦୮ ତମ ଜୟନ୍ତୀ ପାଳିତ




**ଭୁବନେଶ୍ୱର, ୨୦।୨ (ସଂଚାର ବ୍ୟୁରୋ):** ତାଳଚେର ମାଟିର ପ୍ରବୀଣ ସ୍ୱାଧୀନତା ସଂଗ୍ରାମୀ, ତାଳଚେର ପ୍ରଜାମଣ୍ଡଳ ର ଡିକ୍ଟେଟର ୱିଛନ୍ଦ ଚରଣ ପ୍ରଧାନଙ୍କ ୧୦୮ ତମ ଜୟନ୍ତୀ ସ୍ୱାଧୀନତା ସଂଗ୍ରାମୀ ଶ୍ରୀଯୁକ୍ତ ବିଛନ୍ଦ ଚରଣ ପ୍ରଧାନ ସ୍ମୃତି ସଂସଦ ଓ ତାଳଚେର ସ୍ୱାଧୀନତା ସଂଗ୍ରାମୀ ମେମୋରିଆଲ ଟ୍ରଷ୍ଟ ମିଳିତ ଆନୁକୂଲ୍ୟରେ ସଭାପତି ଡଃ ପୂର୍ଣ୍ଣଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱ ରେ କଣିହାଁ ଗାନ୍ଧୀ ମଣ୍ଡପଠାରେ ପାଳିତ ହୋଇଯାଇଅଛି। ଟ୍ରଷ୍ଟ ପରିସରସ୍ଥ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ ପରେ ଅତିଥି ବୃନ୍ଦ ବିଛନ୍ଦ ଚରଣ ପ୍ରଧାନଙ୍କ ପ୍ରତିଛବି ରେ ପୁଷ୍ପମାଲ୍ୟ ଓ ପ୍ରଦୀପ ପ୍ରଜ୍ୱଳନ କରି ସଂଗ୍ରାମୀ ପ୍ରଧାନଙ୍କ ସଂଗ୍ରାମୀ ଜୀବନ ଉପରେ ଆଧାରିତ ପତ୍ରିକା 'ପ୍ରଣାମ ସଂଗ୍ରାମୀ' ଉନ୍ମୋଚନ କରିଥିଲେ । ବିଶିଷ୍ଟ ଅତିଥି ଭାବରେ ଶ୍ରୀଯୁକ୍ତ ଦିନେଶ କୁମାର ମାଳି (ମହାପ୍ରବନ୍ଧକ(ମାଇନିଂ) କଣିହାଁ କ୍ଷେତ୍ର), ଅବସପ୍ରାପ୍ତ ପ୍ରାଧ୍ୟାପକ ଶ୍ରୀଯୁକ୍ତ ବିଶ୍ୱରଂଜନ ପ୍ରଧାନ, ଇଂ ଧନେଶ୍ୱର ସାହୁ, ରାମକୃଷ୍ଣ ପ୍ରଧାନ- ଅଧ୍ୟକ୍ଷ କଣିହାଁ ବ୍ଲକ, ରଞ୍ଜନ କୁମାର ସାହୁ - ଜିଲ୍ଲା ପରିଷଦ ସଭ୍ୟ ଓ ବୃନ୍ଦାବନ ପ୍ରଧାନ - ସରପଞ୍ଚ ଗଦାଶିଳା ଯୋଗଦେଇ ସଂଗ୍ରାମୀ ପ୍ରଧାନଙ୍କ ବହୁମୁଖି ପ୍ରତିଭା ଉପରେ ତଥା ସଂଗ୍ରାମୀ ଜୀବନର ଗାଥା ବର୍ଣ୍ଣନା କରିଥିଲେ । କବି ତଥା ଗାଳ୍ପିକ ତଥା ପବିତ୍ର ମୋହନ ସରକାରୀ ଉଚ୍ଚ ବିଦ୍ୟାଳୟ ର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ରୀଯୁକ୍ତ ସିଦ୍ଧି ପ୍ରସାଦ ସାହୁ ସ୍ୱାଗତ ଭାଷଣ ଦେବା ସହିତ ସଂଗ୍ରାମୀ ପ୍ରଧାନଙ୍କ ସଂଗ୍ରାମୀ ଜୀବନ ଓ ଦୈନନ୍ଦିନ ଜୀବନ ଉପରେ ଆଲୋଚନା କରି ସଂଗ୍ରାମୀ ପ୍ରଧାନଙ୍କୁ ଜଣେ କର୍ମ ଯୋଗୀ, ଜ୍ଞାନ ଯୋଗୀ ଓ ଭକ୍ତି ମାର୍ଗୀ ବୋଲି ଅଭିହିତ କରି ତାଙ୍କର ଜିବନାଦର୍ଶକୁ ଆମେ ସମସ୍ତେ ଅନୁସରଣ କରିବାକୁ ଆହ୍ୱାନ ଦେଇଥିଲେ।

## ଭିଜିଲାନ୍ସ କୋର୍ଟରେ ଦୋଷୀ ସାବ୍ୟସ୍ତ ପୂର୍ବତନ ଭିଏଲଡବ୍ଲୁ

# ୨ ବର୍ଷର ସଶ୍ରମ କାରାଦଣ୍ଡାଦେଶ

**ବଲାଙ୍ଗୀର,୨୦।୨(ସଂଚାର ବ୍ୟୁରୋ):** ଭିଜିଲାନ୍ସ କୋର୍ଟରେ ଦୋଷୀ ସାବ୍ୟସ୍ତ ପୂର୍ବତନ ଭିଏଲଡବ୍ଲୁ। ବଲାଙ୍ଗୀର ଦେଓଗାଁ ବ୍ଲକ ପୂର୍ବତନ ଭିଏଲଡବ୍ଲୁ ବିହାରୀଲାଲ ବାରିକ । ୨ ବର୍ଷର ସଶ୍ରମ କାରାଦଣ୍ଡାଦେଶ ସହିତ ୨୦ ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ। ନିର୍ଦ୍ଦେଶ ଦେଲେ ବଲାଙ୍ଗୀର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ।ବିଭିନ୍ନ ସରକାରୀ ଯୋଜନାର ଚାଉଳ ହଡ଼ପ କରିଥିବା ଅଭିଯୋଗ ଥିଲା । ଏବେ ବିହାରୀଲାଲ ବାରିକଙ୍କ ପେନସନ ବନ୍ଦ ପାଇଁ ଲେଖିବ ଭିଜିଲାନ୍ସ।

# ମଧୁ ସ୍ମାରକୀ ନିର୍ମାଣ ନେଇ ରାଜନୀତି ଜୋରଦାର

**ଭୁବନେଶ୍ୱର,୨୦।୨:** ସ୍ମାରକୀ ନିର୍ମାଣକୁ କେନ୍ଦ୍ରକରି ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମପୀଠ ସତ୍ୟଭାମାପୁର ଅଞ୍ଚଳରେ ଚାପା ଉତ୍ତେଜନା ଲାଗି ରହିଛି। ଏହି ବ୍ୟାପାରରେ ରାଜନୈତିକ ବ୍ୟକ୍ତି ଓ ପ୍ରଶାସନିକ ଅଧିକାରୀମାନେ ମାପିଚୁପି କଥା କହୁଥିବାବେଳେ ସ୍ମାରକୀ ନିର୍ମାଣ କାର୍ଯ୍ୟ ଆଗେଇପାରୁନାହିଁ ଏବଂ ଏହାକୁ କେନ୍ଦ୍ରକରି ଦିନକୁ ଦିନ ବିବାଦ ବଢ଼ିବାରେ ଲାଗିଛି।

ଉତ୍କଳ ଗୌରବଙ୍କ ପୂଣ୍ୟ ତିଥିରେ ସତ୍ୟଭାମାପୁର ସ୍ଥିତ ତାଙ୍କ ପୈତୃକ ଗୃହ ପରିସର ମଧ୍ୟରେ ଥିବା ଏକ୍ଜୁଡିଶାଳରେ ଅତିଥିମାନେ ଶ୍ରଦ୍ଧାସୁମନ ଅର୍ପଣ କରିପାରିନଥିଲେ। ଏମିତିକି ସ୍ଥାନୀୟ ପ୍ରଶାସନିକ ଅଧିକାରୀମାନେ ମଧ୍ୟ ଏଠାକୁ ଆସି ଫେରିଯାଇଥିଲେ। ସୁଆଣ୍ଡୋରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପୈତୃକ ବାସଗୃହକୁ ଯେଭଳି ଏକ ଭବ୍ୟ ସ୍ମାରକୀରେ ପରିଣତ କରାଯାଇଛି, ଅନୁରୂପ ଭାବେ ସତ୍ୟଭାମାପୁରସ୍ଥିତ ମଧୁବାବୁଙ୍କ ପୈତୃକ ଗରେ ଭବ୍ୟ ସ୍ମାରକୀ ନିର୍ମାଣ ପାଇଁ ଦୀର୍ଘବର୍ଷ ଧରି ଦାବି ହୋଇଆସୁଛି।

ଗତ ସାଧାରଣ ନିର୍ବାଚନ ପୂର୍ବରୁ ତତ୍କାଳୀନ ୫-ଟି ସଚିବ ଭିକେ ପାଣ୍ଡିଆନ ସତ୍ୟଭାମାପୁରରୁ ଆସି ଏଠାରେ ଭବ୍ୟ ସ୍ମାରକୀ ନିର୍ମାଣ କରାଯିବ ବୋଲି ଘୋଷଣା କରିଥିଲେ। ଏଥିସହ ଏହି ସ୍ମାରକୀ ଲାଗି ରାଜ୍ୟ ସରକାର ଅର୍ଥ ମଞ୍ଜୁର କରୁଥିବା ସଂକ୍ରାନ୍ତରେ ସେ ସୂଚନା ଦେଇଥିଲେ। ତେବେ ଇତିମଧ୍ୟରେ ବର୍ଷାଧିକ କାଳ ବିତିଯାଇଥିଲେ ବି ଟଙ୍କା ଥିଲେ ମଧ୍ୟ ସ୍ମାରକୀ ନିର୍ମାଣ କାର୍ଯ୍ୟ ଆଗେଇପାରୁନାହିଁ। ଏହି କାମ କେବଳ ଜମି ମାପଚୁପରେ ସୀମିତ ରହିଯାଇଛି।

ଯେଉଁ ଜମି ଉପରେ ଉତ୍କଳ ଗୌରବଙ୍କ ସ୍ମାରକୀ ନିର୍ମାଣ ପାଇଁ ପ୍ରସ୍ତାବ ରହିଛି, ସେଥିରୁ କିଛି ଜମିକୁ ରାଜ୍ୟ ସରକାର ପୂର୍ବରୁ କସ୍ତୁରବା ଗାନ୍ଧୀ ଜାତୀୟ ସ୍ମାରକୀର ରାଜ୍ୟ ଶାଖାକୁ ଲିଜ୍ ଆକାରରେ ଦେଇଥିଲେ। ଏହି ଜମି ପ୍ରସଙ୍ଗରେ ଆଇନ୍‌ଗତ ବିବାଦ ରହିଛି। ଏହାଛଡା ମଧୁବାବୁଙ୍କ ପୈତୃକ ଗୃହ ଏକଦା ବିକ୍ରି ହୋଇ ଯାଉଥିବାବେଳେ ତାହାକୁ ଝିଆରୀ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ମା' ରମାଦେବୀଙ୍କ ଏକନିଷ୍ଠ ଉଦ୍ୟମ ଯୋଗୁଁ ରକ୍ଷା କରାଯାଇପାରିଥିଲା। କେନ୍ଦ୍ରୀୟ ଗାନ୍ଧୀ ସ୍ମାରକନିଧିରୁ ଆବଶ୍ୟକ ଅର୍ଥ ଆଣି ଇତିହାସର ଏହି କିର୍ତ୍ତୀରାଜିକୁ ମା' ରମାଦେବୀ କେନ୍ଦ୍ରୀୟ ଗାନ୍ଧୀ ସ୍ମାରକନିଧି ନାଁରେ କିଣିଥିଲେ ଓ ପରେ ସେଠାରେ କସ୍ତୁରବା ଗାନ୍ଧୀ ରାଷ୍ଟ୍ରୀୟ ସ୍ମାରକନିଧିର ପ୍ରାଦେଶିକ କାର୍ଯ୍ୟାଳୟ ସହ କନ୍ୟାଶ୍ରମ ଓ କର୍ମୀ ତାଲିମ ଶିବିର ଆଦି ଚାଲିଆସୁଛି।

ଗାନ୍ଧୀ ସ୍ମାରକନିଧି ଓ କସ୍ତୁରବା ଟ୍ରଷ୍ଟର ଏହି ଜମି ରାଜ୍ୟ ସରକାରଙ୍କୁ କିଭଳି ହସ୍ତାନ୍ତର କରିବେ, ସେ ସଂକ୍ରାନ୍ତରେ କଟକ ଜିଲ୍ଲାପାଳ ସମ୍ପୃକ୍ତ ସଂସ୍ଥାଗୁଡିକ ସହ ଆଲୋଚନା କରିବାପରେ ଏକ ଚିଠା ଚୁକ୍ତିନାମା ପ୍ରସ୍ତୁତ ହୋଇଥିବା କୁହାଯାଉଛି। ଏବେ ଏହି ଚିଠା ଚୁକ୍ତିନାମାର ଆଇନ୍‌ଗତ ଦିଗ ସମ୍ପର୍କରେ ତର୍ଜମା ଚାଲିଥିବାରୁ ସ୍ମାରକୀ ପ୍ରକଳ୍ପ ନିର୍ମାଣରେ ବିଳମ୍ବ ଘଟୁଛି।

ଏହି ଅନୁଷ୍ଠାନ ପରିସରରେ ପ୍ରତିବର୍ଷ ଅମର ଶହୀଦ କସ୍ତୁରବାଙ୍କ ପୂଣ୍ୟତିଥି ଫେବୃୟାରୀ ୨୨ ତାରିଖରେ ପାଳନ କରାଯାଇଥାଏ । ତେବେ ପ୍ରତିପାଳନ ପାଇଁ ସଂସ୍ଥା ପକ୍ଷରୁ ପ୍ରସ୍ତୁତି ଚାଲିଥିବାବେଳେ ଆଉଗୋଟିଏ ଗୋଷ୍ଠି ଏହି କାର୍ଯ୍ୟକ୍ରମକୁ ବିରୋଧ କରୁଥିବାରୁ ଏକ ବିଚିତ୍ର ପରିସ୍ଥିତି ସୃଷ୍ଟି ହୋଇଛି। ସମସ୍ତଙ୍କ ସହଯୋଗ ଓ ସହମତି ଭିତ୍ତିରେ ସତ୍ୟଭାମାପୁରରେ ସୁଦୃଶ୍ୟ ମଧୁସ୍ମାରକୀ ନିର୍ମାଣ ସହ କସ୍ତୁରବା ଟ୍ରଷ୍ଟ ଓ କନ୍ୟାଶ୍ରମ ପାଇଁ ବିକଳ୍ପ ବ୍ୟବସ୍ଥା କରିବାକୁ ସଚେତକ ନାଗରିକମାନେ ମତ ଦେଉଥିବାବେଳେ ଏହି ପ୍ରକଳ୍ପ ଘେନି ଏବେ ଜୋରଦାର ରାଜନୀତି ଚାଲୁଥିବା ଲକ୍ଷ୍ୟ କରାଯାଉଛି। (ତଥ୍ୟ)

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776

Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର






## ବଢ଼ିଲା ସୁନା ଦର

ଯଦି ଆପଣ ସୁନା ଏବଂ ରୁପା କିଣିବାର ପ୍ଲାନ୍ କରୁଛନ୍ତି ତେବେ ଆଜି ଆପଣଙ୍କୁ ପୂର୍ବ ଅପେକ୍ଷା ଅଧିକ ଟଙ୍କା ଖର୍ଚ୍ଚ କରିବାକୁ ପଡିବ। ଅର୍ଥାତ୍ ଆଜି ସୁନା ଦର ବୃଦ୍ଧି ପାଇଛି। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୮୮ ହଜାର ୦୪୦ ଟଙ୍କା ହୋଇଛି। ଏହାସହ ୨୨ କ୍ୟାରେଟ୍ ସୁନା ମୂଲ୍ୟ ୮୦ ହଜାର ୭୦୦ ଟଙ୍କା ଛୁଇଁଛି। ସେହିପରି ଆଜି ଭୁବନେଶ୍ୱରରେ ୨୨ କ୍ୟାରେଟ ସୁନାଦର ୮୦ ହଜାର ୭୦୦ ଟଙ୍କା ରହିଥିବା ବେଳେ ୨୪ କ୍ୟାରେଟ୍ ସୁନାଦର ୮୮ ହଜାର ୦୪୦ ହୋଇଛି। ମୁମ୍ବାଇରେ ୨୨ କ୍ୟାରେଟ୍ ଓ ୨୪ କ୍ୟାରେଟ୍ ମୂଲ୍ୟ ୮୦,୭୦୦ ଟଙ୍କା ଓ ୮୮,୦୪୦ ଟଙ୍କା ଥିବା ରେକର୍ଡ ହୋଇଥିବା ବେଳେ ନୂଆଦିଲ୍ଲୀରେ ୮୦, ୮୫୦ ଟଙ୍କା ଓ ୮୮, ୧୯୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୨ କ୍ୟାରେଟ ମୂଲ୍ୟ ୮୦,୭୦୦ ଟଙ୍କା ଥିବା ବେଳେ ୨୪ କ୍ୟାରେଟ ମୂଲ୍ୟ ୮୮, ୦୪୦ ଟଙ୍କା ଥିବା ରେକର୍ଡ ହୋଇଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୮୦,୭୦୦ ଟଙ୍କା ଓ ୮୮,୦୪୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧,୦୦, ୫୦୦ ଟଙ୍କା ହୋଇଛି।



## ଆଜିର ପେଟ୍ରୋଲ, ଡିଜେଲ ଦର

ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ୧୦୧. ୩୯ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨ . ୬୯ ପଇସା ରହିଛି। ସେହିପରି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।

## ଷ୍ଟାର୍ଟଅପ୍ ଓ ଏମ୍ଏସ୍ଏମ୍ଇ ପାଇଁ ଲୋନ୍ ମେଳା

**ଭୁବନେଶ୍ୱର,୨୦।୨:** ରାଜ୍ୟ ସରକାରଙ୍କ ଏମ୍ଏସ୍ଏମ୍ଇ ବିଭାଗ ସହଯୋଗରେ ଓଡ଼ିଶା କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ପରିଷଦ (ଓସ୍ମେ) ପକ୍ଷରୁ ଷ୍ଟାର୍ଟଅପ୍ ଓ ଏମ୍ଏସ୍ଏମ୍ଇଗୁଡ଼ିକ ପାଇଁ ବୁଧବାର ଏକ ଲୋନ୍ ମେଳା ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଣ୍ଟରପ୍ରେନ୍ୟୋରଶିପ ଡେଭେଲପମେଣ୍ଟଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୧୦୦୦ରୁ ଅଧିକ ଷ୍ଟାର୍ଟଅପ୍, ଏମ୍ଏସ୍ଏମ୍ଇ ଏବଂ ଆଶାୟୀ ଉଦ୍ୟୋଗୀମାନେ ଅଂଶଗ୍ରହଣ କରିଥିଲେ। ଆର୍ଥିକ ଅନୁଷ୍ଠାନ ଏବଂ ଉଦ୍ୟୋଗୀମାନଙ୍କ ମଧ୍ୟରେ ଥିବା ବ୍ୟବଧାନ ଦୂରକରିବା ପାଇଁ ଏହି ମେଳାର ଆୟୋଜନ କରାଯାଇଥିଲା। ପ୍ରମୁଖ ବ୍ୟାଙ୍କ ଗୁଡ଼ିକ ଆର୍ଥିକ ସେବା ପ୍ରଦାନକାରୀଙ୍କ ସହ ଅଂଶଗ୍ରହଣକରି କ୍ଷୁଦ୍ର ବ୍ୟବସାୟୀ ଏବଂ ଉଦୀୟମାନ ଉଦ୍ୟୋଗଗୁଡ଼ିକର ବିଭିନ୍ନ ଆର୍ଥିକ ସମାଧାନ ପ୍ରଦାନ କରିଥିଲେ। ଏହି ଅବସରରେ ରାଜ୍ୟ ସରକାରଙ୍କ ଏମ୍ଏସ୍ଏମ୍ଇ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା କହିଥିଲେ, ଓଡ଼ିଶା ସରକାର ଷ୍ଟାର୍ଟଅପ୍ ଏବଂ ଏମ୍ଏସ୍ଏମ୍ଇଗୁଡ଼ିକର ବ୍ୟବସାୟ ବୃଦ୍ଧି ପାଇଁ ଆବଶ୍ୟକ ଆର୍ଥିକ ସହାୟତା ପ୍ରଦାନକରି ସେମାନଙ୍କୁ ସଶକ୍ତ କରିବା ପାଇଁ କାର୍ଯ୍ୟ କରୁଛନ୍ତି। ଓସ୍ମେର ମହାସଚବ ସାତ୍ୱିକ ସ୍ୱାଇଁ କହିଛନ୍ତି, ଏମ୍ଏସ୍ଏମ୍ଇ ଏବଂ ଷ୍ଟାର୍ଟଅପ୍ ପାଇଁ ଋଣର ସୁବିଧା ପାଇଁ ଆମେ ସିଡ୍‌ବି ସହ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଛୁ। ସିଡ୍‌ବି ଡେପୁଟି ଜେନେରାଲ ମ୍ୟାନେଜର ପ୍ରଦ୍ୟୁମ୍ନ ଚୌଧୁରୀ, ୟୁକୋ ବ୍ୟାଙ୍କର ଏସ୍ଏଲ୍‌ବିସି ମୁଖ୍ୟ ତଥା ମହାପ୍ରବନ୍ଧକ ଗୌତମ ପାତ୍ର, ଆଇଇଡିଏସ୍, କଟକ ଏମ୍ଏସ୍ଏମ୍ଇ ଡିଏଫ୍‌ଓର ଯୁଗ୍ମ ନିର୍ଦ୍ଦେଶକ ପି.କେ. ଗୁପ୍ତା, ଏମ୍ଏସ୍ଏମ୍ଇ ବିଭାଗର ସ୍ୱତନ୍ତ୍ର ସଚିବ ବିଭୁଭୂଷଣ ଦାଶ, ଓଏସ୍ଏମ୍ଇ ମହିଳା ଶାଖା ଅଧ୍ୟକ୍ଷା ଜ୍ୟୋତିର୍ମୟୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ୧୧୯ଟି ଆପ୍ ବ୍ଲକ୍ ପାଇଁ ନିର୍ଦ୍ଦେଶ ଦେଲେ କେନ୍ଦ୍ର ସରକାର



**ନୂଆଦିଲ୍ଲୀ,୨୦।୨:** ସରକାର ଏବଂ ଅନ୍ୟାନ୍ୟ ସଂସ୍ଥା ଦ୍ୱାରା ବିଭିନ୍ନ କଣ୍ଟେଣ୍ଟ ଅପସାରଣ ଅନୁରୋଧଗୁଡ଼ିକୁ ଟ୍ରାକ୍ କରୁଥିବା ହାର୍ଭାର୍ଡ ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ସାଇଟ୍ ଲୁମେନ୍ ଡାଟାବେସ୍‌ରେ ଗୁଗୁଲ୍ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ, ଭାରତରେ ଉପଲବ୍ଧ ପ୍ରାୟ ୧୧୯ଟି ଆପ୍ ବ୍ଲକ୍ କରିବାକୁ ଭାରତ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଏହି ସମସ୍ତ ଆପ୍ ମୁଖ୍ୟତଃ ଚୀନ୍ ଏବଂ ହଂକଂର ଡେଭଲପର୍‌ମାନଙ୍କ ସହିତ ଜଡିତ ଯାହା ଭିଡିଓ ଏବଂ ଭଏସ୍ ଚାଟ୍ ପ୍ଲାଟଫର୍ମ ପ୍ରଦାନ କରିଥାଏ।ରିପୋର୍ଟ ଅନୁଯାୟୀ ୧୧୯ଟି ଆପ୍ ମଧ୍ୟରୁ, ଭାରତରେ ଏପର୍ଯ୍ୟନ୍ତ କେବଳ ୧୫ଟି ଆପ୍ ସ୍ଥଗିତ ରଖାଯାଇଛି। ବାକିଗୁଡ଼ିକ ଫେବୃଆରୀ ୨୦ ତାରିଖ ପର୍ଯ୍ୟନ୍ତ ଡାଉନଲୋଡ୍ ପାଇଁ ଉପଲବ୍ଧ ରହିଛି। ପ୍ରଭାବିତ ଆପ୍ସଗୁଡ଼ିକର ଏକ କମ୍ ସଂଖ୍ୟକ ସିଙ୍ଗାପୁର, ଯୁକ୍ତରାଷ୍ଟ୍ର, ଯୁକ୍ତରାଜ୍ୟ ଏବଂ ଅଷ୍ଟ୍ରେଲିଆରୁ ମଧ ରହିଛି। ସୂଚନା ପ୍ରଯୁକ୍ତିବିଦ୍ୟା ଆଇନର ଧାରା ୬୯ଏ ଅଧୀନରେ ଏହି ନିର୍ଦ୍ଦେଶ ଜାରି କରାଯାଇଛି। ଏହି ଧାରା କେନ୍ଦ୍ରକୁ ଜାତୀୟ ସୁରକ୍ଷା, ସାର୍ବଭୌମତ୍ୱ କିମ୍ବା ସାର୍ବଜନୀନ ଶୃଙ୍ଖଳା ସ୍ୱାର୍ଥରେ ଅନଲାଇନ୍ ବିଷୟବସ୍ତୁକୁ ସାଧାରଣ ପ୍ରବେଶକୁ ଅବରୋଧ କରିବାର କ୍ଷମତା ପ୍ରଦାନ କରେ। ଏହି ଧାରା ଅଧୀନରେ ପୂର୍ବ ନିର୍ଦ୍ଦେଶଗୁଡ଼ିକ ଚୀନ୍ ଆପ୍ସକୁ ଟାର୍ଗେଟ କରିଥିଲା, ବିଶେଷକରି ଭାରତ ଏବଂ ଚୀନ୍ ମଧ୍ୟରେ ଭୂ-ରାଜନୈତିକ ଉତ୍ତେଜନା ପରେ ଏହା ଦେଖିବାକୁ ମିଳିଥିଲା। ବ୍ଲକିଂ ଆଦେଶ ଦ୍ୱାରା ପ୍ରଭାବିତ ତିନି ଜଣ ଆପ୍ ଡେଭଲପର କହିଛନ୍ତି ଯେ ସେମାନଙ୍କୁ ଗୁଗୁଲର କାର୍ଯ୍ୟାନୁଷ୍ଠାନ ବିଷୟରେ ଅବଗତ କରାଯାଇଛି ଏବଂ ସେମାନେ ଏହି ସମସ୍ୟାର ସମାଧାନ ପାଇଁ ଭାରତ ସରକାରଙ୍କ ସହିତ କାମ କରିବାକୁ ଆଗ୍ରହୀ। ସରକାର ଏବଂ ଅନ୍ୟାନ୍ୟ ସଂସ୍ଥା ଦ୍ୱାରା କରାଯାଇଥିବା କଣ୍ଟେଣ୍ଟ ଅପସାରଣ ଅନୁରୋଧଗୁଡ଼ିକୁ ଟ୍ରାକ୍ କରୁଥିବା ଲୁମେନ୍ ଡାଟାବେସ୍ ଉପରେ ଗୁଗୁଲ୍ ଦ୍ୱାରା ଏକ ସମ୍ପ୍ରତି ପ୍ରକାଶ ମାଧ୍ୟମରେ MeitY ର ଅର୍ଡରଗୁଡ଼ିକର ବିବରଣୀ ପ୍ରକାଶ ପାଇଛି। ତେବେ ଏହି ପ୍ରସଙ୍ଗରେ ଗୁଗୁଲ୍ କୌଣସି ସୂଚନା ଦେଇନାହିଁ।

## ପିଏନ୍‌ବିରେ ଗୁପ୍ତା ପାୱାର ଇନ୍‌ଫ୍ରାଷ୍ଟ୍ରକ୍‌ଚର୍‌ର ୨୭୦ କୋଟି ଠକେଇ

**ଭୁବନେଶ୍ୱର,୨୦।୨:** ରାଜ୍ୟରେ ଏକ ବଡ଼ ଧରଣର ଋଣ ଠକେଇ ସାମ୍ନାକୁ ଆସିଛି। ଭୁବନେଶ୍ୱରର କମ୍ପାନି ଗୁପ୍ତା ପାୱାର ଇନ୍‌ଫ୍ରାଷ୍ଟକଚର୍ ବିରୋଧରେ ଏହି ଅଭିଯୋଗ ଆସିଛି। କମ୍ପାନି ରାଷ୍ଟ୍ରାୟତ୍ତ ପଞ୍ଜାବ ନ୍ୟାସନାଲ୍ ବ୍ୟାଙ୍କରୁ ନେଇଥିବା ୨୭୦.୫୭ କୋଟି ଟଙ୍କାର ଋଣକୁ ପରିଶୋଧ କରିନଥିଲା। ଫଳରେ ସେହି ଋଣ ଖାତାକୁ ଏନ୍‌ପିଏ ବର୍ଗରେ ସାମିଲ କରାଯାଇଥିଲା। ତଥାପି ସେଥିରେ କୌଣସି ସୁଧାର ନ ହେବାରୁ ତାହାକୁ ଠକେଇ ବୋଲି ଘୋଷଣା କରାଯାଇଛି। ଭୁବନେଶ୍ୱରର ଷ୍ଟେସନ୍ ଛକରେ ଥିବା ପିଏନ୍‌ବି ଶାଖାରୁ କମ୍ପାନିକୁ ଏହି ଋଣ ମଞ୍ଜୁର କରାଯାଇଥିଲା। କମ୍ପାନିର ଏନ୍‌ପିଏ ଖାତାର ଅନୁଶୀଳନ କରିବା ବେଳେ ଠକେଇ ବିଷୟରେ ଜଣାପଡ଼ିଥିଲା। ତେବେ ଏହି ଠକେଇ କିଭଳି ହୋଇଥିଲା, ସେବିଷୟରେ ବ୍ୟାଙ୍କ ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ। ଏହି ଠକେଇ ସମ୍ପର୍କରେ ବ୍ୟାଙ୍କ ପକ୍ଷରୁ ଭାରତୀୟ ରିଜର୍ଭ ବ୍ୟାଙ୍କକୁ ସୂଚନା ଦିଆଯାଇଛି। ଗୁପ୍ତା ପାୱାରକୁ ଦିଆଯାଇଥିବା ଋଣକୁ ଠକେଇ ଘୋଷଣା କରାଯିବା ପରେ ତାହାର ଭରଣା କରିବା ଲାଗି ବ୍ୟାଙ୍କ ପକ୍ଷରୁ ୨୭୦.୫୭ କୋଟି ଟଙ୍କାର ଅଲଗା ବ୍ୟବସ୍ଥା କରାଯାଇଛି। ପ୍ରଚଳିତ ନିୟମ ଅନୁସାରେ ଏହି ପ୍ରୋଭିଜନିଂ ହୋଇଛି। ତେଣୁ ବ୍ୟାଙ୍କର ଆର୍ଥିକ ସ୍ଥିରତା ଏହି ଠକେଇ ଦ୍ୱାରା ପ୍ରଭାବିତ ହେବ ନାହିଁ ବୋଲି ବ୍ୟାଙ୍କ ପକ୍ଷରୁ ଷ୍ଟକ୍ ବଜାରକୁ ସୂଚନା ଦିଆଯାଇଛି।

## ଏଲ୍ଆଇସି ହରାଇଲା ୮୪ହଜାର କୋଟି

### ୩୬ ଦିନରେ ୩୪ ଲକ୍ଷ କୋଟି ଡୁବିଲା



**ମୁମ୍ବାଇ, ୨୦।୨:** ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜରେ ୩୬ ଦିନ କାରବାର ହୋଇଥିଲା। ସେଥିରୁ ୨୧ ଦିନ ସେନ୍‌ସେକ୍ସରେ ହ୍ରାସ ଘଟିଥିଲା। ତାହାର ପ୍ରଭାବରେ ନିବେଶକମାନଙ୍କ ୩୪ ଲକ୍ଷ କୋଟି ଟଙ୍କା ଡୁବିଛି। ଫଳରେ ଷ୍ଟକ୍ ବଜାରରେ ତାଲିକାଭୁକ୍ତ ଥିବା ୫୦୦ ବଡ଼ କମ୍ପାନିଗୁଡ଼ିକର ମୋଟ ବଜାର ପୁଞ୍ଜି ପରିମାଣ ୩୮୭.୧୮ ଲକ୍ଷ କୋଟି ଟଙ୍କାକୁ ହ୍ରାସ ପାଇଛି। ୫୦୦ଟି କମ୍ପାନି ମଧ୍ୟରୁ ୪୪୭ଟି କମ୍ପାନିର ସେୟାର ମୂଲ୍ୟ ହ୍ରାସ ପାଇଛି। ମାତ୍ର ୫୩ଟି କମ୍ପାନିର ସେୟାର ମୂଲ୍ୟ ଗତବର୍ଷ ଡିସେମ୍ବର ସ୍ତର ତୁଳନାରେ ଅଧିକ ରହିଛି। ଆଇଟିସି ସର୍ବାଧିକ ୯୧ ହଜାର କୋଟି ଟଙ୍କା ହରାଇଛି। ଭାରତୀୟ ଜୀବନ ବୀମା ନିଗମର ବଜାର ପୁଞ୍ଜିରେ ୮୪,୦୫୯ କୋଟି ଟଙ୍କାର ହ୍ରାସ ଘଟିଛି। ଟ୍ରେଣ୍ଟ ୭୧,୦୭୬ କୋଟି ଟଙ୍କା ହରାଇଥିବା ବେଳେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ବଜାର ପୁଞ୍ଜିରେ ୬୫,୧୯୪ କୋଟି ଟଙ୍କା ହ୍ରାସ ହୋଇଛି। ଜୋମାଟୋ ୫୯,୮୩୨ କୋଟି ଟଙ୍କା, ଟାଟା କନ୍‌ସଲଟାନ୍ସି ସର୍ଭିସେସ୍ (ଟିସିଏସ୍) ୫୯,୪୪୯ କୋଟି ଟଙ୍କା, ଏଚ୍‌ଡିଏଫ୍‌ସି ବ୍ୟାଙ୍କ ୫୮,୮୩୩ କୋଟି ଟଙ୍କା ଓ ଏଚ୍‌ସିଏଲ୍ ଟେକ୍ ୫୬,୩୨୨ କୋଟି ଟଙ୍କା ହରାଇଛନ୍ତି। ସିମେନ୍‌ସର ବଜାର ପୁଞ୍ଜିରେ ୫୫,୨୭୨ କୋଟି ଟଙ୍କା ହ୍ରାସ ଘଟିଥିବା ବେଳେ ଏଲ୍ଆଣ୍ଡଟି ୫୦,୮୫୨ କୋଟି ଟଙ୍କା ଓ ବରୁଣ ବେଭରେଜେସ୍ ୫୦,୮୧୨ କୋଟି ଟଙ୍କା ହରାଇଛି। ସେନ୍‌ସେକ୍ସର ହ୍ରାସ ଧାରା ଜାରି ରହିଛି। ବୁଧବାର ତାହା ୨୮ ପଏଣ୍ଟ ହ୍ରାସ ପାଇ ୭୫,୯୩୯ ପଏଣ୍ଟକୁ ଖସିଆସିଛି। ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେଞ୍ଜର ନିଫ୍‌ଟି ୧୨ ପଏଣ୍ଟ ହ୍ରାସ ପାଇ ୨୨,୯୩୨ ପଏଣ୍ଟରେ ବନ୍ଦ ହୋଇଛି।

## ତମାଖୁ ପ୍ରଡକ୍ଟ ଉପରେ ବଢ଼ିପାରେ ଜିଏସଟି



**ନୂଆଦିଲ୍ଲୀ, ୨୦।୨:** ସରକାର ସିଗାରେଟ୍ ଏବଂ ଅନ୍ୟାନ୍ୟ ତମାଖୁ ପ୍ରଡକ୍ଟ ଉପରେ ଜିଏସଟି ବଢ଼ାଇ ପାରନ୍ତି ବୋଲି ଆଶା କରାଯାଉଛି। ଏହି ପରିବର୍ତ୍ତନ ସେତେବେଳେ ଆସିପାରିବ ଯେତେବେଳେ ସରକାର ଏହି ପ୍ରଡକ୍ଟ ଉପରେ କମ୍ପେନସେସନ୍ ସେସ୍ ଲାଗୁ କରିବା ବନ୍ଦ କରିଦେବ। ଏହି ଖବର ପରେ, ଆଜି ତମାଖୁ ସେୟାରରେ ହ୍ରାସ ଦେଖିବାକୁ ମିଳିଛି। ଏକ ରିପୋର୍ଟ ଅନୁଯାୟୀ, ପ୍ରଡକ୍ଟ ଉପରେ କମ୍ପେନସେସନ୍ ସେସ୍ ହଟାଇବା ପରେ ଜିଏସଟି ଲାଗୁ କରାଯିବ। ବର୍ତ୍ତମାନ ସିଗାରେଟ୍ ଏବଂ ଅନ୍ୟାନ୍ୟ ତମାଖୁ ପ୍ରଡକ୍ଟ ଉପରେ ୨୮% ଜିଏସଟି ସହିତ ଅନେକ ଟ୍ୟାକ୍ସ ଲାଗୁ ହେଉଛି। ରିପୋର୍ଟ ଅନୁଯାୟୀ ଏବେ ଜିଏସଟି କୁ ୪୦% ପର୍ଯ୍ୟନ୍ତ ବଢ଼ାଇବାକୁ ପଡିବ ଏବଂ ଏହା ଉପରେ ଉତ୍ପାଦ ଶୁଳ୍କ ଯୋଡିବାକୁ ହେବ। ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଯେ ମାର୍ଚ୍ଚ ୨୦୨୬ ରେ କମ୍ପେନସେସନ୍ ସେସ୍ ଶେଷ ହେବା ପରେ ତମାଖୁ ପ୍ରଡକ୍ଟରୁ ଟିକସ ଯେପରି ନ କମେ। ଆଇଟିସି, ଗଡଫ୍ରି ଫିଲିପ୍ସ ଏବଂ ଭିଏସଟି ଇଣ୍ଡଷ୍ଟ୍ରିଜର ସେୟାରରେ ବହୁତ ହ୍ରାସ ପାଇଥିଲା। ଆଇଟିସିର ସେୟାର ୧.୬% ହ୍ରାସ ପାଇ ୪୦୦ ଟଙ୍କା ହୋଇଥିଲା। ସେହିଭଳି ଗଡଫ୍ରି ଫିଲିପ୍ସ ୩% ହ୍ରାସ ପାଇ ୬,୩୬୪.୪ ଟଙ୍କାକୁ ଆସିଥିଲା ଏବଂ ଭିଏସଟିର ସେୟାର ୩.୭% ହ୍ରାସ ପାଇ ୨୮୮.୩ ଟଙ୍କା ହୋଇଥିଲା। ତମାଖୁ ପ୍ରଡକ୍ଟକୁ ସିନ୍ ପ୍ରଡକ୍ଟ ବୋଲି କୁହାଯାଇଥାଏ, ଯାହାର ଅର୍ଥ ହେଉଛି ଯେ ଏହାର ବ୍ୟବହାରକୁ କମ୍ କରିବା ପାଇଁ ଏହା ଉପରେ ଅଧିକ ଟିକସ ଲଗାଯାଇଛି। ଭାରତରେ ସିଗାରେଟ୍ ଉପରେ ବର୍ତ୍ତମାନର ଟିକସ ୫୩% ରହିଛି, ଯାହାକି 'ହୁ' ଦ୍ୱାରା ନିର୍ଦ୍ଧାରିତ ୭୫% ଠାରୁ କମ୍। ତେଣୁ ଟିକସକୁ ଭାରତ ସରକାର ବୃଦ୍ଧି କରିପାରେ।

## ଲଞ୍ଚ ହେଲା ଟିଭିଏସ ରୋନିନ୍ ୨୦୨୫ ଓ ହୋଣ୍ଡା ହର୍ଣ୍ଣେଟ୍



**ନୂଆଦିଲ୍ଲୀ, ୨୦।୨:** ଟିଭିଏସ ରୋନିନ୍ ଓ ହଣ୍ଡା ହର୍ଣ୍ଣେଟ୍ ମୋଟରସାଇକେଲ୍ ଫ୍ୟାନ୍‌ଙ୍କ ପାଇଁ ଖୁସି ଖବର। ଦୁଇ କମ୍ପାନୀ ଏବେ ସେମ୍ ନାଁରେ ଜବରଦସ୍ତ ଅପଡେଟେଡ୍ ଭର୍ସନ ଲଞ୍ଚ କରିଛନ୍ତି। ହଣ୍ଡା ହର୍ଣ୍ଣେଟ ୨.୦ ଏବଂ ଟିଭିଏସ୍ ରୋନିନ୍ ୨୦୨୫ ଏଡିସନରେ କ'ଣ ସବୁ ଖାସ୍ ଫିଚର୍ସ ରହିଛି ଓ ଏହାର ମୂଲ୍ୟ କେତେ ଜାଣି ରଖନ୍ତୁ। ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟରର୍ସ ଲିମିଟେଡ ଭାରତରେ ହୋଣ୍ଡା ହର୍ଣ୍ଣେଟ ୨.୦ ଏଡିସନ ଲଞ୍ଚ କରିଛି। ଏଥିରେ ଶକ୍ତିଶାଳୀ ଓବିଡି2ବି କମ୍ପ୍ଲେଣ୍ଟ ଇଞ୍ଜିନ ରହିଛି। ବାଇକର ଏକ୍ସ-ସୋରୁମ ମୂଲ୍ୟ ୧ ଲକ୍ଷ ୫୭ ହଜାର ଟଙ୍କା ରଖାଯାଇଛି। ହର୍ଣ୍ଣେଟ୍ ୨.୦ ଗାଡିରେ ଫ୍ରଣ୍ଟ ଏବିଏସ, ୧୪୦ଏମଏମର ୱାଇଡ ରିଅର ଟାୟାର, ହଜାର୍ଡ ସୁଇଚ, ଡୁଆଲ ପେଟାଲ ଡିସ୍କ ବ୍ରେକ, ଇଞ୍ଜିନ ବନ୍ଦ ସୁଇଚ୍ ସହ ଏଗ୍ରେସିଭ ଟ୍ୟାଙ୍କ ଡିଜାଇନ ଉପଲବ୍ଧ ରହିଛି। ହର୍ଣ୍ଣେଟ ୨.୦ ବାଇକ୍ ୪ କଲର ଅପସନ ସହ ଲଞ୍ଚ ହୋଇଛି। ସେହିପରି ଏଥିରେ ୧୮୪.୪୦ ସିସି ଇଞ୍ଜିନ ଦିଆଯାଇଛି। ୫ ଗିଅର ବକ୍ସ ସହିତ ସେଲ୍ଫ ଷ୍ଟାର୍ଟ ମେକାନିଜମ, ବ୍ଲୁଟୁଥ କନେକ୍ଟିଭିଟି ସହ ୪.୨ ଇଞ୍ଚର ଡିଜିଟାଲ ଟିଏଫ୍‌ଟି ଡିସ୍‌ପ୍ଲେ ଦିଆଯାଇଛି। ଡ୍ରାଇଭ୍‌ର ମଜା ବଢ଼ାଇବାକୁ ଗୋଲ୍‌ଡେନ୍ ଅପସାଇଡ୍ ଡାଉନ୍ ୟୁଏସ୍‌ଡି ଫ୍ରଣ୍ଟ ଫୋର୍କ ସସପେନ୍ସନ୍, ମୋନୋ-ଶକ୍ ରିଅର ସସପେନ୍ସନ୍ ଏବଂ ସ୍ଲିପର୍ କ୍ଲଚ୍ ଆଦି ରହିଛି। ଏଲଇଡି ହ୍ୟାଡ୍ ଲ୍ୟାମ୍ପ,ଟାଇଲ୍ୟାମ୍ପ ଓ ୧୨ ଲିଟର ଫୁ୍ଏଲ ଟ୍ୟାଙ୍କ ଦିଆଯାଇଥିବା ବେଳେ ବାଇକ୍‌ରୁ ୩ ରୁ ୭ ବର୍ଷ ପର୍ଯ୍ୟନ୍ତ ୱାରେଣ୍ଟି ପ୍ୟାକେଜ୍ ଦିଆଯାଇଛି। ସେପଟେ ଟିଭିଏସ୍ କମ୍ପାନୀ ଏହାର ଟିଭିଏସ ରୋନିନ୍ ୨୦୨୫ ଏଡିସନ ଲଞ୍ଚ୍ କରିଛି। ୨୨୫ ସିସି ଇଞ୍ଜିନ ସହ ଅପଡେଟେଡ୍ ସେଫ୍ଟି ଫିଚର ସହ ମାର୍କେଟ୍‌କୁ ଆସିଛି ଏହି ବାଇକ୍ । ତା ସହିତ ଏଥର ଦୁଇଟି ନୂଆ ଚମତ୍କାର କଲରରେ ମଧ ଏହି ବାଇକ୍ ଉପଲବ୍ଧ ହେବ। ଯାହାର ଏକ୍ସ ଶୋ ରୁମ ମୂଲ୍ୟ ୧ ଲକ୍ଷ ୩୫ ହଜାର ଟଙ୍କା ରଖା ଯାଇଛି।

● ଆପଲ୍ ୟୁଜର୍ସଙ୍କୁ ବଡ଼ ଝଟକା:

## ଆଇଫୋନ୍ ୧୬ଇ ଲଞ୍ଚ୍ ପରେ କମ୍ପାନୀ ବନ୍ଦ କଲା ଆଇଫୋନ୍ ୧୪



**ନୂଆଦିଲ୍ଲୀ,୨୦।୨:** ଅଗ୍ରଣୀ ଟେକ୍ କମ୍ପାନୀ ଆପଲ ଏହାର ସୁଲଭ ମୂଲ୍ୟର ଆଇଫୋନ ୧୬ଇ ଲଞ୍ଚ୍ କରିଛି। ଏହି ନୂତନ ଫୋନ ଲଞ୍ଚ କରିବା ପରେ, କମ୍ପାନୀ ଆନୁଷ୍ଠାନିକ ଭାବରେ ଏହାର ୩ଟି ଡିଭାଇସ ବନ୍ଦ କରିଦେଇଛି। ଏହି ତାଲିକାରେ ଆଇଫୋନ ଏସ୍‌ଇ, ଆଇଫୋନ ୧୪ ଏବଂ ଆଇଫୋନ ୧୪ ପ୍ଲସ୍ ଅନ୍ତର୍ଭୁକ୍ତ ହେବ। କମ୍ପାନୀର ଏହି ନିଷ୍ପତ୍ତି ପରେ ୧୬ଇ ହେଉଛି ଆପଲ ଦ୍ୱାରା ବିକ୍ରି ହୋଇଥିବା ସବୁଠାରୁ ସୁଲଭ ଆଇଫୋନ। ତଥାପି, ଏହା ପୂର୍ବରୁ ଆଇଫୋନ ଏସ୍‌ଇ ୩ କମ୍ପାନୀର ସବୁଠାରୁ ଶସ୍ତା ଆଇଫୋନ ଥିଲା। ସେହି ସମୟରେ, ଯେଉଁମାନେ ପ୍ରିମିୟମ ଏବଂ ଆଧୁନିକ ବୈଶିଷ୍ଟ୍ୟ ଖୋଜୁଥିଲେ ସେମାନଙ୍କ ପାଇଁ ଆଇଫୋନ ୧୪କୁ ଏକ ମୂଲ୍ୟବାନ ଡିଭାଇସ ଭାବରେ ବିବେଚନା କରାଯାଉଥିଲା। ୧୬ ସିରିଜ ଲଞ୍ଚ କରିବା ପରେ, ଆପଲ ସ୍ପଷ୍ଟ କରିଥିଲା ଯେ ସେମାନେ ଖୁବ ଶୀଘ୍ର ଆଇଫୋନ ୧୪ ଏବଂ ଆଇଫୋନ ୧୪ ପ୍ଲସ୍ ବନ୍ଦ କରିଦେବେ। ଏପରି ପରିସ୍ଥିତିରେ, ଆଇଫୋନ ଏସ୍‌ଇ ୩ ଏବଂ ଆଇଫୋନ ୧୪କୁ ବନ୍ଦ କରିବାକୁ ନିଷ୍ପତ୍ତି ନିଆଯାଇଥିଲା କାରଣ ଏହି ଦୁଇଟି ହିଁ ବଜାରରେ ଲାଇଟିନିଙ୍ଗ୍ ପୋର୍ଟ ଥିବା ଏକମାତ୍ର ଆଇଫୋନ ଥିଲା ଏବଂ ଇୟୁ ଏବେ ସମସ୍ତ ଡିଭାଇସରେ ୟୁଏସ୍‌ବି ଟାଇପ୍-ସିକୁ ବାଧ୍ୟତାମୂଳକ କରିଛି। ଫୋନର କ୍ୟାମେରା ସେଟଅପ ବିଷୟରେ କହିବାକୁ ଗଲେ, କମ୍ପାନୀ ଆଇଫୋନ ୧୬ ଇ ରେ ଏକ ୪୮ଏମ୍‌ପି ସିଙ୍ଗଲ କ୍ୟାମେରା ପ୍ରଦାନ କରିଛି ଯାହା ଅପ୍ଟିକାଲ ଇମେଜ ଷ୍ଟାବିଲାଇଜେସନ (ଓ୍ଆଇଏସ୍) ସହିତ ଆସିଥାଏ। ସେହି ସମୟରେ, ସେଲଫି ଏବଂ ଭିଡିଓ କଲ ପାଇଁ ଫୋନରେ ୧୨ଏମ୍‌ପି ଫ୍ରଣ୍ଟ କ୍ୟାମେରା ଅଛି। ଫୋନରେ ଷ୍ଟେରିଓ ସ୍ପିକର ଦିଆଯାଇଛି। ଏହା ସହିତ, ସଂଯୋଗ ପାଇଁ, ଏଥିରେ ୫ଜି, ୪ଜି ଏଲଟିଇ, ୱାଇଫାଇ ୬ ବ୍ଲୁଟୁଥ୍ ୫.୩, ଏନ୍‌ଏଫସି ଏବଂ ଜିପିସି ସପୋର୍ଟ ଭଳି ବୈଶିଷ୍ଟ୍ୟ ରହିଛି। ଏହି ଫୋନରେ ଆପଲର ସାଟେଲାଇଟ ମାଧ୍ୟମରେ ଜରୁରୀକାଳୀନ ଏସ୍‌ଓଏସ୍ ସହାୟତା ମଧ୍ୟ ପ୍ରଦାନ କରାଯାଇଛି।

## ଏମ୍ଇଏଆଇ ପକ୍ଷରୁ ଜାତୀୟ ସମ୍ମିଳନୀ

**ଭୁବନେଶ୍ୱର,୨୦।୨:** ହାଇଦ୍ରାବାଦସ୍ଥିତ ମାଇନିଂ ଇଞ୍ଜିନିୟର୍ସ ଆସୋସିଏସନ ଅଫ୍ ଇଣ୍ଡିଆ (ଏମ୍ଇଏଆଇ) ପକ୍ଷରୁ 'ଖଣିଜ ଖଣି ଖନନ: ଆତ୍ମନିର୍ଭର ବିକଶିତ ଭାରତ ୨୦୪୭ ଦିଗରେ ଅଗ୍ରଗାମୀ' ଶୀର୍ଷକ ୨ଦିନିଆ ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀର ଦ୍ୱିତୀୟ ଦିନରେ ଖଣି କ୍ଷେତ୍ର, ଏହାର ଭବିଷ୍ୟତ ନୀତି ଏବଂ ବୈଷୟିକ ପ୍ରଗତି ସହ ଜଡିତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ଏନ୍ଏମ୍‌ଡିସି ନିର୍ଦ୍ଦେଶକ (ବାଣିଜ୍ୟିକ) ଭି. ସୁରେଶ ଆଲୋଚନାଚକ୍ରରେ ଅଧ୍ୟକ୍ଷତା କରିଥିଲେ। ସମ୍ମିଳନୀକୁ ସମ୍ବୋଧିତକରି ସୁରେଶ କହିଛନ୍ତି, ଭାରତର ଖଣି କ୍ଷେତ୍ର ହେଉଛି ଅର୍ଥନୈତିକ ଅଭିବୃଦ୍ଧିର ମେରୁଦଣ୍ଡ ଏବଂ ୨୦୪୭ ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ହାସଲ କରିବାରେ ଏହା ଗୁରୁତ୍ୱପୂର୍ଣ୍ଣ ହେବ। ସ୍ଥାୟୀ ଖଣି, ବୈଷୟିକ ଉଦ୍ଭାବନ, ଦକ୍ଷତା ବିକାଶ, ନୀତି ସଂସ୍କାର ଏବଂ ବିଶ୍ୱ ଭାଗୀଦାରି ଶିଳ୍ପର ଭବିଷ୍ୟତକୁ ବ୍ୟାଖ୍ୟା କରିବ। ଏସ୍‌ଓସିଏଲ୍‌ର ପରିଚାଳନା ନିର୍ଦ୍ଦେଶକ ଏନ୍.ବଳରାମ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏନ୍ଏମ୍‌ଡିସି ଲିମିଟେଡ୍ ଆଇଆର୍‌ଏସ୍‌ଏସ୍, ମୁଖ୍ୟ ଭିଜିଲାନ୍ସ ଅଧିକାରୀ ବି. ବିଶ୍ୱନାଥ, ଏନ୍ଏଲ୍‌ସି ଇଣ୍ଡିଆ ଲିମିଟେଡ୍‌ର ପୂର୍ବତନ ସିଏମ୍‌ଡି ସୁରେନ୍ଦ୍ର ମୋହନ, ଏଚ୍‌ସିଏଲ୍‌ର ପୂର୍ବତନ ସିଏମ୍‌ଡି ଏ.କେ.ଶୁକ୍ଳା, ଏନ୍ଏମ୍‌ଡିସି ଲିମିଟେଡ୍‌ର ପୂର୍ବତନ ନିର୍ଦ୍ଦେଶକ (ଉପତ୍ାଦନ) ପି.କେ. ଶତପଥୀ ପ୍ରମୁଖ ଯୋଗଦେଇ ଖଣି ଉଦ୍ଭାବନ, ସ୍ଥିରତା ଏବଂ ନୀତି ସଂସ୍କାର ଉପରେ ଆଲୋଚନାରେ ସହଯୋଗ କରିଥିଲେ। ବୈଷୟିକ ଅଧିବେଶନଗୁଡିକ ବର୍ଜ୍ୟବସ୍ତୁ କିମ୍ବା ନିମ୍ନ ଗ୍ରେଡ୍ ଖଣିରୁ ମାଙ୍ଗାନିଜ ଏବଂ ବକ୍ସାଇଟ ପୁନରୁଦ୍ଧାର, ନିମ୍ନ ଗ୍ରେଡ୍ ଲୁହାପଥର ଆମୋନିଆ ଲାଭ ଏବଂ ସ୍ଥାୟୀ ଖଣି ଅଭ୍ୟାସରେ ଅଗ୍ରଗତି ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଶିଳ୍ପ ବିଶେଷଜ୍ଞମାନେ ଉଦ୍ଭାବନ ଉପରେ ସେମାନଙ୍କର ମତାମତ ରଖିଥିଲେ। ଏନ୍ଏମ୍‌ଡିସି ଲିମିଟେଡ୍ ନିର୍ଦ୍ଦେଶକ (ବୈଷୟିକ) ବିନୟ କୁମାର ଏକ ବିକଶିତ ଭାରତ ୨୦୪୭ ପାଇଁ ଭାରତର ଖଣି କ୍ଷେତ୍ରର ଭବିଷ୍ୟତ ବିଷୟରେ ଆଲୋଚନା ପାଇଁ ଏକତ୍ରିତ ହୋଇଥିବା କହିଥିଲେ।

## ଏପ୍ରିଲରେ ବଜାରକୁ ଆସିବ 'ଟେସ୍‌ଲା'ର ଇଲେକ୍ଟ୍ରିକ୍ କାର୍ !



**ନୂଆଦିଲ୍ଲୀ, ୨୦।୨:** ବହୁତ ଦିନ ଧରି ଟେସ୍‌ଲା ଭାରତ ଆସିବା ବିଷୟରେ ଆଲୋଚନା ଚାଲିଛି, ଯାହା ପରେ କମ୍ପାନୀ ଏବେ ଖୁବ୍ ଶୀଘ୍ର ଭାରତରେ ଏହାର ଯାତ୍ରା ଆରମ୍ଭ କରିବାକୁ ଯାଉଛି। ଏକ ରିପୋର୍ଟରେ କୁହାଯାଇଛି ଯେ ଟେସ୍‌ଲା ର ଏଣ୍ଟ୍ରି ଚଳିତ ବର୍ଷ ଏପ୍ରିଲ ୨୦୨୫ ରେ ହେବ। ଏପର୍ଯ୍ୟନ୍ତ ଆକଳନ କରାଯାଉଥିଲା ଯେ ଯଦି ଟେସ୍‌ଲା ଭାରତ ଆସେ ତେବେ ଏହାର ମୂଲ୍ୟ କୋଟି କୋଟି ଟଙ୍କା ହେବ, କିନ୍ତୁ ଏହା ସତ୍ୟ ନୁହେଁ। କମ୍ପାନୀ ୨୧ ଲକ୍ଷ ଟଙ୍କାରୁ କମ୍ ମୂଲ୍ୟରେ ଭାରତରେ ଏହାର ପ୍ରଥମ ଇଲେକ୍ଟ୍ରିକ୍ କାର୍ ଲଞ୍ଚ କରିପାରେ। ଏକ ରିପୋର୍ଟ ଅନୁଯାୟୀ, ଟେସ୍‌ଲା ର ଏଣ୍ଟ୍ରି ଭାରତରେ ଏପ୍ରିଲ ୨୦୨୫ ରେ ହେବ ବୋଲି ଆଶା କରାଯାଉଛି। ଟେସ୍‌ଲା ବର୍ଲିନରେ ଥିବା ଏହାର ପ୍ଲାଣ୍ଟରୁ ଇଲେକ୍ଟ୍ରିକ୍ କାର୍ ଆମଦାନୀ କରି ଭାରତରେ ସେଲ୍ କରିବାକୁ ବିଚାର କରୁଛି। ଟେସ୍‌ଲା ଏବଂ ମସ୍କ ସର୍ବ ପ୍ରଥମେ ଭାରତକୁ ୨୫ ହଜାର ଡଲାର (ପ୍ରାୟ ୨୧ ଲକ୍ଷ ଟଙ୍କା) ରୁ କମ୍ ମୂଲ୍ୟର ଇଲେକ୍ଟ୍ରିକ୍ ହୁଇଲ୍ ଆଣିବେ। ବଜେଟରେ ୪୦,୦୦୦ ଟଙ୍କାରୁ ଅଧିକ ମୂଲ୍ୟର ଆମଦାନୀ ହେଉଥିବା କାର୍ ଉପରେ ବେସିକ୍ କଷ୍ଟମ ଡ୍ୟୁଟିକୁ ୧୦୦% ରୁ ୭୦% କୁ ହ୍ରାସ କରାଯାଇଛି। ଏଥି ସହିତ ଲୋକମାନେ ମାରୁତି ସୁଜୁକିର ଗ୍ରାଣ୍ଡ ଭିଟାର ଇଭିଠାରୁ ଆଶା ରଖିଥିଲେ ଯେ ଏହା ଇଭି ମାର୍କେଟକୁ ଦୋହଲାଇ ଦେବ। ମାରୁତି ଇ ଭିଟେରାର ପ୍ରାଇସ୍ ୨୦ ରୁ ୨୫ ଲକ୍ଷ ଟଙ୍କା ହୋଇପାରିବ। ଏବେ ଏହି ବଜେଟରେ ଟେସ୍‌ଲା ର କାର୍ ଉପଲବ୍ଧ ହେବ।

## ଅଙ୍ଗନବାଡ଼ି କର୍ମୀଙ୍କ ଝୁଲନ୍ତା ଅବସ୍ଥାରେ ମୃତଦେହ ଉଦ୍ଧାର



**ଖପ୍ରାଖୋଲ,୨୦।୨(ସଂଚାର ବ୍ୟୁରୋ):** ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ ସ୍ଥାନୀୟ ପଞ୍ଚାୟତ ପୋଡ଼ମୁଡ଼ ପଡ଼ାର ଅଙ୍ଗନବାଡି କର୍ମୀ ଟୁନି ବେହେରା ଙ୍କ ଝୁଲନ୍ତା ମୃତଦେହକୁ ବୁଧବାର ଦିନ ପୁଲିସ ତାଙ୍କ ଘରୁ ଉଦ୍ଧାର କରିଛି । ଟୁନି ଘରର ପଙ୍ଖାରେ ବେକରେ ଶାଢ଼ୀ ଲାଗଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ଏହା ଦେଖି ତାଙ୍କ ସ୍ୱାମୀ କଲାପିକ ବରିହା ପୁଲିସ କୁ ଖବର ଦେଇଥିଲେ । ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅତିରିକ୍ତ ତହସିଲଦାର ସତ୍ୟ ପ୍ରକାଶ ରାଉତରାୟ ଙ୍କ ଉପସ୍ଥିତିରେ ଝୁଲନ୍ତା ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏନେଇ ଖପ୍ରାଖୋଲ ପୁଲିସ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଥିବା ଏସଆଇ ଲିଙ୍ଗରାଜ କିଷାନ ପ୍ରକାଶ କରିଛନ୍ତି ।

## ଗୋଚାଲାଣ ଓ ଧର୍ମାନ୍ତିକରଣ ପାଇଁ ପ୍ରଶାସନକୁ ଦାୟୀକଲା ବଜରଙ୍ଗ ଦଳ



**ସୁନ୍ଦରଗଡ, ୨୦।୨ (ସଂଚାର ବ୍ୟୁରୋ):** ବନବାସୀ ଆଶ୍ରମରେ ବଜରଙ୍ଗ ଦଳ ତରଫରୁ ଗୋଚାଲାଣ ଓ ଧର୍ମାନ୍ତିକରଣ ଉପରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀରେ ବଜରଙ୍ଗ ଦଳର ବରିଷ୍ଠ ପଦାଧିକାରୀମାନେ ପ୍ରଶାସନ ଓ ପୋଲିସ ବ୍ୟବସ୍ଥାକୁ ଆକ୍ଷେପ କରିଛନ୍ତି । ସନାତନି ଧର୍ମ ବିପକ୍ଷରେ ଯେଉଁମାନେ କାମ କରୁଛନ୍ତି ସେମାନଙ୍କୁ ଆଖି ବନ୍ଦ କରି ପ୍ରଶାସନ ଓ ପୋଲିସ ସହଯୋଗ କରୁଛନ୍ତି, ଅପର ପକ୍ଷେ ଯେଉଁ ବଜରଙ୍ଗ ଦଳ କିମ୍ବା ବିଶ୍ୱହିନ୍ଦୁ ପରିଷଦର କର୍ମୀମାନେ ଗୋଚାଲାଣ ଓ ଧର୍ମାନ୍ତିକରଣକୁ ବିରୋଧ କରୁଛନ୍ତି ସେମାନଙ୍କୁ ବିଭିନ୍ନ ପ୍ରକାର ଚକ୍ରାନ୍ତ କରି ଦୋଷୀ ସାବ୍ୟସ୍ତ କରିବା ସହ ଅପରାଧୀ କରି ଗିରଫ କରୁଛନ୍ତି । ଏହାକୁ ନେଇ ଆଜିର ଏହି ସାମ୍ବାଦିକ ସମ୍ମିଳନୀ କରା ଯାଇଥିବା ନେଇ ବିଶ୍ୱ ହିନ୍ଦୁ ପରିଷଦର ପ୍ରଖଣ୍ଡ ସଭାପତି ରାଜେଶ ଶର୍ମା କହିଛନ୍ତି। ତେବେ ଜିଲ୍ଲା ପ୍ରଶାସନ ଏହା ପ୍ରତି ଯଦି ଧ୍ୟାନ ନ ଦିଅନ୍ତି ତେବେ ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ନିଶ୍ଚିତ ଭାବେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ସମସ୍ତ ଜିଲ୍ଲାରେ କାର୍ଯ୍ୟ କରୁଥିବା ସମସ୍ତ ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳର ପ୍ରମୁଖ କର୍ମୀ ମାନେ ଯୋଗ ଦେଇଥିଲେ । ପ୍ରଖଣ୍ଡ ସଭାପତି ରାଜେଶ ଶର୍ମା ସହ ବିଶ୍ୱ ହିନ୍ଦୁ ପରିଷଦ ପଶ୍ଚିମ ଓଡ଼ିଶା ଟ୍ରଷ୍ଟି ରାଇନୁ ସିଂ,ସୁନ୍ଦରଗଡ ସଂଯୋଜକ ମୁକେଶ ପ୍ରଧାନ, ବଜରଙ୍ଗ ଦଳ ଜିଲ୍ଲା ସଭାପତି ରାଜୁ ବାଗ ଉପସ୍ଥିତ ଥିଲେ ।

## ୧୦ କେନ୍ଦ୍ରରେ ପରୀକ୍ଷା ଦେବେ ୨୦୧୫ ପରୀକ୍ଷାର୍ଥୀ

**ହିଞ୍ଜିଳିକାଟୁ,୨୦।୨(ସଂଚାର ବ୍ୟୁରୋ):** ଆଜି ଠାରୁ ଆରମ୍ଭ ହେଉଛି ମାଟ୍ରିକ ପରୀକ୍ଷା। ଏଥିପାଇଁ ସମସ୍ତ ପ୍ରକାର ପ୍ରସ୍ତୁତିର ସମୀକ୍ଷା ଶେଷ ହୋଇଛି । ସେପଟେ କପି, ପ୍ରଶ୍ନପତ୍ର ଲିକ୍ ରୋକିବାକୁ ପ୍ରସ୍ତୁତି କରି ସାରିଛି ମାଧ୍ୟମିକ ଶିକ୍ଷା ପରିଷଦ। ତେବେ ପରୀକ୍ଷା କେନ୍ଦ୍ରରେ ୧୪୪ ଧାରା ଜାରି କରାଯିବାକୁ ନିଷ୍ପତ୍ତି ହୋଇଛି। କେବଳ ଏତିକି ନୁହେଁ, ପରୀକ୍ଷା କେନ୍ଦ୍ରକୁ ମୋବାଇଲ୍ ଫୋନ୍ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇଛି। ଏହି ପରିପ୍ରେକ୍ଷୀରେ ହିଞ୍ଜିଳି ବ୍ଲକ ଓ ମୁନିସିପାଲିଟି ଅନ୍ତର୍ଗତ ୧୦ଟି ପରୀକ୍ଷା କେନ୍ଦ୍ରରେ ୨୦୧୫ ପରୀକ୍ଷାର୍ଥୀ ପରୀକ୍ଷା ଦେଉଛନ୍ତି । ବୃନ୍ଦାବନ ଉଚ୍ଚ ବିଦ୍ୟାଳୟରେ ୩୧୫,ଏନ୍ଏସି ଉଚ୍ଚ ବିଦ୍ୟାଳୟ ୧୮୩, କଞ୍ଚୁରୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ୧୮୩, ସାରୁ ଉଚ୍ଚ ବିଦ୍ୟାଳୟ ୧୧୭, ମକରଝୋଳ ଉଚ୍ଚ ବିଦ୍ୟାଳୟ ୧୪୫,ଗଣେଶ ବିଦ୍ୟାପୀଠ ଗଣ୍ଡଳା ଉଚ୍ଚ ବିଦ୍ୟାଳୟ ୧୭୯, ସାହାପୁର ଉଚ୍ଚ ବିଦ୍ୟାଳୟ ୧୫୦, ଭଗବତୀ ବିଦ୍ୟାପୀଠ ବୁରୁପୁଡ଼ା ୨୦୮, ପୋଡିଙ୍ଗି ହାଇସ୍କୁଲ ୨୧୩,ଏସଏସଭିଏମ ହିଞ୍ଜିଳିକାଟୁ ୩୨୨ ଜଣ ବିଦ୍ୟାର୍ଥୀ ପରୀକ୍ଷା ଦେବେ ନେଇ ସୂଚନା ମିଳିଛି।

### ଗୋରୁଧରା ଅଭିଯାନ ବନ୍ଦ,ଯାତାୟାତରେ ଅସୁବିଧା

# ହିଞ୍ଜିଳିର ମୁଖ୍ୟ ରାସ୍ତାରେ ଗୋଶାଳା ଭ୍ରମ

**ହିଞ୍ଜିଳିକାଟୁ,୨୦।୨(ସଂଚାର ବ୍ୟୁରୋ):** ହିଞ୍ଜିଳିକାଟୁ ସହରର ମୁଖ୍ୟରାସ୍ତା ପାଲଟିଛି ଗୋଶାଳା। ଲୋକେ କ୍ଷୀର ପାଇଁ ଘରେ ଗାଈ ପାଳୁଛନ୍ତି। ଗାଈ କ୍ଷୀର ଦେବା ବନ୍ଦ କରିଦେଲେ ଗାଈ ବେକରୁ ପଘା ଖୋଲି ଦେଉଛନ୍ତି। ସେଥିପାଇଁ ବିଭିନ୍ନ ରାସ୍ତା ଉପରେ ମାଳମାଳ ହୋଇ ଗାଈ ଷଣ୍ଢ ଓ ମଇଁଷି ବୁଲୁଛନ୍ତି। ଏମାନେ ଏଣେତେଣେ ବୁଲିବା ସହ ଯେଉଁଠି ଯାହା ପାଉଛନ୍ତି ଖାଇ ରହିଯାଉଛନ୍ତି। ରାସ୍ତା ମଝିରେ ଶୋଇ ବିପଦ ସୃଷ୍ଟି କରୁଛନ୍ତି। ହର୍ଣ୍ଣ ମାରିଲେ ବି ଉଠୁନାହାନ୍ତି। ଦ୍ରୁତଗତିରେ ଆସୁଥିବା ବାଇକ୍ ଦୁର୍ଘଟଣା ଘଟୁଛି। ପରିବା ବଜାରରେ ସବୁଦିନ ଷଣ୍ଢ ପରିବା ନଷ୍ଟ କରୁଛି। ବେଳେ ବେଳେ ଷଣ୍ଢ ମାନଙ୍କ ଯୁଦ୍ଧରେ ଦୋକାନ ଭାଙ୍ଗି ଯାଉଛି। ଏଥିପାଇଁ ଦୋକାନୀଙ୍କ କ୍ଷତି ଘଟୁଛି। ଏଥିପାଇଁ ସହରବାସୀ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ ମଧ୍ୟ ପ୍ରଶାସନ ଆଖି ବୁଜି ଦେଇଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷେ ଚାରି ଚକିଆ ଯାନ ଗଲାବେଳେ ହର୍ଣ୍ଣ ବଜାଇଲେ ମଧ୍ୟ ଗାଈ




ଉଠୁନଥିବାରୁ ଗାଡ଼ିରୁ ଚାଳକ ଓହ୍ଲାଇ ସେମାନଙ୍କୁ ହଟାଇବାକୁ ପଡୁଛି। ଗୋଟିଏ ସ୍ଥାନରେ ଏତେ ସଂଖ୍ୟକ ଗାଈ ରହୁଛନ୍ତି ଯେ ରାସ୍ତାଟି ଗୁହାଳ ଭଳି ମନେ ହେଉଛି। ବେଳେବେଳେ ରାସ୍ତାର କେଉଁ କଡ ଦେଇ ଯିବ,ବାଇକ ଚାଳକ ତାହା ମଧ୍ୟ ଜାଣିପାରୁନାହିଁ। ଗାଈଗୋରୁଙ୍କ ରହଣି ପାଇଁ କୁଡ଼ିଆ କରି ସଫାସୁତୁରା ରଖିବା ପାଇଁ ପୌର ପରିଷଦ ପକ୍ଷରୁ ଗାଡ଼ି ଯୋଗେ ତାଗିଦ କରାଯାଉଥିଲେ ବି ଗାଈଗୋରୁଙ୍କ ମାଲିକ ଏହାକୁ କର୍ଣ୍ଣପାତ କରୁନାହାଁନ୍ତି । ତେବେ କିଛି ବର୍ଷ ହେବ ରାସ୍ତାରେ ଗାଈଗୋରୁଙ୍କ ଉତ୍ପାତ ଦିନକୁ ଦିନ ବଢ଼ୁଥିବାରୁ ଏହା ଉପରେ ରୋକ୍ ଲଗାଇବା ପାଇଁ ହିଞ୍ଜିଳିକାଟୁ ପୌର ପରିଷଦ ପକ୍ଷରୁ ଆରମ୍ଭ ହୋଇଥିଲା ନୋଲିକରଣ ଯୋଜନା। ଏଥିରେ ବୁଲା ଗୋରୁଙ୍କ କାନରେ ଏକ ଟ୍ୟାଗ୍ ଲଗା ଯାଇଥିଲା। ସେଥିରେ ଏକ ଚିପ୍ସରେ ଗାଈଗୋରୁ ମାଲିକଙ୍କ ସବିଶେଷ ତଥ୍ୟ ରହୁଥିଲା କିନ୍ତୁ ଏହି ଯୋଜନା ଅଳ୍ପ ଦିନ ହୋଇ ବନ୍ଦ ହୋଇଯାଇଥିଲା। ଗୋପାଳନ କରୁଥିବା ଲୋକଙ୍କ ମଧ୍ୟରେ ଭୟ ସୃଷ୍ଟି କରାଯାଇଥିଲା । କାରଣ ଗାଈ ଓ ଗୋରୁ ରାସ୍ତାରେ ବୁଲିଲେ ପୌରପରିଷଦର କର୍ମଚାରୀମାନେ ତାଙ୍କୁ ଧରିନେଇ କାଞ୍ଜିଆହୁଦାରେ ରଖିବା ସହ ମାଲିକଙ୍କଠାରୁ ଜୋରିମାନା ଆଦାୟ କରାଯାଉଥିଲା। ତେବେ ପୁଣି ଗାଈ ଓ ଗୋରୁଙ୍କ ଉତ୍ପାତ ଦିନକୁ ଦିନ ବଢ଼ିବାରେ ଲାଗିଛି। ପୌରପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇ ଏ ବିଷୟର ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ସାଧାରଣରେ ଦାବି ହୋଇଛି ।

## ସୋଲାର ବ୍ୟାଟେରୀରେ ଲାଗିଲା ନିଆଁ



**ନୀଳଗିରି,୨୦।୨(ସଂଚାର ବ୍ୟୁରୋ):** ଗୁରୁବାର ଦିନ ପ୍ରାୟ ୧୧ଟା ସମୟରେ ନିଳଗିରି ବ୍ଲକ ଅଫିସ ପରିସରରେ ଧୂଆଁମୟ ହୋଇଗଲା। ଭୟରେ ସମସ୍ତେ ଅଫିସ୍ ଛାଡ଼ି ବାହାରକୁ ପଳାଇଆସିଥିଲେ। ପରେ ସୋଲାର ବ୍ୟାଟେରୀ ଶୋର୍ଟ ସର୍କିଟ ଯୋଗୁଁ ଏପରି ଅଘଟଣ ଘଟିଛି ବୋଲି ଜଣାପଡିବା ପରେ ବିଡ଼ିଓ ବିକ୍ରମ କେଶରୀ ପରିଡ଼ା ସଙ୍ଗେ ସଙ୍ଗେ ନିଳଗିରି ବିଦ୍ୟୁତ୍ ବିଭାଗ ଓ ନିଳଗିରି ଦମକଳ ବାହିନୀ ଙ୍କୁ ଖବର ଦେବା ପରେ ସଙ୍ଗେ ସଙ୍ଗେ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ବ୍ୟାଟେରୀର ଧୂଆଁ କୁ ଫୋମ ମାରି ଆୟତ କରିଥିଲେ। ଏପଟେ ବିଦ୍ୟୁତ୍ ବିଭାଗ କର୍ମଚାରୀ ବିଦ୍ୟୁତ୍ ବିଚ୍ଛିନ୍ନ କରିଥିଲେ। ଅଫିସ ସମୟରେ ଏଭଳି ଅଘଟଣ ଘଟିଲା ବୋଲି ସିନା ଆୟତ କରାଯାଇପାରିଲା, ଯଦି ରାତିରେ ଅଘଟଣ ଘଟିଥାନ୍ତା ତେବେ ବ୍ଲକ କାର୍ଯ୍ୟାଳୟଟି ପୋଡ଼ି ବହୁ ଗୁରୁତ୍ୱପୂର୍ଣ୍ଣ କାଗଜ ପତ୍ର ପୋଡି ନଷ୍ଟ ହୋଇଥାନ୍ତା ବୋଲି ସାଧାରଣରେ ବେଶ୍ ଚର୍ଚ୍ଚା ଚାଲିଛି। ଅଘଟଣ ଘଟିବାର କେଇ ଘଣ୍ଟା ପରେ ସ୍ୱାଭାବିକ ଅଫିସ କାର୍ଯ୍ୟ ଚାଲିଥିଲା। ତେବେ ସୋଲାର ଏଜେନ୍ସି କିଏ, ବ୍ୟାଟେରୀ ରହିବା ସ୍ଥାନରେ ନିରାପତ୍ତା ବଳୟ ତିଆରି କରି ନଥିବା ବେଳେ ସମସ୍ତ ବ୍ୟାଟେରୀ ଗୁଡ଼ିକ ପାଇଁ ଶୀତତାପ ନିୟନ୍ତ୍ରିତ ବ୍ୟବସ୍ଥା କରି ନଥିଲା କଣ ପାଇଁ ବୋଲି କର୍ମଚାରୀଙ୍କ ମଧରେ ଆଲୋଚନା ହେଉଥିବାର ଶୁଣିବାକୁ ମିଳୁଛି।

## ଜରିଗୋଟାଳି ମହିଳାଙ୍କ ପାଇଁ ସୁଭଦ୍ରା ଯୋଜନା ସାତସପନ

### ପ୍ରଶାସନ ଦୃଷ୍ଟି ଦେବାକୁ ଦାବି

**କଳାହାଣ୍ଡି,୨୦।୨(ସଂଚାର ବ୍ୟୁରୋ):** ଆମେତ ଆଜ୍ଞା ଗରିବ ଲୋକ, ଖଟିଲେ ଆମେ ଖାଇବୁ।ଯଦି ଆମେ ଜରି, ପଲିଥିନ ନ ଗୋଟାଇବୁ, ଆମେ ଖାଇବୁ କ'ଣ ? ଚଳିବୁ କେମିତି ?ଆମ ପାଇଁ ଏ ଯୋଜନା ସାତ ସପନ।ଏହା କୌଣସି ଧନୀ ଲୋକର କାହାଣୀ ନୁହେଁ, ଏହା ଅଞ୍ଚଳ ରେ ଥିବା ଜରି ପଲିଥିନ, ପ୍ଲାଷ୍ଟିକ ବୋତଲ ଗୋଟାଉଥିବା ମହିଳା ଙ୍କ କରୁଣ କାହାଣୀ।ରାଜ୍ୟରେ ପୂର୍ବତନ ନବୀନ ସରକାର ନିଜ ଭୋଟ ବ୍ୟାଙ୍କ ବଢ଼ାଇବା ଲାଗି ବିଭିନ୍ନ ମାଗଣା ଯୋଜନାରେ ରାଜ୍ୟର ଜନ ସାଧାରଣ ଙ୍କୁ ପ୍ରଭାବିତ କରିବା ଲାଗି ଉଦ୍ୟମ ଆରମ୍ଭ କରିଥିଲେ।ମାତ୍ର ତାହାର ଫଳ ଓଲଟା ହେଲା।ରାଜ୍ୟ ବର୍ତ୍ତମାନ ଭାଜପା ର ଶାସନାଧିନ। ତେବେ ରାଜ୍ୟ ସରକାର ରାଜ୍ୟ ବାସୀଙ୍କୁ ସୁଭଦ୍ରା ଯୋଜନାର ପ୍ରଥମ କିସ୍ତି ଟଙ୍କା ଭେଟି ଦେଇ ସାରିଛନ୍ତି।ଯାହାକୁ ନେଇ ବିଭିନ୍ନ ତର୍କ ବିତର୍କ ଆରମ୍ଭ ହୋଇ ଯାଇଛି।ବହୁ ଥିଲା ବାଲା ଏପରିକି ସରକାରୀ ଚାକେରିଆ ମଧ୍ୟ ଏଭଳି ମାଗଣା ଯୋଜନାରେ ଲାଭ ଉଠାଇବା ପାଇଁ ଚେଷ୍ଟା ଚଳାଇଛନ୍ତି।କିନ୍ତୁ ବାସ୍ତବରେ କହିବାକୁ ଗଲେ ଉକ୍ତ ଯୋଜନା କାହାପାଇଁ ତାହା ଏବେ ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି।ପ୍ରକୃତରେ ସରକାର କଣ କେବଳ ଭୋଟ ଦାତାଙ୍କର ନା ରାଜ୍ୟରେ ବାସ କରୁଥିବା ସମସ୍ତ ଜନସାଧାରଣ ଙ୍କର ତାହା ପ୍ରକୃତରେ ପ୍ରଶ୍ନର ବିଷୟ। କହିବାକୁ ଗଲେ ଯେଉଁଦିନ ରାଜ୍ୟ ସରକାର ସୁଭଦ୍ରା ଯୋଜନା ନିମନ୍ତେ ଘୋଷଣା କଲେ ପଂଚାୟତ କାର୍ଯ୍ୟାଳୟ ଠାରୁ ଜନସେବା କାର୍ଯ୍ୟ ପର୍ଯ୍ୟନ୍ତ ସବୁଠାରେ ଧାଡି ଲାଗିଲା।ପ୍ରଥମ କିସ୍ତି ପାଇବା ଲାଗି ଅଞ୍ଚଳ ବାସୀ ନିଜ ନିଜ କାମ ଧନ୍ଦା ଛାଡି କାର୍ଯ୍ୟାଳୟ ସମ୍ମୁଖରେ ଧାଡି ଲଗାଇଲେ।ବହୁ ଥିଲା ବାଲା ଏପରିକି ସରକାରୀ କର୍ମଚାରି ମାନେ ମଧ୍ୟ ଏହି ଯୋଜନାରେ ନିଜ ପତ୍ନୀ କୁ ସାମିଲ କରି ମାଗଣା ସରକାରୀ ଅର୍ଥ ହାତେଇବା ଲାଗି ହାତଗୁଞ୍ଜା ମଧ୍ୟ ଦେଇଥିବା ଶୁଣିବାକୁ ମିଲେ।ଯଦି ରାଜ୍ୟ ସରକାର ପ୍ରକୃତ ହିତାଧିକାରୀଙ୍କୁ ଚୟନ କରି ଏହି ଅର୍ଥକୁ ପ୍ରଦାନ କରନ୍ତେ ତେବେ ଏହାର ସୁଫଳ ମିଳିପାରନ୍ତା ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି।

## କାହା ସ୍ୱାର୍ଥରେ ରାସ୍ତା କଡରେ ବିପଦ ପୂର୍ଣ୍ଣ ବିପଦ୍ଜନକ ଅବସ୍ଥାରେ ସୌର ବିଦ୍ୟୁତ୍ ତାର

**ବିଞ୍ଝାରପୁର,୨୦।୨(ସଂଚାର ବ୍ୟୁରୋ):** ଚାଷୀ ଙ୍କ ପାଇଁ ବଡ ସମସ୍ୟା ଏବେ ବୁଲା ଷଣ୍ଡ ଆଉ ମାଙ୍କଡ। ସେ ଧାନ ହେଇ ବା ରବି ବା ହେଉ ଫସଲ। ଜଗିବା ଅପେକ୍ଷା ବଜାର ରେ ମିଳିଥିବା ସୌର ଶକ୍ତି ସାହାଯ୍ୟ ରେ କରେଣ୍ଟ ଲଗାଇ ଅଚିନ୍ତା ରେ ବସିଯାଉଛି ଚାଷୀ। ଯାହା ବିପଦକୁ ଆଖିଆଗରେ ନିମନ୍ତ୍ରଣ କରାଯାଉଛି। ପ୍ରିତିପୁର ସ୍ଥିତ ବିତନା ଯୁଣଭଦ୍ରା କଲେଜ ସମ୍ମୁଖ ଠିକ୍ ରାସ୍ତା କଡ ରେ ବନ୍ଧା ଯାଇଛି ଏହି ବିପଦ ପୂର୍ଣ୍ଣ ଶୌର ଶକ୍ତି ବିଦ୍ୟୁତ୍ ତାର। ଯାହାର ସ୍ପର୍ଶ ରେ ଆସିଲେ ବଡ ଝଟକା ସହ କଚାଡି ଦେବା। ଏମିତି କି ଭୟ ରେ କିଛି ଜିବନ ବି ଯାଇପାରେ।। କଲେଜ କୁ ଶହ ଶହ ପିଲା ଆସୁଥିବା ଓ ଖରା ଦାଉ ରୁ ରକ୍ଷା ପାଇବାକୁ ରାସ୍ତା କଡ ଗଛ ମୂଳ ରେ ବିଶ୍ରାମ ନେବା ଲୋକ ପାଇଁ ଏହା ବଡ ବିପଦ ଅଣିପାରେ। ତେବେ ଏହି ବେଆଇନ୍ କାର୍ଯ୍ୟ ଉପରେ କଲେଜ୍ କର୍ତ୍ତୃପକ୍ଷଙ୍କ ସହ ଅଳକୁଣ୍ଡ ଥାନା ଅଧିକାରୀଙ୍କ ଦୃଷ୍ଟି ପଡିବା ସହ ତୁରନ୍ତ ଏହାକୁ ରାସ୍ତା କଡ ରୁ ଉଠାଯାଇ ସୁରକ୍ଷିତ ବାଡ ବସାଇବାକୁ ଚାଷୀ ଙ୍କୁ ତାଗିଦ୍ କରିବା ପାଇଁ ସଧାରଣ ରେ ଦାବୀ ହେଉଛି।



## ଘରୋଇ ଡାକ୍ତର ଖାନା ଓ ବ୍ୟବସାୟିକ ସ୍ୱାର୍ଥ

**କଳାହାଣ୍ଡି, ୨୦।୨(ସଂଚାର ବ୍ୟୁରୋ):** ଆଜି କାଲି ରୋଗ ହେଲେ ଆମେସବୁ ସୁବିଧା ପାଇଁ ଭଲ ହସ୍ପିଟାଲ କୁ ଯାଉଁ। ସରକାରୀ ହସ୍ପିଟାଲ ଅପେକ୍ଷା ଆମେ ପ୍ରାଇଭେଟ ହସ୍ପିଟାଲ କୁ ଯିବାକୁ ବେଶ ଆଗ୍ରହ ପ୍ରକାଶ କରୁଁ। ଯଦି ଅପରେସନ କଥା ପଡେ ତାହାଲେ ପ୍ରାଇଭେଟ ହସ୍ପିଟାଲ ବେଶୀ ପସନ୍ଦ କିନ୍ତୁ ଦିନକୁ ଦିନ ପ୍ରାଇଭେଟ ହସ୍ପିଟାଲରେ ଶୋଷଣ ବଢ଼ିବାର ଲାଗୁଥିବା ଅନୁଭୂତ ହେଉଛି। ଥଣ୍ଡା ଓ ଜ୍ୱର ହେଲେ ପ୍ରାଇଭେଟ ହସ୍ପିଟାଲରେ ୨୦୦୦ ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। ସାମାନ୍ୟ ରୋଗ ପାଇଁ ଯଦି ଆଡମିଟ ହେବାକୁ ପଡୁଛି ସର୍ବ ନିମ୍ନ ଖର୍ଚ୍ଚ ୫୦୦୦୦ଟଙ୍କା। ମାମୁଲି ରୋଗ ପାଇଁ ଦଶ ପ୍ରକାର ଟେଷ୍ଟ କରାଇବାକୁ ପ୍ରାଇଭେଟ ହସ୍ପିଟାଲର ଡାକ୍ତର ମାନେ କୁହନ୍ତି! ପ୍ରତେକ ଟେଷ୍ଟ ବାବଦରେ ସର୍ବ ନିମ୍ନ ଫିଜ ହେଲା ଏକ ହଜାର ଟଙ୍କା। ଏ ସବୁ ବ୍ୟୟ ବହୁଳ ଟେଷ୍ଟ ଡାଇଭେଟ ହସ୍ପିଟାଲରେ କରିବାକୁ ପଡେ । ଯେ ହେତୁ ସରକାରୀ ହସ୍ପିଟାଲରେ ସବୁ ସୁବିଧା ନାହିଁ। ସରକାରୀ ହସ୍ପିଟାଲରେ ଆଇସିୟୁ, ଭେଣ୍ଟିଲେଟର, ଡାୟଲିସିସ ଇତ୍ୟାଦି ଉପଲବ୍ଧ ନାହିଁ। ଗରିବ ଲୋକ ମାନଙ୍କୁ ବାଧ୍ୟ ହୋଇ ପ୍ରାଇଭେଟ ହସ୍ପିଟାଲ କୁ ଯିବାକୁ ପଡୁଛି! ଆଜିକାଲି ଘରୋଇ ହସ୍ପିଟାଲ ଭୁବନେଶ୍ୱର, କଟକ, ବିଶାଖାପାଟଣା, ଇତ୍ୟାଦି ହସ୍ପିଟାଲ ମାନଙ୍କରେ ରୋଗୀ ମରିଗଲା ପରେ ସମ୍ପୂର୍ଣ୍ଣ ଦେୟ ପୈଠ ନ କରିପାରିଲେ କର୍ତ୍ତୃପକ୍ଷ ଶବକୁ ବନ୍ଧକ ରଖୁଛନ୍ତି କିମ୍ବା ବିଲ ବଢ଼େଇବା ପାଇଁ ମୃତ ବ୍ୟକ୍ତିଙ୍କୁ ଅଧିକ ଦୁଇ ଦିନ ଧରି ଭେଣ୍ଟିଲେଟର ରେ ରଖି ସେ ବାବଦରେ ଅଧିକ ବିଲ ନେଉଛନ୍ତି। ରାଜ୍ୟ ସରକାର ଏହି କର୍ପୋରେଟ ହସ୍ପିଟାଲ ଗୁଡିକୁ କୋଟି କୋଟି ଟଙ୍କା ର ଜମି ମାଗଣାରେ ପ୍ରାୟ ଶତକଡା ଅଶୀ ଭାଗରୁ ପଇଁଚାଅଶୀ କମ ଦରରେ ଯୋଗାଇ ଦେଉଛନ୍ତି । ଏହି ଡାକ୍ତରଖାନା ମାନଙ୍କରେ ଡାକ୍ତର ମାନଙ୍କୁ ମୋଟା ଅଙ୍କର ଦରମା ବିନିମୟରେ ମାସିକ ଟାର୍ଗେଟ ଦିଆଯାଏ। ପାଖ ପୋଲିସ ଷ୍ଟେସନକୁ ମାସିକ ଚାନ୍ଦା ଦିଆଯାଏ। କାରଣ ରୋଗୀଙ୍କ ତରଫରୁ ବିଲ ପେମେଣ୍ଟରେ ଅସୁବିଧା ହେଲେ କିମ୍ବା ରୋଗୀଙ୍କ ପରିଜନ ବିଲ ପେମେଣ୍ଟ ବା ରୋଗୀ ମୃତ୍ୟୁ ନେଇ କଳହ କଲେ ପୋଲିସ ହସ୍ପିଟାଲ କର୍ତ୍ତୃପକ୍ଷ କୁ ସମର୍ଥନ କରନ୍ତି। ତେଣୁ ଏ ସବୁ ଦୃଷ୍ଟି କୁ ସରକାର ତଥା ଜନସାଧାରଣ ସଚେତନ ହେବା ଦରକାର ତା ସହିତ ଗରିବ ଲୋକଙ୍କୁ ଏହି ପ୍ରାଇଭେଟ ହସ୍ପିଟାଲ ମାନେ ଯେପରି ଶୋଷଣ ନ କରିବେ ସେ ଦିଗରେ ଲଗାମ ଲଗାଇବା ଦରକାର!ଏହା ଦ୍ୱାରା ସାଧାରଣ ଜନତା ଉପକୃତ ହେବେ।

● ଜିଲ୍ଲାସ୍ତରୀୟ ସ୍ୱାସ୍ଥ୍ୟ ସମୀକ୍ଷା ବୈଠକ

## ଡାକ୍ତରଖାନା ପରିସରକୁ ସ୍ୱଚ୍ଛ ରଖିବା ଉପରେ ଜିଲ୍ଲାପାଳଙ୍କ ଗୁରୁତ୍ୱ




**ନୟାଗଡ଼, ୨୦।୨(ସଂଚାର ବ୍ୟୁରୋ):** ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ସ୍ୱାସ୍ଥ୍ୟ ସମୀକ୍ଷା ବୈଠକ ସୃଜନ ସଭାଗୃହରେ ଅନୁଷ୍ଠିତ ହୋଇଗଲା । ଏଥିରେ ପ୍ରଜନନ, ପ୍ରସବ କାଳୀନ ମାତୃ ଓ ନବଜାତ ଶିଶୁ ଯତ୍ନ, କିଶୋର ସ୍ୱାସ୍ଥ୍ୟ ଏବଂ ପୋଷଣ କିପରି ମାତୃ ଏବଂ ଶିଶୁ ମୃତ୍ୟୁହାର ହ୍ରାସ କରିବା ପାଇଁ ପ୍ରମୁଖ ଭାବେ ପ୍ରଭାବିତ କରିଥାଏ ସେ ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ଉପରୋକ୍ତ କାର୍ଯ୍ୟକ୍ରମ ଗୁଡିକର ଜିଲ୍ଲା ସ୍ୱାସ୍ଥ୍ୟ ସୂଚକାଙ୍କ ଆକଳନ ଆଧାରରେ ସମସ୍ୟାଗୁଡିକୁ ଚିହ୍ନଟ କରି ସ୍ୱାସ୍ଥ୍ୟସେବା ଉପରେ ଉନ୍ନତି ଆଣିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ସଭାରେ ବିଭିନ୍ନ ଗୁଣାତ୍ମକ ନିଶ୍ଚିତତା କାର୍ଯ୍ୟକଳାପ ଏବଂ ଏହାର ଅଗ୍ରଗତି ଉପରେ ବିଶ୍ଳେଷଣ କରିଥିଲେ। ବିଭିନ୍ନ ଗୁଣବତ୍ତାମାନର ସ୍ତର, ପରିଷ୍କାର ପରିଚ୍ଛନ୍ନତା, ସବୁଜ ସୁନ୍ଦର ଡାକ୍ତରଖାନାର ଆବଶ୍ୟକତା ସହିତ ଡାକ୍ତରଖାନାର ସୀମା ବାହାରେ ଗୋଷ୍ଠୀ ସହଯୋଗିତା କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ । ଡାକ୍ତରଖାନାର ବର୍ଜ୍ୟବସ୍ତୁର ସଠିକ ପରିଚାଳନାକୁ ପ୍ରାଧାନ୍ୟ ଦେଲେଯାଇ ଚିକିତ୍ସାଜନିତ ସଂକ୍ରମଣକୁ କମ କରାଯାଇ ପାରିବ ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସୁଶାନ୍ତ କୁମାର ଦାସ ବୁଝାଇ ଥିଲେ ।

## ନୟାଗଡ଼ ଜିଲ୍ଲାରେ ସକ୍ରିୟ ମନ୍ଦିର ଚୋର

### ଜଗନ୍ନାଥ ମନ୍ଦିରରୁ ଲୁଟ୍‌ନେଲେ: ଛାନଭିନ୍ କରୁଛି ପୁଲିସ



**ନୟାଗଡ଼,,୨୦।୨(ସଂଚାର ବ୍ୟୁରୋ):** ନୟାଗଡ଼ ଜଗନ୍ନାଥ ମନ୍ଦିରରୁ ବିଳମ୍ବିତ ରାତିରେ ଚୋରି ହୋଇଥିବା ଅଭିଯୋଗ ହୋଇଛି । ମନ୍ଦିର ପରିଚାଳକ ଏ ନେଇ ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ଟାଉନ ଥାନା ପକ୍ଷରୁ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି । ସୁଚନାନୁସାରେ, ନୟାଗଡ଼ ପୁରୁଣା ସହରରେ ଥିବା ଜଗନ୍ନାଥ ମନ୍ଦିରରେ ୫-ଟି କାର୍ଯ୍ୟ ଜାରି ରହିଛି । ସୁଆର ସେବକ ସୁକାନ୍ତ କୁମାର ମିଶ୍ର ରାତ୍ର ୪.୪୫ ମିନିଟରେ ଆସି ୱାଚରକୁ ଡାକିଥିଲେ । ସେ ମନ୍ଦିରର ଦକ୍ଷୀଣ ପାର୍ଶ୍ୱ ଖୋଲା ଥିବା ଦେଖି ସନ୍ଦେହ ଉପୁଜିଥିଲା। ସେ ତୁରନ୍ତ ମନ୍ଦିର ସୁପର ଭାଇଜର ଓ ପରିଚାଳକଙ୍କୁ ଖବର ଦେଇଥିଲେ । ଖବର ପାଇ ସୁପରଭାଇଜର, ପରିଚାଳକ ଓ ପୋଲିସ ଘଟଣା ମନ୍ଦିର ପରିସରରେ ପହଞ୍ଚି ତଦାରଖ କରିଥିଲେ । ତଦାରଖ ପରେ, ଦାନ ବାକ୍ସରୁ ସମସ୍ତ ଟଙ୍କା ଲୁଟ କରି ନେଇଥିବା ଜଣା ପଡିଥିଲା । ତତ ସହିତ ମହାପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କ ୫ଟି ରୁପା କିରଟ, ୫ ଗୋଟି ଚିତା, ନାକ ଚଣା ଏଭଳି ସମସ୍ତ ଜିନିଷ ଦୁର୍ବୃତ ମାନେ ଲୁଟ କରି ନେଇଛନ୍ତି । ମୋଟ ୧୩୦୦ ଗ୍ରାମର ଅଳଙ୍କାର ଲୁଟ ହୋଇଥିବା ଜଣା ପଡିଛି। ମନ୍ଦିର ପରିଚାଳକ ଥାନାରେ ଅଭିଯୋଗ ପତ୍ର ଦେବା ପରେ ସାଇଣ୍ଟିଫିକ ଟିମ ଘଟଣା ସ୍ଥଳରେ ପହଞ୍ଚି ଟିକିନିକି ଭାବେ ଯାଞ୍ଚ କରିବା ପରେ ପୁଲିସ ପକ୍ଷରୁ ତଦନ୍ତ ଆରମ୍ଭ କରିଛି । ସେପଟେ ନୟାଗଡ଼ ଜଗନ୍ନାଥ ମନ୍ଦିରରେ ସୁରକ୍ଷା ବ୍ୟବସ୍ଥା ଢିଲା ଥିବା ଯୋଗୁଁ ଏପରି ଚୋରୀ ହୋଇଛି । ସେଥିପାଇଁ ଦେବୋତ୍ତର ବିଭାଗ ଦାୟୀ ବୋଲି ସ୍ଥାନୀୟ ଜନସାଧାରଣ ମତବ୍ୟକ୍ତ କରିଛନ୍ତି ।

## ଓଡ଼ିଆ ବାର୍ତ୍ତା ପକ୍ଷରୁ ବସନ୍ତ ଉତ୍ସବ



**ନର୍ଲା,୨୦।୨(ସଂଚାର ବ୍ୟୁରୋ):** ନର୍ଲା ବ୍ଲକ ବୁଢ଼ୀପଦର ସ୍ଥିତ ଦେବଗିରି ସାଂସ୍କୃତିକ ଅନୁଷ୍ଠାନ ପରିସରରେ ଓଡ଼ିଆ ବାର୍ତ୍ତା ପକ୍ଷରୁ ଗୁରୁବାର ବସନ୍ତ ଉତ୍ସବ-୨୦୨୫ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ବାର୍ତ୍ତା ସଂପାଦକ ଡ଼. ସୁନୀଲ କୁମାର ଧଙ୍ଗଡାମାଝୀଙ୍କ ଅଧ୍ୟକ୍ଷତାରେ ଏନେଇ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡ଼ିଆ ବାର୍ତ୍ତାର ପରିଚାଳନା ନିର୍ଦ୍ଦେଶକ ସୁନିଲ କୁମାର ଅଗ୍ରୱାଲ, ସମ୍ମାନିତ ଅତିଥି ଭାବେ ସମାଜସେବୀ ଜଗନ୍ନାଥ ଧଙ୍ଗଡାମାଝୀ, ଶିକ୍ଷାବିତ ଗୁଣନିଧି ଧଙ୍ଗଡାମାଝୀ ପ୍ରମୁଖ ଉପସ୍ଥିତ ରହି ବସନ୍ତ ଉତ୍ସବ ପାଳନର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଭୋଗବିଳାସର ଋତୁ ବସନ୍ତର ଆଗମନରେ ମହାପ୍ରଭୁ ଶ୍ରୀଜଗନ୍ନାଥ ନିଜେ ସମସ୍ତ ବିଳାସ ତ୍ୟାଗକରି ବ୍ରହ୍ମଚାରୀ ବେଶରେ ସମୟ ଅତିବାହିତ କରିବାକୁ ଏବଂ ସଂଯମୀ ହେବାକୁ ଭକ୍ତଙ୍କୁ ଆହ୍ୱାନ ଦେଇଥାନ୍ତି। ତେଣୁ ସନାତନ ଧର୍ମଧାରାରେ ବସନ୍ତ କାଳ ଗୃହସ୍ଥି ମାନଙ୍କ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ ବୋଲି ସଭାରେ ମତ ପ୍ରକାଶ ପାଇଛି। ଏହି ଅବସରରେ ଦେବଗିରି ବୁଢ଼ୀପଦର ଠାରେ ଓଡ଼ିଆ ବାର୍ତ୍ତାର ଏକ ଶାଖା କାର୍ଯ୍ୟାଳୟକୁ ମୁଖ୍ୟ ଅତିଥି ଶ୍ରୀ ଅଗ୍ରୱାଲ ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପରିଚାଳନା ସଂପାଦକ ସଞ୍ଜୟ ଧଙ୍ଗଡାମାଝୀ, ବାର୍ତ୍ତା ସଂପାଦକ ସୁମିତ କୁମାର ଅଗ୍ରୱାଲ, ଦେବଗିରି ସାଂସ୍କୃତିକ ଅନୁଷ୍ଠାନର ପୂର୍ବତନ ସଭାପତି ପ୍ରଦୀପ ଧଙ୍ଗଡାମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ସହ ସଂପାଦକ ସଲିଲ କୁମାର ଧଙ୍ଗଡାମାଝୀ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସାମ୍ବାଦିକ ଲିଙ୍ଗରାଜ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ବାଣ ନିଆଁରେ ଜଳିଗଲା ଜଗନ୍ନାଥଙ୍କ ରଥ

**ଯାଜପୁର, ୨୦।୨(ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା ସୁକିନ୍ଦା ଅଞ୍ଚଳରେ ଅଘଟଣ। ବାହାଘର ପ୍ରୋସେସନ୍ ବେଳେ ବାଣ ନିଆଁ ପଡ଼ି ଜଗନ୍ନାଥଙ୍କ ରଥରେ ଲାଗିଲା ନିଆଁ। ଗତକାଲି ବିଳମ୍ବିତ ରାତିରେ ଘଟିଛି ଏହି ଅଘଟଣ । ସୂଚନା ମୁତାବକ ବହୁ ପୁରାତନ ସୁକିନ୍ଦା ଗଡ଼ ଜଗନ୍ନାଥ ମନ୍ଦିରରେ ରଥଯାତ୍ରାରେ ବ୍ୟବହୃତ ରଥଟି ରଥଯାତ୍ରା ପରେ ମନ୍ଦିର ସମ୍ମୁଖରେ ରହିଥାଏ । ତେବେ ଗତକାଲି ବିଳମ୍ବିତ ରାତିରେ ଏକ ବାହାଘର ପ୍ରୋସେସନ୍ ଯାଉଥିବା ସମୟରେ ବାଣ ନିଆଁ ପଡ଼ି ହଠାତ୍ ରଥର ଅଗ୍ରଭାଗ ଜଳିବାକୁ ଲାଗିଥିଲା । ଏହାଦେଖି ଲୋକେ ସ୍ଥାନୀୟ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ ।

## ଗ୍ୟାସ ଲିକ୍‌ରେ ଅଗ୍ନିକାଣ୍ଡ, ୩ ଗୁରୁତ

**ଭଦ୍ରକ, ୨୦।୨(ସଂଚାର ବ୍ୟୁରୋ):** ରୋଷେଇ କରୁଥିବା ବେଳେ ଲିକ ହେଲା ଗ୍ୟାସ। କେହି କିଛି ବୁଝିବା ପୂର୍ବରୁ ହଠାତ ନିଆଁ ଏମିତି ବ୍ୟାପିଗଲା ଯେ ଘରୁ ବାହାରିବା ମୁସ୍କିଲ ହୋଇପଡ଼ିଲା । ଆଉ ସଙ୍ଗେ ସଙ୍ଗେ ଘର କଣ ଘରେ ଥିବା ସଦସ୍ୟଙ୍କ ଶରୀରରେ ବି ଲାଗିଗଲା ନିଆଁ। ୨ ବଖରା ଘର ଜଳିଯିବା ସହ ନିଆଁରେ ପୋଡ଼ି ଗୁରୁତର ଆହତ ହୋଇଛନ୍ତି ବାପ ପୁଅ ଓ ମା । ଏଭଳି ଘଟଣା ଘଟିଛି ଭଦ୍ରକ ଜିଲ୍ଲାର ଧୂଷୁରୀ ଥାନା ଅଧିନସ୍ଥ ଗଡ଼ିଆଳି ପଞ୍ଚାୟତର ଉଚ୍ଚପଦା ଗାଁରେ । ଏହି ଗାଁର ବୃନ୍ଦାବନ ସାହୁଙ୍କ ସ୍ତ୍ରୀ ଗତକାଲି ରାତିରେ ରୋଷେଇ କରୁଥିବା ବେଳେ ହଠାତ ଗ୍ୟାସ ପାଇପ୍ ଲିକ ହୋଇ ନିଆଁ ଲାଗି ଯାଇଥିଲା । ଚାହୁଁ ଚାହୁଁ ଗ୍ୟାସର ନିଆଁ ତାଙ୍କ ଘରେ ଲାଗି ଯାଇଥିଲା। ଫଳରେ ତାଙ୍କର ୨ ବଖରା ଚାଳ ଘର ସମ୍ପୂର୍ଣ୍ଣ ପୋଡି ଯାଇଥିଲା। ଘର ଭିତରେ ଥିବା ବୃନ୍ଦାବନ ସାମାନ୍ୟ ଆହତ ହୋଇଥିବା ବେଳେ ତାଙ୍କ ସ୍ତ୍ରୀ ବାସନ୍ତୀ ଓ ପୁଅ ଦୀପକ ଗୁରୁତର ଆହତ ହୋଇଛନ୍ତି ।

## ପଞ୍ଚାୟତର ଉନ୍ନତି ପାଇଁ ବିଡ଼ିଓଙ୍କୁ ଭେଟିଲେ ସମିତି ସଭ୍ୟ ଓ ସରପଞ୍ଚ

**ବାଲିଅନ୍ତା, ୨୦।୨(ସଂଚାର ବ୍ୟୁରୋ):** ବାଲିଅନ୍ତା ବ୍ଲକ ଉମାଦେଇବ୍ରହ୍ମପୁର ପଞ୍ଚାୟତ ଅନ୍ତର୍ଗତ ଅଞ୍ଚଳର ଉନ୍ନତି ଏବଂ ବିକାଶ ପାଇଁ ନୂତନ ଭାବେ ଯୋଗ ଦେଇଥିବା ବ୍ଲକ ଉନ୍ନୟନ ଅଧିକାରୀ କସ୍ତୁରୀ ସ୍ୱାଇଁଙ୍କୁ କାର୍ଯ୍ୟାଳୟରେ ଭେଟି ଆଲୋଚନା କରିଛନ୍ତି ଉମାଦେଇବ୍ରହ୍ମପୁରର ସମିତି ସଭ୍ୟ ରଞ୍ଜନ କୁମାର ମହାପାତ୍ର ନେତୃତ୍ୱରେ ସରପଞ୍ଚ ରମାଲତା ନାୟକ, ପ୍ରକୃତି ବନ୍ଧୁ ଦୀନବନ୍ଧୁ ଭୋଇ , ପ୍ରିୟବ୍ରତ ପାତ୍ର, ସହଦେବ ସ୍ୱାଇଁ । ବିଡ଼ିଓଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିବା ସହ ଜଶୁଆପୁର ବିଦ୍ୟାଳୟର ନିର୍ମିତ ନୂତନ ଗୃହ ବିଲ, ପଂଚାୟତର କୌଣସି କାର୍ଯ୍ୟ ନହେବା କେବଳ ଫାଇଲ ପଡ଼ି ରହିବା ସମ୍ପର୍କରେ ଆଲୋଚନା କରିଛନ୍ତି ।

## ଟାଟା ଷ୍ଟିଲ୍‌ରେ ରକ୍ତଦାନ ଶିବିର, ୫୦୦ ୟୁନିଟ୍ ରକ୍ତ ସଂଗ୍ରହ



**ଯାଜପୁର ରୋଡ଼, ୨୦।୨ (ସଂଚାର ବ୍ୟୁରୋ):** ଟାଟା ଷ୍ଟିଲ୍ କଳିଙ୍ଗନଗରର ଗ୍ରୀନ୍ ଟ୍ରାନ୍ସପୋର୍ଟ ପାର୍କରେ ଗୁରୁବାର ଦିନ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଏହି ଶିବିରରେ ଟାଟା ଷ୍ଟିଲ୍ କର୍ମଚାରୀମାନଙ୍କ ବ୍ୟତୀତ, ଠିକା କର୍ମଚାରୀ ଏବଂ ଭେଣ୍ଡର ଅଂଶୀଦାରମାନେ ୫୦୦ ୟୁନିଟ୍ ରକ୍ତ ଦାନ କରିଥିଲେ। ଏହି ରକ୍ତଦାନ ଶିବିର ଟାଟା ଷ୍ଟିଲ କଳିଙ୍ଗନଗର ଲଜିଷ୍ଟିକ୍ସ ବିଭାଗ, ଆମ ଓଡ଼ିଶା, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଯାଜପୁର ଏବଂ ରେଡକ୍ରସ୍ ରକ୍ତଭଣ୍ଡାର, କଟକର ମିଳିତ ସହଯୋଗରେ ଆୟୋଜିତ ହୋଇଥିଲା। ଏହି ଶିବିରର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଟାଟା ଷ୍ଟିଲ୍ କଳିଙ୍ଗନଗରର ଜେନେରାଲ ମ୍ୟାନେଜର (ଅପରେସନ୍ସ) କରମବୀର ସିଂହ, ଟିଏସକେ ଏବଂ ଟିଏସଏମ ସୁରକ୍ଷା ବିଭାଗ ଚିଫ୍ ସଞ୍ଜୟ ପ୍ରକାଶ, ସମ୍ବାଦର ଜିଲ୍ଲା ପ୍ରତିନିଧି ସଂଗ୍ରାମ ସିଂହ ଏବଂ ଆମ ଓଡ଼ିଶା ଏବଂ ଟାଟା ଷ୍ଟିଲ୍ କଳିଙ୍ଗନଗରର ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।। ଉଦ୍‌ଯାପନୀ ସମାରୋହରେ ଆଶୁତୋଷ କୁମାର , ଚିଫ୍, ଷ୍ଟିଲ୍ ମେଲ୍ଟିଙ୍ଗ ସପ୍ ଙ୍କ ସହ ଟାଟା ଷ୍ଟିଲ୍ କଳିଙ୍ଗନଗରର ଅନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ ରକ୍ତଦାତାମାନଙ୍କୁ ପ୍ରମାଣପତ୍ର ଦେଇ ସମ୍ମାନିତ କରିବା ସହିତ ଚାରା ପ୍ରଦାନ କରିଥିଲେ।